ତତ୍କାଳୀନ ଫରାସୀ ମଧ୍ୟବିତ୍ତ ଦାମ୍ପତ୍ୟ-ଜୀବନର
ଏକ ସଂଘାତମୟ କାହାଣୀ

# ଉତ୍ତରାଧିକାର

(Inheritance ର ମର୍ମାନୁବାଦ)

ଗୟ୍ ଦ ମୋପାସାଁ

ଅନୁବାଦ:
ବିଶ୍ୱଜିତ ବର୍ମା

# ବିଶ୍ୱ-ସାହିତ୍ୟର ଅନ୍ୟତମ ସ୍ରଷ୍ଟା ମୋପାସାଁ

୧୮୫୦ ମସିହାରେ ଫ୍ରାନ୍ସର ନରମାଣ୍ଡି ପ୍ରଦେଶରେ ଜନ୍ମ । ପିତା ଗୁସ୍ତାଭ ଦ ମୋପାସାଁ ଧନୀ ବ୍ୟବସାୟୀ । ମାତା ଲରା ଲ ପୋୟାଟଭିଁ ସମ୍ଭ୍ରାନ୍ତ ଘରର ମହିଳା । ଶିଳ୍ପ ଓ ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରାଗ । ଇଂରେଜୀ ଲେଖି ପଢ଼ି ମଧ୍ୟ ପାରୁଥିଲେ । ସେକ୍ସପିୟରର ସାହିତ୍ୟ ଅଧ୍ୟୟନ କରନ୍ତି । ଏ ବାଟରେ ଭାଇ ଆଲଫ୍ରେଡ୍ ଟୁକ ସାହାଯ୍ୟ କରନ୍ତି ଭଉଣୀକୁ । ଆଲଫ୍ରେଡ୍ ଶିଳ୍ପ ଓ ଦର୍ଶନର ଛାତ୍ର ଏବଂ ମାଦାମ ବୋଭାରୀ ସ୍ରଷ୍ଟା ଗୁସ୍ତାଭ ଫ୍ଲବେୟାରଙ୍କ ଘନିଷ୍ଠ ବନ୍ଧୁ । ଆଲଫ୍ରେଡଙ୍କ ତତ୍କାଳୀନ ଫରାସୀ ସାହିତ୍ୟଗୋଷ୍ଠୀଙ୍କ ଭିତରେ ଖୁବ୍ ଖ୍ୟାତି ଓ ବନ୍ଧୁତା ଥିଲା—ଏଣୁ ଭଉଣୀ ପୋୟାଟଭିଁ ମଧ୍ୟ ସେଇ ପରିବେଶ ମଧ୍ୟରେ ଯଥେଷ୍ଟ ଅଧ୍ୟୟନ ଓ ମନନର ସୁଯୋଗ ପାଇଲେ ।

ବାପା ଗୁସ୍ତାଭ ଜଣେ ଶିଳ୍ପୀ, ମା ସାହିତ୍ୟିକା ; ଏଣୁ ମୋପାସାଁଙ୍କ ପ୍ରତିଭାର ବିକାଶ ମୋଟେ ଆକସ୍ମିକ ନୁହେଁ । ମୋପାସାଁ ଗଳ୍ପ, ପ୍ରବନ୍ଧ, କବିତା ସବୁ ଲେଖନ୍ତି । ପ୍ରତି ରବିବାର ପାଣ୍ଡୁଲିପି ଧରି ଫ୍ଲବେୟାରଙ୍କ ପାଖକୁ ଆସନ୍ତି । ଏମିଲ ଜୋଲା, ଟୁର୍ଗେନିଭ୍, ହେନରି ଜେମ୍ସମାନେ ମଧ୍ୟ ସେଠାରେ ରୁଣ୍ଡ ହୁଅନ୍ତି । ଫ୍ଲବେୟାର ପାଣ୍ଡୁଲିପି ସଂଶୋଧନ, ଆବଶ୍ୟକାନୁସାରେ ପରିବର୍ତ୍ତନ ମଧ୍ୟ କରନ୍ତି । ଧାରାବାହିକ ଭାବେ ସାହିତ୍ୟ ସାଧନା ଚାଲିଲା । ୧୮୭୦ ମସିହାରେ ପ୍ରୁସିଅନ ଆକ୍ରମଣ ଫଳରେ ଫରାସୀ ଜାତିର ମର୍ମବେଦନା ମୂର୍ତ୍ତି ହୋଇ ଉଠିଲା । ନିର୍ଯାତିତ ଜାତିର ଅସ୍ମିତାପୂ ଯୁଦ୍ଧରେ ଏକ ପତିତାର ମହାନ ଦେଶାତ୍ମବୋଧ ଉପରେ ରଚନା କଲେ ଏକ ଉପନ୍ୟାସ । ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହେଲା । ଜାତି ବରଣ କଲା ଉଦୀୟମାନ ପ୍ରତିଭାକୁ । ତା ପରେ ପରେ ଦେଶ ବିଦେଶରେ ମୋପାସାଁଙ୍କ ସାହିତ୍ୟିକ ପ୍ରତିଭା ମଧ୍ୟ ସମାଦୃତ ହେଲା ।

୧୮୯୩ ମସିହା ଜୁଲାଇ ୬ ତାରିଖରେ ତାଙ୍କର ଜୀବନପ୍ରଦୀପ ଚିରଦିନ ପାଇଁ ନିର୍ବାପିତ ହୋଇଗଲା ।

—※—

ନଂ ୯/୩୨୮

ଦଶଟା ବାଜିବ । ଡେବେଲ୍ବି କର୍ମଚାରୀମାନେ ଆସିବା ଆରମ୍ଭ କଲେଣି । ନୌବିଭାଗୀୟ ଅଫିସର ବଡ଼ ଫାଟକଟା ଭିତରଦେଇ ଜଳ ସ୍ରୋତପରି ପାଚିର ଶୃଙ୍ଖଳରୁ ଛୁଟି ଚାଲିଛନ୍ତି କର୍ମଚାରୀଦଳ । ଆଗରେ ନୂଆ ବର୍ଷର ପହିଲା । ସେଇ ଦିନଟିକୁ କେନ୍ଦ୍ରକରି କର୍ମଚାରୀମାନଙ୍କ ଯେତେ ଆଶା, ଆକାଂକ୍ଷା, ଉତ୍ସାହର ରଙ୍ଗୀନ୍ ସ୍ୱପ୍ନ । ସେଦିନ କେତେଜଣଙ୍କର ଦରମା ବଢ଼ିବ, କେତେଜଣଙ୍କର ପଦୋନ୍ନତି ହେବ । ପ୍ରକାଣ୍ଡ କୋଠାଟା ସଶବ୍ୟସ୍ତ ପଦ ଶବ୍ଦରେ ମୁଖର ହୋଇ ଉଠିଛି । କୋଠାଟା ସତେ ଯେପରି ଗୋଟିଏ ପ୍ରକାଣ୍ଡ ଗୋଲକଧନ୍ଦା । ସାପ ପରି ବଙ୍କେଇ ବଙ୍କେଇ ଚାଲିଛି ସେ । ଅନେକ ଗୁଡ଼ିଏ ବାରଣ୍ଡା ସେଥିରେ । ବାରଣ୍ଡା ଶାଖରେ ପହଞ୍ଚି ହଠାତ୍ ଅଟକି ଯାଇ ପୁଣି ଅନ୍ୟ ରାସ୍ତା ଧରେ । ବାରଣ୍ଡାଗୁଡ଼ିକରେ ଅସଂଖ୍ୟ ଦରଜା । ଦରଜା ଦେଇ ଅଫିସ୍ ଭିତରେ ପ୍ରବେଶ କରିବାକୁ ହୁଏ ।

ନିଜ ନିଜ ରୁମ୍‌ରେ ଆସି ପହଞ୍ଚିଲେ ସମସ୍ତେ । ଯେଉଁମାନେ ଆଗରୁ ଆସିଥାନ୍ତି, ସେମାନଙ୍କ ସହିତ ଅଭିବାଦନ ଆଦି ପର୍ବ ଶେଷକରି ଘର କୋଟଟି ଓହ୍ଲେଇ ଦେଇ ପୁରୁଣା ଅଫିସ୍ କୋଟଟି ପିନ୍ଧି ଯେଝା ସ୍ଥାନରେ ଯାଇ ବସି ପଡ଼ନ୍ତି । ଟେବୁଲ ଉପରେ କାଗଜ ଗଦା ମରା ହୋଇଥାଏ । ଜସ୍ର କାମ ।

ତା'ପରେ ଅନ୍ୟ କୋଠରୀମାନଙ୍କୁ ଯାଇ ନାନାପ୍ରକାର ଖବର ଗପ୍ପ ଆରମ୍ଭ ହୁଏ । ବଡ଼ ସାହେବ ଆସିଲେଣି କି ନାହିଁ, ତାଙ୍କ ମିଜାଜଟା

ଆଜି ଉପରି ଅଛି, କାମର ଭାର ଆଜି ଅଛି କି ନାହିଁ ଆଉ ଜରୁରୀ ଖବର ଆଗେ ବୁଝି ନେବାକୁ ହୁଏ ।

ମଁସିଏ ଭାଗଲ୍ୟାଙ୍କୁ ସବୁପ୍ରକାର କାମ କରିବାକୁ ହୁଏ । ନୌବାହିନୀରେ ସେ ଆଗେ ସାମାନ୍ୟ ଜଣେ କର୍ମଚାରୀ ଥିଲେ । ଅନେକ ଦିନ ହେଲା କାମ କରୁଛନ୍ତି ସେ । ସେ ଆଜି ପ୍ରଥମ ଶ୍ରେଣୀର କର୍ମୀ । ଗୋଟାଏ ବଡ଼ ଖାତାରେ ସେ ସମସ୍ତ ଚିଠି ପତ୍ରର ସଂକ୍ଷିପ୍ତ ବିବରଣୀ ଟିପୁଥାନ୍ତି । ତାଙ୍କ ଆଗରେ ବସିଛନ୍ତି ପପା ସାଭେଁ । ବୟସ ହେଇଛି ତାଙ୍କର । ବିଗୃହୀ ନିରୀହ ମଣିଷଟିଏ । ବିବାହିତ ଜୀବନର କରୁଣ କାହାଣୀ ଯୋଗୁଁ ଅଫିସରେ ତାଙ୍କର ବେଶ୍ ଖ୍ୟାତି ଅଛି । ସମସ୍ତେ ଜାଣନ୍ତି ତାଙ୍କୁ । ସାଭେଁ ବଡ଼ ସାହେବଙ୍କ ଗୋଟିଏ ଚିଠିର ନକଲ କରୁଥାନ୍ତି ଖୁବ୍ ମନଦେଇ । ଗୋଟିଏ ପାଖକୁ ଢଳି ତିର୍ଯ୍ୟକ ଭଙ୍ଗୀରେ ସେ ଲେଖି ଚାଲିଛନ୍ତି । ଅନ୍ୟ କେଉଁଆଡ଼େ ଭ୍ରୂକ୍ଷେପ ନାହିଁ ତାଙ୍କର ।

ମଁସିଏ ଭାଗଲ୍ୟାଁ ବେଶ୍ ମୋଟାସୋଟା ମଣିଷ । ମୁଣ୍ଡର ବାଳଗୁଡ଼ାକ ଛୋଟ ଆଉ ବଣ୍ଟାପରି ଠିଆ ଠିଆ । କାମ କଲାବେଳେ ବକ୍ ବକ୍ ହେବା ତାଙ୍କର ଅଭ୍ୟାସ । ଚିଠି ପତ୍ର ଖେଳେଇ ଖେଳେଇ କହୁଥାନ୍ତି—କେବଳ ତୁଲା ବନ୍ଦରଠୁଁ ଅଜି ଦିନକ ଭିତରେ ବତିଶଟା ଚିଠି ଆସିଛି । ଅନ୍ୟ ଚାରିଟି ବନ୍ଦରରୁ ମୋଟରେ ଯେତେ କାମ ଆସେ, କେବଳ ତୁଲା ବନ୍ଦରରୁ ସେତିକି ଆସୁଛି । ତା' ପରେ ପ୍ରତିଦିନ ଭଳି ଆଜି ମଧ୍ୟ ମଁସିଏ ସାଭେଁଙ୍କୁ ଟିକିଏ ଚିଡ଼ାଇବା ପାଇଁ କହିଲେ, କି ମଁସିଏ, ମାଦାମ କେମିତି ଅଛନ୍ତି ?

ବୁଢ଼ା ମଧ୍ୟ କମ କରୁ କରୁ ଉତ୍ତର ଦେଲେ, ମଁସିଏ, ତୁମେ ତ ଜାଣ ଏ ସବୁକଥା ମୋ' ଲାଗି କେତେ ଦୁଃଖ ଦାୟକ । ଭାଗଲ୍ୟାଁ ହୋ ହୋ ହସି ଉଠିଲେ । ନିତି ସାଭେଁଙ୍କର ଏଇ ଗୋଟିଏ ମାତ୍ର ଉତ୍ତର ଶୁଣି ସେ ଏମିତି ହସନ୍ତି ।

ଦଶଟା ବେଳେ ମଁସିଏ ମାଜ ପ୍ରବେଶ କଲେ । ସୁଦର୍ଶନ ଯୁବକ ମାଜ ବେଶ ପରିପାଟି ବେଶ୍ ଭଦ୍ର ଓ ରୁଚିସମ୍ପନ୍ନ । କେହି ବାବୁ ଦେବାର ନ

ନାହିଁ । ସହକର୍ମୀମାନଙ୍କଠାରୁ ସେ ନିଜକୁ ଖୁବ୍ ବଡ଼ ଭାବେ । ତା'ର ବେଶଭୂଷା, ଚାଲିଚଳନ ସବୁ ଯେପରି ସାହେବସୁବାଙ୍କ ଅବସ୍ଥା ଅପେକ୍ଷା ଯଥେଷ୍ଟ ଉଚ୍ଚତର । ଅଙ୍ଗୁଳିରେ ଗୋଟିଏ ଦାମୀ ମୁଦି । ଘଣ୍ଟା ଚେନ୍‌ଟି ପକେଟରୁ ଝୁଲି ପଡ଼ୁଛି, ଆଖିରେ ହଳେ ସୌଖିନ ଚଷମା । ଚଷମାର କୌଣସି ପ୍ରୟୋଜନୀୟତା ନଥିଲେ ମଧ୍ୟ ଷ୍ଟାଇଲ୍ ଦୃଷ୍ଟିରୁ ଆଖିରେ ଦେଇ ଥାଏ ସେ । କାମ କଲା ବେଳେ କାଢ଼ି ରଖେ । ଚଢ଼ା ଗଳାରେ କଥା କୁହେ ମାଜ । କଥା କହିଲା ବେଳେ ହାତ ହଲାଇବା ତା'ର ଅଭ୍ୟାସ । ଫଳରେ ସୁନା ବୋତାମଟି ହାତର ଦୋଳନ ସଙ୍ଗେ ସଙ୍ଗେ ଝଲମଲ ହୁଏ । ବୋତାମ ପ୍ରତି ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେହିଁ ସେ ହାତ ହଲାଏ । ଦୁଆର ମୁହଁରେ ପ୍ରବେଶ କରୁ କରୁ କହିଲା, ଆଜି ଖୁବ୍ କାମ ନା କ'ଣ ?

କାଗଲ୍ୟାଁ କହିଲେ, ଭୁଲା ଯୋଗୁ ଯେତେ ସବୁ ଝଞ୍ଜଟ୍ । ନଥି ଗଦା ଗଦା ଚିଠି ଆସୁଛି । ଆଗରେ ନୂଆ ବର୍ଷ କି ନା, ମାଲିକଙ୍କୁ କାମ ଦେଖାଉଛନ୍ତି ସୁଏ ।

ପାଖରୁ ଜଣେ ହସି ହସି କହିଲା—ଆଉ ଆମେମାନେ କ'ଣ ତୁଣ୍ଡ ହୋଇ ବସି ରହିଛେ ?

ଠିକ ଏପରେ ପକେଟରୁ ଘଣ୍ଟା କାଢ଼ି ସମୟ ଦେଖି ପୁଣି କହିଲା ସେ—ଦଶଟା ବାଜିବାକୁ ଏବେବି ସାତ ମିନିଟ୍ ବାକି । ଯୁ। ମଧ୍ୟରେ ସମସ୍ତେ କାମରେ ଲାଗି ଗଲେଣି । ତେବେବି ତୁ କହିବୁ ଆମେ କାମ କରୁନୁ, ଫାଙ୍କି ଦେଉ । ତା'ଛଡ଼ା ମୁଁ ବାଜିବସି କହିପାରେ ମଁସିଏ ଲେଜାବ୍ଲ ନ'ଟା ବେଳୁ ଆସି ଅଫିସ୍‌ରେ ପହଞ୍ଚିଛନ୍ତି । ବଡ଼ ସାହେବ ସେତେବେଳେ ଆସନ୍ତି କି ନା !

କାଗଲ୍ୟାଁ ଲେଖା ବନ୍ଦ କରି କଲମଟିକୁ କାନରେ ଖୋସି ଦେଲେ । ଟେବୁଲ ଉପରେ କହୁଣି ଭରା ଦେଇ କହିଲେ, ହଁ, ହଁ, ତା ଠିକ୍ କଥା । ଲେଜାବ୍ଲର ଏଥରକ ପଦୋନ୍ନତି ନହେବ ବୋଲି କୁହେ । ବଗୁ ଚେଷ୍ଟାରେ କୌଣସି ତ୍ରୁଟି କରୁନ ।

ମଁସିଏ ପିତୋଲେ ଟେବୁଲର ଗୋଟିଏ କୋଣରେ ଗୋଡ଼ ହଲାଇ ହଲାଉ ଟିପ୍ପଣି କଲେ, ତୋ'ର କିଛି ଚିନ୍ତା ନାହିଁ କାଗଲ୍ୟାଁ, ତା'ର

ତାଙ୍କ ନିଷ୍ପତ୍ତି ହେବ । ଲାଜ ମା'ର ମୁଁ କହିପାରେ ଏଇ ଦଶବର୍ଷ ଭିତରେ ଲେକାବ୍ଲୁ ବଡ଼ ସାହେବ ଚେୟାରରେ ନ ବସିଡତ କହିବୁ ।

ମାଳ କହିଲା, ଝିଅ ଲୁମାର ଏଭଳି ଉନ୍ନତି ମୁହୂର୍ତ୍ତରେ । ଏମିତି ଖଟି ଖଟି ସଲେ ପଲେ ନିଜକୁ ହିଂସା କରିବା କଥା! ମୁଁ ତ ମୋଟେ ଚନ୍ଦ୍ରାକର ପାରୁନି ।

ପିତୋଲେ ଶ୍ଳେଷ କରି କହିଲା, ବେଶ ସୁନ୍ଦର ସୁନ୍ଦର କଥା ତ କହୁଛ ତ ହେ ! ଶୁଣିବାକୁ ଭଲ ଲାଗୁଛି କାନକୁ । କିନ୍ତୁ ଆଜି ଡିସେମ୍ବର ମାସର ଚୋଦିଏ ତାରିଖ । ଦଶଟା ଆଗରୁ ଆସି ଅଫିସରେ ପହଞ୍ଚିଛ ଯେ, କଥା କ'ଣ ?

ମାଳ କାନ୍ଧଟାକୁ ନଚେଇ ନେଇ ଉଦାସୀନ ଭାବେ କହିଲା, ତା ବୋଲି ମତେ ଜଣେ ଆଘାତ କରିବ, ମୁଁ ସହ୍ୟ କରିବ ?

ସମସ୍ତେ କାମ କରିବାକୁ ଆସନ୍ତି ଅଫିସକୁ ! ତୁମେ ଆସ, ମୁଁ ବି ଆସେ—କିନ୍ତୁ ଅତି ମନୋହାଟା ମତେ ଭଲ ଲାଗେନ । । ସବୁବେଳେ ବଡ଼ ସାହେବଙ୍କ ପଛରେ ସାର ସାର ହବା, ସାଢ଼େ ଛ'ଟା ପରେ ମଧ୍ୟ ଅଫିସରେ ବସି କାମ କରିବା, ଏହା ବାଦ ଘରକୁ ଫାଇଲ ପତ୍ର ବୋହି ନେଇ ରାତି ସାରି ଖଟିବା—ଯା ମାନେ କ'ଣ ? ମୁଁ ଏସବୁ ପସନ୍ଦ କରେନା । ମୋ'ର ସମାଜ ଅଛି, ବନ୍ଧୁ ବାନ୍ଧବ ଅଛନ୍ତି । ନିଜର କେତେ କାମ, ଏଣୁ ମୋ'ପକ୍ଷେ ଏସବୁ ସମ୍ଭବ ନୁହେଁ ।

କାଶଲିଆ ଏତେ ବେଳଯାଏଁ ଚୁପ୍ ରହିଥିଲେ । ମୁହଁରେ ବିପର୍ଯ୍ୟସ୍ତତାର ଛାପ । କପାଳର ରେଖା କୁଞ୍ଚିତ, ମନ ଯେମିତି କାହିଁ କେତେ ଦୂରରେ । ଆସ୍ତେ ହୋଇ କହିଲେ, ଦେଖ, ତମମାନେ କ'ଣ ସତରେ ଭାବୁଛ, ଲେକାବ୍ଲ ଏଥରକ ମଧ୍ୟ ବାଜି ମାରି ନେବ ?

ପିତୋଲେ କହିଲା, ତେ.' ମୁଣ୍ଡ ଖରାପ ହେଲାଣିକି ବୁଢ଼ା ! ଏଥିରେ କ'ଣ ଟିକେ ହେଲେ ସନ୍ଦେହ ଅଛି ? ଦେଖିବୁ ତା'ର ପଦୋନ୍ନତି ନିଶ୍ଚିତ ହେଉଛି । ଆଜୁ କେହି ଅଟକେଇ ପାରିବେନି । ମିଛଟା'ରେ ଖଟୁଛି— ଏଡ଼େ ବୋକା ପିଲା ସେ ନୁହେଁ ।

ଏ ପ୍ରକାର ଆଳାପ ଆଲୋଚନା, ପ୍ରତିପକ୍ଷ ଆଜି କାଲି ପ୍ରାୟ ଲାଗି ରହୁଛି । କାହାର ଦରମା ବଢ଼ିବ, କାହାର ବଢ଼ିବା ଉଚିତ ନୁହେଁ, । କାହାର ପଦୋନ୍ନତି ହେବ, ସେଥିପାଇଁ କିଏ କି ପ୍ରକାର ଚେଷ୍ଟା କରୁଛି ଆଦି କଥା ସବିସ୍ତୃତ ଭାବେ ଆଲୋଚିତ ହୁଏ । ଏତିକି କଣ କୋଠାଟା— ଉପର୍ ଚୋହା ଏ ସହର । ଆଜିକାଲି ପ୍ରାୟ କାମ ଦାମ ନାହିଁ କହିଲେ ଚଳେ ।

ସମସ୍ତେ ମନେ ମନେ ଆଶା ପୋଷଣ କରୁଛନ୍ତି ଏ ଥର କି ମୋ'ର କିଛି ନା କିଛି ଉନ୍ନତି ହେବ । ଫଳପ୍ରାପ୍ତି ସ୍ୱପ୍ନରେ ସମସ୍ତେ ମସ୍‌ଗୁଲ । କେତେକ ଯେ ମନରେ ସନ୍ଦେହ ପୋଷଣ କରୁନାହାନ୍ତି ଏପରି ନୁହେଁ । କିଏ ଭାବୁଛି, ଧର ଯଦି ଏଥର କି ମତେ ହାତ ଦେଖାଇ ଦିଏ ? କଣ ହେବ ଯଦି ମୋ' ପ୍ରତି ଅବିଚାର କରେ ତେବେ ? ଏଇ ଧରଣର ନାନା ସମ୍ଭବ-ଅସମ୍ଭବ ଚିନ୍ତାରେ ରାଗି ଉଠେ । ଗତ କାଲି ଯାହା ଆଲୋଚିତ ହୋଇ ଯାଇଛି, ଆଜି ପୁଣି ତାର ପୁନରାବୃତ୍ତି ହୁଏ । ହୁଏତ ଆସନ୍ତାକାଲି ମଧ୍ୟ ସେଇ ବିଷୟ ଆଲୋଚିତ ହେବ ।

ମଁ ସିଏ ବୋୟାସେ ମଧ୍ୟ ଜଣେ କିରାଣି । ମୁଦ୍ଧାର ପରି ଚେହେରା ଭିତରୁ ବେଶ୍ ମଜାର ଲୋକଟି । ସତେ ଯେମିତି ଅଲେକଜାଣ୍ଡାର ଡୁମାଙ୍କ ଉପନ୍ୟାସର ଜଣେ ନାୟକ । ପ୍ରତିଦିନ ସବୁବେଳେ ନାନା ବିସ୍ମୟଜନକ ଦୁଃସାହସିକ ଘଟଣା ନେଇ ମାତିଥାଏ । ନିଇତି ସକାଳେ ଅଫିସକୁ ଆସିବା ମାତ୍ରେ ଅନ୍ତରଙ୍ଗ ବନ୍ଧୁ ପିଣ୍ଟୋଲେ ଆଗରେ ଗତ ଦିନର ସବୁ ଘଟଣା ଆଗ ଭଙ୍କି ଦେଇ ଯାଏ—ଗତ ସନ୍ଧ୍ୟାରେ କି ଯେ ଅଦ୍ଭୁତ ଘଟଣା । ନିଜ ଘରେ ମଧ୍ୟ କମ ନୁହେଁ, କେତେ କେତେ ଯେ ନାଟକୀୟ ଘଟଣା ଘଟିଗଲା, କାଲ୍‌ରେ ନିଶବ୍ଦ ରାତିରେ ହଠାତ୍ ଛାତିଫଟା କାନ୍ଦଣା ! କଞ୍ଚା ନିଦ ଭାଙ୍ଗିଗଲା ।

ଝରକା ଖୋଲି ବାହାରକୁ ଚାହିଁଲି । କିନ୍ତୁ କିଛି ତ ଦେଖା ଯାଉନାହିଁ । ତେବେ କାନ୍ଦଣାର ଶବ୍ଦ ଆସୁଛି କେଉଁଠୁ ? ଆଶ୍ଚର୍ଯ୍ୟ ! ରାସ୍ତାରେ ନିଇତି ଗୁଣ୍ଡାମାନେ ମରା ମରି ହୁଅନ୍ତି । ଆଉ ନିଇତି ସେ ଉପରେ ପଡ଼ି କଳି ତୁଟାଏ । ରାସ୍ତାରେ ଯାଉଁ ଯାଉଁ ହୁରୁଡ଼ା ଘୋଡ଼ାକୁ ଶାନ୍ତ କରିବା, ବିପଦାପନ୍ନ

ନାରୀକୁ ରକ୍ଷା କରିବା ତା'ର ନିତ୍ୟନୈମିତ୍ତିକ କାମ । ଏସବୁ କାର୍ଯ୍ୟକଳ ହାତ ହଲେଇ ଥିଏଟର ଭଙ୍ଗୀରେ ସେ ଯେପରି କୁହେ, ମନେହୁଏ ହାତଟା କବ୍‌ଜା ପାଖରୁ ଯେପରି ଛିଣ୍ଡିଯିବ, କିନ୍ତୁ ସମସ୍ତେ ଉପଭୋଗ କରନ୍ତି । ଖୁବ୍ ହସନ୍ତି । ଭାରି ମଜା ଲାଗେ । ଉଗଉଗ କରି ସେ ଗପିଚାଲେ ଖୁବ୍ ଆନ୍ତରିକ ଆଉ ତୃପ୍ତ ବର୍ଣ୍ଣନା ତାର ।

ଲେଜାବ୍‌ଲ କଥା ଉଠିବା ମାତ୍ରେ ବୋମ୍ବାସେ ଚିହିଁ ଉଠେ—ଟୋକି ଧନେ ମତେ ନିଜ ରୂପ ଦେଖାଇବାକୁ ହେବ । ମୋ' ପାଖରେ କେବେ ଯଦି ସିଆଣାପଣିଆ ଦେଖାଏ, ବା ତା' ଯୋଗୁ ଯଦି ମୋ ପ୍ରତି କୌଣସି ଅବିଚାର ହୁଏ, ତେବେ ମୁଁ ଅକୁ ଏମିତି ପାଠେ ଦେବି ଯେ ଜୀବନରେ ସେ ଭୁଲିବନି ।

ସିଗାରେଟ୍ ଠାଣୁଠାଣୁ ଫୋଡ଼ଦେଲା ମାତ୍ର, ତା' ହେଲେ ଆଜିଠୁଁ ଆରମ୍ଭ ହେଉ । ମୁଁ ଖୁବ୍ ବିଶ୍ବସ୍ତସୂତ୍ରରୁ ଖବର ପାଇଛି ଏଥରକ ମଧ୍ୟ ଲେଜାବ୍ଲୁ ଖାତିରରେ ଡଟେ ବଳି ଦିଆଯାଇଛି, ମାନେ ଏଥରକ ମଧ୍ୟ ତା'ର ପଦୋନ୍ନତି ହେଉଛି ଏହା ଧ୍ରୁବ ସତ୍ୟ । ରୁ ବୁଢ଼ା ଏ କର୍ଷଟା ଉସି ବସି ବୁଢ଼ା ଆଙ୍ଗୁଠି ଚୁଚୁମୁ ଥା' ।

ବୋମ୍ବାସେ ହାତ ମୁଠା ମୁଠା କରି ଥରି ଥରି କହିଲା, ମୁଁ ଚ୍ୟାଲେଞ୍ଜ କରୁଛି ଯଦି···ଯଦି···ମୁହଁରୁ ଆଉ କଥା ବାହାରିଲା ନାହିଁ । ଠିକ୍ ସେତିକି ବେଳେ କବାଟ ଠେଲି ପ୍ରବେଶ କଲେ ଲେଜାବ୍ଲ । ବାଙ୍ଗର ମଣିଷ ନୌବିଭାଗୀୟ ଅଫିସର କାଠର ମୂର୍ତ୍ତି । ବଳିଷ୍ଠ ଚେହେରା । ତୃପ୍ତ ପଦକ୍ଷେପରେ ସେ'ଶ ଭାବୁ ଭାବୁ ଭିତରକୁ ପଶିଆସି ସମସ୍ତଙ୍କ ସହିତ ଆଗେ କର ମର୍ଦ୍ଦନ କଲେ । କିନ୍ତୁ ତାହା ଏତେ ସଂକ୍ଷିପ୍ତ ଓ ପ୍ରାଣହୀନ ଯେ ଜଣାଗଲା କରମର୍ଦ୍ଦନ ଦ୍ୱାରା ସେ ଯେପରି ସମସ୍ତଙ୍କର ଅପବ୍ୟବହାର କରୁଛନ୍ତି ମଁସିଏ କାଗଲିଁଆ ପାଖକୁ ଆଗେଇ ଆସି କହିଲେ, ମତେ ତୁମ ଫାଇଲଟି ଦେଲେ ।

କାଗଲିଁଆ ଟେବୁଲରୁ ଉଠି ମୁଣ୍ଡ ଉପର ରେକ୍‌ରୁ ନୀଳ ଲଫାପାରେ ମୋଡ଼ା ହୋଇଥିବା କାଗଜ ବଣ୍ଡିଲ୍‌ଟା ଆଣି ଲେଜାବ୍ଲୁ ହାତରେ ଦେଲେ ।

କାଲି ବଡ଼ ସାହେବ ଡିନର୍ ପାର୍ଟି ନେଇ ଯାଉଛନ୍ତି, ଜାଣନ୍ତି !

ହଁ, ସେ ସବୁ ଶୁଣିଛି, ଧନ୍ୟବାଦ । କହି ଦମକା ପବନ ପରି ଘରୁ ବାହାରି ଗଲେ । ଲେଙ୍ଗାଙ୍କ ଘରୁ ବାହାରି ଯାଉ ନ ଯାଉଣୁ ମାଳ ପାଟି କରି ଉଠିଲା, ରଙ୍ଗ ଦେଖିଲ ! ଲ ଥାଟ୍ ! ପୁଅ ଯେମିତି ଏହା ଭିତରେ ବଡ଼ ସାହେବ ବନିଗଲାଣି, ଦେଖିଲେ ମୋ' ହାଡ଼ ଜଳି ଉଠେ ।

ଧୈର୍ଯ୍ୟଧର ବସ୍ତି, ଧୈର୍ଯ୍ୟଧର, ଏତେ ଅଧୀର ହେଉଛ କିଆଁ ? ଇଏ କଳିର ଅନୁମାନ ମାନି । ଦଶୁଛି କର୍ପ ଲୁହ, ଦେଖ ସେ ବଡ଼ ସାହେବ ହେଉଛି କି ନାହିଁ । ସେତେବେଳେ କିନ୍ତୁ ବସୁଣୁ ଉଠୁଣୁ ତାକୁଇ ଥରେ ସାର କହି ସଲାମ ମାରିବାକୁ ହବ । କହି ପିତୋଲେ ମାଳର କଟା ଘା'ରେ ଲୁଣ ଛିଟା ଦେଲା ।

କାଶଲିଂ । ଏ ଯାକେ କାମରେ ହାତ ଦେଇନାହାନ୍ତି । କେତେ କଥା ଭାବି ଚାଲିଛନ୍ତି । ନିଜ ଚିନ୍ତାରେ ନିଜେ ବିବ୍ରତ । ହଠାତ୍ କହି ପକାଇଲେ, ଯାହା ଦେଖୁଛି ପିଲାଟାର ଭବିଷ୍ୟତ କିନ୍ତୁ ଖୁବ୍ ଉଜ୍ଜ୍ୱଳ ।

ଅବଶ୍ୟ ଯେଉଁମାନେ ଏ ଚାକିରୀକୁ ସ୍ୱର୍ଗ ମନେ କରନ୍ତି, ସେଇମାନଙ୍କ ପାଇଁ । ଯିଏ ତା' ଭାବେନା, ତା ପାଇଁ ଇଏ ସବୁ ତୁଚ୍ଛ । ମାଳ ପରିହାସ କଲା ।

ପିତୋଲେ ତା' ପାଟିରୁ କଥା ଛଡ଼େଇ ନେଇ କହି ଉଠିଲା—ତୁ ବୋଧହୁଏ ସ୍ୱଷ୍ଟ୍ର ଭୂତ ହେବାକୁ ଚାହୁଁ ?

ଏହା ଯେ ମାଳ ଉଦ୍ଦେଶ୍ୟରେ କୁହାଯାଇଛି ତାହା ବୁଝିବାକୁ ତା'ପକ୍ଷେ ବାକି ରହିଲା ନାହିଁ । କହିଲା, ମୁଁ ମୋ' ନିଜ କଥା କହୁନି । ମୋ'ର କିଛି ଯାଏ ଆସେ ନା । ମୋ' ପକ୍ଷେ କିରାଣୀ ଚାକିରୀ ଯାହା, ବଡ଼ ସାହେବ ଚାକିରୀ ମଧ୍ୟ ସେଇଆ । ଯୋଉ ଚାକିରୀ ନା......ଫୁ ।

ସାତେଁ ଲେଖି ଚାଲିଛି । କିନ୍ତୁ କିଛିକ୍ଷଣ ହେଲା ସେ ଖାଲି ଖାଲି ଦୁଆତରେ କଲମଟାକୁ ବୁଡ଼ାଉଛି—ଆଉ ଜିଦ୍ ଧରିଲା ପରି ଓଦା ସ୍ପଞ୍ଜଟାରେ ନିବ୍‌ଟାକୁ ଘଷୁଛି । ତେବେବି ଗୋଟିଏ ଅକ୍ଷର ହେଲେ ଲେଖି ହେଉନି । ନିବ୍‌ରେ କାଳି ମୋଟେ ଧରୁନି, ଖସି ପଡ଼ୁଛି । ଖାତାରେ ବୁନ୍ଦାବୁନ୍ଦା

କାଳିଦାଗ । ଖାତାର ରୂପ ଦେଖି ସାଭେଁ କାନ୍ଦ କାନ୍ଦ ହେଲଣି । ଭଗେ
ଆଉଥରେ ନୂଆ କରି ଲେଖିଲେ ହୁଅନ୍ତା । ଆଜିକାଲି ପ୍ରାୟ ଏମିତ
ହଉଛି । ଦୁଃଖରେ କାନ୍ଦ ପକାଇଲି—କାଳିରେ ମଧ୍ୟ ଭେଜାଲ ।

ସମସ୍ତେ ହୋ ହୋ ହୋଇ ହସି ଉଠିଲେ । ହସର ଗୃପାରେ କାଗଜଁଘାଗ
ପେଠ ଉଡ଼ୁଥାଏ ପଡ଼ୁଥାଏ । ଟେବୁଲଟା ଯେପରି ଓଲଟି ପଡ଼ିବ । ମାଜି
ହସି ହସି ଲୋଟି ଯାଉଥାଏ । ପିଉନ ମୃଦୁ ମୃଦୁ ହସେ ଟେବୁଲ ଉପରେ
ଗୋଡ଼ପିଟି ଖିଁ ଖିଁ ହୋଇ କାଶି ଉଠିଲା । କୋନ୍ୟୁଟେସ୍ ପରି ଲୋକର ମଧ
ହସରେ ଦମ ବନ୍ଦ ହେବା ଉପରେ । ସେ ପ୍ରାୟ ହସେନା । ହାସ୍ୟରସ
ଅପେକ୍ଷା ବୀର ରସ ତା'ର ବେଶୀ ପ୍ରିୟ ।

ସାଭେଁ ନିଜ କୋଠର ଗୋଠାଏ ଜାଗାରେ ନିବ୍‌ଠାକୁ ଘସୁ ଘସୁ
କହିଲା—ଏଥିରେ ଏତେ ହସିବାର କ'ଣ ଅଛି ? ସେ ସବୁ ପୁଣି ଥରେ
ଲେଖିବାକୁ ହେବ, ଏଇଆ ନା ? ଆଉ କ'ଣ ?

ଆଉ ଗୋଟିଏ କାଗଜ ଅଣି ଲେଖିବାକୁ ଆରମ୍ଭ କଲା ସେ
କଳମରେ ଏଣିକି କାଳି ଧରିଲାଣି । ପରିଷ୍କାର ଲେଖି ମଧ ହେଲାଣି
ଝୁଙ୍କି ପଡ଼ି ପୁଣି ଲେଖିଚାଲିଲା ବୁଢ଼ା ।

ଏପର୍ଯ୍ୟନ୍ତ ସେମାନଙ୍କ ହସ ବନ୍ଦ ହୋଇନି । ହସି ହସି ବେଦମ
ହେଲେଣି ସମସ୍ତେ । ଗତ ଛ' ମାସ ଧରି ବୁଢ଼ା ସହିତ ଏମାନେ ଥଟ୍ଟା
ପରିହାସ କରି ଆସୁଛନ୍ତି । କିନ୍ତୁ ଦିନେ ହେଲେ ସାଭେଁ ସହକର୍ମୀମାନଙ୍କ
ଚତୁରତା ଧରି ପାରିନି । ସ୍ପଞ୍ଜ ଉପରେ ଦି' ଚାରି ବୁନ୍ଦା ତେଲ ଛାଟି ଦିଅନ୍ତି
ଏମାନେ । ବୁଢ଼ା ସ୍ପଞ୍ଜରେ ନିବ୍ ପରିଷ୍କାର କଲାବେଳେ ନିବ୍‌ଠାରେ ତେଲ
ଲାଗିଯାଏ । ଫଳରେ କାଳି ଧରେନା । ସେତିକିରେ ନିବ୍ ସହିତ ବୁଢ଼ାର
ଚାଲେ କସରତ ! କିନ୍ତୁ କୌଣସି ମତେ ଲେଖି ହୁଏନା । ହତାଶ ହୋଇ
ବିରକ୍ତ ନିବ୍‌ଟା ଫିଙ୍ଗି ଆଉ ଗୋଟାଏ ନୂଆ ନିବ୍ ଆଣେ । ବୋତଲ ବୋତଲ
କାଳି ନଷ୍ଟ ହୁଏ । ଏତେ ଦିନରେ ସେ ବୁଝି ପାରିଛି ଅଫିସ ତରଫରୁ ଯୋଗ
ସବୁ କାଳି, ନିବ୍, କାଗଜ ଇତ୍ୟାଦି ଦିଆଯାଏ ସବୁଗୁଡ଼ା ଭେଜାଲ ।

କିନ୍ତୁ ଏ ବଡ଼ ଅନ୍ୟାୟ । ଅଛା ଧାମସାର ସୀମା ଲଙ୍ଘନ କରୁଛନ୍ତି ସେମାନେ । ରସିକତା ନାଆଁରେ ବୁଢ଼ା ଉପରେ ସାଙ୍ଗମାନଙ୍କ ଅତ୍ୟାଚାର ଆରମ୍ଭ କରିଛନ୍ତି । ନାସଦାନୀରେ ବାରୁଦ ମିଶେଇ ଦଅନ୍ତି । ଜଗ୍‌ରେ ପାଣି ଥାଏ । କେବେକେବେ ସେ ପାଣି ପିଏ । ସେଥିରେ ଔଷଧ ମଧ୍ୟ ଢାଳି ଦଅନ୍ତି । ସରଳ ବିଶ୍ୱାସୀ ବୁଢ଼ା ମନରେ ସେମାନେ ଏଇ ଧାରଣା ଦେଇଛନ୍ତି ଯେ ଆଜିକାଲି ସମାଜବାଦୀମାନେ ସରକାରଙ୍କୁ ଲୋକଦୃଷ୍ଟିରେ ହେୟ ପ୍ରତିପନ୍ନ କରି ଦେଶରେ ବିପ୍ଳବ ସୃଷ୍ଟି କରିବା ପାଇଁ ସବୁଥିରେ ଭେଜାଲ ମିଶାଉଛନ୍ତି । ଯା'ର ଫଳରେ ସାହେବ ସମାଜବାଦୀଙ୍କ ନାଁ ଶୁଣିଲେ ଚଟେ । ତାର ଧାରଣା ସମାଜବାଦୀମାନେ ଯେପରି ଅନେଇ ବସିଛନ୍ତି । ଭୟରେ ଛାତି ଥରି ଉଠେ । ହେଇ ଆଇଲେ କି ! ମୁଖାପିନ୍ଧା ଗୋଟାଏ ରାକ୍ଷସ ଦଳ ତ !

ହଠାତ୍ ବାରଣ୍ଡାରେ ଘଣ୍ଟା ଶବ୍ଦ ହେଲା । ସେ ଶବ୍ଦ ସହିତ ସମସ୍ତେ ଘନିଷ୍ଠ ଭାବରେ ପରିଚିତ । ଏ ଯେ ବଡ଼ ସାହେବ ମିଷ୍ଟର ତରଫଦାରଙ୍କ ଘଣ୍ଟାର ଭୀତିପ୍ରଦ ଶବ୍ଦ । ଘଣ୍ଟା ବାଜିବା ସଙ୍ଗେ ସଙ୍ଗେ ସମସ୍ତେ ଚୁପ୍ ଚାପ୍ ଯେ ଯାହାର ସିଟ୍‌ରେ ଆସି ବସି ପଡ଼ିଲେ । କାଗଲିଆ ଏଥରକ କାମ ଆରମ୍ଭ କଲେ ।

କେଇଦିନ ଧରି କାଗଲିଆଙ୍କ ମନ ନାନାପ୍ରକାର ଚିନ୍ତାରେ ଆକ୍ରାନ୍ତ । ମନରେ ଟିକିଏ ହେଲେ ଶାନ୍ତି ନାହିଁ । ମାନସିକ ଯନ୍ତ୍ରଣାରେ ଦିନକୁ ଦିନ ବୁଢ଼ା ଯେପରି ଢଳେଇ ଯାଉଛନ୍ତି । ନୌବାହିନୀର ଜଣେ ସାଧାରଣ କର୍ମଚାରୀ ଥିଲେ ସେ । ଗଲା ଦିନର କେତେକଥା ମନେ ପଡ଼େ । ଜନ-ଜନଥର ଦୁଃଖ ଆଘାତ ଖାଇ କୌଣସି ମତେ ପଙ୍ଗୁ ଭାବରେ ବଞ୍ଚି ରହିଛନ୍ତି ।

କେତେ ଝଡ଼ ଝଞ୍ଜା ସେ ଅତିକ୍ରମ କରି ଆସିଛନ୍ତି । କେତେ ଦୁଃ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଅଧସ୍ତନ କର୍ମଚାରୀ ଜୀବନରେ ଏସବୁ ଦେହସହା ହୋଇଯାଏ । ଦୁଃଖକଷ୍ଟ ଲଭ ବା କ'ଣ ! ନିଜ ଜୀବନ ସହିତ ଉପର ହାକିମଙ୍କ ଜୀବନର ତୁଳନା କରନ୍ତି କାଶଲ୍ୟାଁ । ଆହା, କି ସୁଖରେ ଅଛନ୍ତି ସେମାନେ ? ମୋଟା ଦରମା, ସମସ୍ତିଙ୍କ ଉପରେ ହୁକୁମଜାରି, କୌଣସି ଚିନ୍ତା ନାହିଁ, ଦୁଃଖ ନାହିଁ । ଏ ପୃଥିବୀଟା ଯେପରି ସେହିମାନଙ୍କ ପାଇଁ ସୃଷ୍ଟି ହୋଇଛି । ଡିପାର୍ଟମେଣ୍ଟର ବଡ଼ବାବୁ ! ସେ ତ ମାତ୍ର ଜଣେ ମଣିଷ ନୁହନ୍ତି । କାଶଲ୍ୟା ମନେ ମନେ ତାଙ୍କୁ ଏକ ପ୍ରକାର ପୂଜା କରେ କହିଲେ ଚଳେ । ତା' ସମ୍ବନ୍ଧରେ ସମସ୍ତେ କହନ୍ତି, ପିଲଟି ଖୁବ୍ ସପ୍ରତିଭ । ସେ ଦିନେ ନିଶ୍ଚୟ ଉନ୍ନତି କରିବ ।

ବାସ୍ତବରେ ଲୋକଟି ଅସାଧାରଣ । କାଶଲ୍ୟାର ଆନ୍ତରିକ ଇଚ୍ଛା ତାଙ୍କର ଏକ ମାତ୍ର ଝିଅଟିକୁ ଲୋକଟିର ହାତରେ ଦେବାକୁ । ଦିନେ ନା ଦିନେ ତାଙ୍କ ଝିଅ ଯେ ବଡ଼ଲୋକ ହେବ, ଏଥିରେ କୌଣସି ସନ୍ଦେହ ନାହିଁ । ଅଫିସ୍‌ବାଲା ସମସ୍ତେ ଏ କଥା ଜାଣନ୍ତି । କାଶଲ୍ୟାର ଭଉଣୀ ମାଦମୋୟା-ଜେଲ କାଶଲ୍ୟାର ପ୍ରଚୁର ଟଙ୍କା । ପ୍ରାୟ କେତେ ଲକ୍ଷ ହେବ । କେତେ ଲୋକ କେତେ କଥା କୁହନ୍ତି । କିଏ କହେ—ପ୍ରେମ ବ୍ୟବସାୟ କରି କାଶଲ୍ୟାର ଭଉଣୀ ପ୍ରଚୁର ଅର୍ଥ ଉପାର୍ଜ୍ଜନ କରିଛି । ବର୍ତ୍ତମାନ ଅବଶ୍ୟ ତା'ର ସେ ସବୁ ଦୋଷ ଆଉ ନାହିଁ । ଧର୍ମ କର୍ମ କରି ଏକ ପ୍ରକାର ସେ ଶୁଦ୍ଧପୂତ ହୋଇ ଯାଇଛି ।

ଏଇ ଅବିବାହିତା ବୁଢ଼ୀ ଦିନେ ଖୁବ୍ ଫୁର୍ତ୍ତି କରୁଥିଲା । ହାତରେ ବେଶ ଦି' ପଇସା ହୋଇ ଯିବାରୁ ସେ ସବୁ ଫନ୍ଦା ଛାଡ଼ି ଦେଇ ଆସି ଭକ୍ତି ସଂସାରରେ ଯୋଗ ଦେଇଛି । ବୁଢ଼ୀ ଭାରି କୃପଣ—ଗୋଟିଏ ପଇସା ଖର୍ଚ୍ଚ ହୋଇଗଲେ ତା'ର ରକ୍ତ ଶୁଖିଯାଏ । ସୁଧ ମୂଳ ମିଶି ତା' ଟଙ୍କା ପ୍ରାୟ ଏବେ ଦ୍ୱିଗୁଣ ହୋଇ ଯାଇଛି । କାଶଲ୍ୟାଙ୍କୁ ଖୋରାକ ଆଦି ବାବଦ ମଧ୍ୟ ବିଶେଷ କିଛି ଦିଏ ନାହିଁ ସେ । ନିଜ ଗହଣା ଗାଣ୍ଠିରେ ମଧ୍ୟ ଅନ୍ୟ କାହାରିକୁ ହାତ ମାରି ଦିଏ ନା । ଏଥିପାଇଁ କାଶଲ୍ୟା ବେଳେବେଳେ ରାଗିଉଠେ । ବୁଢ଼ୀ ସେବେ

ବେଳେ ବୁଝେ, ତୋର କଣ ଅଛି ? ଓମର ସାହାଙ୍କଠୁ ଅଛି, ସବୁ ତ ତୋ ପ୍ର
ଦୋର ପାଇବ । ଯେତେଶୀଘ୍ର ପାରୁ ହାତକୁ କ' ହାତ କରିଦେ । ବୁଢ଼ୀ ଆସି ହେଲ, ମରବା ଆଗରୁ ନାତି ନାତୁଣୀ ମୁହଁ ହେଲେବି ଟିକିଏ ଦେଖିବ ।

ଅଫିସରେ ସମସ୍ତେ ଏକଥା ଜାଣନ୍ତି । ଅନେକ ବୁଢ଼ାକୁ ପଟେଇବାକୁ ଚେଷ୍ଟା ମଧ୍ୟ କରିଛନ୍ତି । କିନ୍ତୁ କାହାରିକୁ ହେଲେ ବୁଢ଼ା ଧରାଛୁଆଁ ଦେଇନି । ମାତ୍ର, ପିଏଙ୍କ ଅଫିସ୍‌ରେ ସମସ୍ତଙ୍କ ଅପେକ୍ଷା ସୁଦର୍ଶନ ଯୁବକ, ପାଠଛୁଆ ପରି ଯା'ର ବିକ୍ରମ, ସେ ଚେଷ୍ଟା କରି ମଧ୍ୟ ହତାଶ ହେଉଛି । ଚାକିରୀ ଭିତରେ କେତେଲିଆ ସାଗୁଦୁନିଆଁ ଟା ବୁଲି ଆସିଛି । ଦୁନିଆଁର ଖବର ତାକୁ ଖୁବ୍ ଭଲ ଭାବରେ ଜଣା । ଜୀବନରେ ଅନେକ କିଛି ସେ ଦେଖିଛି । ନାନା ବିଚିତ୍ର ଅଭିଜ୍ଞତା ତାର ହେଉଛି । ଆଜି ସେ ଜଣେ ପୋଖତ ଲୋକ । ତାକୁ ଭୁଲେଇ ଦେବା କ'ଣ ଏତେ ସହଜ ! ବାହାରର ଚାକଚକ୍ୟ ଆଉ ଷ୍ଟାଇଲ ଦେଖି ଅନ୍ୟ କିଏ ଭୁଲି ଯାଇପାରେ—କିନ୍ତୁ ସେ କଦାପି ଭୁଲିବନି । ସେ' ଖୁବ୍ ଭଲ ଭାବରେ ଜାଣେ, ଭବିଷ୍ୟତ ତା'ର ଉଜ୍ଜ୍ୱଳ । ହଠାତ ପିଏ ବଡ଼ ସାହେବ ହେବାର ସମ୍ଭାବନା ରହିଛି, ବିକ୍ରମ ସେହିହଁ ତା' ଝିଅର ଉପଯୁକ୍ତ ବର । ଏକମାତ୍ର ଲେଖାଙ୍କୁ ତା' ... କୁ ପାଇଛି । ତାକୁ ଥରେ ଘରକୁ ନିମନ୍ତ୍ରଣ କରିବାକୁ ସେ ଅନେକ ଦିନରୁ ଚେଷ୍ଟା କରୁଛି । କିନ୍ତୁ କୌଣସି ମତେ ସୁଯୋଗ ପାଉନି ।

ହାତ ଘଷୁ ଘଷୁ ହଠାତ୍ ବୁଢ଼ା ଛିଡ଼ା ହୋଇ ପଡ଼ିଲା । ହଁ, ଏଥରକ ... ହେବ—ଏ ସୁଯୋଗ ଛାଡ଼ିଲେ ଆଉ ମିଳିବନି । କାହାର କୁଶଳତା ସବୁ ତା' ନଖ ଅଗରେ । ଲେଖାକୁ ଆତ୍ମାଭିମାନୀ—ତୋଷାମଦରେ ସ୍ୱୟଂ ଭଗବାନ ତ ବଶ ହୁଅନ୍ତି, ମନୁଷ୍ୟର ସାଧ୍ୟ କେତେ ? ତା' ପାଖକୁ ଯାଇ ସାହାଯ୍ୟ ମାଗିବ ସେ—ଖୁବ୍ ବିନୀତ ଭାବରେ ଅନୁରୋଧ କରିବାକୁ ହେବ—ଲୋକମାନେ ମନ୍ତ୍ରୀ କିମ୍ବା ଖୁବ୍ ପ୍ରତିପତ୍ତିଶାଳୀ ଲୋକ ପାଖରେ ଯେମିତି ମିନତି କରନ୍ତି, ଠିକ୍ ସେହିପରି ବିନୀତ ଭାବରେ କହିବାକୁ ହେବ । ଗତ ପାଞ୍ଚ ବର୍ଷ ହେଲା ଭାଣି

ଉତ୍ତଡ଼ିଟିଏ ହେଲେ ତା'ର ଦରମା ବଢ଼ିଲା ନାହିଁ । ଏଥରକ ତା'ର ମେ
ଦରମା ବଢ଼ୁଛି ସେ ଜାଣେ । ଲେଜାବ୍ଲ ପାଖରେ ଟିକିଏ ଅଭିନୟ କ
କହିବାକୁ ହେବ—ମୋ'ର ତ ମୋଟେ ଆଶା ନଥିଲା, କେବଳ ଆପଣଙ୍କ
ଯୋଗୁ ଏହା ହୋଇଛି । ଆମ ପରି ଗରିବମାନଙ୍କର ଆପଣଙ୍କ ଛଡ଼ା ଆ
କିଏ ଅଛି ? କିପରି ଯେ ଆପଣଙ୍କୁ ଧନ୍ୟବାଦ ଦେବି ବୁଝି ପାରୁନି
ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ । ତାପରେ ବେଲଉଣ୍ଡି ଘରେ ତା
ନିମନ୍ତ୍ରଣ କରିବାକୁ ହେବ ।

ମୁଣ୍ଡରେ ବୁଦ୍ଧି ପଶିବା ସଙ୍ଗେ ସଙ୍ଗେ ଫାଇଲ ପତ୍ର ଧରି କାଗଲିଁ
ଚଞ୍ଚଳ ଲେଜାବ୍ଲ କୋଠରୀରେ ଯାଇଁ ହାଜର । ତା'ର ଭଲ କୋଠରୀ
କାମର ଗୁରୁତ୍ୱ ଆଉ ନିଜର ଦକ୍ଷତା ଯୋଗୁ ସେ ଏଇ ସମ୍ମାନ ପାଇଛି ।

ଲେଜାବ୍ଲ ପ୍ରକାଣ୍ଡ ଟେବୁଲଟାର ଉପରେ ଗଦା ଗଦା କାଗଜ ଆ
ଫାଇଲ ନେଇ ମୁଣ୍ଡ ନୁଆଇଁ କାମ କରି ଚାଲିଛି, ହଠାତ୍ କାଗଲିଁଙ୍କୁ ଦେଖି
ସହୃଦୟତା ସହିତ ପଚାରିଲା—କଥା କଣ ମଁସିଏ, ପୁଣି ଗଦାଏ କାଗ
ନେଇ ଆସିଲେ ତ !

ହଁ, ମାତ୍ର ଗଦାଏ । କହି ନୀରବରେ ଛିଡ଼ା ହୋଇ ମୁଣ୍ଡ କୁଣ୍ଡେଇବା
ଲାଗିଲା କାଗଲିଁ ।

ମତେ କିଛି କହିବେ ?

ଆଜ୍ଞା, ହଁ ।

ଏପରି ଅଙ୍ଗ ଅଙ୍ଗ ହେଉଛନ୍ତି କାହିଁକି ? କୁହନ୍ତୁନା କଣ କହିବା
ଚାହାନ୍ତି !

କାଗଲିଁ ଚେୟାରରେ ବସିପଡ଼ି ଟିକେ କାଶିଲା । କିଛି ସେ କହି ପାରୁ
କେମିତି ଗୋଟାଏ ସଙ୍କୋଚ ଭାବ ତା' ଗଳା ରୁନ୍ଧ କରି ଦେଇଛି
ଶେଷରେ ଖୁବ୍ କଷ୍ଟରେ ଅଟେଇ ଅଟେଇ କହିଲା, ଯୋଉଥିପାଇଁ ଆପଣ
ପାଖକୁ ଆସିଛି ସେଇଆହିଁ କହୁଛି । କୌଣସି ପ୍ରକାର ଭୂମିକା କରୁନି ମୁଁ
ମୁଁ ସୈନିକ । ବନେଇ ଚୁନେଇ କହିବା ମତେ ଆସେନା । ଏକବାରେ
ସିଧା ସଳଖ କହୁଛି । ମୁଁ ଆପଣଙ୍କର ଅନୁଗ୍ରହପ୍ରାର୍ଥୀ··· ।

ଅନୁଗ୍ରହ ? ସେ ପୁଣି କଣ ?

ଯା ପାଉଛି, ସେଥିରେ ଆଉ ଚଳି ହେଉନି ଅଜ୍ଞା ! ଏ ବର୍ଷ ଦରମା ବଢ଼ିଲେ ମରିଯିବି ମୁଁ—ଆପଣଙ୍କ ଛଡ଼ା ମୋ'ର ଆଉ କେହି ନାହିଁ— ଆପଣଙ୍କ ଉପରେ ଭରସା କରି ଆସିଛି ।

ଟେଲଙ୍ଗ୍ନ ଲଜ୍ଜିତ ହେଲା ସତ, କିନ୍ତୁ ଭଲ ମଧ୍ୟ ଲାଗିଲା । ଗର୍ବରେ ଛାତି ଫୁଲି ଉଠିଲା ତା'ର । ହସି ହସି କହିଲା, 'ମୁ ଆଉ କ'ଣ କରିପାରେ କୁହନ୍ତୁ । ମୁଁ କିଏ ? ଆପଣ ନିଜେ ମୋ' ଠୁଁ ଯଥେଷ୍ଟ ବଡ଼ । ଏଥରକ ପ୍ରଥମ ଶ୍ରେଣୀ କିରାଣୀ ହେଉଛନ୍ତି ଆପଣ । ମୋ'ର କୌଣସି ହାତ ନାହିଁ ଏଥିରେ— ମୋତେ ବିଶ୍ୱାସ କରନ୍ତୁ... ।

କାଗଲିଂଆ ତା କଥା ଶେଷ କରିବାକୁ ନଦେଇ କହିଲା, କଣ କହୁଛନ୍ତି ଆପଣ ? ବଡ଼ ସାହେବ ତ ଆପଣଙ୍କ କଥାରେ ଉଠନ୍ତି ବସନ୍ତି କହିଲେ ଚଳେ । ଆପଣ ଯଦି ମୋ' ପାଇଁ ତାଙ୍କୁ ଟିକେ କହନ୍ତେ, ତା' ହେଲେ ହୋଇଯାନ୍ତା । ଆଉ ଅଠର ମାସ ପରେ ତ ମୁଁ ପେନ୍‌ସନ୍ ପାଇବି । ଆସିଲା ଜାନୁୟାରୀରେ ମୋ'ର କିଛି ଉନ୍ନତି ନହେଲେ ମୁଁ ଖୁବ୍ କ୍ଷତିଗ୍ରସ୍ତ ହେବି । ଲୋକେ ଅବଶ୍ୟ କୁହନ୍ତି, ମୋ' ଭଉଣୀ ପାଖରେ ଖୁବ୍ ଧନ ଅଛି । କିନ୍ତୁ ସେଥିରେ ମୋ'ର ଯା'ଏ ଆସେ କେତେ ? ସେ ଟଙ୍କା ତ ଆଉ ମୋ'ର ନୁହେଁ, ସେ ସବୁ ମୋ ଝିଅ ପାଇବ । ଝିଅ ଅଉ ମୋ କଥା ତ ଏକା ନୁହେଁ । ଝିଅ ଜୋଇଁ ଯଦି ମତେ ନ ପଗୃରିବେ, ମୋ ଦଶା କଣ ହେବ ଟିକିଏ ଭାବିଲେ ଆଜ୍ଞା !

ଟେଲଙ୍ଗ୍ନ ସମ୍ମତି ଜଣାଇ କହିଲା, ହଁ, ତା' ଅବଶ୍ୟ ଠିକ୍, ତେବେ ଆପଣଙ୍କ ଜ୍ୱାଇଁର ବୁଦ୍ଧି ଶୁଦ୍ଧି ଯଦି ଭଲ ନହୁଏ, ବା ଆପଣଙ୍କ ଆଡ଼କୁ ଟିକେ ନଚାହେଁ । ତା' ଛଡ଼ା ଅନ୍ୟର ମର୍ଜି ଉପରେ ଅପଣ କାହିଁକି ବା ନିର୍ଭର କରିବେ ? ଯା' ହେଉ ସାଧ୍ୟମତେ ମୁଁ ଚେଷ୍ଟା କରିବି । ବଡ଼ ସାହେବଙ୍କ ପାଖରେ ଆଜି ମୁଁ ଏ ପ୍ରସଙ୍ଗ ଉଠେଇବି । ଆଉ ଆପଣଙ୍କ ପାଇଁ ଦରକାର ହେଲେ ଅନୁରୋଧ ମଧ୍ୟ କରିବି । ଆପଣ ମୋ ଉପରେ ବିଶ୍ୱାସ ରଖି ପାରନ୍ତି ।

ଆନନ୍ଦରେ ଅଧୀର ହୋଇ କାଶଲିଂଆ ଗୋଟାଏ ଲମ୍ଫରେ ଆ
ସହକର୍ମୀଙ୍କର ହାତ ଦୁଇଟି ଧରି ସାମରିକ ଢଙ୍ଗରେ କୃତଜ୍ଞତା ପ୍ରକ
କଲା । ମୁହଁରୁ କଥା ବାହାରୁ ନଥାଏ । ସେ ଏକ ପ୍ରକାର ଅଭିଭୂତ ହୋଇ
ପଡ଼ିଥାଏ । କୌଣସିମତେ କହିଲା ଧନ୍ୟବାଦ, ଧନ୍ୟବାଦ । ଝଟର ତେ
ଆପଣଙ୍କ ପାଖରେ କୃତଜ୍ଞତା ଜଣାଇବି ବୁଝି ପାରୁନି । ଯଦି କେବେ
ଭଗବାନ ଦେବେ ତ ଦେବେ···ଯଦି କେବେ···ତା' ହେଲେ ଆପଣ··· ।
କଥା କହି ପାରୁ ନଥାଏ କାଶଲିଂଆ । ପୁରାତନ ସୈନିକ ଗୃଲରେ ସେ
କୋଠରୀରୁ ବାହାରି ଆସିଲା ।

ଆସୁ ଆସୁ ବଡ଼ ସାହେବଙ୍କ ଘଣ୍ଟା ଶବ୍ଦ ଶୁଭିଲା । ହୁଏତ ସାହେବ
ତାକୁଇ ଖୋଜୁଛନ୍ତି । ଅନେକ ବେଳୁ ତାକୁ ନପାଇ ରାଗରେ ଲଗ ଲଗ
ଘଣ୍ଟା ବଜାଉଛନ୍ତି ସେ । କାଶଲିଂଆର ଛାତି ଗୋଟାଏଁ ଥରୁଛି । ସେ
ଦଉଡ଼ି ଦଉଡ଼ି ଆସି ନିଜ ଆସନରେ ବସି ପଡ଼ିଲା ।

ସପ୍ତାହଟିଏ ଅତୀତ ହୋଇ ଗଲାଣି । ଦିନେ ସକାଳେ କାଶଲିଂଆ ଅଫିସକୁ
ଆସି ତା ଟେବୁଲ ଉପରେ ଖଣ୍ଡିଏ ଚିଠି ଦେଖିଲା । ସେଥିରେ
ଲେଖା ହୋଇଛି—

ସବିନୟ ନିବେଦନ,

ଆନନ୍ଦର ସହିତ ଆପଣଙ୍କୁ ଜଣାଉଛି ଯେ, ଗତକାଲି ମାନନୀୟ ମନ୍ତ୍ରୀ
ମହୋଦୟ ଆମ ବଡ଼ ସାହେବଙ୍କ ଅନୁମୋଦନ କ୍ରମେ ପ୍ରଥମ ଶ୍ରେଣୀ କର୍ମଚାରୀ
ଭାବରେ ଆପଣଙ୍କ ନିଯୁକ୍ତି-ପତ୍ରରେ ସ୍ୱାକ୍ଷର କରିଛନ୍ତି । କାଲି ଆପଣ
ସରକାରୀ ଚିଠି ପାଇବେ । ବର୍ତ୍ତମାନ ଏ କଥା ଅନ୍ୟ କାହାକୁ ଜଣାଇବେ
ନାହିଁ ।

ବିନୀତ
ଲେଙ୍କାନ୍ନା

କାଶଲିଂଆ ତତ୍କ୍ଷଣାତ୍ ଲେଙ୍କାନ୍ନା କୋଠରୀକୁ ଯାଇ ତାକୁ ଧନ୍ୟବାଦ
ଓ କୃତଜ୍ଞତା ଜଣାଇଲା ।

ପରଦିନ ଅଫିସ୍‌ରେ ଖୁବ୍ ହଟ୍ଟଗୋଳ ଆରମ୍ଭ ହୋଇଗଲା । ଲେଙ୍ଗାଙ୍କ
ବାଗଲିଁଆ ବୁହିଁଙ୍କର ପଦୋନ୍ନତି ହୋଇଛି । ଅନ୍ୟମାନଙ୍କୁ ପୁଣି ଆଉ
ଚ ବର୍ଷ କାଳ ଅପେକ୍ଷା କରିବାକୁ ହେବ, ଯଦିଓ ସମସ୍ତେ କିଛି କିଛି
ୋନସ୍ ପାଇଛନ୍ତି ।

ବୋଷ୍ଟାସେ କହିଲା, ପୁଅ ଯିବ କୁଆଡ଼େ ? ବଗୁଲିର ତା' ପଛରେ
ଏଣିକି ରହିଲା । ଅଙ୍ଗୁଳିଏ ହେଲେ କ'ଣ ଗାତରେ ତାକୁ ପାଇବନି ?
ାଦିନ ବୁଝିବ ପୁଅ, ଯଦି ସେଇ ରାସ୍ତାରେ ନ ଠେଙ୍ଗେଇଛି !

ଅନ୍ୟମାନେ ଚୁପ୍ ଥାନ୍ତି । କେହି କିଛି କହୁ ନ ଥାନ୍ତି ।

ପରବର୍ତ୍ତୀ ସୋମବାର ଦିନ ବାଗଲିଁଆ ଅଫିସ୍‌ରେ ପହଞ୍ଚିବା ମାତ୍ରେ
ଧା ଲେଙ୍ଗାଙ୍କ କୋଠରୀରେ ଯାଇଁ ହାଜର ହେଲେ । କହିଲେ—ଦିନେ
ଦି ଦୟାକରି ଗରିବ କୁଡ଼ିଆରେ ପାଦ ଧୂଳି ଦିଅନ୍ତେ, ଖୁବ୍ ଖୁସି ହୁଅନ୍ତି ।

ଦେଖନ୍ତୁ, ଏସବୁ ଭଲ ନୁହେଁ ।

ତେବେ ବି......

ଆଚ୍ଛା, ଦେଖିବା ଦିନେ...... ।

ନାନା, କିଛି ମୁଁ ଶୁଣିବିନି, ଦିନେ ଦି'ଦିନ ଭିତରେ ଆପଣଙ୍କୁ
ଯିବାକୁ ହେବ ।

ବିହ୍ୱଳ ଦୃଷ୍ଟିରେ ଲେଙ୍ଗାଙ୍କ ବାଗଲିଁଆ ମୁହଁକୁ ଅନେଇଲା । ବୁହିଁଙ୍କ
ଷ୍ଟି ବିନମ୍ର ହେଲା । ଲେଙ୍ଗାଙ୍କ ଦୃଷ୍ଟି ଆନତ ନକରି କହିଲା, ଦେଖନ୍ତୁ,
ା'ର ମୋଟେ ସମୟ ନାହିଁ । ସନ୍ଧ୍ୟାବେଳେ ଅଫିସ୍ କାମରେ ବରାବର
ସ୍ତ, ଆଉ କିଛି ଦିନ ଏମିତି ଚାଲିବ... ।

ଅତି ବିନୀତ ହୋଇ ବାଗଲିଁଆ କହିଲେ—ଆମକୁ ନିରାଶ କରିବେ ନାହିଁ
ା, ତା'ହେଲେ ଆମେ ଖୁବ୍ ଦୁଃଖିତ ହେବୁ । ଆପଣ ଆମମାନଙ୍କ
ଇଁ ଯାହା କରିଛନ୍ତି, ନିଜ ଭାଇ ମଧ୍ୟ ତା' କରିବ ନାହିଁ । ମୁଁ ଆମ
ାବାରର ସମସ୍ତଙ୍କ ତରଫରୁ ଆପଣଙ୍କୁ ଅନୁରୋଧ କରୁଛି—ଶନିବାର
। ଆପଣ ଯେ କୌଣସି ମତେ ଆସିବେ ।

ବମ୍ଭୂର ଭ୍ଟବ ଲେଙ୍ଗାକୁ ଖାଲି ଦେଖୁଥିବେ କାଶଲିଁୟାଙ୍କୁ । ଉତ୍ତର ଦେବ କିଛି ଭାବି ପାରୁ ନଥାଏ । ମନେ ମନେ କହିଲା, ଷଣ୍ଢଟା ବା କ'ଣ ? ତା' ପରେ ହସି ହସି କହିଲା—ଆଚ୍ଛା ଯିବ, କିନ୍ତୁ ଯାଉ ଟିକିଏ ରାତି ହେବ ।

'ଯେତେବେଳେ ଇଚ୍ଛା ଯିବେ । ଆପଣଙ୍କ ପାଇଁ ଆମ ଦୁଆର ବେଳେ ଖୋଲା ।

ମିସେସ କାଶଲିଁୟା ଯେଉଁ ଅଞ୍ଚଳରେ ଥା'ନ୍ତି, ତାର ଶେଷଆଡ଼କୁ ଗୋ କୋ'ଠାର ପଞ୍ଚମ ମହଲାରେ ଥାନ୍ତି । ଫ୍ଲାଟ୍‌ଟାର ଆଗରେ ସାମାନ୍ୟ ବା ରୁହନ୍ତି । ସେଠା'ରେ ଛିଡ଼ା ହେଲେ ସହରର ବହୁଅଂଶ ଦେଖାଯାଏ । ତିନ କୋଠରୀରୁ ଗୋଟିକରେ ତାଙ୍କର ଭଉଣୀ, ଗୋଟିକରେ ଝିଅ ଆଉ ଅନ୍ୟଟି ସେ ନିଜେ ଶୁଅନ୍ତି । ଖାଇବା କୋଠରୀଟି ବେଶ୍ ସୁସଜ୍ଜିତ—ଲୋକେ ଆସିଲେ ଏଇ ଘରେ ଉଠାବସା କରନ୍ତି ।

ସାତ ଦିନ ହେଲା କାଶଲିଁୟା ଏ ପ୍ରୀତି-ଭୋଜନ ଆୟୋଜନ ବ୍ୟସ୍ତ ଅଛନ୍ତି । ତିନିଜଣ ଯାକ ବସି ଠିକ୍ କରୁଛନ୍ତି କ'ଣ କ'ଣ ରାନ୍ଧି ହେବ । ମୋଟ ଉପରେ ଭୋଜିଟା ଭଲ ହେଲେ ହେଲା ।

ଶନିବାର ଦିନ କାଶଲିଁୟା ଖୁବ୍ ଶୀଘ୍ର ଅଫିସରୁ ଚାଲି ଆସିଲେ, ନି ସବୁ ଜିନିଷ ତଦାରଖ କରିବା ପାଇଁ । କୌଣସିଥିରେ ଯେପରି ତ୍ରୁଟି ନହୁ କି କୌଣସି ଜିନିଷର ଯେପରି ଅଭାବ ନଘଟେ । କେତେବେଳେ ଦେଖାଯାଏ ଗୋଟାଏ ଜିନିଷ ଥିଲେ, ଆଉ ଗୋଟାଏ ନାହିଁ, ଏଇଟା ଗ ହେଇନିତ, ସେଇଟା ଆଣିବାକୁ ଭୁଲି ଯାଇଛି—ଏସବୁ ଯେପରି ନଘ

ସ ନେଇ ସେ ଖୁବ୍ ସଜାଗ । ଉପଦ୍ରବକୁ ଭୁଲ ଲୁଚେଇ । ସନ୍ଧ୍ୟା ସୁଦ୍ଧା ରନ୍ଧା ରଖିବା କଥା ।

ଖାଇବା କୋଠରୀକୁ ଯାଇଁ କାଗଲିଂ ସବୁ ଦେଖିଲେ । ଘର ମଝିରେ ଗୋଟିଏ ଗୋଲ ଟେବୁଲ ଉପରେ ଗୋଟାଏ ସୁନ୍ଦର ଟେବୁଲ କ୍ଲଥ । ଚାରି ପାଖରେ ଚାରିଟି ଚେୟାର । ଚାରିଟି ଉପରେ ଧଳା ଖୋଳ ହୋଇଛି । ହୋଇଛି. ପ୍ରତ୍ୟେକ ଚେୟାର ଆଗରେ ଗ୍ଲାସ, ଛୁରୀ, କଣ୍ଟା ଆଦି ସଜା ହୋଇଛି । ତେବେ ମଧ୍ୟ କାଗଲିଂଙ୍କ ମନ ସନ୍ତୁଷ୍ଟ ହେଲନି । ଡାକିଲେ, ମାର୍ଗେଟ !

ହଁ । ପାଖ ଦରଜା ଦେଇ ଜଣେ ମହିଳା ପ୍ରବେଶ କଲେ । ବୟସ୍କା । କାଗଲିଂ ଅପେକ୍ଷା ଆଠ ଦଶ ବର୍ଷ ବୟସରେ ବଡ଼ ହେବେ । ସବୁ ମୁହଁ ଚାରିପାଖେ କୁଞ୍ଚିକୁଞ୍ଚିଆ ବାଳ ଗୁଡ଼ାକରେ ପିନ୍ ମରା ଯାଇଛି । କ୍ଷୀଣ କଣ୍ଠ ର । ଠିକ୍ ଏ ଢଳ ଢଳ ଚାଲନ୍ତି । କିନ୍ତୁ ଯାଙ୍କର ଦିନେ ରୂପ ଯୌବନ ଲ, ଦେଖିଲେ ଯୁବକ ଚିତ୍ତ ଚଞ୍ଚଳ ଉଠୁଥିଲା—ସମସ୍ତଙ୍କ କଣ୍ଠରେ ଥିଲା ତାଃ ରୂପ ! ସେ ସବୁ କଥା ଆଉ ତା'ର ଆଜି ମନେ ନାହିଁ । କେବେକାର ସ କଥା—ମନେ ନ ରହିବା କୌଣସି ଅପରାଧ ନୁହେଁ । ଆଜିକାଲି ଧର୍ମ ର୍ମ, ପୂଜାପାଠ ଭିତରେହିଁ ତାଙ୍କର ଦିନଗୁଡ଼ାକ କଟୁଛି ।.

ପୁଣି କଣ ହେଲା ?

ଦେଖ, ଗ୍ଲାସ ଦୁ'ଟା ମୋତେ ମାନୁନି । ଖରଚ ଆଉ ବେଶି କ'ଣ ହେବ ! ଭାବୁଛି ସ୍ୟାମ୍ପେନ୍ ଦେବା । ହଁ, ସେ ଦୁଇଟା କାଢ଼ି ଦେ, ଦେଖ ଏ ର ନକ୍ସା କପର ବଦଳି ଯିବ ।

ଏତେ ଖର୍ଚ୍ଚ କରିବାର ଅର୍ଥ ମୁଁ କିଛି ବୁଝୁନି । ତୋ ଟଙ୍କା ଭୁ ଇଚ୍ଛା କରିପାରୁ, ମୋର କ'ଣ ଅଛି ?

କାଗଲିଂ ଟିକିଏ ଉତ୍ତେଜିତ ହେଲେ । ତା'ପରେ ମୁଣ୍ଡ କୁଣ୍ଡେଇ ଭ କହିଲେ, ସେମିତି କଲେ ଆଖିକୁ ଭଲ ଦିଶିବ । ଟେବୁଲଟାର ଦିଯାଏ ମଧ୍ୟ ବେଶ୍ ଜମି ଉଠିବ । ତା'ପରେ ମୁଣ୍ଡରେ ଟୋପିଟା ଦେଇ ତା ସହ ପାହାଚ ଦେଇ ଓହ୍ଲେଇ ଗଲେ ତଳକୁ । ପ୍ରାୟ ପାଞ୍ଚ ମିନିଟ୍

ମଧ୍ୟରେ ସାମ୍ପେନ୍ ବୋତଲଟାଏ ଧରି ନାଚି ନାଚି ପୁଣି ଫେରି ଆସିଲେ
ଆନନ୍ଦରେ ଗୋଡ଼ ତଳେ ଲାଗୁନଥାଏ। ଯେପରି ସେ ଛୋଟ ଛୁଆଟିଏ ହୋଇ
ଯାଇଛନ୍ତି। ନିଜ ହାତରେ ଅଲମାରୀ ଖୋଲି ଲମ୍ବ ଲମ୍ବା ଗ୍ଲାସ ଦୁ'ଟି କାଢ଼ି
ଟେବୁଲ ଉପରେ ସଜାଇ ଦେଲେ କାଗଲିଂ।

ଡାହାଣ ପଟ ଦୁଆର ଦେଇ ତାଙ୍କ ଝିଅ ପ୍ରବେଶ କଲା। ସ୍ଥୂଳ ଓ
ଦୀର୍ଘ ସୃଷ୍ଟ ଚେହେରା। ଦେହର ରଙ୍ଗ ଗୋଲାପୀ। ବାଦାମୀ ରଙ୍ଗର କେଶ,
ନୀଳାଭ ଦୃଷ୍ଟି। ମନ୍ଦ ନୁହେଁ ଦେଖିବାକୁ। ସାଦାସିଧା ପରିଚ୍ଛଦ ତାକୁ ବେଶ
ମାନୁଛି। ଗଳାର ଆବାଜ କିନ୍ତୁ ଟିକେ କର୍କଶ, ପୁରୁଷମାନଙ୍କ ପରି
ସାମ୍ପେନ୍ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ଛୁଆପରି ଅଧିର ଆନନ୍ଦରେ ତାଳି
ମାରି ମାରି କହିଲା, କି ମଜା, ସାମ୍ପେନ! କି ମଜା! ଝିଅ ପାଖକୁ ଆସି
ବାପ କହିଲେ, ବାବୁଟି ଆମର କେତେ ଉପକାର କରିଛି, ଜାଣୁତ ମା!
ତା' ସହିତ ହସି ହସି ଭଲ ଭାବରେ କଥା ହେବୁ। ବୁଝିଲୁ ନା ମା!

କ୍ରିଂ କ୍ରିଂ କ୍ରିଂ। ଦୁଆର ଖୋଲି ଦେବା ମାତ୍ରେ ଲେଜାବଲ
ପ୍ରବେଶ କଲେ। ଦେହରେ କଳା ରଙ୍ଗର କୋଟ୍। ମୁଣ୍ଡରେ ଲମ୍ବା ଟୋପି,
ହାତରେ ଦସ୍ତାନା। ଲେଜାବଲଙ୍କ ଆବିର୍ଭାବ ସଙ୍ଗେ ସଙ୍ଗେ ପରିବେଶଟା
ବେଶ୍ ଚଞ୍ଚଳ ହୋଇ ଉଠିଲା। ବିସ୍ମୟାଭିଭୂତ କାଗଲିଂ ଆଗେଇ ଆସି
ତାକୁ ସାଦର ଅଭ୍ୟର୍ଥନା ଜଣାଇଲେ।

ଦେଖ ବନ୍ଧୁ, ଏଇଟା ଆମର ଏକବାରେ ଘରୋଇ କାରବାର
ମୋ ପୋଷାକରୁ ତାହା ତୁମେ ଅନୁମାନ କରି ପାରୁଥିବ।

ଲେଜାବଲ କହିଲେ, ତା ଜାଣେ, ସେ କଥାତ ଆଗରୁ ଆପଣ
କହିଛନ୍ତି। କିନ୍ତୁ ଭଲ କୋଟ୍ ନପିନ୍ଧି ମୁଁ ସନ୍ଧ୍ୟାରେ କୁଆଡ଼େ ବାହାରେ ନାହିଁ
କିଛି ଭାବିବେ ନି। ଟୋପିଟାକୁ କାଖରେ ଯାକି ସମସ୍ତଙ୍କୁ ନମସ୍କାର ଜଣାଇଲେ
ସେ। କୋଟ୍‌ର ବୋତାମ ଛିଦ୍ରରେ ଗୋଟିଏ ଲାଲ ଫୁଲ ଖୋସା ହୋଇଛି
ଲେଜାବଲ ବାସ୍ତବିକ୍ ଖୁବ୍ ସୁନ୍ଦର ଦେଖାଯାଉଥାନ୍ତି। କାଗଲିଂ
ସମସ୍ତଙ୍କ ସହିତ ପରିଚୟ କରାଇ ଦେଲେ—ଇଏ ମୋ' ଝିଅ କାରୋଲ
ଆଉ ଇଏ ମୋ' ଭଉଣୀ ସାରଲେଟ। କାରୋଲକୁ ଆମେ କୋରା କୋ

ାକୁ । ତାପରେ ପରସ୍ପର ପରସ୍ପରକୁ ନମସ୍କାର ଜଣାଇଲେ । କାଶଲିଂଆ
ହି ଗୃହଲଆନ୍ତି, ଆମର ସ୍ୱତନ୍ତ୍ର ବୈଠକଖାନା ନାହିଁ । ସେଥିପାଇଁ ଅବଶ୍ୟ
କିଏ ଅସୁବିଧା ହୁଏ । ତେବେ ସବୁ ଚଳିଯାଏ ।

ସେଥିରେ କ'ଣ ଅଛି, ଯେଉଁଠି ବସିଲେ ହେଲା । ତା' ଛଡ଼ା ଏ
ାରଠା ତ ମନ୍ଦ ନୁହେଁ ।

କୋଟ୍‌ଟା ଖୋଲି ସୁବିଧାରେ ବସ ।

ନାନା, ମୋର କୌଣସି ଅସୁବିଧା ହେଉନି ।

ସୁଟ୍ ପୋଷାକରେ ଥିଲେ ଘରୋଇ ପରିବେଶ ସୃଷ୍ଟି ହୋଇ
ାରେନା । କୌଣସି ସାମାଜିକ ଉତ୍ସବରେ ବସିଲାପରି ମୋର ମନେ ହୁଏ ।
ର ପୁଅ ଘରେ ଥିଲାପରି ସୋଜା ହୋଇ ବସ । ତମର ଏତେ ଲଜ୍ଜା
ଣ ?

ଏ ପରିସ୍ଥିତିରେ ଆପତ୍ତି ଚଳିବନି । କାଶଲିଂଆ କୋଟଟା ଖୋଲି
ଦେଲେ । ଲେଜାବ୍ଲ ବାଧା ଦେଲେନି । ତା'ପରେ ଦସ୍ତାନାଟା ଖୋଲି
ଦେଲେ ସେ ।

ମହିଳାମାନେ ଆଗରୁ ଚେୟାରରେ ବସିପଡ଼ିଛନ୍ତି । ଟେବୁଲର ଅପର
ସ୍ୱଙ୍କୁ ଆଉ ଗୃହିଣୀରେ ସମ୍ମାନିତ ଅତିଥିଙ୍କୁ ସେମାନେ ଲକ୍ଷ୍ୟ କରୁଥାନ୍ତି ।
ଛି ସମୟ ନୀରବତାରେ କଟିଲା । ତାପରେ କାଶଲିଂଆ ନୀରବତା ଭଙ୍ଗ
ଲେ—ବଡ଼ ସାହେବ କଣ ରାତି ପର୍ଯ୍ୟନ୍ତ ଅଫିସ୍‌ରେ ଥିଲେ ? ମୁଁ ଆଜି
ଶୀଘ୍ର ଚାଲି ଆସିଛି ।

ହଁ, କୌଣସି ପ୍ରକାର ଚିନ୍ତା ନକରି ଲେଜାବ୍ଲ କହିଲେ, ଆମେ
ହିଁ ଏକ ସଙ୍ଗରେ ବାହାରିଲୁ । ଗୋଟିଏ ଜରୁରୀ କାମ ଯୋଗୁଁ
ଲରେ ପଡ଼ିଲୁ । କପରି ସେଥିରୁ ଉଦ୍ଧାର ମିଳିବ, ସେଇ କଥା
ଲୋଚନା କରୁଥିଲୁ ଆମେ ।

ଅପା, ମଁସିଏ ଲେଜାବ୍ଲ ଖୁବ୍ କାମିକା ଲୋକ । ଅଫିସର
ଟକ କଠିନ ଆଉ କଷ୍ଟକାମ ସେଇ କରନ୍ତି । ସେ ଆମ ବଡ଼ ସାହେବଙ୍କ
ାଣ ହାତ କହିଲେ ଚଳେ ।

ହଁ, ତା' ମୁହଁକୁ ଜଣା ପଡ଼ୁଛି ।

ଏଥି ଅନ୍ତରେ ଦରଜା ଠେଲି ଗୃହିଣୀ ପ୍ରବେଶ କଲେ । ହାତରେ ସୋରୁଆ ପାତ୍ର ।

ଆସ, ଏଥରକ ବସି ପଡ଼ିବା । ତୁମେ ମୋ ଝିଅ ଆଉ ଝପା ମଝିରେ ବସ । ସ୍ତ୍ରୀମାନଙ୍କୁ ଭୟ କରନା କ'ଣ ?

ଖାଇବା ପର୍ବ ଆରମ୍ଭ ହେଲା । ଲେଜାବ୍‌ଲଙ୍କ ସୌଜନ୍ୟରେ ସମସ୍ତେ ମୁଗ୍‌ଧ । ଟୋରା ରୂପରେ ଲେଜାବ୍‌ଲ ମଧ୍ୟ ମୁଗ୍‌ଧ । ବେଶ ସୁନ୍ଦର ସ୍ୱାସ୍ଥ୍ୟ । ଲାବଣ୍ୟଭରା ଗୌର କଳେବର ସ୍ନିଗ୍‌ଧ ସୁଷମା ଝରି ପଡ଼ୁଥିବା ଗୋଟିଏ ଦେବୀ-ପ୍ରତିମା ଯେପରି । ବାରବାର ଲେଜାବ୍‌ଲ ପ୍ରେମ ଦୃଷ୍ଟିରେ ଅନାଉଥାଏ । ତୃଷିତ ଗୃହିଣୀ ତେବେବି ତୃପ୍ତ ହୁଏ ନା ମାଦମୋଇଜେଲ ସାରଲେଟ ଏଣୁତେଣୁ ପ୍ରସଙ୍ଗ ଉଠାଇ ଲେଜାବ୍‌ଲଙ୍କୁ ଖୁସି କରିବାକୁ ଚେଷ୍ଟା କରେ । ତାଙ୍କ ମନକଥା ତାକୁ ଅଜଣା ନାହିଁ । କାଶଲିଁୟା ଆଜି ଖୁବ୍ ଖୁସି । ଛୋଟ ପିଲାଙ୍କ ପରି କୁରୁଳି ଉଠୁଥାନ୍ତି । ଯାକୁ ଖାଅ, ତାକୁ 'ଖାଅ' କହି ଅତିଥିଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥାନ୍ତି । ଲେଜାବ୍‌ଲ କୌଣସି ଏକ ଜିନିଷ ଖାଉ ନଥିଲେ ଅସ୍ତବ୍ୟସ୍ତ ହୋଇ କହୁଥାନ୍ତି, ନା, ନା, ଛାଡ଼ିଲେ ଚଳିବନି; ସେତକ ଖାଇନିଅ । ସେଇଟି ଯେ ଖୁବ୍ ବିଖ୍ୟାତ ଜିନିଷ, ତା ଅବଶ୍ୟ କହୁନି, ତେବେ ପ୍ରକୃତରେ ଉପାଦେୟ । ମୋର ଜଣେ ବିଶିଷ୍ଟ ବନ୍ଧୁଙ୍କ ପାଖରୁ କିଣି ଆଣିଛି । ସେଥିରେ ଟିକିଏ ହେଲେ ଯେ ଭେଜାଲ ନାହିଁ, ମୁଁ ହଲପ କରି କହିପାରେ ।

ଟୋରା କିନ୍ତୁ କିଛି କହୁ ନଥାଏ । ଅପରିଚିତ ଜଣେ ଯୁବକର ଏତେ ପାଖରେ ବସିଥିବାରୁ ତାକୁ ଲାଜ ଲାଗୁଥାଏ । ଭୟ ମଧ୍ୟ ଥାଏ । ଅତିଥିଙ୍କ ମନ ଭିତରେ ଯେଉଁ ଝଡ଼ଟି ସୃଷ୍ଟି ହୋଇଛି, ତାର ସ୍ପର୍ଶ ତା' ମନରେ ମଧ୍ୟ ଟିକିଏ ବାଜିଥାଏ ।

ତା' ପରେ ବଡ଼ ଚିଙ୍ଗୁଡ଼ି ଆସିବା ମାତ୍ରେ କାଶଲିଁୟାର ଆନନ୍ଦ କହିଲେ ନସରେ ।

ଆସ ବାପଧନ ! ତୋ'ର ପାଇଁ କେତେ ଆଶାରେ ବସି ରହିଛି କୁଆଡ଼େ ଥିଲୁ ମୋର ଚନ୍ଦ୍ର ବଦନ !

କାଟେଲିଁଆ ଟିପ୍ପଣୀରେ ସମସ୍ତେ ହସି ଉଠିଲେ । ଲେକୋଙ୍କୁ ହସି ହସି
ଚାରିଲେ, କିଏ ଜଣେ ସାହିତ୍ୟିକ—ନାଁଟା ଠିକ୍ ମନେ ପଡୁନି, ବୁର୍ଜୁଆ
ର୍ମର ପୁରୋହିତ ଆଖ୍ୟା ଦେଇ କେତେ କଥା ଲେଖିଛନ୍ତି ।
ାହିତ୍ୟିକମାନେ କେଉଁ ମଜାର ଲୋକ । ବନେଇ ଚୁନେଇ କେତେ କଥା
ଲଖନ୍ତି ।

ଲେକୋମ୍ତେଲ କଥାରେ କାଟେଲିଁଆ ହସି ହସି ଗଡ଼ିଗଲେ । କହିଲେ,
ଃ, ଠିକ୍ କହୁଛ ।

ମ ଦ୍‌ମୋସ୍ତ୍ରେଲ ସାରଲୋତ କିନ୍ତୁ ରାଗରେ ତ'ତି ଉଠିଥାନ୍ତି । ଏସବୁ
ଟ୍ଟା ଭଲ ନୁହେଁ । ମୁଁ ଏସବୁ ପସନ୍ଦ କରେନା । ସେ ସାହିତ୍ୟିକ ଜଣେ ଗଧ ।
ଥିବାଯୋଗୁଁ ସେ ଏ ପ୍ରକାର ଲେଖିଛି । ତା କେବଳ ମନେ କରନା ଯେ ମୋ
ତରେ କିଛିଏ ହେଲେ ରସଜ୍ଞାନ ନାହିଁ । ଥଟ୍ଟା ପରିହାସ ମତେ ଭଲ
ଗେ, କିନ୍ତୁ ଏ ସବୁ କଣ ? ଧର୍ମିକ ପୁରୋହିତମାନଙ୍କ ପ୍ରତି ବିଦ୍ରୁପ—
ବ୍ ଅନ୍ୟାୟ ।

ଲେକୋମ୍ତେଲ ଖୁବ୍ ଚାଲାଖ । ବୁଢୀଙ୍କ ରାଗିବା ଦେଖି ତାଙ୍କୁ ଖୁସି କରିବା
ଦ୍ଦେଶ୍ୟରେ କହିଲେ, ମୁଁ ମଧ୍ୟ ଆପଣଙ୍କ ସହିତ ଏକମତ । ମଣିଷର ଧର୍ମ, ତାର
ଶ୍ୱାସ ଓ ଚିରନ୍ତନ ସତ୍ୟ—ଏ ସବୁ ନେଇ ଥଟ୍ଟା ପରିହାସ କରିବା ଅତ୍ୟନ୍ତ
ରୁଚିର ପରିଚାୟକ । ବାପା ଅଜାଙ୍କ ଧର୍ମ ଉପରେ ଯଦି ବିଶ୍ୱାସ ନରହିଲା,
ଉ କଣ ରହିଲା ! ମୋର କିନ୍ତୁ ଧର୍ମ ଉପରେ ଭକ୍ତି ଅଚଳ । ଏଇ ଧର୍ମ
ଧ୍ୟରେ ମୋର ପ୍ରକାଶ, ତାରି ମଧ୍ୟରେ ବିକାଶ । ଭଗବାନଙ୍କ ପାଖରେ
ମାର ପ୍ରାର୍ଥନା, ଏଇ ଭକ୍ତି ମନୋଭାବ ଯେପରି ମୋର ଜୀବନର ଶେଷ
ନଟି ଯାକେ ରୁହେ ।

ଉପରୋକ୍ତ ଦାର୍ଶନିକ ଆଲୋଚନାରେ କାଟେଲିଁଆଙ୍କ କୌଣସି ପ୍ରକାର
ହ ନାହିଁ । ପାଉଁରୁଟିକୁ ଟିକି ଟିକି କରୁ କରୁ ଉଦାସ କଣ୍ଠରେ ସେ କହିଲେ,
, ତା ଠିକ୍ । ତାପରେ ଅନ୍ୟ ପ୍ରସଙ୍ଗ ଉଠେଇ କହିଲେ—ମଁସିଏ ମାଜ
ରକ ମଧ୍ୟ ଆମ ଉପରେ ଖୁବ୍ ରାଗିଛି ।

ହେଲେ କଣ ହେବ ? ପରିଶ୍ରମର ପୁରସ୍କାର ସମସ୍ତେ ପାଇବେ ।

ତ ପରେ ସେମାନେ ଅଫିସ ସମ୍ବନ୍ଧୀୟ କଥାବାର୍ତ୍ତା ହେଲେ । ଏ ନେଇ ପ୍ରତ୍ୟେକଙ୍କର କୌତୁହଳ ସମାନ । କାଗଜ଼ିଆ ପାଖରୁ ଅଫିସର ସମସ୍ତଙ୍କ କଥା ଶୁଣି ଶୁଣି ମହିଳାମାନେ ମଧ୍ୟ ସମସ୍ତଙ୍କ ସହିତ ଅ ଳ୍ପ ବହୁତେ ପରିଚିତ । ଏଣୁ ତାଙ୍କର ଆଗ୍ରହ ମଧ୍ୟ କମ୍ ନୁହେଁ ।

ବେ ସ୍ୱାସେ ହିଁ ସାରସ୍ୱେତଙ୍କୁ ବେଶୀ ଭଲ ଲାଗେ । କଳ୍ପନା ବିଳାସୀ ମନ ବୋସ୍ୱାସେର । ତାର ଦୁଃସାହସିକ ଅଭିଯାନମୂଳକ କାହାଣୀ ପ୍ରତି ସ ରସ୍ୱେତର ଖୁବ୍ ଆଗ୍ରହ । କୋସ୍ର ପସନ୍ଦ କିନ୍ତୁ ସୁଦର୍ଶନ ମଳ । ଏ ସବୁ ଧାରଣା କେବଳ ଶୁଣାଶୁଣିରେ ଯାହା ସୃଷ୍ଟି ହୋଇଛି । କେହି କେବେ ଅଫିସର କାହାରିକୁ ହେଲେ ଦେଖି ନାହାନ୍ତି ।

ଲେଜାବ୍ଲ ଭ୍ରୁକୁଞ୍ଚନ କରି ଅଫିସରୀ କାଇଦାରେ ସହକର୍ମୀମାନଙ୍କ ସମ୍ବନ୍ଧରେ ମତାମତ ଦେଉଥାନ୍ତି । ମହିଳା ଦୁଇଜଣ ମନଯୋଗ ସହକାରେ ଶୁଣୁଥାନ୍ତି । ସେ କହିଲେ —ମାଜ୍ଞ ବେଶ ଦକ୍ଷ ଲୋକ । କିନ୍ତୁ ଜୀବନରେ ଉନ୍ନତି କରିବା ପାଇଁ ଯେଉଁ ସାଧନାର ପ୍ରୟୋଜନ ବା ଯେଉଁ ତିକି କର୍ମନିଷ୍ଠା ଥିବା ଉଚିତ, ତା ତାର ନାହିଁ । ଅବଶ୍ୟ ହୋକାହାର କେତେକ ମହଲରେ ପ୍ରବେଶ ଅଛି—ଲୋକଙ୍କ ସହିତ ମିଳାମିଶା କରେ । ବେଶ୍ ମେଳାପୀ ପିଲାଟି । ସବୁବେଳେ ଗୋଟାଏ ହଇଚଇ କରିବା ଢଙ୍ଗ—ମୁଣ୍ଡ ଠିକ୍ ନଥାଏ । କୌଣସିମତେ ସେ ବେଶିଦୂର ଆଗେଇ ପାରିବ ନାହିଁ । ନିଜର ସମ୍ବଳ ଅଛି—ସେଇ ବଳରେ ଖୁବ୍ ହେଲେ ବଡ଼ବାବୁ ପର୍ଯ୍ୟନ୍ତ ଉଠିପାରେ—ତା ଆଗକୁ ନୁହେଁ । ସିଟେଡାଲେ ଲୋକଟି ମୋଟ ଉପରେ ମନ୍ଦ ନୁହେଁ । ଲେଖା ଲେଖି ଭଲ କରେ—ଏକଥା ଅସ୍ୱୀକାର କରାଯାଇ ପାରିବନି । ଲେଖାର ଶୈଳୀଟି ମଧ୍ୟ ଭଲ । ତେବେ ଖୁବ୍ ହାଲୁକା । ଗମ୍ଭୀରତା ସେଥିରେ ନାହିଁ । ଉପରେ ଯାହା ଦେଖୁଛ ସେଇଆ—ଭିତରଟା ଫମ୍ପା । କୌଣସି ବିଭାଗର ଦାୟିତ୍ୱ ତୁଲାଇବାକୁ ସେ ଅସମର୍ଥ । କିନ୍ତୁ ଅଫିସର ଯଦି ଦକ୍ଷ ହୋଇଥିବେ, ତାକୁ ଠିକମତ କାମ ବୁଝାଇ ଦେଇ ପାରିଲେ ତାଠାରୁ ଯଥେଷ୍ଟ କାମ ଆଦାୟ କରିହେବ । ଲୋକଟା ଯେ କାମିକା—ଏ ନେଇ କୌଣସି ସନ୍ଦେହ ନାହିଁ ।

ସାଉଣ୍ଡେଡ ପଗୁରିଲେ—ଅଉ ମଁ ସିଏ ବୋଧୁସେ ?

କାନ୍ଧଟାକୁ ଟିକିଏ ନଚେଇ ଦେଇ ଲେଙ୍କାଙ୍କୁ ଉତ୍ତର ଦେଲେ—
ଚର୍ ! କୌଣସି ମାନ୍ୟଜ୍ଞାନ ତାର ନାହିଁ । ରଙ୍ଗିନ୍ ଚଷମା ପିନ୍ଧି ସବୁ
ନିଷ ଦେଖିବା ତାର ଅଭ୍ୟାସ । ତା'ର ଗଞ୍ଜୁଣ୍ଡୁ ଗପ ଶୁଣିଲେ ନିଦ ମାଡ଼େ ।
ଫିସ୍ ଭିତରେ କାମିକା ଦୃଷ୍ଟିରୁ ସମସ୍ତଙ୍କ ଅପେକ୍ଷା ହୀନ ସେ ।

କାଗଲିଁ ହସିହସି କହିଲେ—ସମସ୍ତଙ୍କ ଅପେକ୍ଷା ଭଲ ହେଉଛନ୍ତି
ସିଏ ସାଭେଁ ! ଏଥିରେ ସମସ୍ତେ ହସି ଉଠିଲେ ।

ଏହାପରେ ରଙ୍ଗମଞ୍ଚ ପ୍ରସଙ୍ଗ ଉଠିଲା । ମୁରବୀ ଭଳି ବିଭିନ୍ନ ନାଟକର
ଆଲୋଚନା କଲେ ଲେଙ୍କାଙ୍କୁ । ବର୍ଷସାରା ଅଭିନୀତ ନାଟକଗୁଡ଼ିକୁ ଭିନ୍ନ
ଭିନ୍ନ ଶ୍ରେଣୀଭୁକ୍ତ କରି ସେ ସବୁର ଦୋଷାଦୋଷ ବିଶ୍ଳେଷଣ କରି ଖୁବ୍
ଦୃଢ଼ତା ସହିତ ନିଜ ମତ ବ୍ୟକ୍ତ କଲେ ସେ ।

ଖିଆ ପିଆ ଶେଷ ହେବା ଉପରେ । ଏତିକିବେଳେ ପରିବେଷକ
ଆଇସ୍ କ୍ରୀମ ସହ ପ୍ରବେଶ କଲା । ଆଇସ୍କ୍ରିମର ଅବସ୍ଥା ଦେଖି କାଗଲିଁ
ବିରକ୍ତ ଦୃଷ୍ଟିରେ ଗୁହିଁଲେ । ଖଣ୍ଡା ନା ଝୋଳ ବୁଝିବାର ଉପାୟ ନାହିଁ ।
ଠ ଉପରେ ପାଣି ଝରି ଗୁଡ଼ାଏ କାଣ୍ଡ ହେଉଛି । କାଗଲିଁ ରାଗି ଲାଲ
ଗଲେ । ଆଇସ୍କ୍ରୀମ ଗୁଡ଼ାକୁ ଫେରାଇ ଦେବାକୁ କହିଲେ । ସାଙ୍ଗେ
ଙ୍ଗ ରାଗଟା ଥମିଗଲା ହଠାତ୍ କେକ୍ କଥା ମନେ ପଡ଼ିବାରୁ । କେକ୍
ଦେବାବେଳେ ତାଙ୍କୁ ଯିଏ ଦେଖିବ ଭାବିବ ଯେପରି ତା'ଭିତରେ କିଛି
ସ୍ୟ ଅଛି । ସମସ୍ତଙ୍କ ଦୃଷ୍ଟି କେକ୍ ଉପରେ ରହିଲାଣି । କାଟି ସାରି ଆଖିବୁଜି
ଜି ଖଣ୍ଡେ ନେଲେ, ତା'ପରେ ପ୍ଲେଟଟିକୁ ଆଉ ଜଣକୁ ବଢ଼େଇ ଦେଲେ
ସେ ମଧ୍ୟ ଆଖି ବୁଜି ଖଣ୍ଡେ ନେଇ ଅନ୍ୟକୁ ବଢ଼େଇ ଦେଲେ ।

କେକ୍ର ମଞ୍ଜିଟା କିଏ ନେବ ? କହୁ ନବୋଧ ଭଳି ହସିବାକୁ
ଲେ କାଗଲିଁ । ତା'ପରେ କହିଲେ—ଲେଙ୍କାଙ୍କ ଲ, ମହିଳାଙ୍କ ଭିତରୁ
ାକୁ ଲକ୍ଷା ତମେ ଏଇଟିକୁ ନିଜ ହାତରେ ଦିଅ ।
ଲେଙ୍କାଙ୍କୁ ଅବାକ୍ ହୋଇ କହିଲେ—ଅଚ୍ଛା !

ଟିକିଏ ଇତସ୍ତତଃ ହେଲେ ଲେଜାର୍ଣ୍ଣ । ଅଚ୍ଛା ମୁସ୍କିଲ କଥା ତ ! ଝିଏ ପୁଣି ଗୋଟାଏ ଝିଣ୍ଟାଠ । ସାରଲ୍ଲେଟଙ୍କୁ ଦେଲେ ମନ୍ଦ କ'ଣ ? ବୁଢ଼ୀ ଖୁସି ହୁଅନ୍ତା, କିନ୍ତୁ ଜୋଆ ? ସେ ମନେ ମନେ ଖୁବ୍ ଆଘାତ ପାଇବ । ତାରି ପାଇଁ ସେ ନିମନ୍ତ୍ରିତ ହୋଇ ଆସିଛି । ନା, ତାକୁ ବାଦ ଦେଲେ ଚଳିବନି । ଖୁବ୍ ଭାବି ଚିନ୍ତି ଶେଷରେ ଲେଜାର୍ଣ୍ଣ ତା'ର ପାର୍ଶ୍ୱବର୍ତ୍ତିନୀ ଯୁବତୀଟି ଉଦ୍ଦେଶ୍ୟରେ ଝୁଲିପଡ଼ି ଅତ୍ୟନ୍ତ ବିନମ୍ର ସହକାରେ କହିଲେ— ମାଦମୋଆଜେଲ୍, ଏତିକ ମୋଠୁ ଗ୍ରହଣ କଲେ ମୁଁ ଖୁବ୍ ପ୍ରୀତ ହେବି ।

ଧନ୍ୟବାଦ ମଁସିଏ !

ଏତେବେଳକେ ଚାରି ଚକ୍ଷୁର ମିଳନ ହେଲା । ଦୁହେଁ ଦୁହିଁଙ୍କ ଆଡ଼କୁ ବିସ୍ମୟାଭିଭୂତ ହୋଇ ଅନାଇ ଥା'ନ୍ତି । ଲେଜାର୍ଣ୍ଣ ଭାବୁଥାନ୍ତି, ଝିଅଟି ସତରେ ଖୁବ୍ ରୂପସୀ । ଆହା, ଆଖି ଦି'ଟି କି ସୁନ୍ଦର । ଆକାଶ ପରି କି ଉଦାର ! ଆଉ ଯୌବନ କି ଢଳଢଳ !

ହଠାତ୍ କଣ ଗୋଟାଏ ଶବ୍ଦରେ ସମସ୍ତେ ଚମକି ପଡ଼ିଲେ । କାଗଲିଁଆ ସାମ୍ପେନ ବୋତଲର ଟିପିଟା ଖୋଲି ଦେଇଛନ୍ତି । ତାରି ଶବ୍ଦ ହୋଇଛି । ଭୁରୁଭୁରୁ ହୋଇ ସାମ୍ପେନ୍ ବୋହି ଯାଉଛି । ଟେବୁଲ କ୍ଲଥଟା ଓଦା ହୋଇ ଗଲାଣି । ଗୋଟାଏ ଗ୍ଲାସରେ ସାମ୍ପେନ୍ ଢାଳି ନେଇ କାଗଲିଁଆ କହିଲେ, ଦେଖୁଛତ, ଏଇଟା ଭଲ ଜିନିଷ । ଲେଜାର୍ଣ୍ଣ ଗିଲାସଟା ଉଠେଇ ନେଇ ପିଇବାକୁ ଉଦ୍ୟତ ହେଉଛନ୍ତି, ଏତିକିବେଳେ କାଗଲିଁଆ କହିବାକୁ ଲାଗିଲେ—ରାଜା ସାହେବ ପିଉଛନ୍ତି । ରାଜା ସାହେବ ପିଉଛନ୍ତି । ସାରଲ୍ଲେଟ ମଧ୍ୟ ଉଚ୍ଛ୍ୱସିତ ହୋଇ ଭାଇ ଗଳାରେ ଗଳା ମିଶେଇ କହିଲେ, ରାଜାସାହେବ୍ ପିଉଛନ୍ତି, ରାଜାସାହେବ ପିଉଛନ୍ତି ।

ଲେଜାର୍ଣ୍ଣ ଏକା ନିଶ୍ୱାସକେ ପିଇ ଦେଇ ଗ୍ଲାସଟାକୁ ଟେବୁଲ ଉପରେ ରଖୁ ରଖୁ କହିଲେ, ମାଦମୋଆଜେଲ, ଏଥର କି ଆପଣଙ୍କ ପାଳି ।

ଜୋଆ ମୁହଁ ପାଖକୁ ଗ୍ଲାସଟା ନେବା ମାତ୍ରେ ସମସ୍ତେ ସମସ୍ୱରରେ ଚିତ୍କାର କରି ଉଠିଲେ, ରାଣୀ ସାହେବାଣୀ ପିଉଛନ୍ତି, ରାଣୀ ସାହେବାଣୀ ପିଉଛନ୍ତି । ଲାଜରେ ଗାଲ ଦି'ଟା ଲାଲ ପଡ଼ିଗଲା ଜୋଆର ।

ଏଭଳିତି ହୋଇ ଖାଇବା ସମୟଟା ଆନନ୍ଦରେ କଟିଗଲା । ସ୍ୱଳାରାଣୀ ଅଧିକ ମନଯୋଗ ଦେଇ, କଥାବାର୍ତ୍ତା ହାବଭାବ ଇତ୍ୟାଦିରେ ତାଙ୍କ ମନର ବ୍ୟକ୍ତ ହୋଇଗଲା ସମସ୍ତଙ୍କ ପାଖରେ ।

ଏଥରକ ଗୁଲ ଛାତ ଉପରକୁ ଯିବା । କାଗଲିଁଆ ପ୍ରସ୍ତାବ ଦେଲେ ।

ଛାତକୁ ଯାଇଁ ଲାଭ କ'ଣ ? ବାହାରେ ବୋଧହୁଏ ବର୍ଷା ପଡ଼ୁଛି ।

ନା, ନା ଅନେକ ବେଳୁ ବର୍ଷା ବନ୍ଦ ହେଲାଣି । ଆମ ଛାତରୁ ସାର ...ଟା ଦେଖାଯାଏ, ଦେଖିବ ଗୁଲ ।

ଏ ଅନ୍ଧାରରେ କ'ଣ ଦେଖାଯିବ ?

ଆରେ ଚାଲନା !

ସମସ୍ତେ ଛାତ ଉପରକୁ ଉଠି ଆସିଲେ । ନିଶ୍ଛିଦ୍ର ଅନ୍ଧକାର । କିଛି ...ା ଯାଉନି । ଗୋଟାଏ ଅସ୍ପଷ୍ଟ ଆଲୋକ ରେଖା ସହର ଉପର ଦେଇ ...ଯାଉଛି । ଠାଏ ଠାଏ ଏଇ ଆଲୁଅ ବେଶ ଉଜ୍ଜ୍ୱଳ ହେଉଛି ।

ଏଇ ଦେଖ, ସେଠାରେ ଯାହା ଚକ୍‌ଚକ୍ ମାରୁଛି ସେଇଟା ଲଣ୍ଡନ, ସେଇଟା ବୁଲଭାର୍ଡର ସୀମା ରେଖା । ପରିଷ୍କାର ଦେଖା ଯାଉନି । ...କଥାତ ଅଲଗା । ସୂର୍ଯ୍ୟଟା ଦେଖଯାଏ ଠିକ୍ ଛବି ପରି । ଯୋଉଠିକି ଯାଅ, ପାରି ପରି ସୁନ୍ଦର ସହର କୋଉଠି ହେଲେ ଦେଖିବନି ।

ଛାତର ବେଢ଼ା ଉପରେ କହୁଣୀ ଭରା ଦେଇ ଲେଜାଙ୍କୁ ଠିଆ ଛନ୍ତି । ପାଖରେ କୋବା, ମହାଶୂନ୍ୟରେ ତାର ଦୃଷ୍ଟି ମିଶି ଯାଇଛି । ଦୀପ ଶିଖା ଭଳି ଦେହର ଶିରା ପ୍ରଶିରା ତାର ନିଥର, ନିଷ୍କମ୍ପ । ଆତ୍ମା ... ତାର ଦେହରୁ ଅପସରି ଯାଇ ବହୁ ଦୂରବର୍ତ୍ତୀ କଳ୍ପ-ଲୋକରେ ... କରୁଛି ।

ଅଣ୍ଡ୍ରା ଲୁଚିବା ଆଶଙ୍କାରେ ପୂର୍ବରୁ ସାରଲୋଟ ଘର ଭିତରକୁ ଗୁଲ... । ଏକୁଟିଆ କାଗଲିଁଆ ଗପି ଗୁଲଛନ୍ତି—ହେଇ ଦେଖ, ଆର୍କ ଡ...—ପାର୍କର ସମସ୍ତ ଉଲ୍ଲେଖଯୋଗ୍ୟ ଓ ଦର୍ଶନୀୟ ପଦାର୍ଥହିଁ ସେହିଠାରେ ... ଅନ୍ଧାରରେ ଅବଶ୍ୟ ଭଲ ଦିଶୁନି । ସୂର୍ଯ୍ୟ କିରଣ ପଡ଼ିଲେ ପାରିର ଗୁଣ ବଢ଼ିଯାଏ । ନିଜେ ନଦେଖିଲେ ତୁମେ ବିଶ୍ୱାସ କରିବନି

ଲେଜାଙ୍କ ପରେ କୋରାକୁ ଡାକଲେ—ମାଦମୋୟାଜେଲ କୋ

ସ୍ୱପ୍ନର ନିଶା ତୁଟିଗଲା । ସୁଦୂର ଅସୀମ ଗଗନ ବିହାରିଣୀ ପ
ଫେରି ଆସିଲା ମାଟିକୁ ।

କଣ କହୁଛନ୍ତି ମଁସିଏ !

ଅପଣ କଣ ଏଇ ଚାନ୍ଦଣୀ ରାତିରେ ଏଇଠି ଛିଡ଼ା ହେ
ଜୋଛନାଧୂଆ ପାରୀ ଆଡ଼କୁ ଏମିତି ମୁଗ୍ଧ ଦୃଷ୍ଟିରେ ଅନେଇବାକୁ
ପାଆନ୍ତି ?

ହଁ ମଁସିଏ ! ସନ୍ଧ୍ୟା ହେଲେ ମୋ ମନ ଆଉ ଘରେ ରୁହେନା
ଅନନ୍ତ ନୀଳ ଆକାଶ ମତେ ହାତ ଠାରି ଡାକେ—ମୁଁ ଚାଲି ଆସେ ଏଠା
ଏଇ ନୀଳିମା ମଧ୍ୟରେ ମୁଁ ବୁଡ଼ିଯାଏ । ତାର ଅବ୍ୟକ୍ତ ସଙ୍ଗୀତ ମୋ ପ୍ରା
ଦୋଳାୟିତ କରେ । ମନେହୁଏ, ଯେପରି ମୋ ଆଖି ଆଗରେ
କଣ ଘଟି ଯାଉଛି । ହଜାର ହଜାର କୋଠା, ସଂଖ୍ୟାହୀନ ମଣିଷ,
କେତେ ଜଣ ବା ସୁଖୀ ! କାହିଁକି ଏପରି ହୁଏ ! ଯଦି ଘରେ ଘରେ
ମୁଁ ଦେଖି ପାରୁଥାନ୍ତି, ତା ହେଲେ କେତେ କଣ ଜାଣି ପାରୁଥାନ୍ତି, ଶିଖି
ପାରୁଥାନ୍ତି ଅନେକ କଥା ।

ଲେଜାଙ୍କ କୋରାର ଆହୁରି ନିକଟକୁ ଅସି ଛିଡ଼ା ହୋଇଛନ୍ତି ।
କାନ୍ଧ ଆସି ଲାଗିଛି କୋରାର କାନ୍ଧରେ । ବାହୁ ଦୁଇଟି ମିଳନ ଆନନ୍ଦ
ଉନ୍ମୁଖ । କହିଲେ, ଚାନ୍ଦଣୀ ରାତିରେ ରହସ୍ୟମୟୀ ପାରୀର ମୋହିନୀ
ଅତୀବ ସୁନ୍ଦର ! ନା ମାଦମୋୟାଜେଲ ?

ଆଉ କହିବାକୁ ଅଛି ! ଆଖିରେ ନ ଦେଖିଲେ କିଛି ବୁଝି ପାରିବେ
ମନେହୁଏ, ଯେପରି ଜଣେ ମହାନ ଶିଳ୍ପୀ ତରଳ ସୁନାରେ ଏଇ
ଦେଶକୁ ସୃଷ୍ଟି କରି ଯାଇଛନ୍ତି । ଜୋଛନା ରାତିରେ ଏଠି ବୁଲି ବୁଲି ଆ
ସମାଜ, ସଂସାର, ଏପରିକି ନିଜକୁ ମଧ୍ୟ ଭୁଲିଯିବେ ।

ଲେଜାଙ୍କ ଆସ୍ତେ ଆସ୍ତେ କେତେ କଥା ପଚାରି ବସିଲେ । କୋରା
ଖାଇବାକୁ ଭଲ ପାଏ, କେଉଁ ରଙ୍ଗଟା ତା'ର ପସନ୍ଦ, କବିତା ଭଲ
କି ନା ! କାହା କବିତା ଭଲ ଲାଗେ ? କ'ଣ ତା'ର ଆଶା ଆକାଂକ୍ଷା,

...ରେ ତା'ର ମତାମତ କଣ—ଆଉ କେତେ କଥା । ନିଃସଙ୍କୋଚରେ
...ାର ସବୁକଥାର ଉତ୍ତର ଦେଲା । କଥାବାର୍ତ୍ତାରୁ ଲେଖକଙ୍କ ବୁଝିବାକୁ ବାକି
...ଲା ନାହିଁ ଯେ ଚପଳା ତରୁଣୀଟି ଭିତରେ ପ୍ରଣୟମୟୀ ନାରୀ ମୂର୍ତ୍ତିଟିଏ
...ଗୋପନ କରୁଛି । ସାମନା କୋଠରୁ କ୍ଷୀଣ ଆଲୋକ ରେଖାଟିଏ ଆସି
...ାର ଯୌବନୋଜ୍ଜ୍ୱଳ ଗାଲ ଉପରେ ପଡୁଛି ! ଲେଖକଙ୍କ ନିଶାରେ
...ଭୋର । ରୂପ-ତୃଷ୍ଣାରେ ପ୍ରାଣଟା ଶୁଖି ଯାଉଛି । ବାହୁ ବନ୍ଧନରେ
...ନସୀକୁ ଆଲିଙ୍ଗନ କରିବା ପାଇଁ ହାତ ଦୁଇଟି ଅଧୀର । ଘରକୁ
...ରିବା କଥା ମଧ୍ୟ ମନେ ପଡୁନି ତାଙ୍କର । ଘଣ୍ଟାପରେ ଘଣ୍ଟା, ଦିନ ପରେ
..., ହୁଏତ ଅନନ୍ତ କାଳଧରି ରେବା ପାଖରେ ସେ ଏମିତି ଠିଆ ରହି
...ବ । ଆଗରେ ପାରି, ଗର୍ବିର ରହସ୍ୟମୟୀ ବାଳ-ସଖୀ ପାରି । ମନେହୁଏ
... ସେ ଯେପରି ସମସ୍ତଙ୍କ ଉପରେ ବିଜୟୀ । ବିଶାଳ ଷାର୍ ମଧ୍ୟ ତା'ର
...ାନତ । ନା, ପୁଣି ଆସିବାକୁ ହେବ । ରେବା ପାଖରେ ଠିଆ ହୋଇ
...ନା କରିବ ସ୍ୱର୍ଗ । ଭଲ ପାଇବେ ଦୁହେଁ ଦୁହିଙ୍କୁ ।

ମଣିଷ ଜୀବନରେ ଏମିତି ଅନେକ ସନ୍ଧ୍ୟା ଆସେ, ଯେତେବେଳେ ଅତି
...ରସିକ ମନରେ ମଧ୍ୟ ରଙ୍ଗୀନ୍ ସ୍ୱପ୍ନ ସୃଷ୍ଟି ହୁଏ । ହଠାତ୍ କିଏ ଯେପରି
...ନଙ୍କର ଡେଣା ଲଗେଇ ଦିଏ । ସେମାନେ ଡେଣା ମେଲି ଉଡ଼ିଯାଆନ୍ତି
...ମ ପଥରେ ।

ଲେଖକଙ୍କ ଆଜି ରେବା ବ୍ୟତୀତ ଆଉ କେହି ନାହାନ୍ତି ଚିତ୍ତରେ ।
...ଁ ପାଇପଟା ଘରେ ଛାଡ଼ି ଆସିଥିଲେ, ଆଣିବାକୁ ଯାଇଛନ୍ତି । ପାଇପ
...ଇ ମଜାରେ ଟାଣି ଟାଣି ପୁଣି ଫେରି ଆସିଲେ ସେ ।

ତୁମେତ ଏସବୁର ଧାର ଧାରନା । ସେଥିପାଇଁ ତୁମକୁ ଦେଲିନି । ଏଇ
...ପରେ ବୁଲ୍‌ବୁଲ୍ ପାଇପ ପିଇବା ଆନନ୍ଦ ଅପେକ୍ଷା ଆରାମ ଆଉ ନାହିଁ ।
ରହୁଥିଲେ, ଏ ବୁଢ଼ାର ହାଡ଼ କେଇ ଖଣ୍ଡ କୋଉଦିନୁ ଜାବରଡ଼ିଲେ
...ର ମିଶନ୍ତାଣି ! ଏ କୋଠାର ଛାଁପଖ ସେ କୋଠାଟା, ଆଉ ତା'ହାଣ
...ଯେଉଁ କୋଠାଟା ଦିଶୁଛି, ସେ ସବୁଯାକ ଅପାର । ମରିଲ
ହେଇ ମେ ପଟେ କ'ଣ ଏ ଧରଣର ଘରେ ରହିବା ସମ୍ଭବ ! ଦାରମା

ଯା ପାଏ ତା'ର ଜାଣ । ଏସବୁ କୋଠାରୁ ଅଧାର ଆସୁ ମନ୍ଦ ଲୁଚେ
ପ୍ରଥମେ କଲୁ ତାକୁ ବେଶି ଠଙ୍କା ଖରଚ କରିବାକୁ ପଡ଼ନ । ତା'ପରେ ଏ
ଆଡ଼କୁ ବୁଲି ପଡ଼ି ପଚାରିଲେ, ଅପା, କେତେ ଠଙ୍କାରେ ଏ ଜାଗା
କଣି ଥିଲ ହି ?

ଘର ଭିତରୁ ଟାଯ୍ଣ ମାଇପି କଣ୍ଠ ସ୍ୱର ଶୁଭିଲା । ସବୁ କଥା ଲେଜ
ଶୁଣି ପାରିଲେନ । ଓଅାଁ ଓଅାଁ ଭସାଣିଆ କେତେଟା ଶବ୍ଦ ମାତ୍ର ତ
କାନରେ ବାଜୁଥାଏ ।

ଯୁଦ୍ଧ ଫେରନ୍ତା ସୈନ୍ୟ ଆତ୍ମପ୍ରସାଦ ସହକାରେ ତାର ବ୍ୟକ୍ତି
ଜୀବନର ନାନା ଅଭିଜ୍ଞତା, ସୁଖ ଦୁଃଖ ମିଶା ବିଚିତ୍ର କାହାଣୀ ଶୁଣେଇଲା
ମାଦମୋୟାଜେଲ ସାରଲ୍ଲେଟ ବର୍ଣ୍ଣନା କରି ଗଲେ ତାଙ୍କ ଭାଗ୍ୟର
ଦୁଃଖ କାହାଣୀ । ଲେଜାଲ୍ଙ୍କର ଆଗ୍ରହ ଯେପରି ଶତେ ଗୁଣ ବଢ଼ି ଯାଇ
ରେଲିଂ ଉପରେ ପିଠିରେ ଆଉଜି ଘର ଆଡ଼େ ମୁହଁ କରିଥାନ୍ତି ସେ । ବାହା
ସବୁ କଥା ଶୁଣା ଯାଉନ । ଘର ଭିତରକୁ ଯାଇଁ ସାରଲ୍ଲେଟ ପାଖରେ
ପଡ଼ିଲେ । କଣ କଲେ ଆୟର ମାତ୍ରା ବଢ଼ିବ, ଠଙ୍କା ଖଟେଇବାର ନିଶ
ଉପାୟ କଣ, ଭଡ଼ା ବଢ଼େଇବା ଉଚିତ କି ନା ଆଦି କେତେ କଥା ହେ
ଦୁହେଁ ।

ରାତି ଖୁବ୍ ହେଲାଣି । ଲେଜାଲ୍ ବିଦାୟ ନେଲେ ବେଳେ କାଗ
କହିଲେ, ଆଉ ଥରେ କେବେ ଆସ !

ନିଶ୍ଚୟ ଆସିବ ।

ଜୋର୍ ଆଗେଇ ଆସି ହାତଟି ବଢ଼େଇ ଦେଲା । ତା' ହାତଟିକୁ ନ
ହାତରେ ଧରି ମୁହୂର୍ତ୍ତେକାଳ ଠିଆ ହୋଇ ରହିଲେ ଲେଜାଲ୍ । ଜୋ
ଆଖି ଦୁଇଟି ଅଶ୍ରୁସିକ୍ତ । ଉତ୍ତେଜନାରେ ଓଠ ଦିଓଟି ଥରୁଥିଲା । ବ
କମ୍ପନ ତରଙ୍ଗରେ ନାରୀର ସମସ୍ତ ସଙ୍କୋଚ, ଲଜ୍ଜା ଭାଙ୍ଗି ଚୁରମାର ହେ
ଯାଇଛି ।

ପୁଣି ଆସିବ ନା ବନ୍ଧୁ !

ନଙ୍ଗର ଉପୁଡ଼ି ପଡ଼ିଲା । ବନ୍ୟା ସ୍ରୋତରେ ଦୁଇ କୂଳ ଭାସିଗଲା
ଲେଜାଲ୍ ଦେଖିଲେ ଆଖ ପାଖରେ କେହି ନାହିଁ । କାଗଳ୍ୟା ଅନ୍ଧ

ହଉଛନ୍ତି । କେଉଁଠି କୁଇ ଡାକି କହୁଛନ୍ତି ଡାକୁଛନ୍ତି ଆସନ୍ତୁ ତାଙ୍କୁ ସ୍ୱର
ଉପରକୁ ଟାଣି ଆଣିଲେ ଲେଜାଙ୍କୁ । ହୁଦହୁଦର ପ୍ରଶସ୍ତ ତଳୀରେ ଧ୍ୱନିତ ହେଉଛି—
ଆସିବ, ଆସିବ, ପୁଣି ଆସିବ ।

ମାସକ ପରେ କୋରା ଆଉ ଲେଜାଙ୍କର ବିବାହ ପ୍ରସଙ୍ଗ ଛଡ଼ା ଅପର୍ଣ୍ଣଙ୍କ
ଆଉ କୌଣସି ପ୍ରସଙ୍ଗ ନଥାଏ । ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା ।

ଯେଉଁ କୋଠାରେ କାଶଲ୍ୟା ରୁହନ୍ତି, ସେଇ କୋଠାର ଅନ୍ୟ ଏକ
ଭାଗରେ ଆସି ରହିଲେ ନବ ଦମ୍ପତି ।

ଲେଜାଙ୍କ ମନରେ କିନ୍ତୁ ଶାନ୍ତି ନାହିଁ । ସାରଟଲ୍ଡ ବୁଢ଼ୀ କୌଣସି
ମତ କୋରା ନାଁରେ ତା ଟଙ୍କା ପଇସା, ସମ୍ପତ୍ତିବାଡ଼ି ଲେଖି ଦେବାକୁ ରାଜି
ହେଲେ । ସେ ବିଷୟ ଉଠେଇଲେ କୁହେ, ତମେମାନେ ଅଯଥା ବ୍ୟସ୍ତ
ହେଉଛ, ମୁଁ ତ ତୁମ୍ଭମାନଙ୍କୁ କହୁଛି ଉଇଲ ମୁଁ ଆଗରୁ କରି ରଖିଛି । ସେ
ଉଇଲଟି ମୋ ଏଟର୍ଣ୍ଣି ମିସିଏ ବେଲ ଅମ୍ଙ୍କ ପାଖରେ ଅଛି ।

ଉଇଲ କରିଛ ସତ, କିନ୍ତୁ ଟଙ୍କା ପଇସା ସବୁ କାହାକୁ ଦେଇ ଦିଇଧି !
ନା, ତମ ଗୋଡ଼ ଧରୁଛି ।

ବୁଢୀ ହସି ଉଠିଲେ । କିଛି କହିଲେ ନାହିଁ । ତାର ଢଙ୍ଗ ଢାଙ୍ଗ
ଦେଖି ଲେଜାଙ୍କ ମନେ ମନେ ଜଳି ଯାଉଥାନ୍ତି ।

ଆପଣଙ୍କ ଝିଆରୀ ଯେତେବେଳେ ଏତେ ଅନୁନୟ ବିନୟ ହେଉଛି,
ଦିଅନ୍ତୁ ନା ଦିଇସି !

ଓଃ ଦେଖୁଛି ତମେମାନେ ମତେ ପାଗଳ ନକରି ଛାଡ଼ିବନି । ମୋ'ର
ଯାହା ଅଛି, ସବୁ ଯେ ତମରିମାନଙ୍କ ପାଇଁ, ଏଥିରେ ସନ୍ଦେହ କରିବାର
କିଛି ? ହଁ, ଅବଶ୍ୟ ଗୋଟାଏ ସର୍ତ୍ତ ଅଛି ।

ସତ୍ତି ! ସେ ପୁଣି କଣ ?

ବୁଢ଼ୀ ଫିକ୍ କରି ହସି ଦେଲେ । ବେଶ୍ ରହସ୍ୟମୟ ଆଉ ଅର୍ଥ-ପୂର୍ଣ୍ଣ ସେ ହସ ।

ଏମିତି ହସୁଛ କାହିଁକି ? କହନ୍ତ ନା ସତ୍ତି ! ଆମେ ତମର ସତ୍ତି ପୂରଣ କରିବାକୁ ରାଜି ।

ନାଁ, ଏମିତି କିଛି କଷ୍ଟ କାମ ନୁହେଁ । ତମେମାନେ କିଛି ଭାବନା । ଭଗବାନଙ୍କ ଦୟାହେଲେ ସବୁ ଠିକ୍ ହୋଇଯିବ ।

ବେଶ୍ ସୁଖରେ ଲେଙ୍କାବୁଙ୍କ ଦିନ ଅତିବାହିତ ହେଉଛି । ତେବେବି ମନରେ କେତେ ସଂଶୟ । ଶେଷ କାଳରେ ବୁଢ଼ୀ ଯେ ବୁଡ଼େଇ ନ ଦେବ କିଏ କହିବ ! କୋରାକୁ ଅବଶ୍ୟ ସେ ଖୁବ୍ ଭଲପାଏ । ସବୁଦିଗରୁ କୋରା ତା' ମନକୁ ପାଇଛି । ଏମିତି ଭାବେ ଦିନଗୁଡ଼ିକ ଗଡ଼ି ଚାଲିଲା । ବିବାହିତ ଜୀବନର ନୂଆ ଅବସ୍ଥା ସହିତ ଲେଙ୍କାବୁ ନିଜକୁ ଖାପ ଖୁଆଇ ନେଇଛନ୍ତି । ଏଣେ ଅଫିସରେ ମଧ୍ୟ ସେ ଆଗକାର ସେଇ ପରିଶ୍ରମୀ ସୁଦକ୍ଷ କିରାଣୀ । କୌଣସି ଆଡ଼େ ଟିକିଏ ହେଲେ ବିଶୃଙ୍ଖଳା ନାହିଁ । ସବୁକଥା ସେ ତଳେଇ ନେଇଛନ୍ତି ।

ଦେଖୁ ଦେଖୁ ବର୍ଷ ଟିଏ ହୋଇଗଲା । ନୂଆ ବର୍ଷର ପହିଲା । ଆଶ୍ଚର୍ଯ୍ୟ କଥା, ଏ ଥରକ ଲେଙ୍କାବୁଙ୍କର କୌଣସି ଉନ୍ନତି ହୋଇନି । ଏଥରକ କେବଳ ମାତ୍ର ଆଉ ପିଟେତାଲେଙ୍କ ଏକ ଗ୍ରେଡ୍ ଉନ୍ନତି ହୋଇଛି । ମନେ ମନେ ଲେଙ୍କାବୁ ଖୁବ୍ ଆଘାତ ପାଇଲେ । ପରିଶ୍ରମର ମୂଲ୍ୟ ବା ମର୍ଯ୍ୟାଦା କୌଣସିଟା ସେ ପାଇ ପାରିଲେନି । କୋୟାଟେ ରାଗରେ ମାରେ କି ନ ମାରେ । ହାତ ମୁଠା ମୁଠା କରି, ଆଖି ଲାଲ ଲାଲ କରି କାଗଳିଆ ପାଖକୁ ଆସି କହିଲେ, ପିଟୋଲେ ଆଉ ମାତ୍ର ଏ ଦୁହିଁଙ୍କୁ ପାନେ ଦେବାକୁ ହେବ । ଦିନେ ହେଲେ କଣ ଆମ ପଡ଼ା ଦେଇ ଯିବେନି ? ସେଦିନ ଆଣ୍ଠୁ ଗଣ୍ଠି ଭାଙ୍ଗି ନଦେଇଛିତ

ମା ନାଁ ଧରିବେ । ତା ଯଦି ନହୁଏ ଅଫିସ୍ ଛାଡିବା ପାଖରେ ସମସ୍ତଙ୍କ
ାଗରେହିଁ ମଜା ଦେଖାଇବ । କିନ୍ତୁ ବାସ୍ତବରେ ସେ କିଛି କରେନା ।

ଏପରି ଅବାଞ୍ଛନୀୟ ଘଟଣା ପରେ ପରେ ଲେଙ୍କାବାବୁ ହତାଶ ହୋଇ
ଲେ । ରାତିରେ ନିଦ ବି ଭଲ ହେଉନି । ମନରେ ଖୁବ୍ ଆକ୍ରୋଶ
ହେଲେ ମଧ୍ୟ କାମଦାମରେ ଟିକିଏ ବିଚ୍ୟୁତ ହେଉନି । ଆଗ ପରି ଖଟୁଛନ୍ତି ।
ମାସ ହେଲା ବଡ଼ବାବୁ ଅଫିସ୍ ଆସୁନାହାନ୍ତି । ଅସୁସ୍ଥ ଅବସ୍ଥାରେ
ାକ୍ତରଖାନାରେ ପଡ଼ିଛନ୍ତି । ଲେଙ୍କାବାବୁ ତାଙ୍କ ଜାଗାରେ କାମ କରୁଛନ୍ତି ।
ମତର ଛଟେଲ ହେଲେ ଛୁଟି ନାହିଁ । ବଡ଼ବାବୁ ନାହାନ୍ତି ବୋଲି କିଛି
ସୁବିଧା ମଧ୍ୟ ହେଉନି । ସବୁ ସେ ସମ୍ଭାଳୁଛନ୍ତି । ସକାଳ ସାଢେ ଆଠଟାରେ
ଫିସ୍ ଆସନ୍ତି । ଫେରନ୍ତି ପ୍ରାୟ ସନ୍ଧ୍ୟା ଛଅଟା ସୁଦ୍ଧା । ଏହା ଅପେକ୍ଷା ଆଉ
ମାନେ କ'ଣ ଆଶା କରିବେ ? ମଣିଷ ପକ୍ଷରେ ଯେତିକି ସମ୍ଭବ ତା'ଠୁଁ
୍ ବେଶି ଖଟନ୍ତି ଲେଙ୍କାବାବୁ । ତେବେ ବି ଯଦି ଉପରବାଲା ତାଙ୍କ ପରିଶ୍ରମର
ଚିତ ମୂଲ୍ୟ ନଦେବେ ତେବେ ସେ ମଧ୍ୟ ଅନ୍ୟ ପାଞ୍ଚଜଣଙ୍କ ପରି ଫାଙ୍କି
ଦେବେ କାହିଁକି ! ଏଣୁ ଯିଏ ଯେପରି କାମ କରିବ, ତା ପାରିଶ୍ରମିକ ମଧ୍ୟ ସେହି
ନୁପାତରେ ହେବା ଉଚିତ । କିନ୍ତୁ ମୁଁ ସିଏ ତରଗବଫ୍ତ ତାଙ୍କୁ ନିଜ ପୁଅ
ଦେଖନ୍ତି । ସେ ମଧ୍ୟ ତା କଥା ପୂରା ପୂରି ଭୁଲିଗଲେ ? ନା, ତା ଅପେକ୍ଷା
ଙ୍ଗ ଦିନେ ତାଙ୍କ ପାଖକୁ ଯାଇଁ ସାମନାସାମନି ପଚାରିବା ଉଚିତ ।

ଦିନେ ଖୁବ୍ ସକାଳ ସକାଳ ଲେଙ୍କାବାବୁ ଅଫିସ୍‌ରେ ପହଞ୍ଚିଲେ ।
ଦେଖିଲେ ବଡ଼ ସାହେବ ଛଡ଼ା ଆଉ କେହି ଆସି ନଥାନ୍ତି । ଧୀରେ
ରେ ବଡ଼ ସାହେବଙ୍କ ଦୁଆରରେ ସେ କରାଘାତ କଲେ । ଭିତରୁ ଗମ୍
୍ କଣ୍ଠ ସ୍ୱର ଶୁଭିଲା—ଆସନ୍ତୁ ।

ମସ୍ତବଡ଼ ଟେବୁଲଟା ଆଗରେ ବଡ଼ ସାହେବ ବସିଛନ୍ତି । ଟେବୁଲଟା
ାରେ ପର୍ବତ ପରି କାଗଜ ଫାଇଲ ଜମା ହୋଇଛି । ଛୋଟ ମଣିଷଟିଏ । ଶୀର୍ଣ୍ଣ
ହ । ମୁଣ୍ଡଟା ଦେହ ତୁଳନାରେ ବଡ଼ ହୋଇ ଥିବାରୁ ମାନୁ ନଥାଏ
ଟେ । ସେ ଲେଖିବାରେ ବ୍ୟସ୍ତ ଥିଲେ । ଆଗରେ ତାଙ୍କର ପ୍ରିୟ କସ୍ମାକ

ଦେଖି ପାରି କଲମ ରଖି କହିଲେ—ଅରେ ଲେଜାବ୍ଲ ଯେ ! କିମିତି ଅଛ ?

ଭଲ ଅଛି ସାର୍, ଆପଣ କେମିତି ଅଛନ୍ତି ?

ବସ ! କୁଆଡ଼େ ଆସିଛ ?

ଅନ୍ୟ କାହା ସହିତ ଏପରି ବ୍ୟକ୍ତିଗତ ଭାବେ ବଡ଼ ସାହେବ ମିଳାମିଶା କରନ୍ତିନି । ତାଙ୍କ ବ୍ୟବହାରରେ କିମିତି ଗୋଟାଏ ବୁଢ଼ିଆ ଭାବ ପ୍ରକାଶ ପାଏ । କିନ୍ତୁ ଲେଜାବ୍ଲଙ୍କୁ ବାସ୍ତବରେ ଖୁବ୍ ଭଲ ପାଆନ୍ତି ସେ ।

ଲେଜାବ୍ଲ ଅସ୍ୱସ୍ତି ଉପଲବ୍ଧି କଲେ । ମୁହଁଟି ଯେପରି ଫିକା ପଡ଼ିଯାଇଛି । ଥଙ୍ଗେଇ ଥଙ୍ଗେଇ କହିଲେ—ସାର୍, ମୁଁ କ'ଣ କିଛି ଅନ୍ୟାୟ କରିଛି ?

ନା, ନା, ହଠାତ୍ ଏପରି କଥା କାହିଁକି କହୁଛ ?

ଦେଖନ୍ତୁ, ଗତଥର ପରି ଏଥରକୁ ମଧ୍ୟ କିଛି ଉନ୍ନତି ହେବ—ଏଇ ଆଶା ପୋଷଣ କରିଥିଲି । କିନ୍ତୁ ଯେତେବେଳେ ମୋ ଭାଗ୍ୟକୁ କିଛି ହେଲାନି—ମୁଁ ଆଶ୍ଚର୍ଯ୍ୟ ହେଉଛି । ସବୁ କଥା ଆପଣଙ୍କୁ ଖୋଲି କହୁଛି । ମୋର ବିଶ୍ୱାସ ନିଜଗୁଣରେ ଆପଣ ମତେ କ୍ଷମା କରିବେ । ଅନେକ ଥର ମୁଁ ଆପଣଙ୍କଠାରୁ ବିଶେଷ ଅନୁଗ୍ରହ ତଥା ଆଶାତୀତ ଉପକାର ପାଇଛି, ଏହା ମୁଁ ଜୀବନରେ ଭୁଲିବିନି । ମୁଁ ଜାଣେ ଦୁଇ ତିନି ବର୍ଷରେ ଥରେ ପଦୋନ୍ନତି ହୁଏ । ପ୍ରତିବର୍ଷ ଗୋଟିଏ ଲୋକର ଉନ୍ନତି ଅବଶ୍ୟ ହୁଏନା—ତା ମଧ୍ୟ ମୁଁ ଜାଣେ । କିନ୍ତୁ ଗୋଟିଏ କଥା କହିବି କିଛି ଭାବିବେନି । ଅଫିସରେ ଯେ କୌଣସି କିରାଣି ଅପେକ୍ଷା ମୁଁ ଚାରିଗୁଣ କାମ ତୁଲାଏ । ଅନ୍ତତଃ ଦି'ଗୁଣ ପରିଶ୍ରମ କରେ । କିନ୍ତୁ ଖାଟେଣି ତୁଳନାରେ ମୁଁ ଯେଉଁ ଦରମା ପାଏ, ତାହା ଖୁବ୍ ସାମାନ୍ୟ ।

ଲେଜାବ୍ଲ ଆଗରୁ ପ୍ରସ୍ତୁତ ହୋଇ ଆସିଥିଲେ । ଯହ ସହକାରେ ହାତ ଯୋଡ଼ି କହିଲେ ବକ୍ତୃତା ମର୍ମସ୍ପର୍ଶୀ ହୁଏ । ବଡ଼ ସାହେବ ଆଶ୍ଚର୍ଯ୍ୟ ହେଲେ । କଣ କହିବେ ପ୍ରଥମେ କିଛି ଭାବି ନପାରି ଲେଜାବ୍ଲଙ୍କ ମୁହଁକୁ କିଛିକ୍ଷଣ ଅନେଇ ରହିଲେ । ତାପରେ କହିଲେ—କୌଣସି କିରାଣି ସହିତ ଏ ଧରଣର ଆଲୋଚନା ଗଳିତ ବିରକ୍ତ ହେଲେ ମଧ୍ୟ ତମର ମୂଲ୍ୟବାନ ସହଯୋଗ

ନ୍ତରଙ୍କ ପରିଶ୍ରମ କଥା ଭାବି ଭିତର ହେଉଛି । ଏଥିରେ ମଧ୍ୟ ତମ ଇଥିଲି । କିନ୍ତୁ ଡିରେକ୍ଟର ସାହେବ ତମ ନାଁ କାଟିଦେଲେ । କାହିଁକି ? କ ଗଲ୍ୟାର ଝିଅକୁ ବିବାହ କରିବା ଫଳରେ ତମେ ତ ଅଗାଧ ତ୍ତିର ଅଧିକାରୀ ହେବ । ସୁତରାଂ ତମର ଚିନ୍ତା କଣ ? ତମର ଗରିବ ର୍ମୀ ବନ୍ଧୁମାନଙ୍କ କଥା ଥରେ ଭାବି ଦେଖିଲ ! ଏତେ ଟଙ୍କାର କଳ୍ପନା ସମାନେ କେବେ କରି ପାରିବେନି । ପ୍ରତ୍ୟେକଙ୍କର ଅବସ୍ଥା ବିବେଚନା ଦରମା ବୃଦ୍ଧି କରିବା, ପଦୋନ୍ନତି କରିବା, ଏସବୁ ଖୁବ୍ ଭଲ କଥା । ନେଇ ଡିରେକ୍ଟର ସାହେବଙ୍କ ସହିତ ମୁଁ ମଧ୍ୟ ଏକମତ । ଆଗ, ତମେ ଏ ପ୍ରକାର ଯୁକ୍ତିକୁ ଅସ୍ୱୀକାର କରିବନି । ତମେ ତ ଧନେ ଖୁବ୍ ଟଲୀକ ହେବ । ତମର ଗରିବ ବନ୍ଧୁମାନଙ୍କ ପକେଟକୁ ସାମାନ୍ୟ ଟି ଟଙ୍କା ପଡ଼ି ଚାଲିଯାଏ— ଏ ନେଇ ତମ ପରି ଲୋକର ଅନ୍ତତଃ କୌଣସି କରିବା ଅସୁନ୍ଦର । ଏହି ଛଡ଼ା ଅନ୍ୟ କୌଣସି କାରଣ ନାହିଁ ।

ଲେଜାରିଲି ବିମୂଢ଼ ହୋଇ ପଡ଼ିଲେ । ମନେ ମନେ ରାଗି ଉଠିଲେ ଡ଼ ସାହେବଙ୍କ ଉପରେ ।

ରାତିରେ ସ୍ୱାମୀ ସ୍ତ୍ରୀ ଏକାଠି ଖାଇ ବସିଛନ୍ତି । ଲେଜାରିଙ୍କ ମନ ପିତା ଯାଇଛି । ସ୍ତ୍ରୀର କଥା ଏଣିକି ଆଉ ଭଲ ଲାଗୁନି । କୋରା ଅବଶ୍ୟ ରି ସେମିତି ହର୍ଷୋତ୍‌ଫୁଲ୍ଲ ରହିଛି । ମିଜାଜଟା ତା'ର ଖୁବ୍ ଭଲ । ର ଏକବାଗିଆ । ଯାହା ଥରେ ଜିଦ୍ ଧରିବ ତାହା ନକଲା ପର୍ଯ୍ୟନ୍ତ ନି । ସ୍ୱୟଂ ଭଗବାନ ଆସିଲେ ମଧ୍ୟ ତାକୁ ଟଳେଇ ପାରିବେନି । ବେଳେ ତାର ରୂପରେ ଯେଉଁ ଆକର୍ଷଣ ଥିଲା, ତାହା ଟିକେ ମଳିନ ଆସିଛି । ଦେଢବର୍ଷ ଆଗରେ କୋରା ବୁଲୁଚାଲୁ କଲେ ଙ୍କ ମନର ବାସନା ଚଞ୍ଚଳ ହୋଇ ଉଠେ । ରକ୍ତ ଭିତରେ ନାଚି ଯାଏ । ଦେହର ପ୍ରତି ରକ୍ତବିନ୍ଦୁ ଅଶାନ୍ତ ହୋଇ ଉଠେ ବାରମ୍ବାର । ବାସ୍ତବରେ କୋରା ରୂପବତୀ । ଯୌବନପ୍ରାପ୍ତିରେ ତାହା ହୋଇ ଅଧିକ ସୁନ୍ଦର, ମୋହନୀୟ; କିନ୍ତୁ ସେଦିନ ଆଉ ନାହିଁ । ଆଖିର ଚଷମା ମଳିନ ହୋଇ ଯାଉଛି । ବେଳେବେଳେ ସ୍ୱାମୀର ମୋହ

ଛୁଟିଯାଏ । ମୋହମୁକ୍ତିର ସଙ୍ଗେ ସଙ୍ଗେ ଦେହ ମନକୁ କ୍ଳାନ୍ତି ଆଚ୍ଛନ୍ନ କରେ
ଅବ୍ୟକ୍ତ ବେଦନାରେ ମନ କ୍ଷୁଣ୍ଣିପ ଏ । ଏଇଅଛି ହୁଏ । ଏଥିରେ କିଛି
ନୂତନତା ନାହିଁ । ଦୂରରୁ ଯାହା ମେଘ ବୋଲି ପ୍ରତୀୟମାନ ହୁଏ, ପାଖକୁ
ଗଲେ ତାର ଜଡ଼ ପ୍ରସ୍ତର ରୂପ ଧରା ପଡ଼ିଯାଏ । ଦିନେ ଯାହାକୁ ମନର
ମାଧୁର୍ଯ୍ୟରେ ଗଢ଼ି ତୋଳିବ, ମାଧୁର୍ଯ୍ୟ ଟିକକ ବାଦ ଦେଲେ ତା'ଠାରେ ଆଉ
କିଛି ରୁହେନା । ଅତି ଘନିଷ୍ଠ ପାଖରେ ରହିଲେ ତାର ବିପର୍ଯ୍ୟୟ ଘଟେ
ଦୁଇଟି ତରୁଣ ହୃଦୟ ଯେଉଁ କାବ୍ୟ-ସୁମନର ବର୍ଣ୍ଣ-ଗନ୍ଧରେ ଦିନେ ଆତ୍ମହରା
ହୋଇ ଉଠେ, ତାହା ଦିନେ ପଥ ଧାରରେ ଝରିପଡ଼େ ।

ତାଙ୍କର ଦାମ୍ପତ୍ୟ ଜୀବନକୁ ଏହା ମଧ୍ୟରେ ବିଷାକ୍ତ କରି ତୋଳିଛି
ସାରଲେଣି । ତାର ହାବଭାବ, ବ୍ୟବହାର, ଚାଲିଚଳନ ଲେଖାବଳି ପକ୍ଷେ
କ୍ରମେ ଅସହ୍ୟ ହୋଇ ଉଠୁଛି । ସବୁଥିରେ ବୁଢ଼ୀ, ହସ୍ତକ୍ଷେପ କରିବାକୁ
ଚାହେଁ । ପାରିବାରିକ ବ୍ୟବସ୍ଥାରେ ଏ ନେଇ ଦୁହେଁ ଅତିଷ୍ଠ ହୋଇ
ପଡ଼ିଛନ୍ତି । ଭୟରେ କେହି ମୁହଁ ଖୋଲି କିଛି କହିବାକୁ ସାହସ କରନ୍ତିନି
ବୁଢ଼ୀକୁ କୌଣସି ମତେ ଖୁସି ରଖିବାକୁ ହେବ । ସେ ବିଗିଡ଼ି ଗଲେ ସବୁ
ପଣ୍ଡ ହୋଇଯିବ ।

ପାଉଁଶ ତଳେ ନିଆଁ ଆଉ କେତେ ଦିନ ବା ଗୋପନରେ ରହିବ
ଦିନେ ତାହା ଦାଉ ଦାଉ ହୋଇ ଜଳି ଉଠିଲା ।

ଘରେ ଲେଖାବଳି ଆଉ ବୋଉ ବ୍ୟତୀତ କେହି ନଥାନ୍ତି । ହଠାତ୍
ଲେଖାବଳି ପାଟି କରି ଉଠିଲେ—ଦେଖ, ତୋ ପିଉସୀର ବ୍ୟବହାର ଦିନକୁ
ଦିନ ଅସହ୍ୟ ହୋଇ ଉଠୁଛି— ତା ମୁହଁ ଦେଖିଲେ ମୋ ହାତ ଜଳୁଛି
ସେ ଯେପରି ଆମ ଏଠିକୁ ଆଉ ନଆସେ । ଶୁଣୁଛ ନା ! ପିଉସୀଙ୍କୁ
ଆମର ଦରକାର ନାହିଁ ।

ମୁଁ କଣ କରିବି କହ ନ !

ଲେଖାଙ୍କ ବେଶି ଚିଡ଼ି ଉଠିଲେ, ତୁ କଣ କରିବୁ, ନକରିବୁ ମୁଁ କହି
ନା କଣ ? ଏମିତିକା ବନ୍ଧୁ ବାନ୍ଧବ ନ ଆସିବା ମଙ୍ଗଳ । ଯେତେସବୁ···

ଜୋର କିନ୍ତୁ କରିଲ ହେଲାନି, [illegible] ଭାଗିଲାନି । ଧୀର [illegible] ଟରେ କହିଲା, ଟିଭଣୀ ଯେ କେତେ ଜଘନ୍ୟ ତା ମୁଁ ଜାଣେ । [illegible] ସୀର ଠିଆ ଝିଅସାତ ଜଘନ୍ୟ ନୁହଁ । ଫୁଲ ତୋଳିବାକୁ ହେଲେ [illegible] ରେ ଅଳ୍ପ ବହୁତ ଆଞ୍ଚୁଡ଼ ହୋଇଯିବ । ତୁମେ ଛୋଟ ପିଲା ନୁହଁ । ବୁଝି ଶୁଝି ସୁଣି ଏପରି ଅବୁଝା ଯେ କାହିଁକି ହୁଅ, ବୁଝି ପାରୁନି । ସୀକୁ ଖୁସି ରଖିବା, ତାର ସେବା କରିବା ମୋର ଯେତିକି କର୍ତ୍ତବ୍ୟ, ର ମଧ୍ୟ ସେତିକି କର୍ତ୍ତବ୍ୟ—ଏ ଦାୟିତ୍ୱ ଏଡ଼ାଇ ଦେଇ ତ ହେବନି ।

ଲୋକାଲୟ ନିରୁପାୟ । ଏପରି ସ୍ଥଳେ ସେ କଣ ବା କହିପାରେ ! ୱର ଯୁକ୍ତି ଅକାଟ୍ୟ ।

ନାତି ଦେଖିବା ହୋଇ ହୋଇ ବୁଢ଼ୀ ଏକପ୍ରକାର ଲୋକାଲୟକୁ ପାଗଳ ହେଲାଣି । ସମୟ ଅସମୟ କିଛି ବିଚାର ନକରି ଲୋକାଲୟକୁ ଡେକେଲେ ପାଏ ଲୁହେ, ବାପା ଠା ପରି, ମଲା ଆଗରୁ ନାତି ମୁହଁ ଚାହିଁ ରି ମରେ । କେତେ କଷ୍ଟରେ ନଖାଇ ନପିଇ ଧନ ସଞ୍ଚିଛି । ମୋର ଯାହାକୁ ଦେଇଯିବି, ତାକୁ ଟିକେ କୋଳେଇ କାଖେଇ ଗଲେ । ଧନ ତମାମ ତାର ପାଖରେ କଟେଇବି । ଏ ଆଶା କଣ ମୋର ରହିଯିବ ? କୋଉତ ଆମର ବନ୍ଧ୍ୟା ନୁହେଁ । ତାର ସଜଫୁଲ [illegible] ଦେଖିଲେ ବୁଝି ପାରିବ ମୋ କଥା ସତ କି ମିଛ । ପୁଅ ଝିଅ ଶ୍ୟରେହିଁ ତ ଲୋକେ ବାନ୍ଧା ହୁଅନ୍ତି । ତା ଛଡ଼ା ଏପ୍ରକାର ବନ୍ଧ୍ୟା- ପୁରୁଷର ପାପ । ଶାସ୍ତ୍ରସମ୍ମତ ତ କେବେଁ ନୁହେଁ । ତମର ଠିକ୍ ଅଭାବ ମୁଁ ଜାଣେ । ଛୁଆ ପିଲା ହେଲେ ନାନା ପ୍ରକାର ଖର୍ଚ୍ଚର ଯେ ଖୋଲିଯିବ, ତା ବି ମତେ ଅଜଣା ନାହିଁ । କିନ୍ତୁ ସବୁ ଧନେଇ କି ତମର ଯିବନି । ମୋର ଆଉ କେଉଁଠି ଧନ ! ମୁଁ ମଲାପରେ ମାନେଇ ତ ସବୁ ପାଇବ । ସେତେବେଳେ ଆଉ କିଛି ଅଭାବ ନି । ଆଉ କେଉଁଥିକି ଡର ମ ? ମରଦ ପିଲା ନା ତମେ ? ଯେତେ ହୁଏ ନାତି ମୁହଁ ଯେପରି ମୁଁ ଦେଖେ । ମନେ ରହିଲା ନା ?

ବିବାହ ହେବାର ପନ୍ଦର ମାସ ହେଲାଣି । ଏ ଯାକେ ଛୁଆ ପି ହେବାର କୌଣସି ଲକ୍ଷଣ ସୁଦ୍ଧା ଦେଖା ଯାଉନି । ବୁଢ଼ୀ ମନରେ ସନ୍ଦେ ହେଲାଣି । ସେ ଅସଲ କଥାଟା ଜାଣିବା ପାଇଁ ବ୍ୟଗ୍ର । ସ୍ୱାମୀ ସ୍ତ୍ରୀ ଦୁହେଁ ଏ ସମ୍ପର୍କରେ ନାନା କଥା ପଚାରି ପଚାରି ପାଗଳ କରିଦେବା ଉପରେ ମଝିରେ ମଝିରେ ବୋହୂ ଡାକି ନେଇ କେତେ କଣ ଉପଦେଶ ଦେବାରେ ଲାଗିଛି ।

ବୁଢ଼ୀ ଅସୁସ୍ଥ ହୋଇ ପଡ଼ିଛି । ବିଛଣା ଛାଡ଼ି ଉଠିବା କ୍ଷମତା ସୁ ନାହିଁ । ସାଧାରଣତଃ ତା' ଦେହ ଖରାପ ହୁଏନା । ଏଥରକ ମୋ ବିଛଣାରୁ ଉଠି ପାରୁନି । କାଶଲିଁଆ ମନେ ମନେ ଖୁବ୍ ଭୟ ପା ଲେଖାବ୍ଣ କବାଟରେ ଆଘାତ କଲେ । ଲେଖାବ୍ଣ ଦରଜା ଖୋଲି ବାହାର ଆସିବା ମାତ୍ରେ ବୁଢ଼ା କାଉଳି ବାଉଳି ହୋଇଗଲେ ।

ବାବୁ, ଟିକେ ଡାକ୍ତରଙ୍କୁ ଡାକି ଆଣିବାକୁ ହେବ । ତମ ପିଉସୀ ଖୁ ବେମାର । ଆଜି ଆଉ ଅଫିସ୍ ଯାଇ ପାରିବନି । ସାହେବଙ୍କୁ ଟିକିଏ ବୁଝେ ଦେବ ।

ଅଚ୍ଛା ।

ଦିନ ସାରା କାମରେ ମନ ନାହିଁ । ମନଟା ଯାଇଁ ଘର ପାଖରେ ଦୁଶ୍ଚିନ୍ତାରେ ମୁଣ୍ଡଟା ମଧ୍ୟ ବିଗିଡ଼ି ଯିବା ଉପରେ । ବଡ଼ ସାହେବଙ୍କ ଆଡ଼େ ସତର୍କ ଦୃଷ୍ଟି । ସବୁ ଉପରେ ସେ ଟିକି ନିଖି ନଜର ରଖନ୍ତି । ଅ ବେଳା ସେ ଲେଖାବ୍ଣକୁ ଡାକେଇ ପଚାରିଲେ—ତମର ଆଜି ହେ କଣ ?

ମନଟା ଭଲ ନାହିଁ ସାର ! ମୋ ପିଉଶାଶୁ ଖୁବ୍ ବେମାର । ରାତି ତାଙ୍କ ପାଖରେ ରହି ଶୋଇ ପାରିନି । ସେଥିପାଇଁ କ୍ଳାନ୍ତ ଲାଗୁଛି ।

ଏକେଲୁ କଂଶଲ୍ୟା ଥିଲେ କଣ ଚଳି ନଥାନ୍ତା ! ବଡ଼ ସାହେବ ଟେଲ୍
ିପ୍ତ ଭାବେ କହିଲେ—କୋଉ କିରାଣୀ ଘରେ କଣ ହେବ ବୋଲି
ସ କାମ ତ ଆଉ ବନ୍ଦ ହବନି !

ତା ସତ ।

ଟେବୁଲ ପାଖକୁ ଫେରି ଆସି ହାତ ଘଣ୍ଟା ଖୋଲି ଆଗରେ ରଖି ବସି
ଲେ ପାଞ୍ଚଟା ଅପେକ୍ଷାରେ । ମନ ଖୁବ୍ ଚଞ୍ଚଳ, ଅଫିସର କାନ୍ଥ ଘଣ୍ଟାରେ
ଂ ହୋଇ ପାଞ୍ଚଟା ବାଜିବା ମାତ୍ରେ ଲେଳାବନ୍ଧୁ ଉଠି ପଡ଼ିଲେ । ରାସ୍ତାରେ
ଗାଡ଼ି ଭଡ଼ା କରି ସିଧା ଘର ଉଦ୍ଦେଶ୍ୟରେ ଛୁଟିଲେ । ପାଞ୍ଚଟା ବେଳେ
କିରାଣୀମାନଙ୍କ ପରି ଅଫିସ୍ ଛାଡ଼ି ଆସିବା ଏଇ ପ୍ରଥମ ।

ଦାଉଡ଼ି ଦାଉଡ଼ି ପାହାଚରେ ଉପରକୁ ଉଠି ଆସିବା ବେଳେ ଗୃହିଣୀ
ଜା ଖୋଲି ଦେଲେ ।

ପିଇସୀଙ୍କ ଦେହ କିମିତି ?

ଡାକ୍ତର ବାବୁ କହିଗଲେ ଅବସ୍ଥା ଖୁବ୍ ଖରାପ ।

ଛାତିଟା ଥରି ଉଠିଲା ଜୋରରେ—ଆଚ୍ଛା ?

ଆସ୍ତେ କିନା ଦରଜା ଖୋଲି କାଶଲ୍ୟା ଆସିଲେ । ଅସ୍ପଷ୍ଟ ଭାବେ
ଲ—ସାରଙ୍କେତ ଅବସ୍ଥା ମୋଟେ ଭଲ ନୁହେଁ । ଗୃହ ଘଣ୍ଟା ହେଲା
ା ନାହିଁ । ନାଡ଼ି ମଧ୍ୟ ମିଳୁନି । ଖରାବେଳେ ତାର ପ୍ରାୟଶ୍ଚିତ କରି
ଛି ।

ଲେଳାବନ୍ଧୁ ପୁଣି ଥରେ ଚମକି ପଡ଼ିଲେ ।

ଆପଣଙ୍କ ଝିଅ କୋଉଠି ?

ରୋଗୀ ପାଖରେ ।

ଡାକ୍ତର କଣ କହିଲେ ?

କହିଲେ ଭଲ ହୋଇ ପାରେ—ନହେଲେ ଆଜି ରାତିରେ ମଧ୍ୟ
ଯାଇପାରେ । ନିର୍ଦ୍ଧାରିତ ଭାବରେ କିଛି କହି ହବନି ।

ମତେ କଣ ଆପଣମାନେ ଗୃହାନ୍ତି ? ମୁଁ କାହିଁକି ଆଉ ରୋଗୀ ପାଖକୁ
? ପିଇସୀଙ୍କ କଷ୍ଟ ମୋ ଦ୍ୱାରା ସହ୍ୟ ହେବନି ।

ନାନା, ତମର ଯିବା କିଛି ଦରକାର ନାହିଁ । ଯଦିବା କୋଣ
ନୂଆ ପରିସ୍ଥିତି ସୃଷ୍ଟିହୁଏ, ମୁଁ ତ ଅଛି । ତମେ ଘରେ ଯାଇ ବସ ।

ଲେଜାବ୍ଲ ନିଜ କୋଠରୀକୁ ଫେରି ଆସିଲେ । ମନେ ହେଲା, ହଠା
ଯେପରି ମୁହୂର୍ତ୍ତିକରେ ଖୁବ୍ ଅଦଳ ବଦଳ ହୋଇ ଯାଇଛି । ଘରଟା ଖୁ
ବଡ଼ ହୋଇ ଯାଇଛି । ଆଗ ଅପେକ୍ଷା ଆଲୁଅ ମଧ୍ୟ ପ୍ରଚୁର । କୌଣ
ଥିରେ ମନ ଲାଗୁନି ! ଚୁପ୍ ହୋଇ ଗୋଟାଏ ଜାଗାରେ ବସି ହେଉନି,
ରୋଗୀ ଘରକୁ ଯିବାକୁ ସାହସ ହେଉନି । ଶେଷରେ ଘରୁ ବାହ
ବାରଣ୍ଡାରେ ଆସି ଛିଡ଼ା ହେଲେ । ଜୁଲାଇ ମାସର ଶେଷ । କ୍ଳାନ୍ତ ସୂ
ଢଳିଯିବା ଉପରେ । ଅସ୍ତ ଯିବା ପୂର୍ବରୁ ଦିଗନ୍ତ ସୀମନ୍ତରେ ଶେଷ ସିନ୍ଦୁ
ରେଖା ବୋଳି ଦେଉଛନ୍ତି । ଅପୂର୍ବ ବର୍ଣ୍ଣ ସମାରୋହ ଆକାଶର ସ୍ତର
ସ୍ତରେ । ଦିଗନ୍ତ ରେଖାରେ ଉଜ୍ଜ୍ୱଳ ସିନ୍ଦୁର ବର୍ଣ୍ଣ, ତା ଉପରେ ଧୂଷ
ସୁନେଲି ଛଟା—ଆଉ ଟିକେ ଉପରେ କଇଁଆ ହଳଦି ଗୁରୁଗୁରୁ ଦିଗ୍‌ବଧୂ
ଅଙ୍ଗ—ସବା ଉପରେ କଦଳୀ ପତ୍ରର ସବୁଜତା ନେଇ ଅନନ୍ତ ନୀଳିମା
ମଗ୍ନ ମହାକାଳ ।

ଫାକ୍ଟ୍ରିର ଅଫିସ୍ କୋଠାରେ, ସୁଦୂର ପ୍ରାନ୍ତରରେ ଗୋଲାପୀ ମେ
ମାଳା ସୃଷ୍ଟି ହେଉଛି । ମେଘସ୍ତର ଭେଦ କରି ଛିଡ଼ା ହୋଇଛି କେ
କେତେ ସୁଉଚ୍ଚ ସୌଧ । ଆର୍କ ଦି ଟ୍ରିୟମ୍ଫ୍ ଜ୍ୟୋତିର୍ମୟ ଆକାଶ ପଟରେ ଆ
କାହିଁକି ଅଦ୍ଭୁତ ଅକ୍ଷୋଭଣୀୟ ଦୃଶ୍ୟମାନ ହେଉଛି । ଠିକ୍ ଗୋଟିଏ ଗ୍ରୀକ୍
ରାକ୍ଷସ ପରି । ସେ ପଟେ ଆଉ ଏକ ପ୍ରାସାଦର ଗମ୍ବୁଜ ସୌର ମଣ୍ଡଳ ବାହୁ
ଏକ ନୂଆ ଗ୍ରହ ପରି ଶୋଭାପାଉଛି ।

ରେଲିଂ ଉପରେ ଆଉଜି ଲେଜାବ୍ଲ ମନ ଭରି ହାୱା ଖାଉଛନ୍ତି
ରଙ୍ଗୀନ ନିଶାରେ ଶରୀରର ଅଣୁ ପରମାଣୁ ଉଦ୍‌ବେଳିତ । ମନ ତାଙ୍କ ମୟୂ
ପରି ପୁଚ୍ଛ ଟେକି ନାଚି ନାଚି ଆକାଶରେ ମିଶି ଯିବାକୁ ଚାହେଁ । ଆକାଶ
ରଙ୍ଗରଞ୍ଜିତ ହୃଦୟର ଉଚ୍ଛ୍ୱାସ ତାଙ୍କ ପ୍ରାଣରେ ନିଆଁ ଜାଳି ଦେଉଛି । ଜୀବନ
ନୂଆ ରୂପରେ ଧରା ଦେଉଛି । ସତରେ କି ବୈଚିତ୍ର୍ୟମୟ, କେତେ ଆନନ୍ଦ
ମୟ ଏଇ ଜୀବନ ! ଭବିଷ୍ୟତ କୋଳରେ ଯେଉଁ ଅଜଣା ସୁଖ ସମୃଦ୍ଧି, ତା

ଥି ନାହିଁ । ସେ ଏବେ କଣ କରିବ ? ଲେଖକ ବାବୁ ଭାବ ଗୁଣିଲେ । ...
ଗୋଟେ ଏ କଣ ଶବ୍ଦ ହେଉଛି, ସେ ଶୁଣି ହେଲେ, ନା, କିଛି ନାହିଁ ।
ରୀ ତା ସ୍ତ୍ରୀ । କାନ୍ଦି କାନ୍ଦି ଆଖି ଦୁ'ଟା ଫୁଲି ଗଲାଣି । ଗାଲ ଦୁ'ଟା ଭିଜି
ଣୀ ଲୁହରେ । ମୁହଁରେ କ୍ଲାନ୍ତିର ଛାପ । ସ୍ୱାମୀର ଅତି ନିକଟକୁ ଆସି
ର ତଳ ପଡ଼ିଲା । ଓଠ ଦୁଇଟି ସ୍ୱାମୀ ମୁହଁ ପାଖରେ ଡୋଳି ଧରିବା
ି ଲେଖାବାବୁ ସ୍ନେହରେ ଚୁମ୍ବନ କଲେ ସ୍ତ୍ରୀକୁ ।

। ଆଜି ଆମେ ଏଠି ଖାଇବା । ଖାଇବାବେଳେ ପିଇଥି ପାଖରେ
ରହିବ ।

ତାପରେ ଲେଖାବାବୁ ସ୍ତ୍ରୀକୁ ଅନୁସରଣ କଲେ । ଦୁହେଁ ଶଶୁରଙ୍କ
ଆସିଲେ ।

କାଶଲିଆ ଖାଇବା ଟେବୁଲ ପାଖରେ ଝିଅ ଜ୍ୱାଇଁଙ୍କୁ ଅପେକ୍ଷା କରୁଥିଲେ ।
କ'ପ୍ରକାର ଖାଦ୍ୟ ପରିବେଷିତ ହୋଇଛି । ସମସ୍ତେ ଆସି ବସିବା
କୁ କାଶଲିଆ କହିଲେ, ଏ ଦୁଃସମୟ ଯେପରି କାହାରି ହେଲେ
। ଯେତେ ବଡ଼ ଶତ୍ରୁ ହେଲେବି ସେ ମଧ୍ୟ ଏମିତି ବିପଦରେ ନ ପଡ଼ୁ ।
ନିର୍ଲିପ୍ତ କଣ୍ଠ ସ୍ୱର । ମୁହଁରେ ଆନନ୍ଦର ଅସ୍ପଷ୍ଟ ଆଭାସ । ବିନା
ାରେ କାଶଲିଆ ଖାଇବାକୁ ଆରମ୍ଭ କଲେ ।

ଲେଖାବାବୁଙ୍କୁ ଭୋକ ଲାଗୁନି । ମନ ମଧ୍ୟ ଭଲ ନାହିଁ । ଖାଇ ଘର
ଉଦ୍ବିଗ୍ନ ହୋଇ ସେ ବସି ରହିଲେ । ଲୋକବାକ ନଥିଲା ପରି ଘରଟା
ଲାଗୁଛି । ଚାରିଆଡ଼ ଏକ ଥମଥମ ସ୍ତବ୍ଧତାରେ ଭରି ରହିଛି । ଭୋଗର
ଭାବ ନାହିଁ । ମନଟା ଅସ୍ଥିର । ଆଖିରୁ ଝର ଝର ଲୁହ ଝରୁଛି ।
ର ମଝିରେ ତଉଲିଆରେ ଆଖି ପୋଛି ନେଉଥାଏ ସେ ।

ବଡ଼ ସାହେବ କଣ କହିଲେ କି ? କାଶଲିଆ ପଚାରିଲେ । ଲେଖାବାବୁ
ଧୀରେ ସବୁ କହିଗଲେ, ଯଦିଓ କଥା କହିଲା ପରି ଅବସ୍ଥାରେ ନ ଥି
। କିନ୍ତୁ ବାରବାର ପ୍ରଶ୍ନ କରି କାଶଲିଆ ଠିକ ନଥି ଜାଣିବାକୁ ଚାହାନ୍ତି ।
ନ ହେଲା ସେ ଅଫିସ୍ ଯାଇ ନାହାନ୍ତି । ଲେଖାବାବୁ ନିରୁପାୟ ହୋଇ
। କହିଲେ ।

ଅପାର ଅସୁସ୍ଥ ଖବର ଶୁଣି ଅଫିସ୍ ସାରା ଗୋଟାଏ ଚହଳ ପ
ଯାଇଥିବ ନୁହେଁ ?

ଅପାର ମୃତ୍ୟୁପରେ ନିଜର ଭାଗ୍ୟ ପରିବର୍ତ୍ତନ ଆଶାରେ ବୁଢ଼ା ଖୁ
ପୁଲକିତ । ସହକର୍ମୀମାନଙ୍କ କାତର ମୁହଁଛବି କଳ୍ପନା କରିବାକୁ ତେ
କୌତୁକ ଲାଗୁଛି । କିନ୍ତୁ ସଙ୍ଗେ ସଙ୍ଗେ ବିବେକ ଚିରୁଟିକ ମାରେ । ନିଜ ମନ
ବୋଧ ଦେବା ଉଦ୍ଦେଶ୍ୟରେ କହିଲେ—ଅପାର କୌଣସି ପ୍ରକାର ଅମଙ୍ଗଳ
ଅବଶ୍ୟ କାମନା କରୁନି । ଭଗବାନ ଜାଣନ୍ତି ମୋ ମନକଥା । ମୁଁ ଚାହେଁ ଅ
ଆଉ କିଛିଦିନ ବଞ୍ଚିରହୁ—କିନ୍ତୁ ଅପା ବେମାର ହେବା ଖବରରେ ଅଫିସରେ
ଯେ ଗୋଟାଏ ବିଶୃଙ୍ଖଳା ସୃଷ୍ଟି ହୋଇଥିବ, ଏଥିରେ କୌଣସି ସନ୍ଦେହ ନାହିଁ

ହଠାତ୍ ରୋଗୀ ଘରର କବାଟ ଖୋଲିଗଲା । ସମସ୍ତେ ଏ
ଉତ୍ତେଜିତ ହୋଇ ପଡ଼ିଥିଲେ ଯେ କେତେବେଳେ ସେମାନେ ଚେୟା
ଛାଡ଼ି ଉଠି ପଡ଼ିଛନ୍ତି ଜାଣି ପାରି ନାହାନ୍ତି । ଦୃଷ୍ଟିରେ ବିସ୍ମୟତା ଅମଙ୍ଗ
ଆଶଙ୍କାରେ ଛାତି କମ୍ପୁଛି, ଗୋଡ଼ ଥରୁଛି । ନର୍ସ ଆଗେଇ ଆସିଲା ଆନ
ଦୃଷ୍ଟିରେ ।

ପଇସୀ ଆଉ ନାହାନ୍ତି । ଶାନ୍ତ ଭାବେ କହିଲା ସେ ।

କାଗଲିଆ ଓଜଲିଆଟା ଫିଙ୍ଗି ଦେଇ ପାଗଳ ପରି ଛୁଟିଗଲେ ମୃ
ଶଯ୍ୟା ପାଖକୁ । କୋରି ମଧ୍ୟ ଧାଇଁଲା ତାଙ୍କ ପଛେ ପଛେ, ଲେଜାକୁ ଘର ଭିତ
ନଯାଇଁ ଦୁଆର ମୁହଁରେ ଭିତରକୁ ଅନେଇ ରହିଲେ । ଅପସରି ଯା
ଥିବା ସନ୍ଧ୍ୟାର ଧୂସର ଅଲୁଅ ଆସି ମୃତାର ଶଯ୍ୟା ଉପରେ ପଡ଼ିଛି
କାଗଲିଆ ମୃତାର ବିଛଣା ଉପରେ ମୁହଁ ଗୁଞ୍ଜି କଣ ଯେପରି ପରୀକ୍ଷା କରୁଛ
ହତାଶ ହୋଇ । ହଠାତ୍ ଶଶୁରଙ୍କ କଣ୍ଠସ୍ୱର ଶୁଣିବାକୁ ପାଇଲେ ଲେଜାକ
ସେ କଣ୍ଠସ୍ୱର ଯେପରି କେତେ ଦୂରର । ସୁଦୂର ଅତୀତ ଗର୍ଭରୁ ପୃଥିବ
ପରପାରରୁ ଭାସି ଆସୁଛି । ଏପ୍ରକାର ରହସ୍ୟମୟ କଣ୍ଠସ୍ୱର ସ୍ୱପ୍ନରେ କେ
କେବଳ ଶୁଣିବାକୁ ମିଳେ—କେତେ ଅଜଣା କଥା !

ସବୁ ଶେଷ—ସବୁ ଶେଷ—ରତ୍ନ ଡାକିଲା ଏଥର ଜୋର୍ ଗଳାରେ ।

ଭୋର୍ ପିଉସୀର ପାଦତଳେ ଲୋଟି ପଡ଼ି କାନ୍ଦୁଛି । ମୁଣ୍ଡଟା ଖଣ୍ଡ …ତେର ଝୁଲି ପଡ଼ୁଛି । ଲେଜାବ୍‌ଲ ଆସ୍ତେ ଆସ୍ତେ ଘର ଭିତରକୁ ଆସି …ଗର ଛିଡ଼ା ହେଲେ । ଧୋବ ଫର ଫର ମଶ୍ରି ଉପରେ ମୃତାର ମୁହଁ— … ବରଫ ପରି ଭୟଙ୍କର ଦେଖାଯାଉଛି । କୋଟରଗତ ଚକ୍ଷୁ ଦୁଇଟି ମୁଦ୍ରିତ । ମଧ୍ୟମ ଓସାରିଆ ଧଳା ବିଛଣାରେ ଶୋଇ ପଡ଼ିଛି ମାଦମେ ଯୁ-ଲ ସାରଲେଟ । ଆଉ କେବେ ସେ ବିଛଣାରୁ ଉଠିବେନି । କେବେ ଆଉ …ର ପାରିବାରିକ ଜୀବନରେ ମୁଣ୍ଡ ପୂରେଇବାକୁ ଆସିବେନି । କିଛି ହେଲେ …ନି ସେ ।

ପିଉସୀ ପାଇଁ ସେ ବାସ୍ତବରେ ଆଜି ଖୁବ୍ ଦୁଃଖିତ । କାଂଥିଡ …ରେ ପଚାରିଲେ, ସତରେ କଣ ସବୁ ଶେଷ ? ଆଉ କୌଣସି ଆଶା ନାହିଁ ? …ଲିଂ ଭଉଣୀର ଜଡ଼ ଦେହ ଉପରେ ଏ ପର୍ଯ୍ୟନ୍ତ ଦୃଷ୍ଟି ନିବଦ୍ଧ କରିଥିଲେ । …ାବ୍‌ଲଙ୍କ ପ୍ରଶ୍ନରେ ସଚେତ ହେଲେ ।

ନା, ଆଉ କୌଣସି ଆଶା ନାହିଁ—କହି ମୁହଁରେ ଶୋକର ଭାବ ଫୁଟେଇ ଚେଷ୍ଟା କଲେ । କିନ୍ତୁ ଅଭିନୟ ଧରା ପଡ଼ିଗଲା । ଦୁହେଁ ଦୁହିଁଙ୍କ ମନ ଭଲ ଭାବରେ ଜାଣନ୍ତି । ଯନ୍ତ୍ର ପରି ଦୁହେଁ ଦୁହିଙ୍କ ହାତ ଜାବୁଡ଼ି ଧରିଲେ । …ି କାରଣ ସେମାନେ ନିଜେ ମଧ୍ୟ ଜାଣନ୍ତିନି । ହୁଏତ ଏଗୁଡ଼ିକ …କ ସ୍ୱାର୍ଥ ପ୍ରଣୋଦିତ ଅବଚେତନ ମନର ପ୍ରକ୍ରିୟା ।

ନା, ଆଉ ସମୟ ନଷ୍ଟ କରିବା ଅନୁଚିତ । ଅନେକ କାମ ଅଛି …କୁ । ଶବ ସତ୍କାରର ବ୍ୟବସ୍ଥା କରିବାକୁ ହେବ ।

ଡାକ୍ତର ପାଖକୁ ଯିବା ଅବା ପ୍ରଯୋଜନୀୟ 'କାମର ଦାୟିତ୍ୱ ନେଇ …ବ୍‌ଲ ମୁଣ୍ଡରେ ଟୋପିଟା ଦେଇ ପାହାଚରେ ଓହ୍ଲେଇ ଆସିଲେ । …ଲଗାମ ସେ ଛାଡ଼ି ଦେଇଛନ୍ତି । କିଛି ସମୟ ପାଇଁ ସେ ଏକେଲା …କୁ ଗୃହାନ୍ତ । ଅନାସ୍ୱାଦିତ ସୁଖର କଳ୍ପନାରେ ମନ ତାଙ୍କର ବିଭୋର । …କୁ କାମ ଶେଷ କରି ମଧ୍ୟ ଲେଜାବ୍‌ଲଙ୍କ ଘରକୁ ଫେରିବାକୁ ମନ ହେଉନି …ଲ ଆସି କେତେବେଳେ ବନ ଡଣ୍ଡ ପାଖରେ ସେ ପହଞ୍ଚି ଯାଇଛନ୍ତି ।

ମନିଷ ଦେଖିବାକୁ ବ୍ୟାକୁଳ ସେ । ଜୀବନକୁ ଉପଭୋଗ କରିବା ତାଙ୍କର ଇ
ଅନନ୍ତ ଜନସ୍ରୋତରେ ଭାସି ଯିବାକୁ ମନ ହୁଏ । ସନ୍ଧ୍ୟାର ସ୍ନିଗ୍ଧ-ଶୀତଳ
ଅନାବିଳ ଆନନ୍ଦ ହାତ ଠାରି ନିମନ୍ତ୍ରଣ କରେ । ଅସଂଖ୍ୟ ମଣିଷ, ଗ
ଘୋଡ଼ା ଛୁଟି ଚାଲିଛନ୍ତି ରାସ୍ତାରେ । ଜ୍ୱଳନ୍ତ କାମନା ବହ୍ନିଶିଖା ପରି ଝ
ଉଠିଛି । ଜୋରରେ ଚିତ୍କାର କରି କହିବାକୁ ଇଚ୍ଛା ହେଲା—ମୋ ହାତ
ବର୍ତ୍ତମାନ ଲକ୍ଷ ଲକ୍ଷ ଟଙ୍କା । ଲେଜାବଲ କେଉଁଠି ହେଲେ ଟିକିଏ ଛ
ହେଲେନି । ପକେଟରେ ହାତ ପୁରାଇ ମାଇ ଚାଲିଛନ୍ତି ଆଗକୁ ଆଗକୁ
ବେଳେବେଳେ ରାସ୍ତା ପାଖ ଦୋକାନର ଖୋଲା ଝରକା ଆଗରେ ଛିଡ଼ା ହେ
ପଡ଼ନ୍ତି । ଥାକକୁ ଥାକ କେତେ ଦାମୀ ଜିନିଷ ସଜା ହୋଇଛି—ହୀରା ଜହର
ନାନାପ୍ରକାର ଆସବାବ ପତ୍ର, ସୁନ୍ଦର ସୁନ୍ଦର ପ୍ରସାଧନ ସାମ
ଦୂଳ ହୋଇଛି । ଲୋଭାପଣାର ତ ସୀମା ନାହିଁ । ଦେଖୁ ଦେଖୁ
ଉଠିଲେ ମନେ ମନେ—ଆଜି ଆଉ ତାର କିଛି ଅଭାବ ନାହିଁ । ପରମୁହୂର୍ତ୍ତ
ଭାବିଲେ ଇଚ୍ଛା କଲେ ବର୍ତ୍ତମାନ ମୁଁ ଏସବୁ କିଣି ପାରିବି ।

ଯାଉ ଯାଉ ହଠାତ୍ ମନେ ପଡ଼ିଲା—ଅଚ୍ଛା, ପିଇସୀ
ପ୍ରକୃତରେ ମରି ନଥିବ ? ଶ୍ୱଶୁର ଯଦି ଭୁଲରେ କହିଥିବେ ! ତେବେ
ତେବେ··· ।

ନାନା କଥା ଭାବୁ ଭାବୁ ସନ୍ଦେହଦୋଳାୟିତ ମନରେ ସେ
ଆସିଲେ ଘରକୁ ।

ଡାକ୍ତର ବାବୁ ଆସିଥିଲେ ?

ହଁ, ପରୀକ୍ଷା କରିଗଲେ । ମୃତ୍ୟୁ ସମ୍ବନ୍ଧୀୟ ସ୍ୱୀକୃତ ପତ୍ର ଘରକୁ ଯ
ଲେଖିବେ ବୋଲି କହିଗଲେ ।

ଦୁହେଁ ମୃତା କକ୍ଷକୁ ଆସିଲେ । କେଶ ସେତେବେଳଯା
କାନ୍ଦୁଛି । ଆରାମ ଚଉକିରେ ବସି ବସି କେଶ ଆରାମରେ ନିଃଶବ୍ଦରେ କାନ୍ଦ
ସେ । କାନ୍ଦିବାରେ ତାର କୌଣସି କଷ୍ଟ ବି ହେଉନି । ସତରେ ସେ
ବି କରୁନି । ଆଖି ପାଣି ନାରୀର ଆୟତ୍ତାଧୀନରେ ଥାଏ । ଇଚ୍ଛା କଲେହିଁ ହେଲା

କାଶଲୀ, କେଶ ଓ ଲେଜାବ୍ଲ ବ୍ୟତୀତ ଘର ଭିତରେ ଆଉ
ନଥାନ୍ତି । କାଶଲୀଙ୍କ ବୟସ୍କ ଅଭିଜ୍ଞତା ମଧ୍ୟ ଯଥେଷ୍ଟ । ଚୁପ୍ କିନା କହିଲେ

ନାହିଁ, ଏତେବେଳେ ଆଉ କଲ୍ଲଣଣ, ଗୁଡ଼ାଇ ...ରେ ଦେଖି ନେବା । ହୁଏତ କୋଉଠି କଣ ହୁଏ ଯାଇଥିବ । ଅଙ୍କା...ଧୁ ଆସିବା ପୂର୍ବରୁ କାମଟା ଶେଷ ହୋଇଯିବା ଦରକାର ।

ସଙ୍ଗେ ସଙ୍ଗେ ଦୁ' ଜଣ ଲାଗି ପଡ଼ିଲେ କାମରେ । ଡ୍ରୟାର ଖୋଲି, ...ଣା ପନ୍ଦ ଘଣ୍ଟା ଘାଣ୍ଟି କରି ଯେତେ କାଗଜ ପାଇଲେ, ଖୋଲି ପଢ଼ିଲେ । ଅଧ ଘଣ୍ଟାକେ ଖୋଜି ଖୋଜି ଶଗୁନ ଦୁହେଁ ବେଦମ ହୋଇଗଲେ । କୋଉ...ା ତୁଳେଇ ପଡ଼ୁଛି । ମଝିରେ ମଝିରେ ତାର ନାକର ଗର୍ଜନ ଶୁଭୁଛି ।

ରାତି ସାରା କଣ ଏଇଠି ରହିବାକୁ ହେବ ? ହତାଶ ହୋଇ କାଗଲ୍ୟା...ଲେ ।

ତା ନୁହେଁ ତ କଣ ?

ତା ହେଲେ ଆସ, ଚେୟାର ଦୁ'ଟା ଆଣି ଆରାମରେ ବସିବା ।

ତିନିଘଣ୍ଟା ବିତିଗଲା । ଏହା ଭିତରେ ତିନିହେଁ ଗଭୀର ନିଦ୍ରାରେ ...ର ପଡ଼ିଛନ୍ତି । ନିଶ୍ୱାସପ୍ରଶ୍ୱାସର ତୀବ୍ରମତ ପ୍ରତିଯୋଗିତା ଚାଲିଛି । ଘରର ...ଏ ପାଖରେ ମହାନିଦ୍ରାରେ ଶାୟିତା ମାଦମୋୟାଜେଲ ସାରଲୋଟ ।

ଆକାଶ ପରିଷ୍କାର ହେଲାଣି । ସକାଳ ସୂର୍ଯ୍ୟର ପ୍ରଥମ ଆଲୋକ ଆସି ଭିତରେ ପଡ଼ୁଛି । ନର୍ସ ଘର ଭିତରେ ପ୍ରବେଶ କରିବା ମାତ୍ରେ କାଗଲ୍ୟା...ସ୍ତ ଉଠି ପଡ଼ି ଆଖି ମଳି ମଳି କହିଲେ—ଆଖିପତା ଲାଗି ଯାଇଥିଲା ।

ଲେଜ'ବ୍ଲ ଅସ୍ୱସ୍ଥ ହେଲେ । କହିଲେ, ସାରା ରାତି ମୁଁ ଚେଇଁଛି । ...ର ଟିକେ ବିଶ୍ରାମ କରିଥିଲି ଯାହା ।

କୋର ନିଜ କୋଠରୀକୁ ଚାଲିଗଲା ।

ଏଟର୍ଣ୍ଣିଙ୍କ ପାଖକୁ ଯିବେ କି ? ଉଇଲଟା ଦେଖିବାକୁ ହବ ତ ?

ଇଚ୍ଛା ହେଉଛି ତ ଆଜି ଯାଇପାରୁ ।

ଆପଣଙ୍କ ଝିଅ ସାଙ୍ଗରେ ଯିବା ଦରକାର ?

ତାକୁ ନେଇ ଯିବା ଉଚିତ । ବୁଝୁଛ ତ ? ବର୍ତ୍ତମାନ ସେ ହିଁ ପ୍ରକୃତ ...ଧିକାରୀ ।

ତ', ହେଲେ ତାକୁ ପ୍ରସ୍ତୁତ ହେବାକୁ ହେବ ।

ହଁ ଯାଅ ।

ଲେଜାନ୍ସ ଶିଘ୍ର ଗତିରେ ବାହାରି ଗଲେ ।

ଏଟର୍ଣ୍ଣିଙ୍କ ଅଫିସ୍ ଏଇ ମାସ ଖୋଲିଛି । କୋରା, ଲେଜାନ୍ସ କାଗଲିଁଆ ତିନି ଜଣଯାକ ବିଷଣ୍ଣ ମନରେ ପହଞ୍ଚିଲେ ଏଟର୍ଣ୍ଣିଙ୍କ ଭବନରେ ।

ଏଟର୍ଣ୍ଣି ମହୋଦୟ ଅଭ୍ୟର୍ଥନା ସହକାରେ ସେମାନଙ୍କୁ ବସାଇଲେ ।

ମଁସିଏ, ମୁଁ ମାଦମୋୟାଜେଲ ସାରଲୋଟ କାଗଲିଁଆଙ୍କ ଭାଇ । ଏ ଦୁହେଁ ମୋର ଝିଅ ଜ୍ୱାଇଁ । ଅପା କାଲି ଇହଲୀଳା ତ୍ୟାଗ କରିଛନ୍ତି ଆସନ୍ତାକାଲି ତାର ମୃତଦେହର ସମାଧିକ୍ରିୟା କରାଯିବ । ଆପଣ ଅପ ଉଇଲର ବ୍ୟବସ୍ଥା କଲେ । ସେଥିପାଇଁ ଆପଣଙ୍କ ପାଖକୁ ବୁଝିବାକୁ ଆସିଛୁ ସେ ତାର ଶେଷକୃତ୍ୟ ସମ୍ବନ୍ଧରେ ଉଇଲରେ କୌଣସି ନିର୍ଦ୍ଦେଶ ଦେଇଛନ୍ତି କି ନାହିଁ, କିମ୍ବା ଆପଣଙ୍କର ଯଦି ଆମକୁ କିଛି କହିବାର ଥାଏ, କୁହନ୍ତୁ ।

ଏଟର୍ଣ୍ଣି ମହୋଦୟ ଡ୍ରୟାର ଖୋଲି ଗୋଟିଏ ଲଫାପା ବାହାର କଲେ । ଲଫାପା ଭିତରୁ ଖଣ୍ଡିଏ କାଗଜ ବାହାରିଲା ।

ମଁସିଏ, ଏଇ ହେଉଛି ଆପଣଙ୍କ ସ୍ୱର୍ଗୀୟା ଭଉଣୀଙ୍କ ଉଇଲର କପି ମୁଁ ଏବେ ତାକୁ ଆପଣଙ୍କୁ ପଢ଼ି ଶୁଣାଉଛି । ଆଉ ଗୋଟିଏ କପି ଅବଶ୍ୟ ଅଛି । ଏଥିରେ ଯାହା ଲେଖା ହୋଇଛି ସେଥିରେ ଅବିକଳ ସେଇଆ ଅଛି ସେଇଟି ମୋ ପାଖରେ ରହିବ ।

ଏଟର୍ଣ୍ଣି ମହୋଦୟ ପଢ଼ିବା ଆରମ୍ଭ କଲେ ।

"ମୁଁ ମାଦମୋୟାଜେଲ ସାରଲୋଟ କାଗଲିଁଆ, ଏତଦ୍ୱାରା ମୋ ଶେଷ ଇଚ୍ଛା ବ୍ୟକ୍ତ କରୁଅଛି—ମୁଁ ମୋର ସମସ୍ତ ସ୍ଥାବର ଅସ୍ଥାବର ସମ୍ପ ମୋର ଭ୍ରାତୃଷ୍ପୁତ୍ରୀ କୋରା କାଗଲିଁଆର ଗର୍ଭଜାତ ସନ୍ତାନମାନଙ୍କୁ ଦା କରୁଅଛି । ଯେତେଦିନ ପର୍ଯ୍ୟନ୍ତ ସେମାନେ ସାବାଳକ ହୋଇ ନଥିବେ ସେତେଦିନ ପର୍ଯ୍ୟନ୍ତ ସେମାନଙ୍କ ବାପ ମା ସଂପତ୍ତିର ଆୟ ଭୋଗ କ ପାରିବେ ।

କିନ୍ତୁ ମୋର ଭ୍ରାତୃଷ୍ପୁତ୍ରୀ ଗର୍ଭରୁ ଯୋଗ୍ୟ ସନ୍ତାନ ଜନ୍ମହୋଇ ଯୁଦ୍ଧି
ଯଦି ମୋର ମୃତ୍ୟୁ ହୁଏ, ସେ କ୍ଷେତ୍ରରେ ମୋର ସମସ୍ତ ସମ୍ପତ୍ତି ମୋର୍ ଏଟର୍ଣ୍ଣି
ମଁସିଏ ବେଲ ଅମଙ୍କ ତତ୍ତ୍ୱାବଧାନରେ ରହିବ । ମୋର ଉପରୋକ୍ତ ଇଚ୍ଛା
ପୂରଣ କରିବା ଦୃଷ୍ଟିରୁ ମୋ ମୃତ୍ୟୁର ତିନିବର୍ଷ ପର୍ଯ୍ୟନ୍ତ ଏ ବ୍ୟବସ୍ଥା ଲାଗୁ ରହିବ ।
ଯଦି ଏ ମଧ୍ୟରେ ସନ୍ତାନ ଜନ୍ମଲାଭ ହେଲେ ସେ ସମସ୍ତ ସମ୍ପତ୍ତିର
ଉତ୍ତରାଧିକାରୀ ହେବ ।

କିନ୍ତୁ ମୋ' ମୃତ୍ୟୁ ହେବାର ତିନିବର୍ଷ ମଧ୍ୟରେ ଦୁର୍ଭାଗ୍ୟବଶତଃ ଯଦି
ଉକ୍ତ ଭ୍ରାତୃଷ୍ପୁତ୍ରୀର ସନ୍ତାନସନ୍ତତି ନହୁଏ, ତାହାହେଲେ ମୋର ସମସ୍ତ
ସମ୍ପତ୍ତି ମୋର ଏଟର୍ଣ୍ଣିଙ୍କ ତତ୍ତ୍ୱାବଧାନରେ ଦେଶର ଗରିବ, ଦୁଃଖୀ ଓ ଜନ୍ମ-
ଦୁଃଖିତ ଜନ କଲ୍ୟାଣ ପ୍ରତିଷ୍ଠାନ ସମୂହ ମଧ୍ୟରେ ବଣ୍ଟନ କରି ଦିଆଯିବ ।"

ତାପରେ ଏଟର୍ଣ୍ଣି ମହୋଦୟ ଅତି ସୌଜନ୍ୟତା ସହିତ ଢାଗଲ୍ୟାଙ୍କ
ହାତରେ ଉଇଲଟି ଦେଲେ । ଭୟ ଓ ବିସ୍ମୟରେ ଢାଗଲ୍ୟା ହତବୁଦ୍ଧି
ହୋଇ ପଡ଼ିଥାନ୍ତି ।

ଦେଖନ୍ତୁ ମଁସିଏ, ଏପରି ଭାବେ ଉଇଲ ପ୍ରସ୍ତୁତ କରିବାକୁ ଆପଣଙ୍କ
ଜେଜେମା ଯେତେବେଳେ ମତେ କହିଲେ, ସେତେବେଳେ ନାତିନାତୁଣୀ
ମୁହଁ ଦେଖିବାର ଆଶା ତାଙ୍କର ଖୁବ୍ ପ୍ରବଳ ଥିଲା ।

ମୁଁ ତାଙ୍କ ସହିତ ଯୁକ୍ତି କରିଥିଲି । କିନ୍ତୁ ସେ ଓଲଟା ଯୁକ୍ତି ଦ୍ୱାରା
ନିଜ ମତ ଉପରେ ଦୃଢ଼ ରହିଲେ । ତାଙ୍କର ଯୁକ୍ତି ପ୍ରଧାନତଃ ଧର୍ମବିଶ୍ୱାସ ଉପରେ
ପ୍ରତିଷ୍ଠିତ । ସେ ପ୍ରାୟ କହୁଥିଲେ, ପୁଅ ଝିଅ ନହେବା ଦେବତାର ଅଭିଶାପ ।
ଯେ ଯାହାହେଉ, ମୁଁ ସାଧ୍ୟମତେ ଚେଷ୍ଟା କରି ସୁଦ୍ଧା ତାଙ୍କର ମତ
ପରିବର୍ତ୍ତନ କରାଇ ପାରିଲି ନାହିଁ । ବିଶ୍ୱାସ କରନ୍ତୁ, ମୁଁ ଏଥିପାଇଁ ଆନ୍ତରିକ
ଦୁଃଖିତ । ତାପରେ କୋରି ଆଡ଼େ ଅନାଇ ହସି ହସି କହିଲେ—ମେରି
ହୋଇପାରେ, ବୁଢ଼ୀଙ୍କ ଶେଷ ଇଚ୍ଛା ପୂର୍ଣ୍ଣ ହେବାର ବିଶେଷ ବିଳମ୍ବ
ନାହିଁ ।

ହତାଶ ହୋଇ ଢାଗଲ୍ୟା ଘରକୁ ଫେରିଲେ । ଯାହା ଘଟିଗଲା, ତାହା
ଭାବିବାକୁ ମଧ୍ୟ ସମୟ ନାହିଁ । ରାସ୍ତାରେ କେହି କାହା ସହିତ କଥା ମଧ୍ୟ

ହେଉଲନି । ଲଜ୍ଜା ଓ ରାଗରେ ପାଗଳ ଭଳିଆ ସଡିଁଏ । କ୍ରୋଧର ଶୋକ ସବୁ ମୁହୂର୍ତ୍ତିକେ କୁଆଡ଼େ ଛୁଡ଼ିଗଲା । ପିଉସୀର ଅକୃତଜ୍ଞତାକୁ ତା ପ୍ରଶ ଶୋକ ପ୍ରକାଶ କରିବା ଦାୟିତ୍ୱରୁ ସେ ମୁକ୍ତ ପାଇଲା ଯେମିତି । ତାର ମଧ ଦୋଷ କଣ ? ସତରେ ଏଭଳି ପିଉସି ପାଇଁ ଶୋକ କରି ଲାଭ ନାହିଁ । ଘୃଣା ଓ ବିରକ୍ତିରେ ଲେଜାକ୍ଲଙ୍କ ଓଠ ଦୁଇଟି ନିବୁଜ । ଶେଷରେ ସେହିଁ ପ୍ରଥମ ନୀରବତା ଭଙ୍ଗ କଲେ ।

ଉଇଲଟା ଦେଲ—ନିଜେ ଠିକ ଦେଖେ ।

କାଗଲ୍ୟା ଉଇଲଟି ବଢ଼ାଇ ଦେଲେ । ଉଇଲଟିକୁ ନେଇ ରାସ୍ତା ଉପରଠରେ ଛୁଡ଼ି ଛୁଡ଼ା ଲେଜାକ୍ ପଢ଼ି ଚାଲିଲେ ଖୁବ୍ ମନ ଦେଇ ।

ଦୀର୍ଘ ନିଶ୍ୱାସଟାଏ ଛାଡ଼ି ପୁଣି ଉଇଲଟାକୁ ଶଶୁରଙ୍କ ହାତକୁ ଫେରାଇ ଦେଲେ ସେ ।

ନା, କିଛି ହେଇ ପାରିବନି । ପିଉସୀ ବେଶ କୌଶଳରେ ଆମକୁ ଠକି ଦେଲେ ।

କେତେ ଦିନର ସ୍ୱପ୍ନ-ପ୍ରାସାଦ ଭଙ୍ଗି ଚୁରମାର ହେଇ ଯାଇଥିବାରୁ କାଗଲ୍ୟା ରାଗରେ ନିଆଁ ବାଣ ।

ପିଲା ହେବା ନହେବା କଥା ତ ଭଗବାନଙ୍କ ହାତରେ । ତୁମେ ଯ ଅପାର ମନକଥା ଜାଣିଥିଲ, କାହିଁକି ତେବେ…

ଲେଜାକ୍ଲ କିଛି ଉତ୍ତର ଦେଲେନି ।

ଘର ଆଗରେ କେଇଜଣ ଲୋକ ଜମା ହୋଇଛନ୍ତି । ଶବ ସତ୍କାର କରିବା ସେମାନଙ୍କ ପେଶା । ଲେଜାକ୍ଲ କିଛି ନକହି ସିଧା ନିଜ କୋଠରୀକୁ ଚାଲିଗଲେ । ନା, ସେ ଆଉ ଏ ସବୁରେ ରହିବେନି । ବୁଢ଼ା କିନ୍ତୁ ସେମାନଙ୍କୁ ଦେଖି ରାଗରେ ଜଳି ଉଠିଲେ—ନା, ନା, ମୁଁ କିଛି ଜାଣେନା । ତମ ଗୋଡ଼ ଧରୁଛି ବାବା, ତମେ ସବୁ ଯାଅ । ମତେ ଟିକିଏ ଶାନ୍ତିରେ ରହିବାକୁ ଦିଅ ।

କ୍ରୋଧ ମଧ୍ୟ ନୀରବରେ ନିଜ ଘରକୁ ଯାଇଁ କବାଟ କିଳି ଦେଲା । ପ୍ରାୟ ଏକ ଘଣ୍ଟା ପରେ କାଗଲ୍ୟା ବାହାରକୁ ଆସି ଜ୍ୱାଇଁଙ୍କ ଦରଜାରେ କରାଘାତ କଲେ ।

ଲେଜାବ୍, ତମକୁ ମୁଁ କିଛି କହିବାକୁ ଚାହେଁ । ଯା ହେବାକଥା
ହୋଇଗଲାଣି । ବର୍ତ୍ତମାନ ଆମ ପରସ୍ପରକୁ ସେପରି ଭୁଲ ନବୁଝୁ । ଅପାର
ଶପ କୃତ୍ୟତା ବେଗ ଆତ୍ମୂର ସହ୍ୟ କରିବାକୁ ହେବ । ତା ନକଲେ
ଫିସରେ ସମସ୍ତେ ହସିବେ । ଖର୍ଚ୍ଚ କଥା କିଛି ଭାବନା । ଯେମିତି ହେଉ,
ରିବାକୁ ହେବ । ତା ଛଡ଼ା ଏମିତି ଭଙ୍ଗି ପଡ଼ିବାର ବା କଣ ଅଛି ? ଏଇ
ସବନ ତମର ବିବାହ ହୋଇଛି, ଏଥିରେ ହତାଶ ହେବାର ତ କିଛି ନାହିଁ ।
ି, ତମେ କଣ ବର୍ତ୍ତମାନ ଅଫିସ ଯିବ ?

ଆଜ୍ଞା ହଁ ।

ତାପରେ ଖାଇବା ପର୍ବ । ଭୋଗ ଆସିଲା । ଖୁବ୍ ନିର୍ଲିପ୍ତ ଭାବ
ାବ—ଯେପରି କିଛି ହୋଇନି । ଗତ ରାତିଟା ଏକପ୍ରକାର ଉପାସରେ କଟିଛି ।
ଭୋକ ଲାଗୁଥିଲା ତାକୁ । ଖୁବ୍ ଖାଇଲା ସେ ।

ଖାଇସାରି ନିଜ କୋଠରୀକୁ ସେ ଚାଲି ଆସିଲା । ଲେଜାବ୍ ଅଫିସ
ଲେ । କାଣେଲିଁୟା ବାରଣ୍ଡାରେ ଗୋଟାଏ ଚେୟାରରେ ବସି ବସି ପାଇପ
ାଣିବାକୁ ଲାଗିଲେ ।

ନିଦାଘର ପ୍ରଖର ସୂର୍ଯ୍ୟାଲୋକ ଛାତ ଉପରେ ପଡ଼ୁଛି । ଯେପରି ନିଆଁ
ଅଞ୍ଜାଏ କିଏ ଛାଟି ଦେଇଛି । ଆଖିରେ ଚାହିଁ ହଉନି ।

ପାଚୀର ବାହାରେ କେତେ ସୁନ୍ଦର ପାହାଡ଼ । ନିର୍ନିମେଷ ଦୃଷ୍ଟିରେ
ସେଇ ପ୍ରସ୍ତରମୟ ବସ୍ତୀଟାକୁ ନିରୀକ୍ଷଣ କରୁଛନ୍ତି କାଣେଲିଁୟା । ପାହାଡ଼କୋଳରେ
ବହି ଯାଉଛି ଶ୍ୟେନ ନଦୀ । ପ୍ରଶସ୍ତ, ଶାନ୍ତ ଓ ଗଭୀର ନୂତନ । ପାହାଡ଼ ଦେହରେ
କେତେ ରଙ୍ଗବେରଙ୍ଗର ଫୁଲ । ତାର ଶୋଭା, ତାର ଗନ୍ଧ କି ଅପୂର୍ବ । ନଦୀ
କୂଳ, ଗଛ ତଳ ଘାସ ଉପରେ ଶୋଇ ରହିବାରେ କି ଆନନ୍ଦ, କି ତୃପ୍ତି ।

ରୌଦ୍ରତପ୍ତ ଏ ଛାତରେ ଶୋଇବା ଏକବାରେ ଅସହ୍ୟ । ମନ
ଥିଲା, ଟିକିଏ ହେଲେ ଶାନ୍ତି ନାହିଁ । କେତେ ଆଉ କେତେ ଚିନ୍ତା ମନ
ିତରେ ଜମି ଉଠିଛି । ସଦାସର୍ବଦା ସେଇ ଗୋଟାଏ କଥା କଣ୍ଟା ପରି
ାଙ୍ଗରେ ଦଂଶନ କରୁଛି । ଅପ୍ରତ୍ୟାଶିତ ଦୁର୍ଘଟଣା, ଅଚିନ୍ତ୍ୟନୀୟ ଭାଗ୍ୟ
ିଡ଼ମ୍ବନା ହେଉ ମନ ଭିତରେ ଯନ୍ତ୍ରଣାର ତୀବ୍ର ଦହନ । ଏହାଛଡ଼ା କେତେ

କନ୍ତୁ ଆଶା ଉପରେ ବଜ୍ରପାତ । ନାଁ ର ଧାସ ତ ନିଶ୍ଚୟ ଲୁଚିବ । ଉପାୟ କଣ ? ମନ ବିକ୍ଷେପିତ ହଠିଛି । ଏତେବେଳେ କଣ୍ଟରୁ ବିପଛଡ଼ ଆଉ କଣ କା ବାହାରିବ ?

ପାଖ ଘରୁ ଖଠ ଖଠ୍ ଶବ୍ଦ ଶୁଭୁଛି । ଆଜି ମୃତ ଦେହ ସମାଧିସ୍ଥ ହେବ । ତାର ଆୟୋଜନ ଚାଲିଛି । ହଠାତ୍ ସ୍ମରଣ ହେଲା ଏନଷ୍ଟିଙ୍କ ଘରୁ ଫେରିବା ପରେ କେହି ସେମାନଙ୍କ ଭିତରୁ ମୃତା ଘରକୁ ଯାଇ ନାହାନ୍ତି ।

ବସି ବସି କେତେ କଥା ଭାବିଲେ । ଝିଅର ଛୁଆ ନ ହେବ ବା କାହିଁକି ? ଏଇତ ମାସ ସେଦିନ ବାହାହୋଇଛି । ଦି' ବର୍ଷ ବି ହୋଇନି । ଜ୍ୱାଇଁ ବେଶ ହୃଷ୍ଟପୁଷ୍ଟ—ବଳିଷ୍ଠ ଦେହ—ସ୍ୱାସ୍ଥ୍ୟ ମଧ୍ୟ ଭଲ । ଝିଅଟି ବାଗର—ଏତିକି ଯା' ଦୋଷ । ନିଶ୍ଚୟ ସନ୍ତାନ ହେବ—ଭୟ କଣ ?

ଲେଜାବେଲ ଖୁବ୍ ନିଃଶବ୍ଦରେ ଅଫିସରେ ପ୍ରବେଶ କଲେ । ଟେବୁଲ ଉପରେ ଖଣ୍ଡିଏ କାଗଜ ଦେଖିଲେ—ସେଥିରେ ଲେଖାଅଛି—'ବଡ଼ ସାହେବ ଡାକିଛନ୍ତି ।'

କୋଟ ନ ଓହ୍ଲାଇ ସିଧା ବଡ଼ ସାହେବଙ୍କ କୋଠରୀକୁ ଗଲେ ଲେଜାବେଲ । ମୁହଁରେ ଶୋକର ଛାୟା । କିନ୍ତୁ ଶୋକର ଭାବ ଯେତେ ନୈରାଶ୍ୟଜନକ, ବାସ୍ତବରେ ପିଇଶାଶୁଙ୍କ ମୃତ୍ୟୁଯୋଗୁଁ ସେତେଟା ନୁହେଁ ।

କେତେବେଳୁ ତମକୁ ଖୋଜୁଛି । ଆଜି ଏତେ ଡେରି କାହିଁକି ?

ଘରେ ଗୋଟାଏ ଦୁର୍ଘଟଣା ଘଟି ଯାଇଛି । ମୋ ପିଇଶାଶୁ ମରି ଯାଇଛନ୍ତି । କାଲି ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହେବ—ଅନୁଗ୍ରହ କରି ଆପଣ ଆସିବେ—ଆମ ସ୍ୱାମୀସ୍ତ୍ରୀ ଓ ଶଶୁରଙ୍କ ତରଫରୁ ଆପଣଙ୍କୁ ବିଶେଷ ଭାବେ ନିମନ୍ତ୍ରଣ କରୁଛି

ଧନ୍ୟବାଦ । ତା ହେଲେ ତମକୁ ଆଉ ମୁଁ ଅଟକେଇବି ନାହିଁ ତୁମର ତ' ହେଲେ ଅନେକ କାମ ।

ଧନ୍ୟବାଦ ! ଆୟୋଜନ ପ୍ରାୟ ଶେଷ ହେବା ଉପରେ । ମୋର ଉପସ୍ଥିତି ସେଠାରେ ଦରକାର ନାହିଁ । ମୁଁ ବର୍ତ୍ତମାନ ଅଫିସରେ ଅଛି ।

ଲେଜାର୍ ନିଜ ରୁମରେ [illegible]

ହେଲା । ସାରା ଅଫିସଟି ଯେପରି ଉତ୍ସବ ମୁଖରିତ ହୋଇଉଠିଲା । ସମସ୍ତେ ଅଭିନନ୍ଦନ ଜଣାଉଛନ୍ତି । କିଏ କିଏ ସାନ୍ତ୍ୱନା ମଧ୍ୟ ଦେଉଛନ୍ତି ।

ଏତେ ଦିନରେ ଯେବେ ଉତ୍କଳ୍ପ ହେଲ ଲେଜାର୍ କି !

ବୁଢୀ ତା' ହେଲେ ଏବେ ଭତେନ ନଟିଲ୍ଲ । ଅଭିନନ୍ଦନ ଗ୍ରହଣ କର ।

ଏଥର ତ ଆମକୁ ଭୁଲିଯିବୁ, ନୁହେଁ ।

ନୀରବରେ ସେ ସବୁ ସହ୍ୟ କରିଗଲେ ଅଭିନେତାସୁଲଭ ଗାମ୍ଭୀର୍ଯ୍ୟର ମୁଖା ପିନ୍ଧି । ନିଜେ କୌଣସି ମନ୍ତବ୍ୟ ଦେଲେନି । ବରଂ ମନେ ମନେ ଖୁବ୍ ଖୁସି ହେଲେ ।

ପୁଅ ମନ ବୁଝେ କେଉଁ ! ତା ମନକୁ ଦାଉଡ଼ ପାଇବନି ।

ଠିକ୍ କହୁଛ । ଶୋକ୍ ନା ଫୋକ ! ଗୋଟେ ବାହାନା । ଭିତରେ ଭିତରେ ଖୁସି କହୁଛେ ନିଶ୍ଚୟ ।

ମାତ୍ର ଭିନ୍ନ ଧରଣର ଜିଲ୍ଲ । ଅନ୍ୟ ପାଞ୍ଚ ଜଣଙ୍କ ଅପେକ୍ଷା ତା ସାହସ ଖୁବ୍ ବେଶି । ଗୁଁ ସୁଁ ଭିତ ତା ଠାରେ ନାହିଁ । ଯାହା କହିବ ସଫା ।

କଣ ଆଜ୍ଞା, କେତେ ଟଙ୍କା ପାଇଲେ ?

ଠିକ୍ ଜାଣିନି । ଉଦାସ ହୋଇ ଲେଜାର୍ କହିଲେ, ଉଇଲରେ ଅବଶ୍ୟ ମୃତ ପାଇଁ ଲକ୍ଷ ଲେଖା ହୋଇଛି । ଆଜି ଆମେ ଏଟର୍ଣ୍ଣିଙ୍କ ପାଖକୁ ଯାଇଥିଲୁ । ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ବନ୍ଧରେ ଉଇଲରେ କ'ଣ ଲେଖା ହୋଇଛି ଜାଣିବା ପାଇଁ । ସେତିକିବେଳେ ଏଟର୍ଣ୍ଣି ଆମକୁ ଉଇଲଟି ପଢ଼ି ଶୁଣାଇଲେ ।

ଅଧିକାଂଶ ବନ୍ଧୁ ଧାରଣା କଲେ ଲେଜାର୍ ଆଉ ଗୁଳକି କରିବନି । କେଉଁ ଦୁଃଖରେ ସେ ଆଉ କଲମଗୁଞ୍ଜ କରିବ ? ଏତେ ଧନର ଅଧିକାରୀ ହୋଇ କିଏ ବା କିରାଣୀଗିରି କରେ ? ତାର ଭବିଷ୍ୟତ କର୍ମପନ୍ଥା ନେଇ ଅଫିସରେ ଆଲୋଚନାର ସୀମା ନାହିଁ ! ଜଣେ ଜଣେ ଗୋଟିଏ ଗୋଟିଏ ପ୍ରଶ୍ନ କରୁଛନ୍ତି । କିଏ କହେ—ସେ ଏଣିକି ରାଜନୀତି କରିବ—ଜାତୀୟ ବିଧାନ ସଭାର ସଭ୍ୟ ହେବ । ଅନ୍ୟ ଜଣେ ଟିପ୍ପଣୀ କରେ—ବିଧାନସଭାକୁ କାହିଁକି

[ ୫୦

ଯିବ ସେ ? ମନ୍ତ୍ରୀ ହେବ । ବଡ଼ ସାହେବ ଭକ୍ତ—ଲୋକାଙ୍କ ହୃଦୟ ବର୍ତ୍ତମାନ ପଦତ୍ୟାଗ ଦରଖାସ୍ତ ଆଣିବ ।

ଗ୍ରୀଷ୍ମ ଉତ୍ସବରେ ଫୁଲ୍‌ପୁର୍ ଅଫିସରେ ପାର୍ଟି ଅଛି । ଆୟୋଜନ ବିଶେଷ କିଛି ନୁହେଁ, ଖୁବ୍ ସାଧା ସିଧା । ଏ ନେଇ ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଲୋକଙ୍କଠାରୁ ଶୁଣାଗଲା, ମାଦଟମାସ୍ଟେଲିଲ ସାରଲେଖ ବୁଝାଉଛି ଏହି ବ୍ୟବସ୍ଥା କରିଯାଇଛନ୍ତି । ଉଇଲରେ ମଧ୍ୟ ସେଇଆ ଲେଖା ହୋଇଛି ।

ପରଦିନ ଠାରୁ କାଗଲ୍ୟା ମଧ୍ୟ ପୂର୍ବପରି ଅଫିସ୍ ଯିବା ଆରମ୍ଭ କଲେ । ଲୋକାଙ୍କ ଅଗପର ଅନ୍ତର୍କଥା ସନ୍ଦେହ ଭିତରେ ଲାଗିଗଲେଣି । ଏମାନଙ୍କ ଜୀବନରେ ଯେ ଯେଉଁ ଏ ପରିବର୍ତ୍ତନ ହୋଇଛି, ତାହା ତାଙ୍କର ଭାବ ଭଙ୍ଗୀରୁ ବୁଝିବା କଠିନ । ପରିବର୍ତ୍ତନ ଭିତରେ ଆଜିକାଲି ଦାମୀ ସିଗାରେଟ୍ ଖାଇବା, ବେଳେବେଳେ ବଡ଼ଲୋକ ଧରଣର ଲଭ-ହିଡ଼, ଟଙ୍କାଭଡ଼ା ସମ୍ବନ୍ଧୀୟ ଆଲୋଚନା—ଏତିକି ଯାହା । ଏହାଛଡ଼ା ସେମାନେ ଯେ ହଠାତ୍ ଆଲ୍ଲାଦିନ ପରି ଏକ ଆଶ୍ଚର୍ଯ୍ୟ ପ୍ରଦୀପ ପାଇଛନ୍ତି—ଏ କଥା ବୁଝିବା କଷ୍ଟ ସାଧ୍ୟ । କିଛିଦିନ ପରେ କେତେକ ଉପହାସ ହେଲେ ଯେ ପାର୍ଶ୍ୱ ପାଖାପାଖି ଏକ ସ୍ଥାନରେ ଲୋକାଙ୍କ ଗୋଟାଏ ବଗିଚା ଘର ଭଡ଼ା ନେଇଛି । ଗ୍ରୀଷ୍ମ ଅବକାଶ ସେମାନେ ସେଠାରେ କଟାଇବେ ।

ସମସ୍ତଙ୍କ ଧାରଣା ହେଲା—ବୁଢ଼ୀ ପରି ଏମାନେ ମଧ୍ୟ କୃପଣ । ସେଇ ଗୋଟିଏ ରକ୍ତ ତ ଦେହରେ । ଆଉ ଜାଣି ହୁଅନ୍ତା ? ତା' ବୋଲି ଏତେ ଟଙ୍କାର ମାଲିକ ହୋଇ କିରାନିଗିରି ! ଧିକ !

କିଛି ଦିନ ପରେ ।

ଏସବୁ ନେଇ ଆଉ କେହି ମୁଣ୍ଡ ଖେଳେଇଲେନି । ଏମାନେ ଯୋଉ ସ୍ତରର ମଣିଷ, ଖୁବ୍ ଆଗରୁ ସେମାନେ ତା'ର ସନ୍ଧାନ ପାଇ ସାରିଥିଲେ ।

ଶୋକ ଯାତ୍ନାରେ ଯାଉ ଯାଉ ଉଇଲ କଥା ମନେ ପଡ଼ିବା ମାତ୍ରେ ଲଜାବନ୍ତ ରାଗି ଉଠିଲେ ମନେ ମନେ । ସବୁଦିନ ପାଇଁ ଏ ରାଗ ମନଭିତରେ ରହିଥିବ । କାହା ପାଖରେ ପ୍ରକାଶ ମଧ୍ୟ କରି ହେବନି । ମନ ଭିତରେ ନାଆଁକୁ ସାଇତି ରଖିବାକୁ ହେବ ତାକୁ । କୌଣସି ଉପାୟ ମଧ୍ୟ ନାହିଁ— କେବଳ ଏଇଥିପାଇଁ ରାଗଟା ବେଶି । ତାର ଧାରଣା ଲେନ୍କୁ ସମସ୍ତେ ମିଶି ତା ବିରୁଦ୍ଧରେ ଯେମିତି ଷଡ଼ଯନ୍ତ୍ର କରୁଛନ୍ତି । ଏଣୁ ସମସ୍ତଙ୍କ ବିରୁଦ୍ଧରେ ତାର ଏ ଅଭିଯୋଗ । ନିଜ ଭାଗ୍ୟର ବିପର୍ଯ୍ୟୟ ଯୋଗୁଁ ସମସ୍ତଙ୍କୁ ସେ ଅପରାଧୀ ଭାବୁଛି ଆଜି ।

ନିଜକୁ ପ୍ରଶ୍ନ କରେ—୯ ବର୍ଷ ହେଲା ମୋର ବିବାହ ହୋଇଛି । ଏହା ଭିତରେ ସନ୍ତାନ ନ ହେଲା ବା କାହିଁକି ? ତେବେ କଣ ମୋର ସନ୍ତାନସନ୍ତତି ହେବନି ?

ଦାମ୍ପତ୍ୟ ଜୀବନର ବ୍ୟର୍ଥତା ସମ୍ଭାବନାରେ ତା ଛାତି ତଳ ଦୁଗୁ ଦୁଗୁ ହୁଏ ।

ମେଳା ଭିତରେ ଏକ ଲମ୍ବା, ତେଲ ଜୁଡ଼ୁବୁଡ଼ୁ ବାଉଁଶ ଅଗରେ ଝୁଲୁଥିବ ପଏ ଅଣ୍ଡକୁ ଜୁକୁ ଜୁକୁ ହୋଇ ଚାହିଁ ଶିଶୁ ଭାବେ—ଯେମିତି ହେଉ, ବାଉଁଶ ଅଗରୁ ନିଶ୍ଚୟ ତାକୁ ତଳକୁ ନେଇ ଆସିବ—ବାଉଁଶଟା ତେଲ ଖସଡ଼ା ହୋଇଛି—ହେଉ । ଯେମିତି ହେଉ ନିଶ୍ଚୟ ଉପରକୁ ଉଠିବ । ଶକ୍ତି, ନିଷ୍ଠା, ମନୋବଳ—ସବୁ ତ ମୋର ଅଛି—ଆଉ ଭୟ କଣ ? ଲେଜାବ୍ ଅବସ୍ଥା ତଦ୍ରୂପ । ସନ୍ତାନର ପିତା ତାକୁ ହେବାକୁହିଁ ହେବ । ସମସ୍ତଙ୍କର ତ ଛୁଆ ଅଛି । ମୋର ନହେବ ବା କାହିଁକି ?

କଣ ତାର ଅଭାବ ? ହୁଏତ ଆଗେ ତାର କୌଣସି ଦୋଷ ତ୍ରୁଟି ରହିଥିଲା ବା ଅଜାଣତରେ କୌଣସି ଭୁଲ ସେ କରି ପକେଇଛି । ଏହା ଆଗରୁ ପିତା ହବାର ବ୍ୟଗ୍ରତା ସେ ତ କେବେ ଅନୁଭବ କରିନି । ସନ୍ତାନ କାମନା ମଧ୍ୟ ତାର ସେତେ ପ୍ରବଳ ନଥିଲା । ଏଥର କି ତା ଆଶା ନିଶ୍ଚୟ ଫଳ ହେବ । ଆନ୍ତରିକତା କେବେ ବିଫଳ ହୁଏ ନା ।

ଘରକୁ ଆସିବା ପରେ ଦେହଟା ଭଲ ଲାଗୁନ । ବିଛଣାରେ ଶୋଇ ପଡିଲେ ଲେଜାଉଲ । ମୋହମୁଦ୍ଗର ଦୁଃଖ ପଥର ପରି ତାଙ୍କ ଛାତିରେ ଯେପରି ଲଦା ହୋଇଛି । ତା' ଅସହ୍ୟ ହୋଇ ଉଠୁଛି । ମନ ଭିତରଟା ତାଙ୍କର ହୁ ହୁ ହୋଇ ଜଳୁଛି ।

ଡାକ୍ତର ଆସି ପରୀକ୍ଷା କରି ଉଦ୍‌ବିଗ୍ନତା ପ୍ରକାଶ କଲେ । ଏଣିକି ଆଉ ଏତେ ପରିଶ୍ରମ କଲେ ଚଳିବନି । କେବଳ ଚୁପ୍ ହୋଇ ଘରେ ରୁହନ୍ତୁ । ସମ୍ପୂର୍ଣ୍ଣ ବିଶ୍ରାମ ଦରକାର । ନଚେତ୍ ମସ୍ତିଷ୍କ ଜ୍ୱରର ସମ୍ଭାବନା ଅଛି—ସେତେବେଳେ ବଞ୍ଚିବା କଷ୍ଟସାଧ୍ୟ ହୋଇ ପଡିବ ।

ଯା ହେଉ, ସପ୍ତାଏ କାଳ ବିଶ୍ରାମ ନେଇ ପୁଣି ଯଥାରୀତି ଅଫିସ କରିବାକୁ ଲାଗିଲେ ଲେଜାଉଲ ।

ତେବେ ବି ଶରୀରରେ ଖୁବ୍ ଦୁର୍ବଳତା ଅନୁଭୂତ ହେଉଛି । ଦାମ୍ପତ୍ୟ ଜୀବନର କର୍ତ୍ତବ୍ୟସମ୍ପନ୍ନ ପାଇଁ ସାହସର ଅଭାବ । ସନ୍ଧ୍ୟା ହେବା ମାତ୍ରେ ଅଜଣା ଭୟରେ ମନ ମରିଯାଏ । ସାହସ ଉଭେଇ ଯାଏ ! ପ୍ରତି ମୁହୂର୍ତ୍ତରେ ନାଡ଼ି ଧରି ପରୀକ୍ଷା କରନ୍ତି । କେତେବେଳେ ଜଣାଯାଏ—ଖୁବ୍ ଧୀରେ ଧୀରେ ଚାଲୁଛି, ପୁଣି କେତେବେଳେ ଦେଖନ୍ତି—ଖୁବ୍ ଦ୍ରୁତ ଗତିରେ ତେଇଁ ତେଇଁ ନାଡ଼ି ଚାଲୁଛି । ତାପରେ ଔଷଧ ଆଉ ଏଣୁ ତେଣୁ ଖାଇବା ଆରମ୍ଭ ହୁଏ । ବ୍ୟାୟାମର ନୂଆ ନୂଆ ପରୀକ୍ଷା ଚାଲେ ।

ଦେହଟା ତେବେ ବି ଗୋଟାଏ ବାଗକୁ ଆସୁନ । ଗ୍ରୀଷ୍ମ ସମୟ ପାଣି ବାହାରେ କଟାଇଲେ ମନ୍ଦ ହୁଅନ୍ତା ନାହିଁ । ଦେହ ସୁସ୍ଥ ହୁଅନ୍ତା । ମନଟା ବି ଭଲ ରୁହନ୍ତା । ସବୁ ଦିଗରୁ ଭଲ ।

ପାରୀଠ୍ ଅଳ୍ପ ଦୂରରେ ଗୋଟିଏ ଗାଁରେ ଘର ଭଡ଼ା ନିଆ ହୋଇଛି । ଜଣହେଁ ବର୍ତ୍ତମାନ ସେଇଠି ରହୁଛନ୍ତି । ସକାଳ ବେଳା କାଶଲ୍ୟା ଓ ଲେଜାବ୍ ସାଙ୍ଗ ହୋଇ ଚାଲି ଚାଲି ପଡିଆ ପାରି ହୋଇ ସହରକୁ ଆସନ୍ତି, ପୁଣି ଚାଲି ଚାଲି ଘରକୁ ଫେରନ୍ତି ।

ଘରଟି ନଦୀ କୂଳରେ । ନଦୀର ସ୍ନିଗ୍ଧ ସବୁଜ ଶୋଭାରେ କୋଉ ଆଖି ପୂରି ଉଠେ । ଏ ସ୍ଥାନଟି ତାକୁ ଯେପରି ମନ୍ତ୍ରମୁଗ୍ଧ କରି ଦେଇଛି ।

ସବୁ ଦୁଃଖ ଭୁଲି ଯାଇଛି ସେ । ସକାଳ ସନ୍ଧ୍ୟା ନଦୀ କୂଳରେ ବୁଲେ କେବେ ।
ନାନା ବର୍ଣ୍ଣର ଫୁଲ ତୋଳି ଘରକୁ ଆଣେ । ମୁଠା ମୁଠା ସୁନ୍ଦର ...
ଆଣି ନାନା ଢଙ୍ଗରେ ଘର ସଜାଏ ।

ପ୍ରତିଦିନ ସନ୍ଧ୍ୟାରେ ଦୁହେଁ ନଦୀ କୂଳକୁ ବୁଲି ଆସନ୍ତି । ବୁଲି ବୁଲି
ଅନେକ ଦୂରକୁ ଚାଲିଯାନ୍ତି ସେମାନେ । ସେଇଠି କୌଣସି ଏକ ରେସ୍ତୋରାଁରେ
ସେମାନେ କିଛିର ଖାଇ ନିଅନ୍ତି । ତାପରେ କଳା ଓଡ଼ଣା ଟାଣି ...
ଆସେ । କେତେ ଦୂରରେ ସ୍ୱର୍ଣ୍ଣରେଖା ପରି ପାହାଡ଼ ଦିଶେ । କେତେବେଳେ
କାଶତଣ୍ଡୀ ସେଇ ଆଡ଼କୁ ଅନେଇ ରୁହନ୍ତି । ଦେଖୁ ଦେଖୁ ତାଙ୍କ ମୁଖମଣ୍ଡଳ
ଏକ ଅପୂର୍ବ ଦୀପ୍ତିରେ ଉଦ୍ଭାସିତ ହୋଇ ଉଠେ । ଗର୍ବରେ ଛାତି ଫୁଲି ଉଠେ ।
ମନେ ମନେ କୁହନ୍ତି, ଆହା, ଏଭଳି ସୁନା ଦେଶ ଆଉ କୋଉଠି ହେଲେ ନାହିଁ ।
ଅନ୍ଧାର ଚିରି କେତେବେଳେ କମିତି ଟ୍ରେନ ଛୁଟି ଯାଏ । ପୋଲ ଉପରେ
ବିକଟ ଗର୍ଜନ କରି ଅଦୃଶ୍ୟ ହୋଇଯାଏ । କେତେବେଳେ ଭାଁ ଭାଁ ...,
କେତେବେଳେ ଅବା ଡାହାଣ ପଟେ, କୋଉ ଟ୍ରେନଟା ପାରି ଆଡ଼େ, କୋଉଟା
ସମୁଦ୍ର ଆଡ଼କୁ ଚାଲିଯାଏ ।

ରାତି ଆସେ ଧୀରେ ଧୀରେ । ଏଣିକି ଫେରିବାକୁ ହେବ । ମନ୍ଥର
ଗତିରେ ଚାଲିବାକୁ ଆରମ୍ଭ କରନ୍ତି ସେମାନେ । ଜହ୍ନ ଉଠିଛି । ନଦୀର
ଛାତିରେ ଜହ୍ନ ଆଲୁଅର ମହୋତ୍ସବ । ପ୍ରବହମାନ ଜଳସ୍ରୋତରେ ଜ୍ୟୋତ୍ସ୍ନା-
ଲୋକ ରଜତ ଧାରା ପରି ହସି ହସି ଲୀଳାୟିତ ଛନ୍ଦରେ ଛୁଟି ଚାଲିଛି ।
ଚାରିଆଡ଼େ ବେଗର ଶବ୍ଦ । କେତେବେଳେ କମିତି ପକ୍ଷୀ ଗୋଟାଏ ଉଇଁଟା ଗୀତ
ଗାଇ ଗାଇ ଅନନ୍ତ ଆକାଶରେ ଉଡ଼ି ଯାଆନ୍ତି । ଆକାଶ ପବନ, ଗଛର ପତ୍ର
ଓ ନଦୀ ଜଳରେ ସେ ଗୀତର ସୁର ଚମକ ଆଣେ । ରାତିର ଅନ୍ଧାରରେ
ଲୁଚିଲୁଚି ମାଛ ଧରାଳିମାନେ ଡଙ୍ଗା ଛାଡ଼ିଦିଅନ୍ତି ନଦୀକୁ ମାଛ ଧରିବା ପାଇଁ ।
ଦୂରରୁ ଦିଶେ କେବଳ ସେ ଡଙ୍ଗାର ଛାଇ ।

କୋଶ ଖୁବ୍ ଅଭିଭୂତ ହୋଇ ପଡ଼ିଛି ଏଥି ପାଖର ସୌନ୍ଦର୍ଯ୍ୟରେ ।
ସ୍ୱାମୀର କାନ୍ଧ ଉପରେ ତା' ମଥାଟି ଥୁଆ ହୋଇଛି । କାହା ମୁହଁରେ କଥା
ନାହିଁ । ସ୍ୱାମୀର ମନ ଭିତରଟାକୁ କୋଶ ଯେପରି ସ୍ପଷ୍ଟ ଦେଖି ପାରୁଛି ।

ବିବାହ ଆଗର ସେହି ଦିନଗୁଡ଼ିକ ପୁଣି ଫେରି ଆସିଛି ଯେପରି । ନିବିଡ଼ ଆଶ୍ଳେଷ ଆଗାରେ ପରସ୍ପରର ବାହୁଯୁଗଳ ଅଧୀର ଆଗ୍ରହରେ ଅଟପଟସମ ଣ । ବେଳେବେଳେ ଲେଜାବ୍ଲ ଗୋପନରେ କୋଗ୍ରର କାନମୂଳେ ଆଉ ବେକ ଉପର ସୁନେଲି କେଶ ଏମିତର ଚୁମ୍ବନ ଦେଇଥାନ୍ତି । କୋଗ୍ର ସଚେତ ହୋଇ ସ୍ୱାମୀ ହାତରେ ମୃଦୁ ଗୁପ ଦିଏ । ମିଳନ ଆବେଗରେ ଦୁଇଟି ତରୁଣ ପ୍ରାଣ ଶତଦଳ ପରି ଧୀରେ ଧୀରେ ସମସ୍ତ ପାଖୁଡ଼ା ମେଲି ଦେଇଛି । ଲକ୍ଷ ଲକ୍ଷ ଟଙ୍କାର ରଙ୍ଗିନ ସ୍ୱପ୍ନରେ ସେମାନଙ୍କ ଦୃଷ୍ଟି ଆଚ୍ଛନ୍ନ ।

ଭାଗଲ୍ପିଁ ଙ୍କ ଅନାଲ ବନ୍ଦରେ ନସରେ । ଶିଆଡିଆ, ଆନନ୍ଦ ଉଲ୍ଲାସରେ ସମସ୍ତ ଅତିବାହିତ ହେଉଛି । ସନ୍ଧ୍ୟାର ଧୂସର ଓଢ଼ଣୀ ତଳେ ଅପରୂପ ସୌନ୍ଦର୍ଯ୍ୟ ଦେଖି ତାଙ୍କ ପ୍ରାଣରେ ମଧ୍ୟ ଭବ୍ୟର ପ୍ରେରଣା ଜାଗିଛି । ନିରସ ଶୁଷ୍କ ଚଦ୍ୟମସ୍ତ ମଣିଷ ମନରେ ମଧ୍ୟ ବେଳେବେଳେ ଭାବାନ୍ତର ସୃଷ୍ଟି ହୁଏ ।

ଆହା, କି ଶୋଭା ! ଏହାରି ଭିତରେ ହିଁ ଭଗବାନଙ୍କ ଅବସ୍ଥିତି । ସେ ଯେ ଚିର ସୁନ୍ଦର !

ଲେଜାବ୍ଲ ଆଗ ଅପେକ୍ଷା ବେଶ ପ୍ରଫୁଲ୍ଲ । ପ୍ରାଣରେ ଜୁଆର ଆସିଛି । ଉଚ୍ଛ୍ୱାସ ବିହ୍ୱଳର ମନଟି ପର୍ଯ୍ୟଙ୍କ ହରିଣୀ ପରି ଚଞ୍ଚଳ, ଝରଣା ପରି ଆନନ୍ଦ ମୁଖର । ଏତେଦିନେ ହୁଏତ ଶୁଭ ମୁହୂର୍ତ୍ତ ଆସିଛି । ଭୁବନମୋହିନୀ ବେଶରେ ପୁଣି ନୂଆ ହୋଇ ଆସିଛି ବାସର ଗୃହ । ଆଶା ଆନନ୍ଦର ପସରା ମେଲି ମିଳନର ବଂଶୀ ବଜେଇ ଆସିଛି ସେଇ ମଧୁପ ମେଳା ।

ଦେଖୁ ଦେଖୁ ପୁଣି ସୁନେଲି ଦିନଗୁଡ଼ିକ କୁଆଡ଼େ ଉଭେଇ ଗଲା । ଆଶା ଫଳବତୀ ହେଲାନି । ମରୀଚିକା ଶୂନ୍ୟରେ ମିଳେଇ ଗଲା । ଆତ୍ମ-ବିଶ୍ୱାସ ଶିଥିଳ ହୋଇ ଆସିଲା ।

ଚୁରିଆଡ଼େ ଅନ୍ଧାର ହିଁ ଅନ୍ଧାର । ଟିକିଏ ହେଲେ ଆଲୁଅ ନାହିଁ କେଉଁଠି । ଏସବୁ ସତ୍ତ୍ୱେ ଆଶା ଛାଡ଼ିଲେନି ଲେଜାବ୍ଲ । ଆପ୍ରାଣ ଚେଷ୍ଟା କଲେ । କୋଗ୍ର ମଧ୍ୟ ସବୁ ଦିଗରୁ ସାହାଯ୍ୟ କଲା ସ୍ୱାମୀଙ୍କୁ । ତାର ମଧ୍ୟ ସେହି ଗୋଟିଏ କାମନା, ଗୋଟିଏ ଭାଗ୍ୟ । ମୁହଁରେ ହସ ଫୁଟାଇ ସ୍ୱାମୀ ଆଗରେ

ତୋଳି ଧରେ ବକ୍ଷକୁ । ସ୍ୱାମୀ ମନରେ ଭଙ୍ଗଭଏ । ପ୍ରାଣରେ ଉଚ୍ଛ୍ୱାସ ଭରେ । ଯୌବନର ସମସ୍ତ ଅନୁରାଗ ଦେଇ ପ୍ରେରଣା ଦିଏ ସ୍ୱାମୀଙ୍କୁ ।

ଅକ୍ଟୋବର ମାସ ଆରମ୍ଭରେ ଘରକୁ ଫେରି ଆସିଲେ ସେମାନେ ।

ଦାମ୍ପତ୍ୟ ଜୀବନ କ୍ରମଶଃ ଦୁର୍ବିସହ ହୋଇ ଉଠୁଛି । କଥା କଥାକେ ଯୁକ୍ତି, ଗାଳିଗୁଲଜ ମଧ୍ୟ ବେଳେବେଳେ ଆରମ୍ଭ ହୋଇଯାଏ । ସବୁ ବୁଝି ପାରନ୍ତି କମଳିନୀ । ସ୍ୱାମୀ ସ୍ତ୍ରୀ ଜୀବନରେ ଗୋଟିଏ ଦୁଷ୍ଟ ଗ୍ରହ ସେ । ଲେଜାଙ୍କ ବିଚାର ନିରୁପାୟ । କିଛି କହି ପାରନ୍ତିନି । ଯେତେହେଲେ ଶାଶୁ ତ !

ଭାବି ଭାବି ଦୁହେଁ ପାଗଳ ହେବା ଉପରେ । ଏକମାତ୍ର ଚିନ୍ତା—ରାତିଦିନ ସବୁବେଳେ ସେଇ ଗୋଟିଏ ଭାବନା । ଆଶା ବୋଧହୁଏ ଆଉ କେବେ ସଫଳ ହେବନି । ସ୍ୱପ୍ନ ସ୍ୱପ୍ନରେହିଁ ରହିଯିବ । ମରୀଚିକା ପରି ସ୍ୱପ୍ନ ରାତିଦିନ ହାତଠାରି ଡାକେ ସେମାନଙ୍କୁ । ଦି' ହାତ ବଢ଼ାଇ ସେମାନେ ଧରିବାକୁ ଚେଷ୍ଟା କରନ୍ତି, କିନ୍ତୁ ତାହା ଦୂରକୁ ଦୂରକୁ ଘୁଞ୍ଚିଯାଏ । ଯେତେ ଭାବନ୍ତି, ସେତେ ମୁଣ୍ଡ ଗରମ ହୁଏ । ସେତିକି ମନ ହୁଏ ବିରକ୍ତ । ମିଠା କଥା କହିବାକୁ ସେମାନେ ଯେପରି ଭୁଲି ଯାଇଛନ୍ତି । କାହାର ବ୍ୟବହାରରେ ଆଉ ଆଗକାର ମାଧୁର୍ଯ୍ୟ ନାହିଁ । ଛାତି ଭିତରେ ଅନବରତ ଅତୃପ୍ତ କାମନାର ଶିଖା ହୁ ହୁ ହୋଇ ଜଳୁଛି—ସେଇ ନିଆଁ ତା ଜୀବନର ଯେତେ ରସ, ଯେତେ ସୁଷମା—ସବୁକୁ ଶୋଷି ନେଉଛି । ପଡ଼ି ରହିଛି କେବଳ କଦର୍ଯ୍ୟ ...ଇଟିଏ । କ୍ରୋଧ ଆଖିରେ ନିଆଁ—ମୁହଁରେ ବିଷ । ଯା' ମନ ତା' ବଟେଇ ...ଏ ସେ ।

ଲେଜାଙ୍କୁ ଚୁପ୍ ହୋଇ ରହନ୍ତି । କିଛି କୁହନ୍ତିନି । ବାସ୍ତବରେ ତାଙ୍କର ...ର ଦେଶ ଭିତରେ । ଶିକ୍ଷା ଦୀକ୍ଷା—ସଂସ୍କୃତି—କୌଣସି ଦିଗରୁ କମଳିନୀ ...ପରିବାର ସହିତ ତାଙ୍କର ମେଳ ନାହିଁ । ସେ ଯେପରି ଏକ କକ୍ଷଚ୍ୟୁତ ଗ୍ରହ । ...ଜ ରାସ୍ତାରୁ ଖସି ପଡ଼ି କେଉଁ ଏକ ଅଜଣା କୁତ୍ସିତ ପରିବେଶ ଭିତରେ ...ବନ୍ଧ ହୋଇ ପଡ଼ିଛି ।

ଅଫିସରେ ମଧ୍ୟ ଲେଜାଙ୍କୁ ସଙ୍କୁଚିତ ହୋଇ ରହୁଛନ୍ତି । ଆଗପରି ସ୍ଫୁର୍ତ୍ତି ...ଇ ନାହିଁ କି କାମରେ ମଧ୍ୟ ଉତ୍ସାହ ନାହିଁ । ସବୁବେଳେ ଯେମିତି ମନକୁ

ମାର ଦେଉଥାନ୍ତି । ବଡ଼ ସାହେବଙ୍କ ଦୃଷ୍ଟିରୁ ଏ ସବୁ ବାଦ ଯାଏନା । ଖୁବ୍ ପ୍ରଖର ଦୃଷ୍ଟି ତାଙ୍କର । ଦିନେ ଲେଙ୍କାବାବୁଙ୍କୁ ନିଜ କୋଠରୀକୁ ଡାକି ନେଇ କହିଲେ—ଆଜିକାଲି ଏମିତି ଉଦାସ ହୋଇ ପଡ଼ୁଛ କାହିଁକି ? ଦେହ ଭଲ ଅଛି ତ ? ଦେହଟା ଖୁବ୍ ବଦଳି ଯାଇଛି ।

ନା ସାର୍, ଦେହ ଭଲ ଅଛି, କିନ୍ତୁ ବଡ଼ କ୍ଳାନ୍ତ ମୁଁ । କେଇଦିନ ହେଲା ଖୁବ୍ ପରିଶ୍ରମ କରିବାକୁ ପଡ଼ୁଛି । ସବୁ ତ ଆପଣ ସ୍ୱଚକ୍ଷୁରେ ଦେଖୁଛନ୍ତି ।

ମନେ ମନେ ସେ ଆଶା କରିଥିଲେ ଏଥର କି ନିଶ୍ଚୟ ପଦୋନ୍ନତି ହେବ । ଏଣୁ ମାସେ ହେଲା ଆଦର୍ଶ କିରାଣୀ ପରି ସେ ରାତିଦିନ ହାଡ଼ଭଙ୍ଗା ପରିଶ୍ରମ କରୁଥିଲେ । କିନ୍ତୁ ତାଙ୍କ ଆଶା ପୂର୍ଣ୍ଣ ହେଲାନି । ଅବଶ୍ୟ ଅଳ୍ପ କିଛି ବେତନ ପାଇଛନ୍ତି—ତା ସେମିତି କିଛି ନୁହେଁ ।

ପୁଣି କହିଲେ—ଏପରି ଖଟିବାର କୌଣସି ଅର୍ଥ ନାହିଁ ସାର ! ପୁରସ୍କାର କିଛି ହେଲେ ମିଳିଲାନି !

ବଡ଼ ସାହେବଙ୍କ ମୁହଁ ଗମ୍ଭୀର ।

ଲେଙ୍କାବାବୁ, ତମକୁ ଅନେକ ଥର କହିଛି, ଏ ସବୁ ବିଷୟରେ ମୁଁ କୌଣସି ଆଲୋଚନା କରିବାକୁ ଚାହେଁନା—ତା ଛଡ଼ା ତୁମର ଅଭିଯୋଗ ମଧ୍ୟ ନ୍ୟାୟସଙ୍ଗତ ନୁହେଁ—ତମର ଅଜସ୍ର ଟଙ୍କା ବର୍ତ୍ତିମାନ, ତମ ନିଜ ବନ୍ଧୁମାନଙ୍କ ଦାରିଦ୍ର୍ୟ କଥା କେବେ ଚିନ୍ତା କରିଛ ? ଏ କେଇଟା ଟଙ୍କା ନେଇ ତମେ କଣ କରିବ ଯେ ଏ ଧରଣର ଅଭିଯୋଗ କରିବାକୁ ଧାଇଁ ଆସିଛ ମୋ ପାଖକୁ ?

ଲେଙ୍କାବାବୁଙ୍କ ମୁହଁରୁ ସତ କଥା ବାହାରିଗଲା—ମୁଁ କାଣି କଉଡ଼ିଟାଏ ପାଇନି ସାର ! ପିଇଶାଶୁ ତାଙ୍କର ସବୁ ସମ୍ପତ୍ତି ଅମର ଅନାଗତ ପ୍ରଥମ ସନ୍ତାନକୁ ଦେଇ ଯାଇଛନ୍ତି । ଶଶୁରଙ୍କ ଓ ମୋ ଦରମାର କେଇଟି ଟଙ୍କାହିଁ ଆମର ଭରସା ।

ବଡ଼ ସାହେବ ପ୍ରଥମେ ବିସ୍ମିତ ହୋଇ ପରେ ଚୁପ୍ ହୋଇଗଲେ । ତାପରେ କହିଲେ—ହଉ, ବର୍ତ୍ତିମାନ ପାଇନାହଁ, ଦିନେତ ବଡ଼ଲୋକ ନିଶ୍ଚୟ ହେବ—ଆଉ କେତେ ଦିନ ବା ଲାଗିବ—ତା ମାନେ ସେଇଆ ।

ନିଶ୍ୱାସରେ ଲେଙ୍କାଙ୍କୁ ଭୋଓଶିର୍କୁ ବାହାର ଆସିଲେ । ଅଫିସର ଦୁଃଖଟାହିଁ ତାଙ୍କ ମନକୁ ଆଘାତ କରିଛି ବେଶି—ଉତ୍ତରାଧିକାରୀକୁ ବଞ୍ଚିତ ହେବା ଦୁଃଖଟା ସେତେ ନୁହେଁ ।

କେତେଦିନ ଅନୁପସ୍ଥିତ ରହି କାଶଲ୍ୟା ଦିନେ ଅଫିସରେ ଆସି ପହଞ୍ଚିଛନ୍ତି, ଏତିକିବେଳେ ସୁଦର୍ଶନ ମାଜି ହସି ହସି ପହଞ୍ଚିଗଲେ । ତାପରେ ଆସିଲେ ପଟେଡାଲେ । ଆଖି କୋଣରେ ବ୍ୟଙ୍ଗ କଟାକ୍ଷ ପ୍ରଚ୍ଛନ୍ନ । ବୋଧହୁଏ ସେ ଜୋରରେ କବାଟଟା ଠେଲି ପ୍ରବେଶ କଲେ ଭିତରେ । ଆଗେ ବକ୍ର ଦୃଷ୍ଟିରେ ସମସ୍ତଙ୍କୁ ଥରେ ଚାହିଁଲେ । ସାହେବ ଏସବୁ ପ୍ରତି କିଛି ଲକ୍ଷ୍ୟ କରନ୍ତ । ଉଚ୍ଚ ଚେୟାରଟିରେ ବସି ମନ ଦେଇ କାମ କରି ଚାଲିଛନ୍ତି ସେ । ଗୋଟିଏ କୋଣରେ ଟାଇପ୍ ଧରା ହୋଇଛି । ପାଦ ଦୁଇଟି ଷ୍ଟେଟ ପିଲ୍ଲଙ୍କ ଥର ଟେବୁଲର ତଳ କାଠଟି ଉପରେ ଥୁଆ ।

ସମସ୍ତେ ନୀରବ । କେହି କିଛି କହୁ ନାହାନ୍ତି । ଏତିକିବେଳେ ଲେଙ୍କାଙ୍କୁ ପ୍ରବେଶ କଲେ । ଆଜିକାଲି ସେ ନିଜେ ଆସି ଶ୍ୱଶୁରଙ୍କ ପାଖରୁ ପ୍ରତିଦିନର ଚିଠିପତ୍ର ନେଇଯାନ୍ତି । କାଶଲ୍ୟାଙ୍କୁ ଆଉ କଷ୍ଟ କରି ଯିବାକୁ ହୁଏନା ତାଙ୍କ ପାଖକୁ । ଟେବୁଲ ଉପରେ କାଗଜ ପତ୍ର ଗଦା ହୋଇଛି । ତା ଭିତରୁ ଲେଙ୍କାଙ୍କୁ ନିଜ କାଗଜ ପତ୍ର ବାଛିବାକୁ ଲାଗିଲେ । ମଝି ହାତ ମଝୁ ମଝୁ ତାଙ୍କ ଆଖିକୁ ଅଣ୍ଟ ଚାହାଣିରେ ଚାହିଁଲେ । ଟିଡୋଲେ ସିଗାରେଟ ବଢ଼ାଇଲେ—ଓଠରେ ବଙ୍କା ହସଟିଏ ଉଙ୍କି ମାରିଛି । ସେ ଆଉ ସମ୍ଭାଳି ପାରିଲେ ନା । ସାହେବଙ୍କ ପାଖକୁ ଆଗେଇ ଆସି କହିଲେ—ସାହେବ, ତୁମେ ଜୀବନରେ ଅନେକ କଥା ଦେଖିଲଣି, ନୁହେଁ ?

ସାହେବ ଉତ୍ତର ଦେଲେନାହିଁ । ସେ ଭାବିଲେ—ପୁଣି ଏମାନେ ତା ପଛରେ ହୁଏତ ଲାଗିବେ—ସ୍ତ୍ରୀ କଥା ଉଠେଇ ତାକୁ ଚଟେଇବେ ।

ଛୁଆ ହେବାର ଗୁପ୍ତ କଥା ତମେ ତ ଜାଣ, ନୁହେଁ ? ତମର ତ ଗୁଡ଼ାଏ ଛୁଆପିଲା ।

ସାହେବ ମୁହଁ ଟେକିଲେ ।

ମଁସିଏ, ତମେ ସବୁ ଜାଣ, ଏ ନେଇ ଅଣ୍ଟା ପରିହାସ ମତେ ଭଲ ଲାଗେନା । ଦୁର୍ଭାଗ୍ୟବଶତଃ ଗୋଟିଏ ଦୁଷ୍ଟରିତ୍ରା ସହିତ ମୋର ବିବାହ ହୋଇଛି । ଯେତେବେଳେ ଜାଣିଲି ଯେ ସେ ଅସତୀ, ତା'ପରଠାରୁ ଆଉ ତା' ସହିତ କୌଣସି ସମ୍ପର୍କ ରଖିଲି ନାହିଁ ।

ମାଇଜ ନିର୍ଲିପ୍ତ । ତା କଣ୍ଠରେ ଆଉ ସେ ଶ୍ଳେଷ ଭାବ ନାହିଁ ।

ତୁମେ ତ ତୁମ ସ୍ତ୍ରୀର ବିଶ୍ୱାସଘାତକତାର ପ୍ରମାଣ ଅନେକ ଥର ପାଇଲଣି । ନୁହେଁ କି ?

ହଁ, ଠିକ କହିଛ ।

ପିଟେଟାଲେ କହିଲା—ତା' ସତ୍ତ୍ୱେ ବି ତୁମର ତିନି ଗୃହିଣୀ ଛୁଆ—ନୁହେଁ ?

ଲଜ୍ଜାରେ ସାହେବଁର ମୁହଁ ଲାଲ ପଡ଼ିଗଲା । ଅଟକିଇ ଅଟକିଇ କହିଲା—ଓଃ, ତୁମେମାନେ ପୁଣି ମୋ ସଙ୍ଗେ ଅଣ୍ଟା ଖେଳିବାକୁ ଆରମ୍ଭ କରିଛ ନା, କଣ କହୁଛ ମସିଏ ପଟେଟାଲେ ? କିନ୍ତୁ ତମେମାନେ ଏଣିକି ମତେ ଆଉ ହଇରାଣ କରି ପାରିବନି । ବୁଝିଲ, ମୋ ସ୍ତ୍ରୀ ତିନୋଟି ସନ୍ତାନର ମା' । ପ୍ରଥମ ସନ୍ତାନଟି ଯେ ମୋର—ଏ ନେଇ ଯଥେଷ୍ଟ କାରଣ ଅଛି, କିନ୍ତୁ ପରବର୍ତ୍ତୀ ସନ୍ତାନ ଦୁଇଟିର ପିତୃତ୍ୱକୁ ମୁଁ ସ୍ୱୀକାର କରେନା ।

ପିଟେଟାଲେ କହିଲା—ପ୍ରଥମଟି ତା' ହେଲେ ତମର—ଏଇଆ ନା ? ତା' ହେଲେ ହେଲା । ସନ୍ତାନର ପିତା ହେବା ପ୍ରକୃତରେ ଭଗବାନଙ୍କ ଆଶୀର୍ବାଦ—ଭାଗ୍ୟରେ ନଥିଲେ ହୁଏନା । ଆଚ୍ଛା, ଲେଜାନ୍ଙ୍କର ଛୁଆଟିଏ ହେଲେ ସେ ବିଚାରା କେତେ ଖୁସି ନ ହୁଅନ୍ତା ସତେ !

କାଶଲାଁ କାମ ବନ୍ଦ କରି ଗୁମ ମାରି ବସିଥାନ୍ତି । ମୁହଁର ସରସତା ଉଭେଇ ଯାଇଥାଏ ।

ଲେଜାନ୍ କାଗଜ ପତ୍ର ବାନ୍ଧି ସାରିଥାନ୍ତି । ତେବେ ବି ଘରୁ ଗୋଡ଼ କାଢ଼ୁ ନଥାନ୍ତି । ସେ ବୁଝି ପାରିଥାନ୍ତି ତାକୁ ନେଇ ଏମାନେ ବ୍ୟଙ୍ଗ କରୁଛନ୍ତି । ନା, ଭୟରେ ପଳାଇଲେ ଚଳିବନି । ତା ଆତ୍ମସମ୍ମାନରେ ଆଞ୍ଚ ଆସିଛି । କିନ୍ତୁ ଘର କଥା ଏମାନେ ଜାଣିଲେ କିପରି ? ଲେଜାନ୍ ଅବାକ୍

ହୋଇ ଭବୁ ଭବୁ ମନେ ପଡ଼ିଲା, ସେ ତ ନିଜେ କହି ସାହେବଙ୍କ ଆଗରେ କହି ସାରିଛି । ଏବେ ଆଉ ପଳେଇବାର ଉପାୟ ନାହିଁ । ସାମନାସାମନି ଯୁଦ୍ଧ ବ୍ୟତୀତ ଅନ୍ୟ ପନ୍ଥା ନାହିଁ । ତା' ନହେଲେ ଅଫିସସାରା ସମସ୍ତେ ତାକୁ ଦେଖି ହସିବେ ।

ବୋଧହୁଏ ମୁହିଁ ଷଢ଼ଯନ୍ତ୍ର ବୁଲି ବୁଲି ଫେରିବାଲା ପରି ଡାକିଲା— ଛୁଆ ହବାର ଔଷଧ ଦିଆ ନେବ, ଛୁଆ ହବା ଔଷଧ ଦିଆ ! ମଁସିଏ ସାହେବଙ୍କ ଔଷଧ ଦିଆ···

ସମସ୍ତେ ହସି ଉଠିଲେ । ଲେଳାନ୍ ଆଜି ତାଙ୍କ ଶ୍ୱଶୁର ଗୁମ ହୋଇ ବସିଥାନ୍ତି । ପିଡ଼ୋଲେ କହିଲା—କ ଟଲ୍ୟା, ତମର ସେ ହସ ଗଲା କୁଆଡ଼େ ? କଣ ହେଇଚ ତମର ? ଲୋକେ ଭାବବେ ମଁସିଏ ସାହେବଙ୍କ କାହାଣୀ ତୁମ ପକ୍ଷରେ ରୁଚିପ୍ରଦ ନୁହେଁ—କିନ୍ତୁ ମତେ ଭାରି ମଜା ଲାଗୁଛି ।

ଲେଳାନ୍ କେଇଟି କାଗଜ ଧରି ଖେଳାଉଥିଲେ—ଏପରି ଭାବଭଙ୍ଗୀ ଦେଖାଉଥାନ୍ତି । ଯେପରି ଜଣେ ଭାବବ ସେ ବାସ୍ତବିକ୍ ପଢ଼ୁଛନ୍ତି । ସେମାନଙ୍କ କଥା ଶୁଣି ପାରୁ ନାହାନ୍ତି—କିନ୍ତୁ ମୁହିଁଟି କଳା ପଡ଼ି ଯାଇଛି—କିଏ ଯେପରି ଦୁଆତେ କାଳି ଆଣି ତାଙ୍କ ମୁହଁରେ ଢାଳି ଦେଇଛି ।

ଔଷଧ ଦିଆ ନେବ—ଔଷଧ ଦିଆ ! ଛୁଆ ହେବା ଔଷଧ ଦିଆ— ଅବ୍ୟର୍ଥ ଦେବ-ମନ୍ତ୍ରହୌଷଧ ।

ମାଜ ସ୍ପଷ୍ଟବାଦୀ । ଏ ଧନଣର ଭଣ୍ଡାମୀ ସେ ପସନ୍ଦ କରେନା । ଲେଳାନ୍ ଉପରେ ତାର ଭୀଷଣ ରାଗ । ସେ ଆଶା କରିଥିଲା—କୋରକୁ ସେ ହିଁ କାହା ହେବ ଏବଂ ଦିନେ ଅଜସ୍ର ସମ୍ପତ୍ତିର ମାଲିକ ହୋଇ ବସିବ; କିନ୍ତୁ ଏ କୁଆଡ଼େ ଥିଲା, ଆସି ଜୁଟିଗଲା । ତା ଆଶାରେ ବଜ୍ରପାତ ହେଲା ।

କଣ ହେଇଚ ତମର ଲେଳାନ୍ ? ଏପରି ରୋଗା ଦିଶୁଛ କାହିଁକି ? ମୁହଁ । ମୁହଁ ମାଜ ପଚାରିଲା ।

ମୁହିଁ ଉଠେଇ କଟମଟ ଚାହିଁଲେ ଲେଳାନ୍ । ଟିକିଏ ଇତସ୍ତତଃ ବି ହେଲେ । ଜିଭେଇ ଜନାରେ ଓଠ ଥରୁଛି । ମୁହଁରେ ଯୋଡା ଦେବାକୁ ଇଚ୍ଛା ହେଉଛି, କିନ୍ତୁ କିଛି କହି ପାରୁ ନାହାନ୍ତି ସେ ।

କାହିଁ, ମୋର ତ କିଛି ହେଉନି । କିନ୍ତୁ ତମ ମୁଣ୍ଡ ବଥଉଛି କାହିଁକି ?

ମିଛୁଟାରେ ରାଗୁଛ କାହିଁକି ? ଆମ ଅବସ୍ଥା ମଧ୍ୟ ତମରି ପରି । ଆମେ ବି ସବୁବେଳେ ପରିଶ୍ରମର ଫଳ ପାଉନାହୁଁ ?

ହସର ଉଚ୍ଛ୍ୱାସରେ ତା କଣ୍ଠସ୍ୱର ବାରି ହେଉନି । ସାଭେଁ ମଧ୍ୟ ସବୁ ବୁଝିପାରିଲେଣି ଯେ ତାକୁ ନେଇ ଏମାନେ ଥଟ୍ଟା କରୁ ନାହାନ୍ତି । କଲମ ଧରି ନିର୍ବୋଧ ପରି ଅନେଇ ରହିଛି ସେ । କାଶଲିଁଆ ରାଗରେ ଜଳୁଛି । ସେ ପ୍ରସ୍ତୁତ ହୋଇ ସାରିଛି—ପାଖରେ ଯାହାକୁ ପାଇବ—ବଜେଇବ ।

ତମ କଥା ତ ଠିକ୍ ବୁଝି ପାରୁନି ! କେବେ ମୁଁ ଅକୃତକାର୍ଯ୍ୟ ହେଉଛି କି ?

ପ୍ରିୟଦର୍ଶନ ମାଜି ମୁରୁକି ହସିବା ସଙ୍ଗେ ସଙ୍ଗେ ମୁଣ୍ଡରେ ମଧ୍ୟ ହାତ ମାରୁଥାଏ । ତାପରେ ମାର୍ଜିତ ଭାବେ କହିଲେ—ମୁଁ ତମକୁ ବେଶ ଭଲ ଭାବେ ଜାଣେ ବନ୍ଧୁ ! ଯୋଉ କାମରେ ତମେ ହାତ ଦେଉଛ, ସବୁଥିରେ ତମେ କୃତକାର୍ଯ୍ୟ ହେଉଛ । ଏଣୁ ଏସବୁ ଭିତରକୁ ତୁମକୁ ଟାଣି ଆଣି ମୁଁ ଭୁଲ କରିଛି—ତ'ଛଡ଼ା ମଁସିଏ ସାଭେଁଙ୍କ ଝୁଅ ପିଲା ନେଇ କଥା ପଡ଼ିଥିଲା । ତୁମ ସହିତ କୌଣସି ସମ୍ବନ୍ଧ ନାହିଁ । ତୁମର ମଧ୍ୟ ଝୁଅ ପିଲା ହେଇ ନାହିଁ । ସୁରୁପ ତୁମେ—କେବେ କୌଣସିଥିରେ ବିଫଳ ହେବା ଆମେ ଶୁଣିନୁ । ଅବଶ୍ୟ ତୁମେ ଝୁଅପିଲା ଗୃହନ ବୋଲି ହେଉନି ।

ସେଥିରେ ତୁମର କଣ ଯାଏ ଆସେ ?

ବାଧା ପାଇ ମାଜି ଉତ୍ତେଜିତ ହୋଇ ପଡ଼ିଲେ । ଜୋରରେ କହିଲେ—ତମେ କାହିଁକି ଏତେ ଦେହକୁ ନେଉଛ ? ମୋ କଥାରେ କଣ ରଞ୍ଜିକ ଅଛି ? ଭଦ୍ରଲୋକ ପରି କଥା କହି ଶିଖ—ନଇଲେ ବୁଝିବ···

ରାଗ ଓ ଉତ୍ତେଜନାରେ ଠକ୍ ଠକ୍ ହେଇ ଲେଜାବୁଙ୍କ ଦେହଟା ଥରୁଛି । ସହିବାର ସୀମା ଆଉ ନାହିଁ । ସେ ଆଉ ସମ୍ଭାଳି ପାରିଲେ ନାହିଁ ନିଜକୁ ।

ମଁସିଏ ମାଇକ, ତମ ପରି ଅଭଦ୍ର ଆଉ ପଶୁ ମୁଁ ନୁହେଁ । ମୋର ବଳକା ଅନୁରୋଧ, ତମେମାନେ କେହି ମୋ ସହିତ କଥା ହୁଅନା । ତମେ ବା ତୁମ ପରି ଲୋକମାନଙ୍କୁ କଥା କହିବାକୁ ମୁଁ ଘୃଣା କରେ ।

ଛାତି ଫୁଲେଇ ବୋୟାସେ ଓ ପିଟେଲେ ଆଖିକୁ ଘୃଣାବ୍ୟଞ୍ଜକ କୁଟିଳ କଟାକ୍ଷ ହାଣିଲେ ଲେଜାଙ୍କୁ ।

ମାଇକ ବୁଝି ପାରିଲେ—ରାଗିଲେ ଚଳିବନି । ନୀରବରେ ହସି ହସି କଳଜାରେ ଛୁରୀ ଚଳେଇବାକୁ ହେବ । ବହୁତ ପାଟି ତୁଣ୍ଡ କରି ଘର କମ୍ପେଇଲେ ଲାଭ ନାହିଁ । ଶତ୍ରୁର ଠିକ୍ ନରମ ସ୍ଥଳରେ ଆଘାତ କରି ତାକୁ କାବୁ କରିବାକୁ ହେବ । ମୁରବି ଶୈଳୀରେ ଶୁଭାକାଂକ୍ଷୀ ଭଳି ମିଠା କଥା କହିଲେ ମାଇକ । ଆଖି ଦି'ଟା କିନ୍ତୁ ନିଆଁ ଭାଟି ପରି ଜଳୁଛି—କ୍ରୂର ଦୃଷ୍ଟି ।

ମଁସିଏ ଲେଜାଙ୍କ, ତମେ ଟିକିଏ ଆଗେଇ ଯାଇଛ । ତୁମ ବ୍ୟଥାଟି ଯେ କଣ ମୁଁ ତା ଜାଣେ—ଏତେ ବଡ଼ ବିରାଟ ସମ୍ପତ୍ତି ହାତରୁ ଖସି ଯାଉଛି ଯେତେବେଳେ ଦୁଃଖ ଯେ ନିଶ୍ଚୟ ହେବ, ତା ମୁଁ ବୁଝୁଛି । ତମ ପାଇଁ ସତରେ ମୁଁ ଖୁବ୍ ଦୁଃଖିତ । ଏମିତି ଏକ ସାମାନ୍ୟ କାରଣରୁ ସମ୍ପତ୍ତିଟା ଖସି ଯିବ—ଏହା କେବେ ନୁହେଁ । ମୁଁ ତମକୁ ନିଃସ୍ୱାର୍ଥପର ଭାବରେ ସାହାଯ୍ୟ କରିପାରେ ।

କଥା ଶେଷ ହେଉ ନ ହେଉଣୁ ମଁସିଏ ସାଭେଁଙ୍କ ଦୁଆଡଟା ତାଁ ଛାତିରେ ଆସି ବାଜିଲା । ଲେଜାଙ୍କୁ ଲକ୍ଷ୍ୟ କରି ମାରିଛନ୍ତି । ମୁହଁଟା କାଳମୟ । ଭୂତ ପରି ଦେଖେଇଲା । ହାତ ଉଠେଇ ମଜ ଲେଜାଙ୍କୁ ଧରିବାକୁ ଚେଷ୍ଟା କଲେ । ଆଖିରୁ ନିଆଁ ଝରୁଛି । ଲେଜାଙ୍କୁ ମାଇକ ଧରିବା ପୂର୍ବରୁ ବାଗଲ୍ୟାଁ ଆସି ତାଙ୍କ ଆଗରେ ଠିଆ ହୋଇଗଲେ । ତା ପରେ ଦୀର୍ଘକାୟ ମାଇକ ଅଣ୍ଟାକୁ ଜାବୁଡ଼ି ଧରି ଗୋଇଠାମାରି ମାରି ତାକୁ କାନ୍ଥ ଦେହରେ ଚାପି ଧରିଲେ । ସବୁଶକ୍ତି ଠୁଳକରି ମାଇକ ଗୋଟାଏ ଝଟକାରେ ନିଜକୁ ମୁକ୍ତ କରି ଦରଜା ଦେଇ ବାହାରକୁ ଯାଉ ଯାଉ କହିଲେ—ବୁଢ଼ା, ତମ ଦି'ଜଣଙ୍କୁ ମୁଁ ଦେଖୁଛି ।

ତ'ପରେ ପରେ ପିଡୋଲେ ଓ ବୋୟାସେ ମଧ୍ୟ କାହିଁରୁ ଆସିଲେ । ବୋୟାସେ କହିଲେ—ଅଛି ଦେଖିବା । ଏତେ ଦୂର ଆସ୍ପର୍ଦ୍ଧା ? ରାଗରେ ମୋ ମଥାକୁ ରକ୍ତ ଉଠି ଯାଉଛି—କେତେ କଷ୍ଟରେ ସମ୍ଭାଳିଛି ମୁଁ । ହାତ ଥାଉ ଥାଉ ମୁହଁରେ କହିବାକୁ ମତେ ଭଲ ଲାଗେନା । ଖୁଣାଖୁଣି ହେବା ଭୟରେ ମୁଁ କିଛି କହିନି । ଏଇତ ସେଦିନ, ଜଣକୁ ଗୋ'ଟାଏ ଥୋପିରେ ସାବାଡ଼ କରି ଦେଇଛି ।

ନିଜ କୋଠରୀକୁ ଫେରି ଆସି ଦେହ ମୁହଁରୁ କାଳି ଦାଗ ଧୋଇ ଦେବାକୁ ଚେଷ୍ଟାକଲେ ମାଜା । କିନ୍ତୁ କାଳି ଆମୋଟେ ଛାଡ଼ିଲାନି । ଚକ୍‌ଚଣ କଳା କାଳିରେ ମୁହଁଟା କଦର୍ଯ୍ୟ ଦିଶୁଛି । ଭୟ ଲାଗୁଛି ଦେଖିବାକୁ । ଦାଗ ଉଠିବା ସମ୍ଭବ ବି ନୁହେଁ । ରାଗ ଆଉ କ୍ରୋଧରେ ହତାଶ ହୋଇ ଆଇନା ଆଗରେ ଠିଆ ହୋଇ କାରମ୍ବାନ ମୁହଁ ପୋଛିବାକୁ ଲାଗିଲେ ମାଜା । ରଗଡ଼ାରେ ମୁହଁରୁ ଚମଡ଼ା ଉଠିବା ଉପରେ, କିନ୍ତୁ କାଳି ଦାଗ ଛାଡ଼ିଲାନି । ଅତିରିକ୍ତ ଘସିବା ଫଳରେ ମୁହଁଟା ବେଶି ବେଶି କଳା ଦିଶିଲା—ଆଉ ସେଇ କଳାରଙ୍ଗ ଭେଦ କରି ରକ୍ତଚିହ୍ନ ଉକୁଟି ଉଠି ମୁହଁଟିକୁ ବିକୃତ ଓ ଭୟଙ୍କର କରି ଦେଇଥାଏ ।

ମାଜାର ଏ ପ୍ରକାର ଅବସ୍ଥା ଦେଖି ନାନା ପରାମର୍ଶ ଦେବାକୁ ଲାଗିଲେ ବୋ'ୟାସେ ଓ ପିଡୋଲେ । ଅଫିସର ଗୋଟିଏ ପିଲାକୁ ଡାକ୍ତର ପାଖକୁ ଔଷଧ ଆଣିବାକୁ ପଠା ଯାଇଥିଲା । ସେ ହଳଦି ରଙ୍ଗର ଗୋଟିଏ ଔଷଧ ଶିଶି ନେଇ ଫେରି ଆସିଲା । କିନ୍ତୁ ଯଥାପୂର୍ବଂ ତଥାପରଃ । କୌଣସି ଫଳ ହେଲାନି । ବରଂ ମଝିରେ କିଛି ଅର୍ଥବ୍ୟୟ ସାର ହେଲା ।

ହତାଶ ହୋଇ ଚେୟାର ଉପରେ ମାଜା ବସି ପଡିଲେ । କହିଲେ— ଦେଖ, ଏଇଟା ଆତ୍ମ ସମ୍ମାନର ପ୍ରଶ୍ନ—ଏପରି ସ୍ଥଳେ ଚୁପ୍ ହୋଇ ବସିବା ଅନୁଚିତ, ତୁମେ ଦୁହେଁ ଗୋଟିଏ କାମ କର । ଲେଜାଙ୍କୁ ଯାଇ କୁହ— ସେ କ୍ଷମା ମାଗୁ, ଅଥବା ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉ ।

ସେଇଆ ହଉ ।

ହଁ ଏଇଟା ଠିକ୍ ।

ଏସବୁ କାମ ଆଗରୁ କେହି କେବେ କରି ନାହାଁନ୍ତି । ଜଣେ ଗୋଟାଏ କଥା କହିଲେ, ଆଉ ଜଣେ ଆଉ ପ୍ରକାରରେ ବୁଝେ । କଥା ଖାପ ଖାଏନା । ଶେଷରେ ଅନେକ ଯୁକ୍ତି ତର୍କ ପରେ ଠିକ୍ ହେଲା—କୋଉଁ ତତ୍ତ୍ୱାବଧାନ ପାର୍ଟି ନୂଆ ହୋଇ ଯୋଉ ଭଦ୍ରଲୋକ କପ୍ତାନ ହୋଇ ଆସିଛନ୍ତି—ତାଙ୍କ ପାଖକୁ ଯିବାକୁ ହେବ । ଅଥଚ ସେ ବସ୍ତୁ ଏ ସମ୍ପର୍କରେ ବିନ୍ଦୁବିସର୍ଗ ସୁଦ୍ଧା ଜାଣନ୍ତିନି । ଯାହାହେଉ, ଖୁବ୍ ଭାବଚିନ୍ତି ଭଦ୍ରଲୋକ କହିଲେ—ଗୋଟାଏ କାମ କରନ୍ତୁ—ଆପଣମାନେ ଥରେ ମଁସିଏ ଲେଜାଙ୍କ ପାଖକୁ ଯାନ୍ତୁ ।

ଲେଜାଙ୍କ ଉଦ୍ଦେଶ୍ୟରେ ଯାଉ ଯାଉ ହଠାତ୍ ବୋମ୍ୟୁସେ ରହିଗଲା ।

ହାତରେ ମୋଜା ପିନ୍ଧି ଗଲେ ଭଲ ହୁଅନ୍ତାନି ?

ମନ୍ଦ ହୁଅନ୍ତା ନି ! ପିତୋଲେ କିଛିକ୍ଷଣ ଇତସ୍ତତଃ ହୋଇ କହିଲା ।

କିନ୍ତୁ ମୋଜା ଯୋଗାଡ଼ କରିବାକୁ ହେଲେ ଅଫିସ ବାହାରକୁ ଯିବାକୁ ହେବ । ଏଣେ ପୁଣି ବଡ଼ ସାହେବଙ୍କର ମିଜାସ ଲୁଆଡ଼େ ଭଲ ନାହିଁ । ଏଣୁ ଅଫିସର ପିଅନକୁ ପଠାଗଲା । ସେ ଦି' ଯୋଡ଼ା ଦସ୍ତାନା ଆଣିବା ଉତ୍ତାରୁ ରଙ୍ଗ ନେଇ ତୁମୁଳ ଯୁକ୍ତି ଲାଗିଲା ଦୁହିଁଙ୍କ ମଧ୍ୟରେ ।

ଏଇଟା କି ରଙ୍ଗ ଆଣିଲୁ ! କଳା ରଙ୍ଗ ମିଳିଲାନି !

କଳା କଣ ହେବ ? ଏ ସବୁ କ୍ଷେତ୍ରରେ କଳା ରଙ୍ଗ ଏକବାରେ ଅଚଳ ।

ତା ହେଲେ ନୀଳ ଭଲ ହୁଅନ୍ତା।

ହଉ, ସେଇଆ ହଉ ।

ଦି' ବନ୍ଧୁଙ୍କୁ ହାତରେ ମୋଜା ପିନ୍ଧି ଆସିବା ଦେଖି ଲେଜାଙ୍କ ମୁହଁ ଟେକି ହଠାତ୍ ପଚାରିଲେ—କଣ ? କଣ ଦରକାର ଏଠାରେ ?

ମଁସିଏ ! ପାଟି ଅଠା ଅଠା ହୋଇ ଯାଉଥାଏ ପିତୋଲେର । କହିଲା—ମଁସିଏ ମାଜ ଆମକୁ ଆପଣଙ୍କ ପାଖକୁ ପଠେଇଛନ୍ତି । ସେ ଆପଣଙ୍କୁ

କହିବାକୁ କହନ୍ତୁ—ଆପଣ ତାଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ଅଥବା ଅସ୍ତ୍ର ଜରିଆରେ ଆପଣଙ୍କ ବିବାଦର ସମାଧାନ କରନ୍ତୁ ।

ଏ ଯାଏଁ ଲେଲ୍ଲାଙ୍କ ରାଗ ଥମିନଥାଏ । ଏ କଥାରେ ସେ ଆହୁରି ରାଗି ଉଠିଲେ । ଚିତ୍କାର କରିକହିଲେ—କଣ ? ସ୍ପର୍ଦ୍ଧା ତ ଦେଖେ କମ ନୁହେଁ ? ମତେ ଅପମାନ ଦେଇ ଓଲଟି ପୁଣି ଯୁଦ୍ଧ ପାଇଁ ଡକରା ? ବେଶ ମଜାତ !

ବୋ'ୟାସେ ଆଗେଇ ଆସି କହିଲେ—ତା' ହେଲେ ଆମେ ଖବର କାଗଜରେ ଲିଖିତ ବିବୃତ୍ତି ଦେବାକୁ ବାଧ୍ୟ ହେବୁ । ତା' କଣ ଆପଣଙ୍କ ସମ୍ମାନରେ ଆଞ୍ଚ ଆଣିବନି ?

ଆପଣଙ୍କ ସମ୍ମାନ ଆଉ ଭବିଷ୍ୟତ ଜୀବନ ତା' ଦ୍ୱାରା କ୍ଷତିଗ୍ରସ୍ତ ହେବ ନିଶ୍ଚୟ । ଟିପ୍ପଣୀ କଲେ ପିତଭାଲେ ।

ଲେଲ୍ଲାଙ୍କ ତଟସ୍ଥ ହୋଇ ଅନେଇ ରହିଲେ କିଛି ସମୟ । କଣ କରିବାକୁ ହେବ ? ଆପାତତଃ କିଛି ସମୟ ନେବା ଯୁକ୍ତିଯୁକ୍ତ ।

ଆପଣମାନେ ଯାନ୍ତୁ । ଟିକିଏ ପରେ ମୁଁ ଆପଣଙ୍କୁ ଜଣାଉଛି ।

ପିତଭାଲେ ଓ ବୋୟାସେ ଘରୁ ବାହାରିଗଲେ । ଲେଲ୍ଲାଙ୍କ ଏକା । ଶୂନ୍ୟ ଘରର ଚାରିଆଡ଼କୁ କାତର ଦୃଷ୍ଟିରେ ଚାହିଁଲେ । ଯେମିତି ପରାମର୍ଶ ଚାହାନ୍ତି, ଉପଦେଶ ଚାହାନ୍ତି । କିଏ ପରାମର୍ଶ ଦେବ ? କିଏ ସାହାଯ୍ୟ କରିବ ? ଯୁଦ୍ଧ ? କି ସାଙ୍ଘାତିକ କଥା ? ଲେଲ୍ଲାଙ୍କୁ ଭୟରେ ଥରିବାକୁ ଲାଗିଲେ । ମୁହଁରୁ କଥା ବାହାରୁ ନାହିଁ । ଦେହରୁ ଟୋପି ଟୋପି ଝାଳ ଝରିଲାଣି । ଶାନ୍ତିପ୍ରିୟ ନିରୀହ ମଣିଷ ସେ । ତା ଉପରେ ପୁଣି ଏଦଶା—କେବେ ସ୍ୱପ୍ନରେ ମୁଦ୍ଧା ଭାବି ନଥିଲେ ଯେ ଦିନେ ସେ ଏଭଳି ବିପଦର ସମ୍ମୁଖୀନ ହେବେ । ଆଗରୁ ଜାଣିଥିଲେ ଏପରି ଘଟିବାକୁ ସେ ଦେଇ ନଥାନ୍ତା । କେତେବ ଆଗରୁ ସାବଧାନ ହୋଇଥିଲେ ଏହା କେବେ ଘଟି ନଥାନ୍ତା । ଚେୟାର ଛାଡ଼ି ସେ ଉଠି ପଡ଼ିଲେ । ଗୋଡ଼ ଦି'ଟା ଟଳମଳ ହେଉଛି । କାନ ଝାଇଁ ଝାଇଁ ହେଉଛି । ଆଖିକୁ କିଛି ଦିଶୁନି । ଠିଆ ହୋଇ ନପାରି ପୁଣି ସଶବ୍ଦରେ ଚେୟାରରେ ବସି ପଡ଼ିଲେ ସେ ।

ଶେଷରେ ତାଙ୍କ ସ୍ୱର ଶୁଣି [illegible] ଉଭେଇଗଲ ବୁଝାଉଛେ । କିନ୍ତୁ ସୁଖ ଓ ଭଗ୍ନ ସ୍ୱାସ୍ଥ୍ୟ ଜ୍ଞାନ କଲେ, ଅଫିସରେ ମୁହଁ ଦେଖାଇ ହବନି । ନା ଉତ୍ତିମାନ ପଟେଲ୍ ଭଲ ଚଳକଣ । ସୁଣି ସେ ଦୁଃଖ କଲେ ମନରେ । ଅଭିମାନ-କ୍ଷୁବ୍ଧ ସ୍ଥାଣ ବିଦ୍ରୋହ କରି ଉଠିଲା । ଲେଜାବ୍ଲ ବଡ଼ସାହେବଙ୍କ ପାଖକୁ ଯାଇ ପରାମର୍ଶ ଲୋଡ଼ିଲେ । ବଡ଼ସାହେବ ଆଶ୍ଚର୍ଯ୍ୟ ହେଲେ ଏ ସବୁ ଶୁଣି । କର୍ତ୍ତବ୍ୟ ଠିକ୍ କରି ନ ପାରି କିଛି ସମୟ ଚୁପ ରହିଲେ । ତାହାହେଲେ ଏକକାଳରେ ଯୁଦ୍ଧଂ ଦେହି । ବ୍ୟକ୍ତିଗତ ଏସବୁ ମନୋଧର୍ମ । ବୁଦ୍ଧିମାନ ମଣିଷ ସେ । ଏ ଧରଣର ସଂଘାତକ ପରିସ୍ଥିତି ସୃଷ୍ଟି ହେଲେ ଅଫିସରେ ଶୃଙ୍ଖଳା ରହିବ ନାହିଁ ।

ମୋ ପାଖକୁ କାହିଁକି ? ମୁଁ କିଛି ଜାଣେ ନା । ଏସବୁ ତୁମମାନଙ୍କ ବ୍ୟକ୍ତିଗତ ସମ୍ମାନର କଥା—ଏଥିରେ ମୁଁ କଣ କରିବି ? ତା ଅପେକ୍ଷା କମାଣ୍ଡର ବୁକ୍‌ଙ୍କ ପାଖକୁ ଯାଅ । ସେ ଏ ସବୁଥିରେ ଧୁରନ୍ଧର । ସେ ତମକୁ ସାହାଯ୍ୟ କରି ପାରିବେ ।

ଲେଜାବ୍ଲ ବଡ଼ ସାହେବଙ୍କ ପରାମର୍ଶ ଅନୁଯାୟୀ କମାଣ୍ଡର ପାଖକୁ ଗଲେ ।

ଭଲ କଥା, ମୁଁ ମଧ୍ୟସ୍ଥତା କରିବାକୁ ରାଜି । ମୋର ଜଣେ ବନ୍ଧୁଙ୍କୁ ଧରି ମୁଁ ସାଙ୍ଗେ ସାଙ୍ଗେ ଆସୁଛି ।

ଏଣେ ବୋୟାସେ ଓ ପିଡୋଲେ ଅପେକ୍ଷା କରିଛନ୍ତି । ଅନ୍ୟ ଗୋଟିଏ ଅଫିସରୁ ଦୁଇଟି ଚେୟାର ଅଣା ହୋଇଛି । ଚାରିଜଣ ପାଇଁ ଚାରିଟି ଚେୟାର ପଡ଼ିଛି । ଲେଜାବ୍ଲଙ୍କ ପ୍ରତିନିଧି ଦଳ ଆସିବା ମାତ୍ରେ ବୋୟାସେ ଓ ପିଡୋଲେ ସ୍ୱାଗତ ଜଣାଇଲେ । ପିଡୋଲେ ସମସ୍ତ ବିବରଣୀ ମୁଖାନୁମୁଖ କହିଗଲେ । କମାଣ୍ଡର ସବୁ କଥା ଶୁଣି ଗମ୍ଭୀର ହୋଇ କହିଲେ—ସମସ୍ୟାଟା ଅବଶ୍ୟ ଜଟିଳ । ତେବେ ଶାନ୍ତିପୂର୍ଣ୍ଣ ଉପାୟରେ ଏହା ଯେ ମୀମାଂସା ହୋଇନପାରେ, ତା ମୁଁ ଭାବୁନି । ଆପଣମାନେ ଇଚ୍ଛା କଲେହିଁ ହେବ ।

କମାଣ୍ଡର ପୁରୁଣା ମୁଣ୍ଡ । ସେମାନଙ୍କୁ ମତେଇ ଦେଇ ମନେ ମନେ କୌତୁକ ଅନୁଭବ କଲେ ।

ତାପରେ ଚାଲିଲା ଦୀର୍ଘ ଆଲାପ-ଆଲୋଚନା । ଯୁକ୍ତିତର୍କ, ବକ୍ତୃତାର ସୁଅ ଛୁଟିଲା । ଯେପରି ପାର୍ଲାମେଣ୍ଟର ଜରୁରୀ ଅଧିବେଶନ ଚାଲିଛି । ଲାଗ ଲାଗ ଚାରିଟି ଚିଠିର ଖସଡ଼ା ତିଆରି ହେଲା । ଦୁଇ ପକ୍ଷ ଯାକ କ୍ଷମା ପ୍ରାର୍ଥନା ମାଗିବେ । ପୁଣି ଚୁକ୍ତିପତ୍ରଟି କୌଣସି ପକ୍ଷ ପ୍ରତି ଅସମ୍ମାନଜନକ ଯେପରି ନହୁଏ, ସେଥିପ୍ରତି ସଜାଗ ରହିବାକୁ ହେବ । ମାଜି ଯଦି ସ୍ୱୀକାର କରିବ ଯେ ଲେଜାଙ୍କୁ ଅପମାନିତ କରିବାର କୌଣସି ଉଦ୍ଦେଶ୍ୟ ନଥିଲା, ରାଗ ଝୁଙ୍କରେ ଏପରି ଏକ ଅପ୍ରୀତିକର ଘଟଣା ଘଟିଗଲା, ଏବଂ ଲେଜାଙ୍କ ଯଦି ସ୍ୱୀକାର କରିବ ଯେ ମାଜି ଉପରକୁ କାଳି ଦୁଆତ ଫିଙ୍ଗିବା ଖୁବ୍ ଅନ୍ୟାୟ ହୋଇଛି ଆଉ ଏଥିପାଇଁ ସେ କ୍ଷମା ଚାହେ—ତାହାହେଲେ ଅନାୟାସରେ ବିବାଦ ତୁଟିଯିବ । ଏ ସମ୍ପର୍କରେ ଗଣ୍ଡଗୋଳ ସୃଷ୍ଟି କରିବା ମୋଟେ ଉଚିତ ନୁହେଁ ।

ତାପରେ ପ୍ରତିନିଧିମାନେ ନିଜ ନିଜର କଣ୍ଠା ପାଖକୁ ଫେରି ଆସିଲେ ।

ମାଜି ଟେବୁଲ ପାଖରେ ବସିଛି । ମନ ବଡ଼ ଚଞ୍ଚଳ । ସେ ଭାବିଥିଲା ଲେଜାଙ୍କ ନିଶ୍ଚୟ ମୁହଁଭଙ୍ଗା ଦେବ ଶେଷ ସୁଦ୍ଧା । ମୁହଁଟି ଶୁଖି ଯାଇଛି । ଯେପରି ରକ୍ତ ନାହିଁ ମୋଟେ । ଚାହାଣୀରେ ସେ ଉଜ୍ଜ୍ୱଳତା ମଧ୍ୟ ନାହିଁ । ନିଜର ଭୁଲ ବୁଝି ପାରି ସେ ବାସ୍ତବରେ ଲଜ୍ଜିତ ।

ମାଜି ଚିଠି ପଢ଼ିସାରି ଖୁସି ହୋଇ କହିଲା—ଠିକ ଅଛି, ମୋର କୌଣସି ଆପତ୍ତି ନାହିଁ । ସର୍ତ୍ତଗୁଡ଼ିକ ସମ୍ମାନଜନକ । ମୁଁ ଦସ୍ତଖତ ଦେବାକୁ ପ୍ରସ୍ତୁତ । ଲେଜାଙ୍କ ନିଜ ପ୍ରତିନିଧିଙ୍କ ଚୁକ୍ତି ପତ୍ର ପଢ଼ି କହିଲେ—ବେଶ, ଆପଣ ଯେତେବେଳେ ଠିକ୍ କରିଛନ୍ତି ମୋର କୌଣସି ଆପତ୍ତି ନାହିଁ ।

ପୁଣି ଚାରିଜଣ ଭାରପ୍ରାପ୍ତ ପ୍ରତିନିଧିଙ୍କ ସାକ୍ଷାତ ହେଲା—ପତ୍ର ବିନିମୟ ପରେ ବିବାଦର ସମାଧାନ ହୋଇଗଲା ।

ସାରାଦିନ ଅଫିସରେ ଗୋଟାଏ ହଇଚଇ ଲାଗିଥିଲା । ସମସ୍ତେ ଏପାଖ ସେପାଖ ହୋଇ ଖବର ନେଉଥାନ୍ତି । ଖବର ଦିଆନିଆ, ନାନା ଗୁଜବ ସୃଷ୍ଟିର ଧୁମ୍ ଛୁଟିଥିଲା । ଅଫିସ କାମ ଏକବାରେ ବନ୍ଦ । ଯିଏ ଯାହାକୁ ଦେଖେ

ସମସ୍ତଙ୍କ ମୁହଁରେ ଗୋଟିଏ କଥା ।

ଶେଷ ସୁଦ୍ଧା ଅଫିସରେ ଖବର ପହଞ୍ଚିଲା, ଗୋଳାବାରୁଦ ବା ହା ହତିଆରର ଆବଶ୍ୟକତା ପଡ଼ିଲାନି । ଶାନ୍ତିପୂର୍ଣ୍ଣ ପନ୍ଥାରେ ସମାଧାନ ହୋଇଗଲା ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ଏ ଖବରରେ । ଏସବୁ ପର୍ବ୍ବତର ମୂଷି ପ୍ରସବ ପରି ହେଲା । ଜଣେ ଦୁଃଖରେ କହିଲେ—ମୀମାଂସା ସି ହୋଇଗଲା କିନ୍ତୁ, ଏଥିରେ ତ ଆଉ ଲେଙ୍ଗାଙ୍କର ଛୁଆ ହବନି । ସମସ୍ତେ ହସି ଉଠିଲେ । କଥାଟା ମୁହୂର୍ତ୍ତିକରେ ଅଫିସ ସାରା ଖେଳିଗଲା । କିଏ ଜଣେ ଏହା ଉପରେ ଗୋଟିଏ କବିତା ମଧ୍ୟ ଲେଖି ପକାଇଲେ ।

ବିବାଦ ତୁଟି ଯିବା ପରେ ପରେ ଆଉ ଏକ ସମସ୍ୟା ଦେଖାଗଲା କୋହ୍ଲାସେ ଆରମ୍ଭ କଲା—ପ୍ରତିଦ୍ୱନ୍ଦ୍ୱୀ ଦୁଇଜଣ ଯେତେବେଳେ ସାମନା ସାମନି ପରସ୍ପରକୁ ଭେଟିବେ, ସେମାନେ ପରସ୍ପର ପ୍ରତି କିପରି ବ୍ୟବହାର କରିବେ ? ଦୁହେଁ ଦୁହିଁଙ୍କୁ ନମସ୍କାର କରିବେ, ନା କିଏ କାହାକୁ ଯେପରି ଚିହ୍ନେନା, ସେଇପରି ବ୍ୟବହାର କରିବେ ?

ନା, ତା ହବନି । ତା' ହେଲେ ପୁଣି ଥରେ ବିସ୍ଫୋରଣର ଆଶଙ୍କା ରହିବ । ପୂର୍ବପୁରି କଳି ତୁଟେଇ ଦେଇ ଦୁହିଁଙ୍କ ଭିତରେ ସଦ୍ଭାବ ଆଣିଦେବା ଆମର କର୍ତ୍ତବ୍ୟ । ଏଇଆ କଲେ ହୁଅନ୍ତାନି ? ଧରନିଅ, ବଡ଼ ସାହେବଙ୍କ ଘର ହଠାତ୍ ଦୁହିଁଙ୍କ ଦେଖାହେଲା । ବଡ଼ସାହେବ ଆଗରେ ମୁହଁ ଫୁଲେଇଲେ ତ ଚଳିବନି । କଥା କହିବାକୁହିଁ ହେବ । ଦୁହେଁ ଦୁହିଁଙ୍କ ସହିତ ଭଦ୍ର ଭାବେ ଦି' ପଦ କଥା ବାର୍ତ୍ତା ହେବେ । ବାସ୍, ତା' ହେଲେ ଆଉ କିଛି ଆଶଙ୍କା ରହିବନି ।

ସାଙ୍ଗେ ସାଙ୍ଗେ ପରିକଳ୍ପନାଟି କାର୍ଯ୍ୟକାରୀ ହେଲା ।

ଘୋଡ଼ା ଗାଡ଼ି ଭଡ଼ା କରି ମାଜ ଘରକୁ ଫେରିଲୁ । ମୁହଁରେ କାଳି ଦାଗ ଏବେବି ଅଛି । ଧୋଇ ହେବାକୁ ହେବ । ଲେଜାଙ୍କୁ ଆଉ କାଗଲିଁ ମଧ୍ୟ ଏକ ସଙ୍ଗରେ ଘରକୁ ଫେରିଲେ । କିନ୍ତୁ ରାସ୍ତାରେ କୌଣସି କଥାବାର୍ତ୍ତା ହେଲେନି । ଦୁହେଁ ଖୁବ୍ ଗମ୍ଭୀର । ଯା' ଘଟିଗଲା, ତା ପାଇଁ ଯେପରି ଏମାନେ ଦାୟୀ । ଲେଜାଙ୍କୁ ଘରେ ଗୋଡ଼ ଦେବା ମାତ୍ରେ, ଟୋପିଟାକୁ ଡ୍ରୟାର ଉପରକୁ ଫିଙ୍ଗି ଦେଲେ । ତାପରେ ସ୍ତ୍ରୀଙ୍କ ମୁହଁ ବିନା ମେଘରେ ବଜ୍ରପାତ ପରି ଫାଟି ପଡ଼ିଲେ—ଖୁବ୍ ହେଉଛି । ଯେତିକି ହେଉଛି ସେତିକି ! ଆଜି ଟିକେ ଆଗରୁ ଥିଲେ ତମେ ପାଇଁ ଦ୍ୱନ୍ଦ୍ୱ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡ଼ିଥାନ୍ତା ମତେ ।

ଆଶ୍ଚର୍ଯ୍ୟ ହୋଇ କୋସ୍ ସ୍ୱାମୀ ମୁହଁକୁ ବୋକା ଭଳି ଚାହିଁ ଥାଏ । କିଛି ବୁଝି ନ ପାରି ଥାଏ ସେ—ରାଗି ଉଠିଲା ମନେ ମନେ ସେ ।

ଯୁଦ୍ଧ—କାହିଁକି ?

ମାଜ ତୋ ନେଇ ମତେ ଅପମାନ କଲା—ସେଇଥିପାଇଁ

ସ୍ୱାମୀ ପାଖକୁ ଲାଗି ଆସିଲା କୋସ୍—କଣ କହିଲ ? ମୋ ନେଇ ?

ଲେଜାଙ୍କୁ ରାଗ ଗର ଗର ହୋଇ ଆରାମ ଚେୟାରଟାରେ ବସି ପଡ଼ିଲେ ।

ମତେ ଅପମାନ କଲା...ବାସ୍, ଏହାଛଡ଼ା ମୁଁ ଆଉ କିଛି କହିବାକୁ ଚାହେଁନା ।

ନା, ମୁଁ କୌଣସି କଥା ଶୁଣିବିନି । ମୋ ନେଇ ସେ କଣ କହିଲା, ତମକୁ କହିବାକୁ ହେବ ।

ଲଜ୍ଜାରେ ଲେଜାଙ୍କ ମୁହଁ ଲାଲ ହୋଇ ଯାଇଛି । ପାଟିରୁ କଥା ବାହାରୁନି ।

କୁହ, କୁହ କଣ ହୋଇଛି ! ଚୁପ୍ ରହିଲ ଯେ ?

କହିଲା...ସେ କହିଲା...

କଣ କହିଲା କହୁନ ! ଏମିତି କଣ ହଉଚମ ?

କହିଲା ତୁମେ ବାଂଝ ।

ଚମ୍ପକ ପଣ୍ଡିତଙ୍କ କୋପ । ଅସାମାନ୍ୟ କ୍ଷଣିକ ସଙ୍ଗରେ ଜଳ ଉଠିଲା ସେ ।
ଆପ ଉକ୍ତର ଜର୍ଜରିତା ମୁହୂର୍ତ୍ତିଙ୍କ ଭିତରେ ଡାକୁଛିପଣ୍ଡୁ କରିଦେଲେ । ନାଲାର
ଲଜ୍ଜା ସରମ ସବୁ ଭୁଲିଗଲେ ସେ । ହଠାତ୍ କୋମା ପରି ଫୁଟି ଉଠିଲେ—
କଣ କହିଲ, ବାଞ୍ଝ ? ମୁଁ ବାଞ୍ଝ ? ପଶୁଟା ମତେ କେଉଁଠ କା ଜାଣେ ? ବାଞ୍ଝ !
ହୁଁ ତମରି ଯୋଗୁ ମୋର ଆଜି ଏ ଦଶା । ତୁମେ ପୁରୁଷ ନୁହଁ—ସେଇଥିପାଇଁ !
ଏଇଟିଲ···। କୋପ କାନ୍ଦି ଉଠିଲା ।

ଅନ୍ୟ କାହାକୁ ବାହା ହୋଇଥିଲେ ନିଶ୍ଚୟ ମୋର ଛୁଆ ପିଲା ହୁଅନ୍ତାଣି । ତୁମରି ପରି ଜଣେ ଅପଦାର୍ଥକୁ ବାହା ହେବା ଫଳରେ ମତେ ଆଜି ଏ ସବୁ ଶୁଣିବାକୁ ହେଉଛି । ବଦମାସଟାକୁ କଣ କହିଲ ତମେ ?

କୋପର ଏ ରୂପ ଦେଖି ଲୋକଙ୍କ ଶଙ୍କିଗଲେ ଟିକିଏ ।

ମୁଁ···ମୁଁ···କଷି ଦେଲି ଗୋଟାଏ ଥୋପି—

କୋପ ଅବାକ—ତାପରେ କଣ ହେଲା ?

ତା ଭଲ ଲୋକମାନେ ମୋ ପାଖକୁ ଆସିଲେ । ଏଇଆ ଆଉ କଣ ?

ଲୋକର ସବୁ କଥା ଟିକିନିଖି ଜାଣିବାକୁ କୋପର ଇଚ୍ଛା । ସବୁ ଝିଅ ପରି ନାଟକୀୟ ଘଟଣା ସେ ମଧ୍ୟ ଭଲପାଏ । ହଠାତ୍ ସ୍ୱାମୀ ଉପରେ ଟିକିଏ ଶ୍ରଦ୍ଧା ହେଲା । ସ୍ୱାମୀ ତାର ସମ୍ମାନ ରକ୍ଷା କରିବା ପାଇଁ ନିଜ ଜୀବନକୁ ବିପଦାପନ୍ନ କରିବାକୁ ମଧ୍ୟ କୁଣ୍ଠିତ ନୁହେଁ । ଏ କଣ କମ କଥା ?

ତାହେଲେ ଲଢ଼େଇଟା କେବେ ହେବତ ?

ଲଢ଼େଇ ! ଲଢ଼େଇ ତ ଆଉ ହବନି । ସବୁ ମେଣ୍ଟି ଯାଇଛି । ମାଜ କ୍ଷମା ମାଗିଲା ନିଜର ଅପରାଧ ପାଇଁ ।

କୋପ କାଠ ମଠ ହୋଇ ସ୍ୱାମୀଙ୍କୁ ଚାହିଁଲା । ଘୃଣାରେ ତା ମନ ଭରି ଉଠିଥାଏ ।

କଣ୍ଠା, ତମେ ଆଗଟାରେ ମତେ ଅପମାନ କଲା ସେ । ତୁମେ ଚୁପ ରହି ସହ୍ୟ କରିଗଲ । କିଛି କହିଲନି ? ଗୋଟିଏ ମୁଖୀରେ ତା' ଥୋମଣି ଫଟେଇ ଦେଲନି ? ଘରକୁ ଆସି ଆଉରି ବୀରତ୍ୱ ଦେଖଉଛ ? ଗୋଟାଏ କାପୁରୁଷ ତୁମେ—ଅପଦାର୍ଥ—ତୁମର ମୁହଁ ସୁଦ୍ଧା ଚାହିଁବା ଉଚିତ ନୁହେଁ ।

ମୁହଁ ସମ୍ମାନ ଆକାଂକ୍ଷା କରେ । ମୋର ଆତ୍ମସମ୍ମାନ ବୋଧ ତ
ଅପେକ୍ଷା ମୁଁ ବେଶୀ ସଚେତନ । କୋଉଠି ଉଚିତ ଆଉ କୋଉଠି ଅନୁଚ
ତାହା ତୁମଠୁ ମତେ ଶିଖିବାକୁ ହେବନି । ତା ଛଡ଼ା, ଏଇ ନିଅ ମାଈ ଚ
ପଢ଼ ।

କୋସ୍ ଚିଠିଟି ନେଇ ଆଖି ବୁଲାଇ ବୁଲାଇ ସବୁ କଥା ଅନୁମାନ କ
ନେଲା । ଘୃଣାରେ ନାକ ଟେକି କହିଲା—ତୁମେ କି ଡେଟେକ ଟେ ହିଏ ଚ
ଦେଇଛ ? ନୁହେଁ ? କି ଜଣ ଯାକ ତୁମେ କି ପୁରୁଷ ! ପୁରୁଷଗୁଡ଼ା କି ଖିବୁ
ଆମେ···ଆମେ ଅର୍ଥାତ୍ ସ୍ତ୍ରୀ ହେଇଥିଲେ···ନା ଥାଉ । ପ୍ରକୃତରେ ଅପମା
ତ ସେ ତମକୁ କରନି । କରନ୍ତି ମତେ । ମୋ ପାଇଁ ତମେ କାହିଁକି ଗ
ଲଢ଼ନ୍ତ—ଏତେ ଦିନେ ବୁଝିଲି ତମେ ସତରେ ଅପଦାର୍ଥ । କୌଣ
ଯୋଗ୍ୟତା ତମର ନାହିଁ—ଘରେ ନୁହେଁ କି ବାହାରେ ମଧ୍ୟ ନୁହେଁ । ଦେ
ପୋଡ଼ା କପାଳକୁ ହତଭାଗା ଘଇତାଟାଏ ଯାହା ମିଳିଛି !

କୋସ୍ର ଧମନୀରେ କୌଶଲ୍ୟା ପରିବାରର ଅସଭ୍ୟ ରକ୍ତ ଟଗମଗ ହେ
ଫୁଟୁଛି । ପୁରୁଷ ପରି ହାତ ଗୋଡ଼ ହଲେଇ ସ୍ୱାମୀଙ୍କୁ ଛିଗୁଲେଇଲା କୋସ୍
ସୁଗଠିତ୍ ଦୀର୍ଘ ଶରୀର, ଉନ୍ନତ ବକ୍ଷ, ରକ୍ତିମ ମୁଖ । କଣ୍ଠସ୍ୱର ଗମ୍ଭୀର
ସୁନ୍ଦର କୋମଳ ଗଣ୍ଡରେ ତାଜା ରକ୍ତର ଆଭା ଫୁଟି ଉଠିଛି । ସ୍ୱାମୀର ଫ
ମୁହଁକୁ ଏକ ଲୟରେ ଅନେଇଥାଏ । ଯେପରି ଆଦିମ ହିଂସ୍ରତାର ଗୋଟି
ପ୍ରତିମୂର୍ତ୍ତି ସେ ।

ତୁମେ କୌଣସି କାମର ନୁହଁ—ଅଫିସରେ ମଧ୍ୟ ସମସ୍ତେ ତମ
ଚୋଟାଡଲେ ମାଡ ଦାଳ ଯାନ୍ତି—ତା ବି ତମେ ସହ୍ୟ କର ।

ଏତିକିବେଳେ ଦରଜା ଠେଲି କୌଶଲ୍ୟା ଘର ଭିତରକୁ ଆସିଲେ

କଣ ହଉଛି ଏସବୁ ? ଏତେ ପାଟିତୁଣ୍ଡ କାହିଁକି ?

କୋସ୍ ବାପାଙ୍କ ଆଡ଼କୁ ଅନେଇ କହିଲା—କଣ ଆଉ ହବ—
ଅପଦାର୍ଥଟାକୁ ଟିକିଏ ଶିକ୍ଷା ଦଉଛି ।

ଲେଲ'ବ ଥରେ କୋସ୍ ଅଡ଼କୁ ଆଉ ଥରେ କୌଶଲ୍ୟା ମୁହଁ
ଅନେଇଲେ । ଏତେଦିନ ଧରି ଯେଉଁ ଆବରଣଟି ଏଇ ବାପ ଝିଅଙ୍କୁ ଢା

ଶିଥିଲା, ହଠାତ୍ ସେପଟରୁ ଏକ ଝଡ଼ ଆସି ସେ ଆବରଣଟିକୁ ଉଡ଼େଇ
ନେଲା । ଫଳରେ ଆଜି ସେମାନଙ୍କର ଅସଲ ମୁଖା ଖୋଲିଗଲା । କି
ଘୃଣିତ, କି ଭୟଙ୍କର ! ବାପ ପୁଅ ଦୁହେଁ ସମାନ—ଠିକ୍ ଏହେଲେ ଅମେଳ
ନାହିଁ—କାହିଁକି ବା ରହିବ ? ସେଇ ଗୋଟିଏ ହିଂସ୍ର ରକ୍ତ । ଦୁଇଟି ପ୍ରାଣୀ
ସଙ୍ଗରେ ଆଜୀବନ ସେ କଟେଇବ । ପଳେଇବାର କୌଣସି ଉପାୟ ମଧ୍ୟ
ନାହିଁ । ନିବିଡ଼ ଅନ୍ଧକାର ଭିତରେ ଜୀବନସାରା ସଡ଼ି ପଡ ମରିବାହିଁ ସାର
ହେବ ।

ହଠାତ୍ କାଶଲାଁ କହିଲେ—ଗୋଟାଏ କ୍ଲୀବକୁ ବାହା ହୋଇ
ଏପରି ସୁଖୀ ହବୁ ମା ! ଶ୍ୱଶୁରଙ୍କ କଥାରେ ଲେଲିନାଙ୍କ ଚମକି ପଡ଼ିଲେ ।
କ୍ରୋଧ ଆଉ ଅପମାନରେ ଥରିବାକୁ ଲାଗିଲେ ସେ ଥରିଛନ୍ତି । ଧୈର୍ଯ୍ୟର ବନ୍ଧ
ଭାଙ୍ଗି ଚୁରମାର ହୋଇଗଲା ।

ବାହାରି ଯାଅ—ବାହାର କହୁଛି—ନହେଲେ ଜୋତା ମାରି ବାହାର
କରିବି । ମୋର ଘରେ ମତେ ଅପମାନ । ବାହାରି ଯା—ଆ—ଆ—ଅ ।

ତାପରେ ଡ୍ରୟାର ଭିତରୁ ଗୋଟାଏ ଔଷଧ ବୋତଲ ଟାଣି ଆଣି
ଲିଭ ବୁଲିଭ ଲେଲିନାଙ୍କ ପାଗଳ ପରି ଚିତ୍କାର କଲେ—ବାହାର, ବାହାର
ହେଲେ... ।

ଲେଲିନାଙ୍କର ପ୍ରଚଣ୍ଡ ରୂପ ଦେଖି କାଶଲାଁ ଡରିଗଲେ । ରକ୍ତ ତାଙ୍କର
ଶିରା ଫାଟିବା ଉପରେ ।

ଏଁ ? କଣ ହେଲା ତାର ? କହି କହି ଘରୁ ବାହାରି ଗଲେ ସେ ।

ଏବେ ବି ରାଗ ଶାନ୍ତ ହେଉନି ଲେଲିନାଙ୍କର । ସେମାନେ ସୀମିତ
ସୀମାଲଘଂନ କରୁଛନ୍ତି । ସାହସ ବଢ଼ି ଯାଉଛି ଦିନକୁ ଦିନ । ଏଣିକି ଜବରଦ
କରିବା ନିହାତି ଦରକାର । ବୋଧ ଏପର୍ଯ୍ୟନ୍ତ ବସ୍ତୁବିତ ଦୃଷ୍ଟିରେ ସ୍ୱାମୀ
ଆଡ଼କୁ ଅନେଇ ରହିଛି । ଏ ପ୍ରକାର ହିଂସ୍ର ବ୍ୟବହାରରେ ସେ ମଧ୍ୟ କମ୍

ଅବାକ୍ ହେଲେନି । ବୋତଲଟାକୁ ଗ୍ଲାସ୍‌ର ଉପରେ ଭାଙ୍ଗି ଦେଇ ଚିଲାଇ ଉଠିଲେ ଲେଖାଙ୍କ—ତୋତେ···ତୋତେ···ତୋତେ···।

କଥା ଶେଷ କରି ପାରୁ ନାହାନ୍ତି । କଣ ବା ସେ ଆଉ କୁହନ୍ତେ । ଆତ୍ମପକ୍ଷ ସମର୍ଥନ କରିବାକୁ କୌଣସି ହେଲେ ଯୁକ୍ତି ନାହିଁ ତାଙ୍କଠାରେ । ମୁହଁ ବିକୃତ କରି ସ୍ୱାମୀ ମୁହଁକୁ ଚାହିଁ ପଥର ପରି ଛିଡ଼ା ହୋଇ ରହିଲେ ସେ ।

ତାଙ୍କର ଏ ଅବସ୍ଥା ଦେଖି କୋଗ୍ରା ହେଁ ହେଁ ହୋଇ ହସି ଉଠିଲା ।

ଏଁ, ଏତେଦୂର ସ୍ପର୍ଦ୍ଧା ! ମତେ ଅନାଇ ହସୁଛୁ ? ମତେ ଅପମାନ ?

ପାଗଳ ପରି ଚମକି ଯାଇ ଗୋଟାଏ ହାତରେ ଗଳାଟାକୁ ଚୋପାଇ ଆଣିଲେ କୋଗ୍ରାର । ଅନ୍ୟ ହାତରେ ଆଗ ପଛ ନ ଭାବି ବେଧୁ ଉପରେ ବିଧା କଷି ଦେଇଗଲେ । କୋଗ୍ରାର ଦମ ବନ୍ଦ ହେବା ଉପରେ । ଗାଁ ଗାଁ ହୋଇ ପ୍ରାଣ ବିକଳରେ ସେ ପଳେଇ ଆସୁ ଆସୁ ହଠାତ୍ ଖଟ ଦେହରେ ଆଘାତ ପାଇ ଛିଟିକି ପଡ଼ିଲା । ତେବେ ବି ଲେଖାଙ୍କ ବିରତ ହେଉ ନାହାନ୍ତି । ସେମିତି ମାରି ଚାଲିଛନ୍ତି । ହଠାତ୍ ସିଧା ହୋଇ ଠିଆ ହୋଇଗଲେ । ଦେହ କ୍ଳାନ୍ତ ହୋଇ ପଡ଼ିଲାଣି । ନିଜ ବ୍ୟବହାରରେ ନିଜେ ଖୁବ୍ ଲଜ୍ଜିତ ।

କୋଗ୍ରା ଚିତ୍ ହୋଇ ପଡ଼ି ରହିଛି ଶବଟାଏ ପରି । ଟିକିଏ ହେଲେ ହଲଚଲ ନାହିଁ । ଶେଯର ଗୋଟାଏ କଡ଼ରେ ଶୋଇଛି ସେ । କି ଭୟଙ୍କର ଦିଶୁଛି । ମନେହୁଏ ଯାଙ୍ଗେ ଯାଙ୍ଗେ ଯେପରି ପ୍ରାଣ ବାୟୁ ଉଡ଼ିଯିବ । ମୁହଁ ଘୋଡ଼ାହୋଇଛି ଦି'ହାତରେ । ବିକ୍ଷିପ୍ତ କେଶଗୁଚ୍ଛ ମୁହଁ ଉପରେ ପଡ଼ିଛି । ଲେଖାଙ୍କ ଭୟ ପାଇଲେ । ମୁଣ୍ଡରେ ଗୋଟାଏ ବୈଦ୍ୟୁତିକ ଅନୁଭୂତି ଖେଳିଯାଇ ତାଙ୍କୁ ଆହୁରି ଅଧୀର କରି ତୋଳିଲା । ବିମୂଢ଼ ଅବସ୍ଥାରେ ସେ ଖଟ ପାଖକୁ ଅସି କୋଗ୍ରା ମୁହଁ ଉପରେ ନଇଁପଡ଼ି ଭଲ ଭାବରେ ନିରୀକ୍ଷଣ କଲେ । ଏଁ କଣ ହେବ ତା'ହେଲେ ? ସତକୁ ସତ ମରିଯିବ ନା କଣ ? ମୁହଁ ଉପରୁ ହାତ ନ ଘୁଞ୍ଚାଇଲେ କିଛି ଜାଣି ହେବନି । ହୁଏତ ଭିତରେ ଭିତରେ କେତେ କଷ୍ଟ ସେ ଅନୁଭବ କରୁଛି । ଲେଖାଙ୍କ ଆଉ ଭାବି ପାରିଲେନି । ଚୁପ୍ ହୋଇ କେବଳ ଛିଡ଼ା ହୋଇ ରହିଲେ । ଛାତିରେ

ଗୋଟାଏ ଯନ୍ତ୍ରଣା ଉପଲବ୍ଧି କଲେ ସେ । ଉତ୍ତରଟା ସେମିତି ଜଣାପଡ଼ୁଛି କୋରୀ କପାଳ ଉପରେ ଗୋଟାଏ ହାତ ରଖି କାତର କଣ୍ଠରେ କେତେ ମିନତି କଲେ ଲେଲାବଣ — କୋରୀ ! କୋରୀ ! କଥା କୁହ କୋରୀ !

କୌଣସି ପ୍ରକାର ସୋରଗୋଳ ନାହିଁ । ଜୀବନରେ ଅଛି କି ନାହିଁ ଜାଣି ହେଉନି । ମନେ ମନେ ଭାବିଲେ—କଣ ହେଲା ତାର ସତେ ? ମରି ଯିବନି ତ ।

ଯେପରି ଦପ୍‌କିନା ଜଳି ଉଠିଥିଲା, ସେମିତି ଧପ୍‌ହୋଇ ରାଗଟା କମିଗଲା । ଲୋକଟାର ପ୍ରକୃତି ସେଇଆ । ସତ କହିଲେ ଭଲ ଲୋକଟିଏ ସେ । ଯେମିତି ଭଦ୍ର ସ୍ୱଭାବ, ସେମିତି ମାର୍ଜିତ କଥାବାର୍ତ୍ତା । ଘରେବାହାରେ ମାନ-ଅପମାନ, ଲୋକ ନିନ୍ଦା—ଏହା ସାଙ୍ଗକୁ କାଗଲିଁଙ୍କ ପାଗଳ ଆକ୍ରମଣ ତାଙ୍କୁ ପାଗଳ କରି ଦେଇଥିଲା । ବିଗୁବାର ମୁଣ୍ଡ ଠିକ ରହିଲା ନାହିଁ । ଯା ଇଚ୍ଛା ତା' କରି ପକାଇଲେ । ଅସ୍ପୃଷ୍ଟ ହେବା ମାତ୍ରେ ଲଜ୍ଜାରେ ତାଙ୍କ ମୁଣ୍ଡ ତଳକୁ ହୋଇଗଲା । ଛି, ଛି, ସେ ଗୋଟାଏ ଜାନୁଆର ! ତା ନହେଲେ ସ୍ତ୍ରୀ ଦେହରେ ସେ ହାତ ଦେଇଥାନ୍ତା ! ମୁଣ୍ଡ ଖରାପ ନହେଲେ କିଏ କେବେ ନିଜ ସ୍ତ୍ରୀକୁ ମାରଧର କରେ ? ସେ ତ ଏପରି ନଥିଲା । ଖୁବ୍ ଧୀର ସ୍ଥିର ମିଜାଜର ଲୋକ ସେ । ତାର କୌଣସି ପ୍ରକାର ଅସଂଯତ ଭାବ କେବେ ନଥିଲା । ଗମ୍ଭୀର ମଣିଷ । ଶିକ୍ଷା ଦୀକ୍ଷା, ସଂସ୍କୃତି—କୁଳଶୀଳ ସବୁ ଦିଗରୁ ତାର ସ୍ତର ଉଚ୍ଚରେ । ବିବେଚନା ଶକ୍ତି ଖୁବ୍ ପ୍ରଖର ବୋଲି ସମସ୍ତେ ଜାଣନ୍ତି । ତାଙ୍କର ପୁଣି ଅଧପତନ ? ଛି-ଛି । ତା' ଅନ୍ତରଟି ପୁଣି ଶିଶିର ଧୁଆ ଫୁଲ ପରି ପବିତ୍ର, ନିର୍ମଳ ହୋଇ ଝଲମଲ ଦେଖାଗଲା । ପ୍ରେମ-ବନ୍ୟାରେ ମନପ୍ରାଣ ଭାସିଗଲା । ଇଚ୍ଛା ହେଲା ସ୍ତ୍ରୀର ଗୋଡ଼ ଧରି କ୍ଷମା ମାଗନ୍ତା । କଳା ଦାଗ ପଡ଼ିଯାଇଥିବା ପ୍ରିୟାର ଲାଲ ଗଣ୍ଡ ଉପରେ ଚୁମ୍ବନର ପ୍ରଲେପ ଦିଅନ୍ତା । ଅଙ୍ଗୁଳି ଅଗରେ କୋରୀର ମୁହଁ ଉପରେ ଥିବା ଗୋଟାଏ ଦାଗ ସ୍ନେହରେ ସ୍ପର୍ଶ କଲେ ଲେଲାବଣ । କୌଣସି ଚେତନା ନାହିଁ । ଆତଙ୍କରେ ଚମକି ଉଠିଲେ । କୋରୀର ମଥାରେ ସ୍ନେହରେ ହାତ ବୁଲାଇ ବୁଲାଇ କହିଲେ— କୋରୀ, ମୋ କଥା ଶୁଣ । ଏପରି ହୁଅନି । ରାଣୀଟା ପରା !

ମୋ ଆଡ଼କୁ ଚାହଁ, ସବୁ ଜାଣି ପାରିବ । ଚାହଁ, ଗତ ଝଙ୍କରେ, ତମପ୍ରତି ଅନ୍ୟାୟ କରିଛି—ମତେ କ୍ଷମା କର, କୋରି !

କିନ୍ତୁ ରୀ ଉତ୍ତରେ ବି ହଲଚଲ ହେଉନି । ଲେଜାଲ୍ମ କୋରିର ହାତ ଦୁଇଟିକୁ ମୁହଁ ଉପରୁ ଘୁଞ୍ଚାଇ ଦେଲେ । କୋରି ବାଧା ଦେଉନି । ଏତେବେଳକେ ସେ ତା ମୁହଁ ଦେଖିବାକୁ ପାଇଲେ । ଶୀତ ଦିନର ଆକାଶ ପରି ଫିକା ମୁହଁ । ଶୂନ୍ୟ ଦୃଷ୍ଟିରେ ଲେଜାଲ୍ମଙ୍କୁ ଅନେଇ ରହିଛି ସେ— ନିଷ୍ପଲକ ଭୟାକୁଳ ସେ ଦୃଷ୍ଟି ।

ଶୁଣୁଛ କୋରି ! ମୋ କଥା ଶୁଣି ପାରୁନ ! ଗତ ଝଙ୍କରେ ମୋ ମୁଣ୍ଡର ଠିକ୍ ନଥିଲା । ତମ ବାପା ତ ମୋ ମୁଣ୍ଡ ଖରାପ କରି ଦେଲେ । ମଣିଷକୁ କଣ ଏମିତି କିଏ ଅପମାନ କରେ ?

କୋରି କୌଣସି ଉତ୍ତର ଦେଉନି । ଯେପରି କିଛି ହେଲେ ସେ ଶୁଣି ପାରୁନି । ଲେଜାଲ୍ମ କଣ କହିବେ, କଣ ବା କରିବେ କିଛି ଠିକ୍ କରି ପାରୁନଥିଲେ । ହଠାତ୍ ସେ ଗୋଟାଏ କାଣ୍ଡ ଭିଆଇଲେ । କୋରିର କାନ ମୂଳକୁ ମୁହଁ ନେଇ ଚୁମ୍ବନ କଲେ ତାକୁ । ପଥର ଟଳେ, ମହମ ମଧ୍ୟ ତରଳେ । କୋରିର ଆଖି କୋଣରେ ବିନ୍ଦୁଏ ଅଶ୍ରୁ—ଗୋଟିଏ ବଡ଼ ମୁକ୍ତା ପରି ତା ଗାଲ ବହି ଖସି ଆସିଲା ତଳକୁ । ଆଖି ପତାଗୁଡ଼ିକ ଥରି ଉଠିଲା କିଛି କ୍ଷଣ ପାଇଁ ।

ଦୁଃଖ ଓ ଅନୁଶୋଚନାରେ ଲେଜାଲ୍ମ ବିମୂଢ଼ । ଦେହ ସାରା କମ୍ପୁଛି । ହାତ ବଢ଼େଇ ସ୍ତ୍ରୀଙ୍କି ଆଲିଙ୍ଗନ କରି ଅଧୀର ଆବେଗରେ ତା ମୁହଁକୁ ଚୁମ୍ବନରେ ଭରି ଦେଲେ ଲେଜାଲ୍ମ ।

କୋରି, ମୋ ରାଣି, କୁହ ମୋତେ କ୍ଷମା କରିବ ? କୋରି କାନ୍ଦୁଛି । ନିଃଶବ୍ଦରେ କହିଁ କହିଁ ହୋଇ କାନ୍ଦୁଛି । ମୁହଁ ଆଖି ଫୁଲି ଗଲାଣି । ପୁଞ୍ଜିଭୂତ ଦୁଃଖ ନିଃଶବ୍ଦରେ ଅଶ୍ରୁଧାର ରୂପେ ବୋହି ଆସୁଛି ।

ଲେଜାଲ୍ମ ସ୍ତ୍ରୀ ମଥାଟିକୁ ନିଜ ଛାତି ଉପରକୁ ଆଦରରେ ଟାଣି ନେଇ ସ୍ନେହ କଲେ । କାନେ କାନେ କହିଲେ କେତେ ମିଠା କଥା । ତେବେ ବି

ଆବଶ୍ୟ ହୋଇ କେତେ ସମୟ କଟିଗଲା ।

ଅସ୍ତେ ଅସ୍ତେ ରାତିର ଆଗମନ ହେଲା । ଭଲା ଘୁଇ ଫଡ଼ୁ ଫଡ଼ୁ ଅନ୍ଧାର ମାଡ଼ି ଆସିଲା । ଘନ ଅନ୍ଧାରରେ ସବୁ ବୁଡ଼ିଗଲା । ସାହସ ହେଲା ପୁଣି । କ୍ଷମା ଗୃହଲେ ଲେଜାଙ୍କୁ ସ୍ୱାଭାବିକ ଭାବେ ।

ଦୁହେଁ ବିଛଣାକୁ ଉଠି ପଡ଼ିଲେ । ଲେଜାଙ୍କଙ୍କ କଥା କହିବା ଭଙ୍ଗୀ ତା ବ୍ୟବହାରରେ କୌଣସି ପ୍ରକାର ଅସ୍ୱାଭାବିକତା ଦେଖା ଗଲାନି । ଜାହାବି ହେଲେ ଜାଣିବାର ଯୁ ନାହିଁ ଯେ ତାଙ୍କ ଉପର ଦେଇ ଏତେ ଝଡ଼ ଝଞ୍ଜାଟ ବହି ଯାଇଛି । ଦେଖିଲେ ଜଣାପିବ, ଜଣେ ସ୍ୱାଭାବିକ ମଣିଷ—ଏଇ ମାତ୍ର ନିଦ୍ରା ରୁ ଉଠିଛି । ଅପର ପକ୍ଷେ କୋଗ୍ନ ମଧ୍ୟ ଆଗ ଅପେକ୍ଷା ଯେପରି ଖୁବ୍ ପ୍ରେମଶୀଳା ଦେଖା ଯାଉଛି । ଯେପରି କିଏ ମଧୁ ଢାଳି ଦେଇଛି ତା ଗଳାରେ । ସଲ୍ଲଜ ନମ୍ର ତାର ସ୍ୱଭାବ । ଆତଙ୍କର ଶାସନରେ ତାର ସ୍ନାୟୁ ବୋଧହୁଏ ଶିଥିଳ ହୋଇ ପଡିଛି । କୋଗ୍ନର ଯେପରି ନବଜନ୍ମ ହୋଇଛି ପ୍ରେମମୟୀ ଗୃହଲକ୍ଷ୍ମୀ ରୂପରେ ।

ବାପା ଏକା ଅଛନ୍ତି । ଏକା ବସି ବସି ନିଶ୍ଚୟ ତାଙ୍କୁ ଖରାପ ଲାଗୁଥିବ । ଯାଅ—ତାଙ୍କୁ ଡାକି ଆଣ । ତା ଛଡ଼ା ଖାଇବା ସମୟ ବି ତ ହୋଇ ଗଲାଣି ।

ଜୋଗ୍ନ ଘରୁ ବାହାରି ଗଲା ।

ସତରେ ସାତଟା ବାଜିଲାଣି ।

ପରିଚାରିକା ଆସି କହିଲା—ଖାଇବେ ଆସନ୍ତୁ ।

ତାପରେ ହସି ହସି ଆସିଲେ କାଶଲିଁଆ । ମୁହଁରେ ତାଙ୍କର ରାଗର ଲେଶ ମାତ୍ର ଚିହ୍ନ ନାହିଁ । ପ୍ରଶାନ୍ତ ମୁହଁ । କୋଗ୍ନ ମଧ୍ୟ ବାପା ପଛେ ପଛେ ପ୍ରବେଶ କଲା । ନାନା କଥା ହେଉ ହେଉ ତିନିହେଁ ଖାଇ ବସିଲେ । ଅନେକ ଦିନ ପରେ ସେଦିନ ସନ୍ଧ୍ୟାଟି ଖୁବ୍ ସହୃଦୟତା ପୂର୍ଣ୍ଣ ଆନନ୍ଦୋଜ୍ଜ୍ୱଳ ଜମି ଉଠିଲା । ଯେପରି ଭାଗ୍ୟର ଚକ ତାଙ୍କ ଆଡ଼କୁ ପୁଣି ଘୂରି ଯାଉଛି—ଅମାବାସ୍ୟା ପରେ ପୂର୍ଣ୍ଣିମାର ଚନ୍ଦ୍ର ଦେଖା ଦେଇଛି ସେମାନଙ୍କ ହୃଦୟ ଆକାଶରେ ।

ମନର ଆଶା ମନରେହିଁ ମରିଲା । ସ୍ୱପ୍ନ କୌଣସିମତେ ସଫଳ ହେଲାନି । ବେଳେବେଳେ କ୍ଷୀଣ ଆଲୋକରେଖା ଦେଖା ଦିଏ—ପୁଣି ଯୋଉ ଅନ୍ଧାରକୁ ସେଇ ଅନ୍ଧାର—ନିରନ୍ଧ୍ର, ଭୟଙ୍କର । ଗୋଟିକ ପରେ ଗୋଟିଏ ହେଇ କେତେ ମା କଟିଗଲା—ଯେଉଁ ଜମିରେ ସେଇ ଜମିରେ । ସ୍ୱାମୀର କେତେ ଚେଷ୍ଟା—ସ୍ତ୍ରୀର ସଂପୂର୍ଣ୍ଣ ଆତ୍ମନିବେଦନ—ସବୁ ବିଫଳ । ନିରାଶାହିଁ ନିରାଶା । ଦୁଃଶ୍ଚିନ୍ତାରେ ପାଗଳ ଭଳି ଅବସ୍ଥା ସେମାନଙ୍କର । ସ୍ୱାମୀ-ସ୍ତ୍ରୀ ଭିତରେ କଳି କନ୍ଦଳ ଅନବରତ ଲାଗିଛି । ସ୍ୱାମୀ ସ୍ତ୍ରୀକୁ ଦୋଷ ଦିଏ, ସ୍ତ୍ରୀ ସ୍ୱାମୀ ଉପରେ ଗାଳି ବର୍ଷଣ କରେ । ଦିନ କେତେଟିରେ ଲେଙ୍କାଙ୍କୁ ଏପରି ଦେଖାଗଲେ ଯେ ଦେଖିଲେ ଚିହ୍ନି ହେବନି । ସେ ସ୍ଫୂର୍ତ୍ତି ନାହିଁ କି ମୁହଁରେ ଆଗର ସେ ହସ ମଧ୍ୟ ନାହିଁ । ମଣିଷଟା ଯେପରି ବଦଳି ଯାଇଛି । ପରିଶ୍ରମ କ୍ଳାନ୍ତ ଦେହ ଚର୍ମସାର ହେଇଛି । ଚମଡ଼ା ଭିତରୁ ହାଡ଼ ଗଣି ହେବ ଯାଉଛି । ଏହା ଉପରେ ପୁଣି ଶ୍ୱଶୁରଙ୍କର କଦର୍ଯ୍ୟ ମୁଖଭଙ୍ଗୀ । ଅତିଷ୍ଠ ହେଇ ପଡ଼ିଲେଣି ଲେଙ୍କା । ଖିଟଖିଟ ଲାଗିରହିଛି ସବୁବେଳେ । କାଙ୍ଗାଳିଆ ଅଜ୍ଞାଜାଲ ଆଉ ତାଙ୍କ ନାଁ ଧରି ଡାକୁ ନାହାନ୍ତି । ବ୍ୟଙ୍ଗ କରି ଡାକୁଛନ୍ତି ବୀର-ପୁରୁଷ । କ୍ଳୀବ କହିବା ହେତୁ ଲେଙ୍କାଙ୍କୁ ଦିନେ ତାକୁ ରାଗରେ ମାରିବାକୁ ଉଠିଥିଲେ । ସେ କଥା ବୁଢ଼ ଭୁଲି ନାହାନ୍ତି । ବାପ ପୁଅ ଏବେ ଏକ୍ ହେଇ ଯାଇଛନ୍ତି । ଦୁହିଁଙ୍କ ସ୍ୱାର୍ଥ ସମାନ । ଲକ୍ଷ ଲକ୍ଷ ଟଙ୍କା ହାତ ମୁଠାକୁ ଆସି ପୁଣି ଖସି ଯାଉଛି । ଭାଗ୍ୟ ଖରାପ । ନହେଲେ ଏମିତି ବା ହୁଅନ୍ତା କାହିଁକି ? ଚିନ୍ତା ଆଉ ଭାବନାରେ ବାପପୁଅର ମୁଣ୍ଡ ବିଗିଡ଼ିଯିବା ଉପରେ । ଏ ଅପଦାର୍ଥଟାହିଁ ସବୁ ଅନର୍ଥର ମୂଳ । କୋଉ ତାକୁ ଅପମାନ ଦିଏ । କେତେ ଅତ୍ୟାଚାର କରେ ବିଚରା ଉପରେ । ତେବେ ବି ଆଶା ମେଣ୍ଟୁନି—ତୃପ୍ତି ହୁଏନି ।

ଖାଇବାବେଳେ କୋଉ ପ୍ରାୟ ଦୁଃଖ କରି କୁହେ—କଣ ବା ଆମେ ଖାଉଛୁ ? ଟଙ୍କା ଥିଲେ ଅନ୍ୟ ପ୍ରକାର ବ୍ୟବସ୍ଥା ହୁଅନ୍ତା । ସଂସାରର ଚେହେରା ବଦଳି ଦିଅନ୍ତି ମୁଁ । କିନ୍ତୁ ମୋର ଦୋଷ କଣ ଏଥିରେ ?

ଲେଜାବ୍ଲ ମୁଣ୍ଡ ତଳକୁ କରି ଶୁଣନ୍ତି । ସ୍ୱାମୀ ଅଫିସ ଯିବାବେଳେ, କୋଉ ଘର ଭିତରୁ ପାଟି କରି କୁହେ—ଛତାଟା ନେଇ ଯାଅ ।

ଛତା କଣ ହେବ ?

ହବ ମୋ ମୁଣ୍ଡ, ଗଣ୍ଡ । ଯା' କହୁଛି କର ।

ଖରା ନାହିଁ, ବର୍ଷା ନାହିଁ । ପାଗଳ ପରି ମୁଁ ଛତାଟା ମୁଣ୍ଡରେ ଦେଇ ଯାଇ ପାରିବିନି ।

ଦେହସାରା ରାସ୍ତାର ଧୂଳି ବୋଳି ହୋଇ ଘରକୁ ଆସିବାକୁ ଲଜ୍ଜା ଲାଗିବନି ତମକୁ ? ଆଜି କଣ ଆଉ ତମକୁ କିରାଣୀଗିରି କରିବାକୁ ପଡୁଥାନ୍ତା ? ମୁଁ କଣ କରିବି ? ତମର ଅଦୃଷ୍ଟ । କହି କାନ୍ଦି କାନ୍ଦି ହୋଇଉଠିଲା କୋଉ ।

ଲେଜାବ୍ଲ ଛତାଟା ନେଇ ଘରୁ ବାହାରି ଗଲେ ।

ବାହାରକୁ ଯିବାବେଳେ କୋଉ ଆଖିରୁ ଅଶ୍ରୁ ଧାର ଛୁଟେ । କାନ୍ଦି କାନ୍ଦି କୁହେ—ଆଉ କାହାକୁ ବାହା ହୋଇଥିଲେ ଆଜି ଗାଡ଼ି ଚଢ଼ି ବୁଲନ୍ତି । ତା ବଦଳରେ କଣନା ଗୋଡ଼ରେ ଚାଲିବାକୁ ହେଉଛି । ଲଜ୍ଜାରେ ମୋ ମୁଣ୍ଡ ତଳକୁ ହୋଇଯାଉଛି ।

ରାତି ଦିନ କାନ ପାଖରେ ଗୁଣୁଗୁଣୁ । କଥା କଥାକେ ଅପମାନ । କଥା ତ ନୁହ ଯେମିତି ବିଷ । ସହିବାର ତ ପୁଣି ଗୋଟାଏ ସୀମା ଅଛି । ଦିନେ ସଂଧ୍ୟାରେ ଲେଜାବ୍ଲ ଆଉ ଚୁପ ରହି ପାରିଲେନି । ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା । ଉତ୍କ୍ଷିପ୍ତ କଥା ସ୍ରୋତରେ ସବୁ ଭାସିଗଲା ।

ଚୁପ ରହିବ, ନା ନାହିଁ ? ରାତିଦିନ ସେଇ ଗୋଟାଏ ପ୍ରକାର କଥା ଭଲ ଲାଗେନା ।

କଣ ପୁଣି ଭଲ ଲାଗେ ଶୁଣେ ?

ତମେମାନେ କଣ ଭାବିଛ, ମୁଁ ମଣିଷ ନୁହେଁ ? ମୁହଁରେ ଯା' ଆସୁଛି, କହିଯାଉଛ । କିଛି କହୁନି ବୋଲି ମୁହଁ ବଢ଼ି ଯାଉଛି ନୁହେଁ ! ନିଜେ ତ ବାଞ୍ଝ ଆଉ କହୁଛ କାହାକୁ ? ଆମର ଅଜଯାକେ ଯେ ଛୁଅପିଲା ହେଉନି, ସେଥିପାଇଁ ତୁମେ ହିଁ ଦାୟୀ ।

କଣ କହିଲ ? ମୁଁ ଦାୟୀ !!

ଆଉ କୁହନ୍ତି କଣ ? ମୋର ଛୁଆ ଅଛି, ବୁଝିଲ ? ଲଜ୍ଜାରେ ସେ କଥା କାହାକୁ ମୁଁ କହିବି ।

ଡାହା ମିଛ କହିଲେ ଲେଜାବ୍ମ । ସ୍ତ୍ରୀର ବାକ୍ୟବାଣରୁ ତ୍ରାହି ପାଇବା ପାଇଁ ଅନ୍ୟ କୌଣସି ପନ୍ଥା ନଥିଲା । ଏଣୁ ତାଙ୍କୁ ମିଥ୍ୟାର ଆଶ୍ରୟ ନେବାକୁ ହେଲା ଶେଷ ସୁଦ୍ଧା ।

କୋରା ଅଗ୍ନିଶର୍ମା ହୋଇ ସ୍ୱାମୀ ମୁହଁକୁ ଏକ ଲୟରେ କିଛିକ୍ଷଣ ଚାହିଁ ରହିଲା । ତାଙ୍କ ଆଖିରୁ ବୁଝି ପାରିଲା—ସବୁ ମିଛ କଥା । ଘୃଣାରେ ମୁହଁ ବୁଲେଇ ନେଇ କହିଲା—ତା' ହେଲେ ତମର ଛୁଆ ଅଛି, ଏଁ ?

ମାନେ, ଅବୈଧ ସନ୍ତାନ ।

କାଲି ସକାଳୁ ତମର ଛୁଆକୁ ଦେଖିବାକୁ ଯିବ । କ'ଣ କହୁଛ ?

ତମର ଯା ଖୁସି କର ।

ପରଦିନ ଖୁବ୍ ଭୋରରୁ ଉଠି କେରାକୁ ବାହାରିବା ଦେଖି ଲେଜାବ୍ମ ଅବାକ୍ ହେଲେ । ଏତେ ସକାଳଠାରୁ କୁଆଡେ ବାହାରିଲ ?

କୁଆଡ଼େ ଆଉ ! ତମ ଛୁଆକୁ ପରା ଥରେ ଦେଖି ଆସିବାକୁ ହେବ ?

ଗୋଟାଏ ଲମ୍ଫରେ ବିଛଣାରୁ ଉଠି ବସିଲେ ଲେଜାବ୍ମ । କହିଲେ— ସେ ସବୁ ଛାଡ଼ ବରଂ ଚାଲ, ଡାକ୍ତର ପାଖକୁ ଯିବା—ସବୁ ଜାଣି ହେବ ।

ନିଜ ସମ୍ବନ୍ଧରେ କୋରାର କୌଣସି ସନ୍ଦେହ ନାହିଁ । ଏଣୁ ନିର୍ଭୀକ ଗଳାରେ ସେ ଉତ୍ତର ଦେଲା—ବେଶ, ଚାଲ ।

କାଗଲୁଁ ନିଜେ ଯାଇଁ ଅଫିସରେ ଖବର ଦେଲେ ତାଙ୍କ ଜ୍ୱାଇଁର ଦେହ ଖରାପ—ଏଣୁ ସେ ଆଜି ଆସି ପାରିବେନି । ଲେଜାବ୍ ପ୍ରଥମେ ସେଇ ପଡ଼ାର ଗୋଟିଏ ଡାକ୍ତର ପାଖକୁ ଗଲେ ଏବଂ ତାଙ୍କର ପରାମର୍ଶ ଅନୁଯାୟୀ ଡାକ୍ତର ଲଫିଲଓଲେଙ୍କ ପାଖକୁ ଗଲେ । ସେ ଡାକ୍ତରଙ୍କ ଖୁବ୍ ଖ୍ୟାତି । ପ୍ରଜନନବିଦ୍ୟା ସମ୍ବନ୍ଧରେ ସେ କେଇଟି ବହି ମଧ୍ୟ ଲେଖିଛନ୍ତି ।

ରୋଗୀ ବସିବା ଘରଟିରେ ସେମାନେ ଅପେକ୍ଷା କଲେ । ଘରେ ଆସବାବ ପତ୍ର ବିଶେଷ କିଛି ନାହିଁ । ଧଳା ଧଳା କାନ୍ଥ । ତା ଉପରେ ସୁନେଲି

କାମ ହେଉଛି । କମିତି ଫାଙ୍କା ଫାଙ୍କା ଲାଗୁଛି ଘରଟା । ଗୁଡ଼ିଏ ଚେୟାର ସଜା ହୋଇଛି । ତେବେ କେବେ ଯେ ଏଘରେ ମଣିଷ ଥିଲେ, ତାହା ଜଣା ଯାଉନି ମୋଟେ । ଅଗଣା ଆଗଂଟାରେ ଲୋକଙ୍କ ଦେହ ଶୀତେଇ ଉଠୁଛି । ଲଜ୍ଜାବି ଲାଗୁଛି । ଏଥର ବି ସେମାନଙ୍କ ପାଳି ।

ଆପଣମାନଙ୍କ କଥା କଣ ! ଡାକ୍ତର ପଚାରିଲେ । ଲୋକଙ୍କ ମୁହଁରୁ କଥା ବାହାରୁ ନାହିଁ । ଲଜ୍ଜାରେ ତାଙ୍କର ମୁହଁଟା ଲାଲ ପଡ଼ିଗଲାଣି । ଦେହରୁ ଝାଳ ବୋହିବାର ଉପକ୍ରମ । ସ୍ୱାମୀର ଲଜ୍ଜା ଦେଖି ନୋରା ଆଗେଇ ଆସିଲେ । ନାରୀର ଲଜ୍ଜା, ସଙ୍କୋଚ, ସବୁ ସେ ଛାଡ଼ିଛି । ଲକ୍ଷ୍ୟରେ ତାକୁ ଯେ କୌଣସି ମତେ ପହଞ୍ଚିବାକୁ ହବ—ସେଥିପାଇଁ ଯେତେ ଦାମ ଦେବାକୁ ହେଲେ ବି ସେ ଦେବାକୁ କୁଣ୍ଠିତ ନୁହେଁ ।

ମଁସିଏ, ଆମର ଛୁଆ ପିଲା ନାହିଁ । କିନ୍ତୁ ଛୁଆ ନହେଲେ ଆମେ ବିରାଟ ଗୋଟାଏ ସମ୍ପତ୍ତିରୁ ବଞ୍ଚିତ ହେବୁ । ସେଥି ପାଇଁ ଆପଣଙ୍କ ଶରଣ ପଶିଛୁ ।

କେତେବେଳଯାଏ ପରୀକ୍ଷା ଚାଲିଲା । ପରୀକ୍ଷାବେଳେ ଲଜ୍ଜା ବା ସଙ୍କୋଚ କିଛି ହେଲେ ଉପଲବ୍ଧି କଲାନି ନୋରା । ବୃହତ୍ତର ସ୍ୱାର୍ଥରେ ଅନୁପ୍ରାଣିତ ସେ ଆଜି । ମନରେ ତାର ଅଦମ୍ୟ ଉତ୍ସାହ ।

ପ୍ରାୟ ଘଣ୍ଟା ଖଣ୍ଡେ ସ୍ୱାମୀ ସ୍ତ୍ରୀଙ୍କୁ ପରୀକ୍ଷା କରି ସାରି ଡାକ୍ତର କହିଲେ—ଅସ୍ୱାଭାବିକ୍ କିଛି ତ ନାହିଁ । ମୋ ମତରେ ମାଦାମ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ମା ହବାର ଉପଯୁକ୍ତା । ମଁସିଏ, ଆପଣଙ୍କଠାରେ ମଧ୍ୟ କିଛି ଅସ୍ୱାଭାବିକତା ନାହିଁ । ତେବେ ମୋର ଧାରଣା ସ୍ନାୟୁବିକ ଦୁର୍ବଳତା ଆପଣ ଭୋଗ କରୁଛନ୍ତି । ବାପ ହେବାର ଅତ୍ୟଧିକ ଆକାଂକ୍ଷା ହୁଏତ ଏହାର କାରଣ । ଆସିଲେ, ଆପଣଙ୍କ ଛାତିଟା ଟିକିଏ ପରୀକ୍ଷା କରେ ।

ଅନେକ ବେଳଯାଏ ଡାକ୍ତର ଛାତି, ପିଠିରେ କାନ ଦେଇ ପରୀକ୍ଷା କଲେ । ପେଟ, ଫୁସଫୁସ୍, ବେକ ଗଣ୍ଠିରେ ଟିପ ମାରି ଦେଖିଲେ ।

ମଁସିଏ, ଦେହର ଖୁବ୍ ଯତ୍ନ ନିଅନ୍ତୁ । ଦେହରେ ମୋଟେ ରକ୍ତ ନାହିଁ । ଏହା ଛଡ଼ା ଶରୀର ଅତ୍ୟଧିକ ପରିଶ୍ରମରେ କ୍ଲାନ୍ତ ଶ୍ରାନ୍ତ । ଆଉ

କୌଣସି ଦୋଷ ଦେଖି ପଡ଼ୁନି । ଭୟ କରନ୍ତୁନି । ଏବେଠୁ ଯତ୍ନ ନେଲେ ଖୁବ୍ ଶୀଘ୍ର ଭଲ ହୋଇ ଯିବେ । ଯଦି ନମାନିବେ, ରୋଗ ବଢ଼ିଯିବ, ସେତେବେଳେ ଆରୋଗ୍ୟ ହେବା କଷ୍ଟକର ହୋଇ ପଡ଼ିବ ।

ଭୟରେ ତାଙ୍କର ମୁହଁଟା ଶୁଖିଗଲା । ଔଷଧ ଓ ପଥ୍ୟର ବ୍ୟବସ୍ଥା ପତ୍ର ଦେଇ ଡାକ୍ତର କହିଲେ—ତି ବେଳା ଏ ଔଷଧଟା ଖାଇବେ । ମାଛ, ଦୁଧ, ଫଳ, ଯେତେ ପାଇବେ ଖାଇବେ । ସକାଳୁ ଉଠି ଖୋଲା ଜାଗାରେ ବୁଲି ପାରିଲେ ଖୁବ୍ ଭଲ ହୁଅନ୍ତା । ବେଶୀ ଗରମ ପଡ଼ିଲେ ପାହାଡ଼ ବାହାରକୁ ଯାଇ କିଛି ଦିନ ବିଶ୍ରାମ ନିଅନ୍ତୁ । ତେଣିକି ସୁସ୍ଥ ହୋଇ ଉଠିବେ ।

ଏକାବେଳେ ଦଶଖଣ୍ଡ ନୋଟ—ଯେପରି ଦଶଟି ପଞ୍ଜରା ଗଣି ଦେଇ ଫେରି ଆସିଲେ ଦୁହେଁ ।

ରାସ୍ତାରୁ ଆସି ରାଗରେ ଗର ଗର ହୋଇ କୋରୁ କହିଲା—କି ବିପଦରେ ପଡ଼ିଲୁଣି ମା ।

ଲେଜାବଲ୍ଲ ଚୁପ ଥାନ୍ତି । ଲଜ୍ଜା ଓ ଭୟରେ ପ୍ରାଣ ଛଟ ପଟ ହେଉଛି । ବାରମ୍ବାର ଡାକ୍ତର କଥା କାନରେ ବାଜୁଛି । ଡାକ୍ତର ତାଙ୍କୁ ଭୁଲେଇବା ପାଇଁ ମିଥ୍ୟା ଆଶ୍ୱାସନା ଦେଇ ନାହାନ୍ତି ତ ! ତେବେ କ'ଣ ବଞ୍ଚିବାର କୌଣସି ଆଶା ନାହିଁ ? ଟଙ୍କା କୁଆଡ଼ିଲା କୌଣସି କଥା ଆଉ ତାଙ୍କ ମୁଣ୍ଡରେ ପଶୁନି—ଜୀବନଟାକୁ ହୁଏତ ହରେଇବାକୁ ପଡ଼ିବ—କିଏ ଜାଣେ ?

ସେ ଅନୁଭବ କଲେ ଛାତି ଭିତରେ ଯେପରି ଗୋଟାଏ କ'ଣ ଶବ୍ଦ ହେଉଛି । ନାଡ଼ି ଦ୍ରୁତ ଗତିରେ ଚାଲୁଛି । ପାଦ ଦିଟା ଆସ୍ତେ ଆସ୍ତେ ଅବଶ ହୋଇ ପଡ଼ୁଛି । ଚାଲି ପାରୁ ନାହାନ୍ତି । ଚାଲୁ ଚାଲୁ ହଠାତ୍ ସେ ରାସ୍ତା ଉପରଟିରେ ବସି ପଡ଼ିଲେ । ଏ କାଣ୍ଡ ଦେଖି କୋରୁ ମନେ ମନେ ରାଗି ନିଆଁ । ସହଜେ ମନ ତାର ତିକ୍ତ ହୋଇ ଉଠିଛି । ସେ ଷ୍ଟେସନରେ ଲେଜାବଲ୍ଲଙ୍କ ଏ ଢଙ୍ଗ ସହ୍ୟ କରି ପାରିଲାନି ସେ । ମୁହଁ ବୁଲେଇ ଆପାଦମସ୍ତକ ସ୍ୱାମୀକୁ ଅନେଇଗଲା କୋରୁ । ନିଶ୍ୱାସ ନେବାକୁ ଯେପରି କଷ୍ଟ ହେଉଛି ଲେଜାବଲ୍ଲଙ୍କର । ଆଖି ଦିଟା ବାହାରକୁ ବାହାରି ଆସିଲା ଭଳି ମନେ

ହେଉଛି । ବାଁ ହାତରେ ଡାହାଣ ହାତର ନାଡ଼ ପରୀକ୍ଷା କରିବାକୁ ଲାଗିଲେ ସେ ।

ଧୈର୍ଯ୍ୟର ସୀମା ଅତିକ୍ରମ କରିଛନ୍ତି ଡାକ୍ତର । ଆଉ ସେ ସହି ପାରୁନା । ଅଧୈର୍ଯ୍ୟ ହୋଇ ମାଟି ଉପରେ ଗୋଡ଼ ଠୁକୁ ଠୁକୁ କହିଲେ, କ'ଣ ସରିଲା ? ଯିବ ନା ଏଇଠି ବସି ରହିବ ?

ଲେଙ୍କାବୁ ଚେୟର ପରୁ ଉଠି ଛିଡ଼ାହେଲେ । ତା ପରେ ସ୍ତ୍ରୀ ପଛେ ପଛେ ଚାଲିବାକୁ ଲାଗିଲେ ।

ସବୁ କଥା ଶୁଣି କାଶଲ୍ୟା କହିଲେ, କି ବିପଦରେ ବାବା ! ଡାକ୍ତର ଟମଟ ଆଖିରେ ତାଙ୍କୁ ଅନେଇଲେ ।

କିଛି ଜାଣନ୍ତି ନାହାନ୍ତି ଲେଙ୍କାବୁ, ଚୁପ ଚାପ ରହୁଛନ୍ତି । ଜୀବନଟି ପିଲା ଉପରେ । ତାଙ୍କର ଆଉ କିବା ଦରକାର ! ନିଜେ ବଞ୍ଚିଲେ ବାପର ନାଁ । ଜୀବନଟା ଯଦି ଗଲା, ତାଙ୍କ ରହି କ'ଣ ହେବ ? ବାପ ଝିଅ ଶି ଯେତେ ଗାଳି ଦିଅନ୍ତୁ, ଯେତେ ପାଟି ତୁଣ୍ଡ କରନ୍ତୁ ପଛେ ଲେଙ୍କାବୁ ପାଟି ଖୋଲିବେ ନାହିଁ । କୌଣସି ପ୍ରତିବାଦ କରିବେନି । ପ୍ରାଣଟା ଚାଲିଗଲେ ତାଙ୍କର କ'ଣ ଯିବ ! ନା, ଆଉ ନୁହେଁ । ଯେମିତି ହେଉ, ସେ ନିଜକୁ ଆଗ ଦେଖାଇବେ ।

ଲେଙ୍କାବୁଙ୍କ ଘରଟା ଗୋଟାଏ ହସ୍ପିଟାଲ ଭଳି ଦିଶୁଛି । ଟେବୁଲ ଉପରେ ଔଷଧ ଶିଶିଗୁଡ଼ା ଜମା ହୋଇଛି । ଖିଅପିଆ ପରେ ପ୍ରତ୍ୟେକ ଦିନ ସେ ବସି ବସି କିଛି ସମୟ ଆରାମ କରନ୍ତି । କେତେବେଳେ ଯେମିତି ଆଇନାରେ ମୁହଁ ଦେଖନ୍ତି, ପୁଣି ହସି ଉଠନ୍ତି ଆନନ୍ଦରେ, ପୁଣି କେତେବେଳେ ଭୟରେ ଶିହରି ଉଠନ୍ତି । ବସି ବସି କେବେ କେମିତି ଛାତି ଉପରେ ହାତ ରଖି ଉତ୍କଣ୍ଠ ହୋଇ ହୃତ୍‌ସ୍ପନ୍ଦନ ଅନୁଭବ କରନ୍ତି । ପୁଣି କେତେବେଳେ ନାଡ଼ି ଧରି ପରୀକ୍ଷା କରନ୍ତି ।

ଅଳନ୍ଧୁପୂର୍ଣ୍ଣ ଗୋଟାଏ ଅନ୍ଧାରିଆ ଘରର ଗୋଟାଏ କଣକୁ ତାଙ୍କ ଛଣାଟି ପଡ଼ିଥାଏ । ଏଇ ନର୍କ ଭିତରେ ଦିନରାତି ସେ କାଟନ୍ତି । ତାଙ୍କର ଅବସ୍ଥା ଦେଖି କେହିତେହେଲେ ସହାନୁଭୂତି ପ୍ରକାଶ କରନ୍ତିନି । ଡାକ୍ତ

ସାମନାସାମନି ବିଦ୍ରୂପ କରେ । କାଶଲ୍ୟା କଥା ନ କହିବା ଭଲ । ତାଙ୍କର ବ୍ୟଙ୍ଗୋକ୍ତି ଆଉ ଅଟ୍ଟହାସ୍ୟରେ ବେଳେବେଳେ ଲୋକଙ୍କ ମୁମୂର୍ଷୁ ରକ୍ତ ମଧ୍ୟ ଟଗମଗ ହୋଇ ଫୁଟେ । କୌଣସି ମତେ ଆତ୍ମସମ୍ବରଣ କରି ସେ ଚୁପ୍ ରୁହନ୍ତି । ମୁହଁ ଖୋଲି କିଛି କୁହନ୍ତିନି ।

ମନେ ମନେ ସେ ଏବେ ଘୃଣା କରୁଛନ୍ତି ଜୋସ୍କୁ । ତା ମୁହଁ ଦେଖିଲେହିଁ ରାଗରେ ଥରି ଉଠନ୍ତି ସେ । ସମସ୍ତ ନାରୀଜାତି ଉପରେ ତାଙ୍କ ମନରେ ବିତୃଷ୍ଣା ସୃଷ୍ଟି ହୋଇଛି । ସେମାନେ ଯେପରି ଗୋଟାଏ ଗୋଟାଏ ପିଶାଚର ପ୍ରତିମୂର୍ତ୍ତି । ହିଂସ୍ର ପଶୁ ପ୍ରାଣରେ ବରଂ ଦୟା ମାୟା ଥାଏ, କିନ୍ତୁ ଏମାନଙ୍କର ନାହିଁ । ସାରଳେଙ୍କ ଉଇଲଟା ଅତୀତରେ ଏକ ଶୋଚନୀୟ ଦୁର୍ଘଟଣା ବୋଲି ତାଙ୍କର ଦୃଢ଼ ଧାରଣା ହୋଇଛି । ସେଇଥିପାଇଁ ତ ତାଙ୍କର ଏ ଦଶା ।

ଏଇପରି ଭାବେ ଆଉ କେଇଟି ମାସ ଅତୀତ ହୋଇଗଲା । ଆଉ ମାତ୍ର ଗୋଟିଏ ବର୍ଷ ବାକି । କାଶଲ୍ୟା ଖାଇବା ଘର କାନ୍ଥରେ ଗୋଟାଏ ବଡ଼ କାଲେଣ୍ଡର ଟାଙ୍ଗି ଦେଇଛନ୍ତି । ନିତି ସକାଳୁ ନିଦରୁ ଉଠି ଭାରି ମନରେ ଗୋଟିଏ ଲେଖା ଫର୍ଦ୍ଦ ଚିରି ଦିଅନ୍ତି । କାଲେଣ୍ଡରର ଫର୍ଦ୍ଦ ଟାଣି ଦେଲା ବେଳେ ମନେହୁଏ ଯେପରି ତାଙ୍କ ହୃତ୍‌ପିଣ୍ଡରୁ କିଏ ମୁଳାଏ ଟାଣି ନେଉଛି । ଏ ପ୍ରକାର ଅସହାୟ ଅବସ୍ଥା ଭିତରେ ମୁଣ୍ଡ ଠିକ୍ ରୁହେନା । ଗୋଟି ଗୋଟି ହୋଇ ଦିନ ଗଡ଼ିଯାଏ, ତା ସହିତ ମଧ୍ୟ ବାଇଁଥ ଧନ ଧୀରେ ଧୀରେ ଦୂରକୁ ଘୁଞ୍ଚିଯାଏ । ଜୀବନ ସାରା ତାଙ୍କୁ ଗଧ ପରି ଖଟି ଖଟି ମରିବାକୁ ହେବ । ପେନସନ ଆଉ କେଇଟା ଟଙ୍କା ବା । କଣ ହେବ ସେତେବେଳେ ? ବୁଢ଼ା ଦିନେ ଖାଇବାକୁ ନ ପାଇ କଣ ମରିବ ସେ ? କାଶଲ୍ୟା ଭୟରେ ଶିହରି ଉଠିଲେ । ମୁଣ୍ଡ ଠିକ ରହୁନି । ରାଗ ଥରଥର ହୋଇ ମୁହଁରେ ଯା ଆସେ ଜ୍ୱାଇଁକୁ ଶୁଣାନ୍ତି । ସେତିକିରେ କିନ୍ତୁ ରାଗ ମରେନା—ଗୋଟାଏ ମୁଷ୍ଟି ମାରି ଜାନୁଆରୀଟାର ଦାନ୍ତ ଦିଟା ଝାଡ଼ି ଦେବାକୁ ଇଚ୍ଛା ହୁଏ । ଲୋକଜଣଙ୍କୁ ଆଗରେ ଦେଖିଲେହିଁ ମିଜାସ୍ ଠିକ୍ ରୁହେନା । ପୈଶାଚିକ ପ୍ରତିହିଂସା କାମନା ତାଙ୍କୁ ଅଭିଭୂତ କରେ । ଅସହ୍ୟ କ୍ରୋଧ ଆଉ

ଡାକ୍ତରମାନେ ଥରି ଥରି ଭାବନ୍ତି—ଅବଶ୍ୟ ବଦମାସହାର ହାଡ଼ ଗୋଡ଼ ଭାଙ୍ଗି ଚୂନା କରି ଦିଅନ୍ତି । ଯେତେଥର ଲେଳାଙ୍କୁ ଦରଜା ଠେଲି ଭିତରକୁ ଆସନ୍ତି, କାଗଲିଁଆ ଭାବନ୍ତି ଗୋଟାଏ ଚୋର ଯେପରି ସିନ୍ଧି କରି ତାଙ୍କ ଘରେ ପଶିଛି, ସମସ୍ତ ସମ୍ପତ୍ତି ଚୋରି କରି ନେଇ ତାଙ୍କୁ ପଥର ଭିକାରୀ କରି ଛାଡ଼ିବ । କାଗଲିଁଆ ଲେଳାଙ୍କୁ ଯେଉଁ ପରିମାଣରେ ଘୃଣା କରନ୍ତି, କେହି କେବେ ତାର ଶତ୍ରୁକୁ ମଧ୍ୟ ଏତେ ଘୃଣା କରେନା । ଦେହଟା ସହଜେ ରୋଗା, ସେଥିରେ ପୁଣି ଭଯ୍ୟାଙ୍କୁ କମ ନୁହେଁ ।

ଆଜିକାଲି ସ୍ତ୍ରୀର ଛାଇ ସୁଦ୍ଧା ମାଡ଼ନ୍ତିନି ଲେଳାଙ୍କୁ । ତାଙ୍କ ଭିତରେ ଯେପରି ଆଉ କୌଣସି ସମ୍ପର୍କ ନାହିଁ । ସବୁ ତୁଟି ଯାଇଛି ।

ନାଇଟ କାଗଲିଁଆ ଝିଅକୁ ପଚାରନ୍ତି, ତୋ ସ୍ୱାମୀ ଏବେ ବି କଣ ମନସ୍ଥିର କରୁନି ?

ନା ବାପା ! କୋଉ କରୁଣ ସ୍ୱରରେ କୁହେ ।

ଖାଇବାବେଳେ ନାଇଟି ସେଇ ଗୋଟିଏ ଦୃଶ୍ୟ, ଯେତିକି କରୁଣ—କୁତ୍ସିତ ମଧ୍ୟ ସେତିକି । କାଗଲିଁଆ ଖିଙ୍କାରି ଉଠନ୍ତି—

ଯେ ମଣିଷ ନୁହେଁ, ତାର ବଂଚିବାର କୌଣସି ଅଧିକାର ନାହିଁ ।
ଠିକ କହୁଛ ।

ଲେଳାକୁ ବସି ବସି ଔଷଧ ଖାଉଥାନ୍ତି । ପାଟି ନ ଫିଟେଇ ସବୁ ଶୁଣିଯାନ୍ତି ନୀରବରେ । କାଗଲିଁଆ ଧୈର୍ଯ୍ୟ ଧରି ପାରନ୍ତିନି । କହି ପକାନ୍ତି—ଦେଖ, ତମକୁ ମୁଁ ସଫାକଥା କହୁଛି, ତୁମେ ଯଦି ଏଣିକି ଚୁପ୍ ହୋଇ ବସି ରହୁନା, ଆଗକୁ ଯା'ହେବ ସବୁ ଜଳଜଳ ଦିଶୁଛି ମତେ ।

ଲେଳାଙ୍କ ମଡ଼ା ପରି ମୁହଁ ଉଠେଇ ଶ୍ୱଶୁରଙ୍କୁ ଚାହାନ୍ତି । କପାଳରେ କେତେ ଅପମାନ ଅଛି କେଜାଣି !
କୋଉ ମୁହଁ ତଳକୁ କରି ବସିଥାଏ

ଅଫିସରେ କିନ୍ତୁ ଶ୍ୱଶୁର ଜ୍ୱାଇଁ ବେଶ ମାନ୍ୟକରି ଚଳନ୍ତି । ଦୁହିଁଙ୍କ ମଧ୍ୟରେ ଗୋଟାଏ ଅବ୍ୟକ୍ତ ବୁଝାମଣା ହେଉଛି—ଘର କଥା ଅଫିସରେ ଯେପରି କେହି ନଜାଣନ୍ତି । ନୀଳକଣ୍ଠ ଶ୍ୱଶୁରଙ୍କୁ ବେଶ୍ ଖାତିର କରନ୍ତି । କାଳେଁଦ୍ୟା ମଧ୍ୟ ଜ୍ୱାଇଁକୁ ସ୍ନେହ କରନ୍ତି—ପ୍ରାଣ ଖୋଲି ହସନ୍ତି ଅର୍ଥାତ ହସର ଅଭିନୟ କରନ୍ତି । ସେମାନଙ୍କ ବ୍ୟବହାରରୁ କେହି କିଛି ସନ୍ଦେହ କରି ପାରିବେନି । ବରଂ ଭାବିବ ଯେ ସେମାନଙ୍କ ମଧ୍ୟରେ ସ୍ନେହ ଶ୍ରଦ୍ଧାର ସମ୍ପର୍କ ଏବେ ବି ଅତୁଟ ରହିଛି ।

ନୀଳାଦ୍ରି ଆଉ ମାଳା ମଧ୍ୟରେ ଥରେ ସଂଘର୍ଷ ହେବାର ସୂତ୍ରପାତ ହୋଇଥିଲା । କେବେଠୁ ସେ ସବୁ ତୁଟି ଯାଇଛି । ବର୍ତ୍ତମାନ ସେମାନଙ୍କ ମଧ୍ୟରେ କୌଣସି ଶତ୍ରୁତା ନାହିଁ । ତେବେ ସହୃଦୟତା ମଧ୍ୟ ନାହିଁ । କିନ୍ତୁ ଆନୁଷ୍ଠାନିକ ସୌଜନ୍ୟ ଓ ଭଦ୍ରତାର ଅଭାବ ନାହିଁ କାହାଠାରେ । ବରଂ ତାହା ଟିକିଏ ଅତିରିକ୍ତ ବୋଲି ମନେହୁଏ । ଯୁଦ୍ଧ ଆଶଙ୍କାରେ ମନରେ ଯେଉଁ ଉତ୍ପାତ ହୋଇଥିଲା, ତାର ଭୟ ଏବେବି ମନରୁ ଯାଇନି । ଆଉ କେବେ ଯେମିତି ସେପରି ସାଙ୍ଘାତିକ ପରିସ୍ଥିତି ସୃଷ୍ଟି ନହେଉ, ସେ ନେଇ ଖୁବ୍ ସଚେତନ ସେ ଦୁହେଁ । ମନେ ମନେ ଦୁହେଁ ଦୁହିଁଙ୍କ ସହିତ ମିଶିବାକୁ ଚାହାନ୍ତି । ବନ୍ଧୁ ହେବାର ଆଗ୍ରହ ଦୁହିଁଙ୍କ ମନରେ । ଅଫିସର ଅନ୍ୟ ସହକର୍ମୀ ବନ୍ଧୁ ଏ ସବୁ ଲକ୍ଷ୍ୟ କରନ୍ତି—ସବୁ ବୁଝନ୍ତି ମଧ୍ୟ । ମନେ ମନେ ଖୁସି ହୁଅନ୍ତି ସମସ୍ତେ ।

ଜଣେ ଯଦି ଅନ୍ୟ ଜଣକୁ ଦୂରରୁ ଦେଖି ପକାଏ, ସେଇପରି ଗମ୍ଭୀର ରହି ଆଡ଼ମ୍ବର ସହିତ ଟୋପି ହଲେଇ ଅଭିବାଦନ ଜଣାଏ । କିନ୍ତୁ କେହି କାହାକୁ କଥା କୁହନ୍ତିନି । ସମସ୍ୟାଟା ହେଉଛି କିଏ ଆଗ କଥା କହିବ । କିନ୍ତୁ କୌଣସି ପକ୍ଷ ଏ ଦାୟିତ୍ୱ ନେବାକୁ ରାଜିନୁହଁ । ଭୟହୁଏ, ଯଦି ସେ କଥା ନ କୁହେ । ତାହେଲେ ?

ଦିନେ ଗୋଟିଏ ଘଟଣା ଘଟିଗଲା । ବଡ଼ ସାହେବ ଲେଜାଙ୍କୁ ଡାକିଥାନ୍ତି । ଖବର ପାଇ ସେ କ୍ଷିପ୍ର ଗତିରେ ବଡ଼ ସାହେବଙ୍କ କୋଠରୀ ଆଡ଼େ ଛୁଟିଲେ । ସେତିକିବେଳେ ବାରଣ୍ଡାର ବିପରୀତ ଦିଗରୁ ଆଉ ଜଣେ ଆସୁଥିଲେ । ବାରଣ୍ଡା କୋଣ ଉପରେ ମୋଡ଼ ବୁଲିଯିବା ବେଳେ ଦୁହେଁ ଧକ୍କା ଖାଇଲେ । ଲେକ୍ସି ତଳେ ଗଡ଼ୁଡ଼ି ପଡ଼ିଲେ । ହାତ ଧରି ତାଙ୍କୁ ଉଠାଇବା ମାତ୍ରେ ଲେଜାଙ୍କର ପ୍ରାଣପକ୍ଷୀ ଉଡ଼ିଯିବା ଭଳି ଜଣାଗଲା । ଏ ଯେ ସ୍ୱୟଂ ମାଜା । କିଛିକ୍ଷଣ ପରେ ସଜାଗ ହୋଇ ମାଜାଙ୍କ ହାତ ଦୁଇଟି ଖୁବ୍ ଆନ୍ତରିକତାର ସହ ଧରି ପକାଇ କହିଲେ, ମଁସିଏ, ଖୁବ୍ ଜୋରରେ ଲାଗିଲା ନା କଣ ? ଦେଖି ପାରି ନଥିଲି । ଦୋଷ କ୍ଷମା କରିବେ ।

ନା, ନା, କିଛି ହୋଇନି । ଏଥିରେ କ୍ଷମା ମାଗିବାର କଣ ଅଛି ମଁସିଏ ! ବେଳେବେଳେ ଏମିତି ହୁଏ ।

ସେହିଦିନଠାରୁ ଦେଖାହେଲେ ଦୁହେଁ କଥାବାର୍ତ୍ତା ହୁଅନ୍ତି । ଭଦ୍ରତା ଦୃଷ୍ଟିରୁ କେହି ପଛାନ୍ତି ନାହିଁ । ପରସ୍ପରର ଉପକାର କରି ପାରିଲେ ଦୁହେଁ ଖୁସି ଯେପରି ହୁଅନ୍ତେ । ଏଇପରି ଭାବେ ଦୁହିଁଙ୍କ ପରିଚୟ କ୍ରମଶଃ ଅନ୍ତରଙ୍ଗତାରେ ପରିଣତ ହେଲା ।

ଏ କେଇଦିନ ସାଭେଁର ଘରେ ପ୍ରାୟ ଦୁହିଙ୍କ ଦେଖା ସାକ୍ଷାତ ହେଉଛି । ଦୁହେଁ କିଛି ସମୟ ଗପ ସପ ହୁଅନ୍ତି । ଲେଜାଙ୍କର ଆଉ ସେ ଉଦ୍ଧତ ଭାବ ନାହିଁ । ମାଜା ମଧ୍ୟ ଆଗ ଅପେକ୍ଷା ଖୁବ୍ ଶିଷ୍ଟ ହୋଇ ପଡ଼ିଛି । ଏଣୁ ଦୁହିଙ୍କ ମଧ୍ୟରେ ଗପ ବେଶ ଜମେ । କାରେଲିଁଆ ବେଳେବେଳେ ତାଙ୍କ ସହିତ ଯୋଗ ଦିଅନ୍ତି । ଦୁହିଙ୍କର ମିଳାମିଶା, ଥଟ୍ଟା ପରିହାସ ତାଙ୍କୁ କୌତୁହଳ ଲାଗେ । କେତେବେଳକେ ମାଜା ଦୃଢ଼ ପଦାକ୍ଷେପରେ ବିଦାୟ ନେଇ ଯାଏ । ଦୀର୍ଘ ବଳିଷ୍ଠ ଦେହ—ଛାତି ଫୁଲେଇ ବୀର ପରି ଚାଲେ ସେ ।

ଯା' କୁହ ପଛେ, ମଁସିଏ ମାଜା ଜଣେ ସୁପୁରୁଷ ।

ହଁ, ତା ସତ ।

କିଛିଦିନ ପରେ କାରେଲିଁଆ ଦିନେ ମାଜାକୁ ନିମନ୍ତ୍ରଣ କଲେ

ମଁସିଏ ମାଜ, ରବିବାର ଆମ ଘର ଆଡ଼େ ଆସି ଖିଅପିଅ କରନ୍ତୁ ନା । ଆମେ ସମସ୍ତେ ଖୁସି ହୁଅନ୍ତୁ । ମୋ ଝିଅ ମଧ୍ୟ ଆପଣଙ୍କୁ ଚାହେଁ । ଘରେ ଆମେ ସାଧାରଣତଃ ଅଫିସ ଗଳ୍ପ ପକାଉକନା ! ଆସୁଛନ୍ତି ତେବେ ?

ଲେଜାଣ୍ଡ୍ ଶ୍ୱଶୁରଙ୍କ କଥାରେ ସମର୍ଥନ ଦେଲେ । ତାଙ୍କ କଥାରେ ଅବଶ୍ୟ ସେତେଟା ଆନ୍ତରିକତା ନଥିଲା; କିନ୍ତୁ ସୌଜନ୍ୟ ଦେଖାଇବାରେ ଟିକିଏ ହେଲେ ପଛେଇ ନଥିଲେ ସେ ।

ହଁ, ହଁ, ଆସିବ, ନିଶ୍ଚୟ ଆସିବ ।

ହଁ ନାଁ । କିଛି କହି ପାରିଲିନି ମଜ । କେମିତି ଟିକିଏ ବିବ୍ରତ ହେଲା ପରି ଜଣାଗଲା ।

କଥା ତେବେ ପକ୍କା ? ମନେ ରୁହେ ଯେପରି ରବିବାର, ଏଁ ?

ଆଚ୍ଛା ଯିବି । ବ୍ୟସ୍ତ ହୁଅନ୍ତୁନି !

ଘରକୁ ଫେରି କାଗଲିଁଆ ଝିଅକୁ ସବୁକଥା କହିଲେ ।

ଦେଖ, ରବିବାର ଦିନ ମଁସିଏ ମାଜଙ୍କୁ ନିମନ୍ତ୍ରଣ କରିଛି ।

ବାପାଙ୍କ କଥା ଶୁଣି କୋରା ଆଶ୍ଚର୍ଯ୍ୟ ହେଲା—କାହାକୁ କହିଲ ? ମଁସିଏ ମାଜ ? କିନ୍ତୁ···ଲଜ୍ଜାରେ ମୁହଁଟି ତାର ଲାଲ ପଡିଗଲା । କିନ୍ତୁ କାହିଁକି ଏମିତି ହେଲା ସେ ନିଜେ ବୁଝି ପାରିଲାନି । ମାଜ ସମ୍ବନ୍ଧରେ କେତେ ଥର ବାପାଙ୍କଠାରୁ ସେ ଶୁଣିଛି । ଲୋକଟିର ଆଚାର-ବ୍ୟବହାର ବୁଆଡ଼େ ଖୁବ୍ ଭଲ । ଝିଅମାନଙ୍କ ମନ ଜୟ କରିବାରେ ବୁଆଡ଼େ ଜଣେ ପକ୍କା ଓସ୍ତାଦ । ତାକୁ ଦେଖିବାକୁ ଓ ତା ସହିତ ପରିଚିତ ହେବାର ଆଶା କୋରା ଅନେକ ଦିନୁ ପୋଷଣ କରିଛି । ସେଇ ସୁଯୋଗ ଆସନ୍ତା । ତାହାହିଁ କଣ ତାର ଲଜ୍ଜାର କାରଣ ?

ଦେଖିବୁ ପିଲାଟି ବଡ଼ ଚମତ୍କାର ଦେଖିବାକୁ, ଚେହେରା ଯେମିତି—ଚଉଡ଼ା ଛାତି—ଲମ୍ବା ବି ସେମିତି ।

କୋରା ଚୁପ ରହି ଶୁଣୁଥାଏ ।

ଲେଜାଣ୍ଡଙ୍କୁ ପ୍ରଥମ ଯେଉଁ ଦିନ ନିମନ୍ତ୍ରଣ କରା ହୋଇଥିଲା, ସେଦିନ ଯେଉଁ ଉତ୍ସାହ ସହକାରେ ସେମାନେ ଖାଦ୍ୟ ପଦାର୍ଥ ତିଆରି କରିଥିଲେ,

କ ସେଇ ଉତ୍ସାହ ଓ ଆଗ୍ରହ ନେଇ ଏ ଥରକ ମଧ୍ୟ ନାନାପ୍ରକାର ଜିନିଷ ଆର ଖୁଜୁଛି । କେଉଁଠି କିଛି ହେଲେ ତ୍ରୁଟି ରଖି ନାହାନ୍ତି କାଶଲ୍ୟା । ୁ ଠିକ ଅଛି । ତାଙ୍କ ମନରେ ନୂଆ ହେଇ ଗୋଟାଏ ଅବ୍ୟକ୍ତ ଓ ଅନିଶ୍ଚିତ ଶ୍ୱାସ ଆସିଛି ।

ରବିବାର ସକାଳଠୁ କାଶଲ୍ୟା ନିଜେ ସମସ୍ତ ତତ୍ତ୍ୱାବଧାନରେ ଲାଗିଛନ୍ତି । ୁ ଦିଗରେ ତାଙ୍କର ଦୃଷ୍ଟି ସଜାଗ । ଏଣେ ଲୋକାମ୍ନ ଦିନ ତମାମ ଧରି ଷ୍ଟିସ କାମରେ ମାତିଛନ୍ତି । ଗତ ରାତିରେ ଗୋଟାଏ କଣ ଜରୁରୀ କାମ ସେ ଲକୁ ନେଇ ଆସିଛନ୍ତି । ଘରର ତାକୁଇ ନେଇ ସେ ବ୍ୟସ୍ତ । ମୁହୂର୍ତ୍ତେ ଲେ ଫୁରସତ ନାହିଁ । ନଭେମ୍ବରର ପ୍ରଥମ ସପ୍ତାହ ଗତ ହେଇଗଲାଣି । ଲ ଜାନୁୟାରୀ ଆଉ କ'ହା ଘରେ କି ? ତା ଆଗରୁ ସବୁ କାମ ସାରି ବାକୁ ହେବ । ଗୋଟିଏ ହେଲେ ଫାଇଲଟା ଯେପରି ରହି ନ ଯାଏ ।

ସାତଟା ବାଜିବା ମାତ୍ରେ ମାଜ ଆସି ପହଞ୍ଚିଲା । ଖୁସ୍ ମିଜାଜ ଯୁବକ । ଶକ୍ତିରେ ଉଚ୍ଛୁସିତ ଚେହେରା । ଏପରି ଭାବେ ସେ ଘରେ ପ୍ରବେଶ କଲା, ର ଏଇଟା ତା'ର ନିଜ ଘର । ଏଥିରେ ଟିକେ ସଙ୍କୋଚ ବା ଲଜ୍ଜା ନାହିଁ ବା ମାତ୍ରେ ପ୍ରୀତିସମ୍ଭାଷଣ ଜଣାଇ କୋରାକୁ ଗୋଟାଏ ଗୋଲାପ ର ତୋଡ଼ା ଉପହାର ଦେଲା । ତାପରେ କଥାବାର୍ତ୍ତା ଆରମ୍ଭ କଲା । ପାଞ୍ଚ-ରୁ ପିବା ପାହାଙ୍କର ଅଭ୍ୟାସ, ସେମାନଙ୍କ ଭଳି ତା କଥା କହିବାର ଭଙ୍ଗୀ ବେଶ୍ ସ୍ୱଚ୍ଛନ୍ଦ ।

ମାଦାମ୍, ଆପଣଙ୍କ ସହିତ ଗୃହସ୍ଥ ପରିଚୟ ନଥିଲେହେଁ, ଅପଣଙ୍କୁ ମୁଁ । ଆପଣଙ୍କ ବାପା ପ୍ରାୟ ଆପଣଙ୍କ କଥା କୁହନ୍ତି ।

ଫୁଲଗୁଚ୍ଛ ଦେଖି କାଶଲ୍ୟା ଆନନ୍ଦରେ କୁରୁଳି ଉଠିଥିଲେ । କହିଲେ— ି କୁହନ୍ତି ସାମାଜିକତା ।

କୋରାର ଅତୀତ କଥା ମନେ ପଡ଼ିଲା । ଲୋକମାନଙ୍କ ସଙ୍ଗେ ଯେଉଁଦିନ ପ୍ରଥମ ପରିଚୟ ହେଲା, କାହିଁ ସେଦିନ ତ ସେ ତାକୁ ଫୁଲ ତୋଡ଼ା ର ଦେଇନଥିଲା । ମାଜର ସୁନ୍ଦର ମୁହଁରେ ହସ ଫୁଟିଛି, କି ପ୍ରାଣଖୋଲା ଅନେକ ଦିନ ପରେ ସେ ଯେପରି ତା'ର ପୁରୁଣା ବନ୍ଧୁମାନଙ୍କ ସହିତ

କଥା ହେବାକୁ ଆସିଛି । ତାର ହସ ହସ ମୁହାଣୀ ଆଉ ପ୍ରୀତିମୁଗ୍ଧ ଫୋଟୁକ ଆଗରେ କୋଉ ଯେପରି ଝାଉଁଳି ପଡ଼ୁଛି । ଲଜ୍ଜାରେ ଗାଲ ଦୁଇଟି ଆରକ୍ତ ହୋଇ ଉଠିଛି ।

ମାଳ ତାକୁ ଭାରି ଭଲ ଲାଗିଲା । ସତରେ ଲୋକଟା ଯାଦୁ ଜାଣେ ନା କଣ ? କେତେ ଶୀଘ୍ର ମଣିଷ ମନକୁ ଜୟ କରିପାରେ ଲୋକଟା !

ମାଳ ବିଦାୟ ନେବା ପରେ ଜାଣଲିଆଁ ତା ପ୍ରଶଂସାରେ ଫାଟି ପଡ଼ିଲେ ।

ଦେଖିଲୁନା କେଡ଼େ ସୁନ୍ଦର ମଣିଷ !

ମନ୍ଦ ନୁହେଁ, ଯେତେ ଖରାପ ଭାବୁଥିଲି ସେତେଟା ନୁହେଁ ।

ଅନ୍ୟ ଦିନଗୁଡ଼ିକରେ ଲୋକ ଦୁଇ ସବୁବେଳେ ମନକୁ ମାରି ଦେଉଥାନ୍ତି । ଆଜି ସେ ଆଗ ଅପେକ୍ଷା ଟିକେ ପ୍ରଫୁଲ୍ଲ ଜଣା ଯାଉଥାନ୍ତି । ସେ ମଧ୍ୟ ମନେ କଲେ ଯେ ଆଗେ ଲୋକଟାକୁ ଠିକ୍ ଚିହ୍ନି ପାରି ନଥିଲେ । ଭୁଲ ବୁଝିଥିଲେ ।

କିଛିଦିନ ପରେ ମାଳ ଆଉଥରେ ଦିନେ ଆସିଲା । ତାପରେ ଲାଗ ଲାଗ ଆସିବାକୁ ଲାଗିଲା । ସମସ୍ତେ ତାକୁ ଭଲ ପାଇଲେ । ପସନ୍ଦ କଲେ । କୋଉ ମଧ୍ୟ ବଢ଼ିଆ ପ୍ରକାର ରାନ୍ଧି ତାକୁ ଖୁଆଏ । ଦିନ କେଇଟି ଭିତରେ ତିନିଜଣ ପୁରୁଷଙ୍କ ମଧ୍ୟରେ ଅନ୍ତରଙ୍ଗତା ଏପରି ଗଭୀର ହୋଇ ଉଠିଲା ଯେ କେହି କାହାକୁ ଛାଡ଼ିବାକୁ ସୁଦ୍ଧା ଇଚ୍ଛା କଲେନି । ନୂଆ ବନ୍ଧୁଟି ପରିବାରର ସମସ୍ତଙ୍କୁ ବେଳେବେଳେ ଥିଏଟର ଦେଖାଇବାକୁ ନେଇଯାନ୍ତି ।

ଥିଏଟର ଦେଖି ଚାଲି ଚାଲି ଚାରିଜଣଯାକ ଘରକୁ ଆସନ୍ତି । ରାସ୍ତାଟା ଲୋକାରଣ୍ୟ । କୋଉ ଆଉ ମାଳ ଦୁହେଁ ଟିକିଏ ଆଗୁଆ ହୋଇ ସମତାଳରେ ପାଦ ପକାଇ ଚାଲନ୍ତି । ଦୁହିଁଙ୍କର ଚାଲିବା ଭଙ୍ଗୀ ମଧ୍ୟ କେତେକାଂଶରେ ଏକ ଧରଣର । ଜୀବନର ବନ୍ଧୁର ପଥରେ ଏମାନେ ଭାବେ ପାଖାପାଖି ଚାଲିବା ପାଇଁ ଯେପରି ବାଧ୍ୟତା ସେମାନଙ୍କୁ ସୃଷ୍ଟି କରୁଛି । ଆସ୍ତେ ଆସ୍ତେ କଥା ହୁଅନ୍ତି ଦୁହେଁ । କେତେବେଳେ କମିତ ଚୁପା ହସର ଶବ୍ଦ । ତରୁଣୀଟି ମଝିରେ ମଝିରେ ପଛକୁ ଫେରି ତାର ସ୍ୱାମୀ ଆଉ ବାପାକୁ ଚାହେଁ, ପୁଣି ତାର ତରୁଣ ବନ୍ଧୁଟିର ହାତ ଧରି ଆଗେଇ ଚାଲେ ।

ଲେଜାବ୍‌ଙ୍କ ଦେହଟା ଆଜକାଲି ମୋଟ ଉପରେ ଭଲ ଅଛି । ଛାତିର କଂପନ ଅନେକ କମ ହୋଇଛି । ଜୋରରେ ଚାଲିଲେ ଏବେ ଆଉ ଆଗ ପରି ଧଇଁ ସଇଁ ହେଉ ନାହାନ୍ତି । ଦେହଟା ଭଲ ଅଛି ବୋଲି ମିଜାଜଟା ମଧ୍ୟ ଆଗପରି ବିରକ୍ତିପୂର୍ଣ୍ଣ ନୁହେଁ—ଶ୍ୱଶୁରଙ୍କ ଉପରେ ବେଶ ପ୍ରସନ୍ନ । ମନ ଭିତରେ ଯେଉଁ ବିଷକଣା ତିଳ ତିଳ ଠୁଳ ହୋଇ ସମୁଦ୍ର ହୋଇଥିଲା, ତା ମଧ୍ୟ ଆଉ ନାହିଁ । ଶ୍ୱଶୁର-ଜ୍ୱାଇଁ—ଏ ସଂପର୍କଟାର ମଧ୍ୟ ଖୁବ୍ ଉନ୍ନତି ହୋଇଛି । ଏଣିକି ଆଉ ବନ୍ୟପଶୁ ପରି ଦୁହେଁ ଆଁ ଭୁଡ଼ା, ଆଁ ଭୁଡ଼ି, କାମୁଡ଼ା କାମୁଡ଼ି ହୁଅନ୍ତିନି । ଶ୍ୱଶୁର କୌଣସି କଥା ପଚାରିଲେ ଜ୍ୱାଇଁ ଧୀର ସ୍ଥିର ଭାବରେ ଉତ୍ତର ଦିଅନ୍ତି । ଶ୍ୱଶୁର ମଧ୍ୟ ହସି ହସି କଥା କୁହନ୍ତି ଜ୍ୱାଇଁ ସାଙ୍ଗରେ ।

ପ୍ରଥମ ଜାନୁୟାରୀରେ ଏଥର ଲେଜାବ୍‌ଙ୍କ ପଦୋନ୍ନତି ହୋଇଛି—ସେ ଯେପରି ଚାନ୍ଦ ପାଇଛନ୍ତି ହାତରେ ।

ଅନ୍ୟଦିନେ ଛୁଟି ପରେ ପରେ ଅଫିସରୁ ଗୋଟି ଗୋଟି ହୋଇ ସମସ୍ତେ ଚାଲି ଯାଆନ୍ତି । କିନ୍ତୁ ସେ ହଲନ୍ତି ନାହିଁ । ଫାଇଲ ଉପରେ ମୁହଁ ମାଡି ଏକ ଧ୍ୟାନରେ କାମ କରି ଚାଲନ୍ତି । ବଡ଼ ସାହେବ ଘରକୁ ଯାଆନ୍ତି । ତାଙ୍କ ଯିବା ପରେ ଯାଇ ସେ ଅଫିସ ଛାଡ଼ନ୍ତି । କିନ୍ତୁ ଆଜି ସେ କେମିତି ଘରକୁ ଯିବେ ସେ ନେଇ ବ୍ୟଗ୍ର ହୋଇ ପଡ଼ିଛନ୍ତି । ଏ ସୁଖବରଟା କୋୟାକୁ ଜଣେଇବା ପାଇଁ ପ୍ରାଣ ତାଙ୍କର ଛଟପଟ ହେଉଛି ।

ଘରକୁ ଆସି କୋୟାକୁ ଚୁମ୍ବନ କଲେ ସେ । ଛ' ମାସ ପରେ ପ୍ରଥମ ଥର ସେ ଆଜି ସ୍ୱାମିମୁଖ ଚୁମ୍ବନ କଲେ । କୋୟା କିଛି ବୁଝି ପାରିଲାନି । ମାଜ ଅସିଛି ନବବର୍ଷର ଅଭିନନ୍ଦନ ଆଉ ଶୁଭେଚ୍ଛା ଜଣେଇବା ପାଇଁ । ତା ଆଗରେ ସ୍ୱାମୀର ଗଦ୍‌ଗଦ ଭାବ ଦେଖି ବିବ୍ରତ ହେଲା କୋୟା । ଅବାକ୍ ହୋଇ ସେ ମାଜକୁ ଚାହିଁଲା । ଲେଜାବ୍ ମଧ୍ୟ ଖିଡ଼କି ଆଡ଼କୁ ମୁହଁ ବୁଲେଇଦେଲେ ।

ଏମିତି ଭାବେ ଆଉ କେଇଟି ମାସ ଅତୀତ ହୋଇଗଲା । କାଶଲିୟାଙ୍କ ମିଜାଜ ପୁଣି ଉପରକୁ ଉଠିଲା ।

କାଗଲ୍ୟଙ୍କର କା ଦେଖ କଣ ! କ୍ରମଶଃ ସମୟ ଆଗେଇ ଆସୁଛି । କେତୋଟି ଦିନ ବା ଆଉ ବାକି । ଅବଶ୍ୟମ୍ଭାବୀ ମୃତ୍ୟୁ ପରି ଭୟଙ୍କର ଶେଷ ତାରିଖଟି ପ୍ରେତ ମୂର୍ତ୍ତିରେ ତାର ଭୀଷଣ କଳା ଛାଇ ବିସ୍ତାର କରି ସେମାନଙ୍କୁ ଗ୍ରାସ କରିବା ପାଇଁ ଆଗେଇ ଆସୁଛି ।

କୋର୍ ମନରେ କିନ୍ତୁ କୌଣସି କ୍ଷୋଭ ନାହିଁ । ଘର ଭିତରେ କେବଳ ସେହି ଟିକିଏ ଧୀର ସ୍ଥିର । ଆକାଶ ପରି ଶାନ୍ତ ସୁନ୍ଦର, ବନ ହରିଣୀ ପରି ଚଞ୍ଚଳା, ଆଉ ପୂର୍ଣ୍ଣିମା ରାତ୍ରି ପରି ଜ୍ୟୋତିର୍ମୟୀ । କାଲେଣ୍ଡରର ସେଇ ଧ୍ରୁବ ଅଗ୍ରସରମାନ ଦିନଟିର କଥା ଆତ୍ମବିଭୋର କୋର୍ ଯେପରି ଭୁଲି ଯାଇଛି ଏକାବେଳେ ।

ମାର୍ଚ୍ଚ ମାସ ଆରମ୍ଭ ହେଲାଣି । ଜୁଲାଇ ମାସ ୨୦ ତାରିଖରେ ସାରତ୍ରେଙ୍କ ମୃତ୍ୟୁର ତିନିବର୍ଷ ପୂରିବ । ଚାରିଆଡ଼ ଅଂଧାର ଦିଶୁଛି କାଗଲ୍ୟାଙ୍କୁ । ସବୁ ଆଶା ମହାଶୂନ୍ୟରେ ବିଲୀନ ହୋଇ ଯାଉଛି ଯେମିତି ।

ବସନ୍ତର ଆବିର୍ଭାବରେ ପୃଥିବୀ ନବରୂପ ଧାରଣ କରିଛି । ରୂପ, ରସ ବର୍ଣ୍ଣ ଆଉ ଗନ୍ଧର ସମ୍ମିଶ୍ରଣରେ ଧରିତ୍ରୀ ବାସରଗୃହ ପରି ମୋହିନୀ ଦିଶୁଛି । ଗଛ ପତ୍ରରେ ଫୁଟି ଉଠିଛି ପ୍ରକୃତିର ପ୍ରସନ୍ନତା, ପ୍ରାନ୍ତରରେ ସୃଷ୍ଟି ହୋଇଛି ଶ୍ୟାମଳ ସ୍ୱପ୍ନ—ନଦୀର ଛଳ ଛଳ ଧ୍ୱନିରେ ସଙ୍ଗୀତର ମୂର୍ଚ୍ଛନା, ଆକାଶରେ ଝଲମଲ କରୁଛି ସ୍ନିଗ୍ଧ ରୌଦ୍ର । ମଣିଷର ପ୍ରାଣଟି ମଧ୍ୟ ଗୋଟିଏ ସୁରରେ ବନ୍ଧା ହୋଇଛି ।

ମାଜା ପ୍ରସ୍ତାବ କଲେ—ଆସନ୍ତା ରବିବାର କୁଆଡ଼େ ବୁଲି ଚାଲନ୍ତୁ ନା ! ଦିନ ତମାମ ବାହାରେ କଟେଇ ସଂଧ୍ୟା ପୂର୍ବରୁ ଫେରିଆସନ୍ତେ ।

କେଉଁଠିକି ଯିବା ?

ଶ୍ୟେନ ନଦୀ ତୀରରେ ଯେଉଁ ବଗିଚାଟି ଅଛି, ସେଇଠିକି ।

ରବିବାର ସକାଳ ଗାଡ଼ିରେ ସେମାନେ ବାହାରିଲେ । ଶିର ଶିର ପବନ—ସୁନେଲି ହସଭରା ଖରା—ସବୁଜ ଘାସର ଗାଲିଚା ବିଛା ହୋଇଛି ଚାରିଆଡ଼େ । ଛୋଟ ଗଛରେ କିସମ କିସମର ଫୁଲ—ନାଲି—ନୀଳି—ଧଳା—ଏମିତି କେତେ ରଙ୍ଗର । ବର୍ଣ୍ଣର ସମାରୋହ ଦେଖି ଆଖି ଲାଖି ରହେ ।

ଏଇ କେଇଦିନ ତଳେ ବର୍ଷା ହୋଇଯାଇଛି । ସେ ପର୍ଯ୍ୟନ୍ତ କଷ୍ଟକର ବର୍ଷା ହେଉଥିଲା—ଶେଷନ ନଦୀର ଜଳ ସେଥିପାଇଁ ଏବେ ବି ଗୋଳିଆ ଦିଶୁଛି । ନଦୀ କଳକଳ ଛଳଛଳ ସୁର ଧରି ସାଗର ସଙ୍ଗମ ପାଇଁ ଛୁଟି ଚାଲିଛି । ଶୀତର ପ୍ରବଳ ବନ୍ୟା ଯୋଗୁ ଠାଏ ଠାଏ କୂଳ ମଧ୍ୟ ଭାଙ୍ଗିଯାଇଛି ।

ବଗିଚାଟି ଓଦା ହୋଇଛି । ଏଇ ମାତ୍ର ସ୍ନାନ ସାରି ସିକ୍ତ ବସନରେ ଅପୂର୍ବ ସୁନ୍ଦରୀ ଜଳକନ୍ୟା ଯେପରି ଉଠି ଆସିଛି ଜଳରୁ—ଏ ଯାଏଁ ତାର ଦେହ ପୋଛି ହୋଇନି ।

ବଗିଚାର ଚାରିଆଡ଼େ ଘୂରି ଘୂରି ବୁଲିଲେ ସେମାନେ । କୌଶଲ୍ୟା କମିତ ଟିକିଏ ମନ ମାରି ଦେଇଛନ୍ତି । କେତେ ଚିନ୍ତା କରୁଛି ବଗୃହୀ । ଆଉ କେଉଁଠା ଦିନ ବା ରହିଲା ? ଦିନ କେଇଟି ଚାଲିଗଲେ ସବୁ ଆଶାର ସମାଧି ହୋଇଯିବ । ଦୁଃଖବୋଝର ଷୋଳ କଳା ପୂର୍ଣ୍ଣ ହୋଇଯିବ । ଲେଜାଙ୍କୁ ଭୟରେ ବିବ୍ରତ । ତାହା ସହିତ ବିଶେଷ କଥା ହେଉ ନାହାନ୍ତି ସେ । ସାରଲେଟ ଉଇଲ ନେଇ ସେ ବିଶେଷ ଚିନ୍ତିତ ନୁହଁନ୍ତି । କାକର ଧୂଆ ଘାସ ଉପରେ ଯାଉ ଯାଉ ଗୋଡ଼ରେ କାକର ଲାଗି ଦେହ ଖରାପ ଯେପରି ନହୁଏ—ଏତିକି ତାଙ୍କର ଡର । ପାଖରେ ଥିବା ଗୋଟିଏ ଗଛରୁ ଫୁଲ ତୋଳୁଛନ୍ତି ଜୋସ୍ ଆଉ ମାଜ । ମାଜ ଗଛର ଗୋଟିଏ ଡାଳ ଓହ୍ଲେଇ ଧରିଛି—ଜୋସ୍ ଫୁଲ ତୋଳି ତୋଡ଼ା ତିଆରି କରୁଛି ।

ଏ କେଇଦିନ ଧରି ଜୋସ୍ ଦେହ ବେଳେବେଳେ ଭଲ ରହୁନି । ଟିକିଏ ଜୋର କଲେ ଧଇଁ ସଇଁ ହୋଇ ଉଠେ । ମୁହଁଟା ଶୁଖିଲା ଶୁଖିଲା । ଦେଖିଲେ ମନେହୁଏ ଦେହରେ ଯେପରି ବୁନ୍ଦାଏ ହେଲେ ରକ୍ତ ନାହିଁ । ହଠାତ୍ କ୍ଲାନ୍ତ ହୋଇ ପଡ଼େ । ବୁଲିବାକୁ ଆଉ ଭଲ ଲାଗୁନି । କହିଲା—ନା, ଆଉ ହବନି । ଏଥରକ ଫେରିବ—ଭୋକ ବି ଲାଗିଲାଣି ।

ଗୋଟିଏ ଛୋଟ ମିଲ ପାଖରେ ଥିବା ଗୋଟିଏ ରେସ୍ତୋଁରାରେ ପଶିଲେ ସମସ୍ତେ । ନଦୀ କୂଳ । ଗଛ ମୂଳେ ଛୋଟ ଛୋଟ କାଠ ଟେବୁଲ ପଡ଼ିଛି । ସେଇଥିରୁ ଗୋଟିକରେ ଖାଦ୍ୟ ଦେଇଗଲା ବୟ । ଖାଇବାକୁ ଆରମ୍ଭ

କହିଛନ୍ତି ସମସ୍ତେ, ହଠାତ୍ ମୁହଁର ତଉଲିଆ ମାଡ଼ି ନଦୀ ଆଡ଼କୁ ଛୁଟି ଚାଲିଲା କୋଇ ।

କଣ ହେଲା ତାର ! ଲେଜାଙ୍କୁ ଅସ୍ଥିର ହୋଇ ପଚାରିଲେ ।

କେଜାଣି ! ଟିକିଏ ଆଗରୁ ମାଡ଼ାମ ତ ବେଶ ଭଲ ଥିଲେ । ମାଜ ଉଞ୍ଚର ହେଲା ।

କଣ୍ଟା ଚାମଚଟା ହାତରେ ଧରି ଚୁପ୍ ହୋଇ ବସିଛନ୍ତି କାଗଲିଆଁ । କଣ୍ଟା ଅଗରେ ସବୁଜ ଶାଗ ପତ୍ର ଲାଗିଛି । ଆଖି ଦୁଇଟିରେ କେତେ ବିସ୍ମୟ । ଉଠି ପଡ଼ି ଚାରିଆଡ଼କୁ ଅନାଇଲେ କାଗଲିଆଁ । ଅଳ୍ପ ଦୂରରେ ଦେଖିବାକୁ ପାଇଲେ କୋଇକୁ । ନଦୀ କୂଳର ଗୋଟିଏ ଗଛମୂଳରେ କୋଇ ବସିଛି । ବିକ୍ଷିପ୍ତ କେଶ ସବୁ ପବନରେ ଉଡ଼ୁଛି । ଗ୍ରୀଷ୍ମଦିନର ନଦୀ ପରି ଶୀର୍ଣ୍ଣ ଦେହଲତା—ସେଥିରେ ଗତି ନାହିଁ କି ଉଚ୍ଛ୍ୱାସ ନାହିଁ । କାଗଲିଆଁ ମନରେ ସନ୍ଦେହ ଉଙ୍କିମାରୁଛି । ଉତ୍ତେଜନାରେ ପାଦ ଦୁଇଟି ଥରୁଛି । ଥରେ ଲେଜାଙ୍କୁ ଆଡ଼କୁ ଆଉ ଥରେ ମାଜ ଆଡ଼କୁ ଚାହୁଁଥାନ୍ତି । ତାଙ୍କର ଏ ବିଚିତ୍ର ଢଙ୍ଗଢାଙ୍ଗ ଦେଖି ସେ ଦୁହେଁ ଅବାକ ହୋଇଛନ୍ତି ।

ପନ୍ଦରଟି ମିନିଟ୍ ଏହିପରି କଟିଲା । କେହି କିଛି କହୁ ନାହାନ୍ତି । କୋଇ ଫେରି ଆସିଲା । ମୁହଁଟା ପାଉଁଶ ପରି ଧଳା । ଆସ୍ତେ ଆସ୍ତେ ଚେୟାରରେ ଆସି ବସିଲା । ଚାଲିବାକୁ କଷ୍ଟ ଲାଗୁଛି ତାକୁ । ତେବେ ତାକୁ ସ୍ପଷ୍ଟ ଭାବେ କିଛି କହି ପାରିଲେନି । ମନେ ମନେ ସମସ୍ତେ କଣ ଯେପରି ଅନ୍ଦାଜ କରୁଛନ୍ତି, କିନ୍ତୁ ମୁହଁ ଖୋଲି କେହି କହୁନାହାନ୍ତି ।

କିପରି ଲାଗୁଛି ?

ଭଲ ଲାଗୁଛି । କିଛି ହୋଇନି ମୋର । ତମେ ମିଛଟାରେ ଡରୁଛ ବାହିଁକି ବାପା ! ଚାଲ ଶୀଘ୍ର ଘରେ ଯେପରି ପହଞ୍ଚିବା । ମୁଣ୍ଡଟା ଟିକିଏ ବିନ୍ଧୁଛି ।

କୋଇ ସ୍ୱାମୀ କାନ୍ଧରେ ମୁଣ୍ଡ ଭରା ଦେଇ ଚାଲୁଛି ଧୀରେ ଧୀରେ— ସେ ଯେପରି ତାଙ୍କୁ କଣ କହିବାକୁ ଚାହେଁ । କିନ୍ତୁ କହିବାକୁ ସାହସ ହେଉନି ।

ଖାଁ-ଲଜ୍ଜା ଷ୍ଟେସନରେ ମାଳ ହଠାତ୍ କାମର ବାହାନା କରି ବନ୍ଦାସ୍କୁ ନେଇ ଚାଲିଗଲା ।

ମାଳ ଚାଲିଯିବା ପରେ କାଶଲ୍ୟା କହିଲେ, ସତ କହିଲୁ ମା, ତୋର କଣ ହେଉଛି ! ଖାଇବାବେଳେ ହଠାତ୍ ସେମିତି କାହିଁକି ହେଲୁ !

କହିଲ ପରି କିଛି ନୁହେଁ । ଦେହଟା କମିତି ଟିକିଏ ଲାଗିଲା ।

ରାସ୍ତାରେ ଆଉ କୌଣସି କଥା ହେଉନ । ଚାଲିବାରେ ସେ କଷ୍ଟ ଅନୁଭବ କରୁଛି । କିନ୍ତୁ ଓଠ ଧାରରେ ହସଟିଏ ଲାଗି ରହିଛି । ଲେଜାବୁଙ୍କୁ କିନ୍ତୁ ଭଲ ଲାଗୁନ । ସେ କମିତି ଟିକିଏ ଅସ୍ୱସ୍ତି ଉପଲବ୍ଧି କରୁଛନ୍ତି । ନାନା ଚିନ୍ତା ଆସି ଠୁଳ ହେଉଛି ମଥାରେ ।

ଘରେ ପହଞ୍ଚି ନ ପହଞ୍ଚୁଣୁ ଲେଜାବୁ କହିଲେ, ମୋର ଗୋଟିଏ ଜରୁରୀ କାମ ଅଛି । ଅବଶ୍ୟ ଯାଇବାକୁ ହେବ । ତମେମାନେ ବସି ବସି ଗପ କର । ମୁଁ ଘରେ ଅଛି ।

ସ୍ୱାମୀ ଚାଲିଯିବା ପରେ କାଶଲ୍ୟା ବୋଉ କାନ୍ଧ ଉପରେ ହାତ ରଖି ହସି ହସି କହିଲେ—ତୋର କଣ ହେବ, ନା ମା ?

ହଁ, ସେମିତି ଜଣା ଯାଉଛି—ଦୁଇ ମାସ ହେଲାଣି । କହୁ କହୁ ବୋଉ ମୁହଁଟି ଲଜ୍ଜାରେ ଲାଲ ହୋଇ ଉଠିଲା ।

କାଶଲ୍ୟା ଆନନ୍ଦରେ ଅସ୍ଥିର ହୋଇ ଥେଇ ଥେଇ ନାଚିବାକୁ ଲାଗିଲେ । ସବୁତଳ ଗୋଟାଏ ଚୁଣ୍ଡି, ସେଥିରେ ପୁଣି ନାଚର କି କଦର୍ଯ୍ୟ ଭଙ୍ଗୀ ! ଦେଖିଲେ ମୁଣ୍ଡ ବୁଲେଇ ଦବ । ସେଇପ୍ରଳୟ ନାଚର ହାର୍ତ୍ତ୍ୟରେ ସାରା ଘରଟା କମ୍ପିବାକୁ ଲାଗିଲା । ଚେୟାର ଟେବୁଲଗୁଡ଼ିକ ଓଲଟି ପଡ଼ିଲା । ଥାକ ଉପରର କାଚପାତ୍ର ଓ ମୁଣ୍ଡ ଉପର ଗଛଲଣ୍ଠନଗୁଡ଼ିକ ସୁଦ୍ଧା ଠଣ ଠଣ ଶବ୍ଦ ଆରମ୍ଭ କରିଛନ୍ତି ।

ତୋ ବରକୁ କହିଛୁ ତ !

ନା, ଏ ପର୍ଯ୍ୟନ୍ତ ତାଙ୍କୁ କିଛି କହିନ ।

ହୋ···ହୋ···ହୋ···ତତେ ଲଜ୍ଜା ଲାଗୁଛି ନୁହେଁ ! ଆଚ୍ଛା ମୁଁ ତେବେ ଆଗେ କହୁଛି ।

ଲେଜାବ୍ଲୁ ଏ ପର୍ଯ୍ୟନ୍ତ ଚୁପ ହୋଇ ବସିଥିଲେ । କାମ କଥା ଏକକାଳେ ମିଛ । ସତକଥା ହେଉଛି ସେ ଟିକିଏ ଏକା ରହିବାକୁ ଚାହୁଁଥିଲେ । ଶ୍ୱଶୁରଙ୍କୁ ଦେଖି ସେ ଚେୟାରରୁ ଉଠି ପଡ଼ିଲେ ।.

ତମ ସ୍ତ୍ରୀ ଯେ ଅନ୍ତଃସତ୍ତ୍ୱା, ଏ ଖବର ଜାଣ ତ ?

କିଏ ଅନ୍ତଃସତ୍ତ୍ୱା ? କୋଉ ?

ହଁ, ହଁ, କୋଉର ସନ୍ତାନ ହେବ ।

ଆନନ୍ଦରେ ଅଧୀର ହୋଇ ବୁଢ଼ା ଜ୍ୱାଇଁଙ୍କୁ ଅଭିନନ୍ଦନ ଜଣାଇଲେ ।

ଏତେଦିନେ ଭଗବାନ ଆମ ଆଡ଼କୁ ଚାହିଁଲେ । ଖୁବ୍ ଆନନ୍ଦର କଥା । ଏତେ ସମ୍ପତ୍ତି ହାତରୁ ଖସି ଯାଉଥିଲା ଜାଣ ! ବଞ୍ଚିଲି ମଣିଷ । ଆଉ କିଛି ଭୟ ନାହିଁ । ଆରେ ଏ ପର୍ଯ୍ୟନ୍ତ ତମେ ଏଇଠି ଠିଆ ହୋଇ ଉପରକୁ ଅନେଇଚ ! ତମେ ଭାରି ଜଣେ । ଯାଅ ଯାଅ, କୋଉକୁ ଆଶୀର୍ବାଦ କର ।

ତାପରେ ଏ ପ୍ରକାର ତାଙ୍କୁ ଢୋସାରି ଢୋସାରି ଆଣି କୋଉ ଘର ଭିତରକୁ ଜୋରରେ ଠେଲି ଦେଲେ ବୁଢ଼ା । ଘର ଭିତରେ କୋଉ ଠିଆ ହୋଇଛି । ନମ୍ର ଭାବ, ଅନତ ଦୃଷ୍ଟି ।

ସ୍ୱାମୀଙ୍କୁ ଦେଖି କୋଉର ହଠାତ୍ ଭାବାନ୍ତର ସୃଷ୍ଟି ହେଲା ମନରେ । ଆଜି ଯେମିତି ବିଚାରର ଦିନ । ଲେଜାବ୍ଲୁ ବିଚାରକ, ସେ ଆସାମୀ ।

କିଛି ସମୟ ଏମିତି କଟିବା ପରେ ଲେଜାବ୍ଲୁହିଁ ପ୍ରଥମେ ଏହି ଅଳସ ସ୍ତବ୍ଧତା ଭଙ୍ଗ କଲେ—ତା’ ହେଲେ ଏତେଦିନେ ତମେ ମା’ ହେବାକୁ ଯାଉଛ ?

ସେଇଆ ତ ଜଣାପଡୁଛି ।

ଏତିକିବେଳେ କୌଶଲ୍ୟା ପଛପଟୁ ଦୁଇ ହାତରେ ଦୁହିଁଙ୍କ ଗଳା ବେଷ୍ଟନ କଲେ !

ଏତେଦିନ ସତରେ ଆମେ ଜିତିଲେ । ଶୁଣ ଲେଜାବ୍ଲୁ, ଟଙ୍କା ପାଇବା ମାନେ, କଣ କରିବାକୁ ହେବ, ତମକୁ କହି ରଖୁଛି । ପ୍ରଥମେ ଗୋଟାଏ ଜମିଦାରୀ କିଣିବା । ସେଠିରେ କିଛିଦିନ ରହିଲେ ତମର ସ୍ୱାସ୍ଥ୍ୟ ଭଲ ହୋଇଯିବ । ତମର ଏଥିରେ ମତ ଅଛି ନା ?

ନିଶ୍ଚୟ ! ଏ ତ ଖୁବ୍ ଭଲ କଥା ।

ସେଠାରେ ଗୋଟାଏ ପ୍ରୀତି-ଭୋଜନର ଆୟୋଜନ କରିବାକୁ ହେବ । ମିସିଏ ଓ ମାଦାମ ତରସବଙ୍କୁ ନିମନ୍ତ୍ରଣ କରିବା । ବୁଝିଲ ? ବଡ଼ବାବୁଙ୍କ ସମୟ ତ ଶେଷ ହୋଇ ଆସୁଛି । ତୁମେ ସେ ଆସନରେ ବସିବ । ଏହା ତମର ଉନ୍ନତିର ପ୍ରଥମ ସୋପାନ ଜାଣ ।

ଶ୍ୱଶୁରଙ୍କ କଥା ଶୁଣି ଲୋଜାବଙ୍କ କଳ୍ପନା ପକ୍ଷ ମେଲି ଉଡ଼ିଗଲା । ଜ୍ୟୋତ୍ସ୍ନାର ରାତି । ଅସଂଖ୍ୟ ଲୋକ । କି ହଇଚଇ । ନଦୀ କୂଳରେ ଗୋଟିଏ ଛୋଟ ଧଳା କୋଠା । ମିସିଏ ଓ ମାଦାମ ତରସବଙ୍କ ଗାଡ଼ିରୁ ଓହ୍ଲାଉଛନ୍ତି । ସେ ଆଗେଇ ଯାଇ ଅଭ୍ୟର୍ଥନା କରି ଘର ଭିତରକୁ ନେଇ ଆସିଲା । ଅଫିସର ସବୁ ବନ୍ଧୁମାନେ ମଧ୍ୟ ଆସିଛନ୍ତି । ଆଲୋକମାଳାରେ ଗୃହଅଙ୍ଗ ଉଦ୍ଭାସିତ । କାଗଲିଁଆ ଏଣେ ତେଣେ ଧାଁଧପଡ଼ କରୁଛନ୍ତି । ମାତୃତ୍ୱର ଗର୍ବରେ ସୌଭାଗ୍ୟବତୀ ଜୋସ୍ ସଂଧ୍ୟା ତାରା ପରି ଝଲସି ଉଠିଛି । ଆଉ ଏଇ ଶୁଭ ଉତ୍ସବର ପିଏ କେନ୍ଦ୍ର-ମଣି—ସେଇ ନବଜାତକଟି ମୂଲ୍ୟବାନ ପୋଷାକ ପିନ୍ଧି ନରମ ବିଛଣାରେ ଶୋଇ ଶୋଇ ହସୁଛି ।

କାଗଲିଁଆ ଯେପରି ନିଶାରେ ବିଭୋର । ମୋହମୟୀ ଆଶା ତା ଶରୀରର ଶିରା ପ୍ରଶିରାରେ ନିଆଁ ଜାଳି ଦେଇଛି । କୌଣସିମତେ ସେ ଚୁପ୍ ରହି ପାରୁନାହାନ୍ତି ।

ହୁଏତ ଆମେମାନେଇ ଦିନେ ଜିଲ୍ଲା ଭିତରେ ସମସ୍ତଙ୍କ ଅପେକ୍ଷା ମାତବର ଲୋକ ଭାବରେ ଗଣ୍ୟ ହେବା । ଆମ କଥାରେ ଲୋକେ ଉଠିବେ ବସିବେ । ଜଗାନ୍ନୁ ପଦ୍ୱୀପଦାର ତମେ ସଭ୍ୟ ମଧ୍ୟ ହୋଇପାର । କିଛି ଅସମ୍ଭବ ନୁହେଁ । ଟଙ୍କାରେ କ'ଣ ନହୁଏ ? ଯାହା ହେଉ, ଅଭିଜାତ ସମାଜରେ ଆମର ସ୍ଥାନ ନିଶ୍ଚୟ ରହିବ । ଗୋଟାଏ ଘୋଡ଼ା ଗାଡ଼ି କିଣିବାକୁ ହେବ । ତମେ ଟଙ୍ଗରେ ବସି ନଇଞ୍ଜ ଷ୍ଟେସନ ପର୍ଯ୍ୟନ୍ତ ବୁଲି ଆସିବ । ଗୁଲି ଗୁଲି ପିବାଠା ସୁନ୍ଦର ଦେଖିବନି !

ବିଳାସପୂର୍ଣ୍ଣ ଆରାମପ୍ରଦ ଜୀବନର କଲ୍ପନାରେ କାଗଲିଁଆ ମସ୍‌ଗୁଲ୍ । ପାଖର ନାମୀ ଧନୀମାନଙ୍କ ଭଳି ତାଙ୍କର ମଧ୍ୟ ଖଣ୍ଡିଏ ଗାଡ଼ି ରହିବ । ନିଜ ଖୁସି

ଅନୁସାରେ ଗାଡ଼ି ନେଇ ବୁଲୁଥିଲେ କଟିବେ ସେ । ଧନେ ଧନୀମାନଙ୍କ ସୌଭାଗ୍ୟ ପ୍ରତି କେତେ ଈର୍ଷା କରୁଥିଲେ ସେ । ଏଣିକି ତାଙ୍କ ମଧ୍ୟରେ ଆଉ କୌଣସି ପ୍ରଭେଦ ରହିବନି ।

ଦେଖ, ଆଜି ଆଉ ଘରେ ଖିଆପିଆ ହବନି । ଚାଲ, କୌଣସି ଗୋଟିଏ ଭଲ ରେସ୍ତୋଁରାକୁ ଯାଇ ମନମତ ଗୋଟାଏ ଉତ୍ସବ କରିବା । କାଶଲ୍ୟା ପ୍ରସ୍ତାବ କଲେ

ତିନହେଁ ଅଳ୍ପ ଅଳ୍ପ ମଦ ଖାଉଛନ୍ତି । ଫେରିବା ବେଳକୁ ନିଶା ଧରିଛି । ଲୋକାନ୍ତଙ୍କୁ ସବୁ ଦ'ଦିଟା ଦେଖା ଯାଉଛି । କେତେ କଳନା ତାଙ୍କର । ସମସ୍ତେ ଏକାସାଙ୍ଗରେ ନାଚିବାକୁ ଲାଗିଲେ । ଘରେ ପହଞ୍ଚିବା ମାତ୍ରେ ଶୋଇ ପଡ଼ିଲେ । ଶୋଇବା ସାଙ୍ଗେ ସାଙ୍ଗେ ନିଦ ହୋଇଗଲା ।

ସାରା ରାତି ତାଙ୍କର ମନେ ହେଲା, ସେ ଯେପରି ତରଙ୍ଗାକୁଳିତ ବାତ୍ୟାବିକ୍ଷୁବ୍ଧ ସମୁଦ୍ରରେ ଜାହାଜ ନେଇ ଯାଉଛନ୍ତି କେଉଁ ଅଜଣା ଦେଶର ଉଦ୍ଦେଶ୍ୟରେ । ଜାହାଜ ଟଳମଳ ହେଉଛି, ହଲୁଛି, ଦୋହଲୁଛି । ହେଇ ବୁଡ଼ିଲା ବୋଧହୁଏ ! କେତେବେଳେ ଅବା ଅବର୍ତ୍ତରେ ପଡ଼ି ବୁଲୁଛି, କେତେବେଳେ ଓଲଟି ପଡୁଛି । ସେ ସାମୁଦ୍ରିକ ପୀଡ଼ାରେ ଶଯ୍ୟାଶାୟୀ ହୋଇଛନ୍ତି ।

ତାପର ଦିନ ସକାଳେ ନିଦ ଭାଙ୍ଗିବା ମାତ୍ରେ ଆଶ୍ଚର୍ଯ୍ୟ ହେଲେ ଲୋକାନ୍ତ । ଏ କିଏ ? ତା ପାଖରେ ଆସି କୋଉ ଶୋଇଛି । କେ ସାର ସର୍ପିଳ ବାହୁ ଦୁଇଟି ବେଷ୍ଟନ କରିଛି ତା ଦେହକୁ ।

ଆଖି ଖୋଲି କୋଉ ହସିଲା । ହଠାତ୍ ଉଚ୍ଛ୍ୱସିତ ଆବେଗରେ ସ୍ୱାମୀ ଓଷ୍ଠାଧରରେ ଅଙ୍କି ଦେଲା ସବୁ ଚୁମ୍ବନଟିଏ । ତାପରେ ଆସ୍ତେ ଆସ୍ତେ ମିଠା ସ୍ୱରରେ କହିଲା—ଆଜି ଆଉ ଅଫିସ ଯାଅନା । ଆଜି ଦିନଟା ମୋ କଥା ରଖ । ଏତେ ଖଟିବା ଆଉ କି ଦରକାର ! ଆମେ ବର୍ତ୍ତମାନ ବଡଲୋକ । ପୁଣି ଚାଲ ପଲ୍ଲୀଗାଁ ଆଡ଼େ ବୁଲିଯିବା । କେବଳ ତୁମେ ଆଉ ମୁଁ, ଆଉ କେହି ନୁହେଁ ।

ନରମ ଆରାମପ୍ରଦ ଶେଯ । ଖୁବ୍ ଭଲ ଲାଗୁଛି ଲେଜାଙ୍କୁ । ଉଠିବାକୁ ମୋଟେ ଇଚ୍ଛା ହେଉନି । ଖାଲି ଆରାମ ଆଉ ବିଶ୍ରାମ—ବିଳାସ ଭିତରେ ମଜ୍ଜି ରହିବା । ଆଉ କିଛି ନୁହେଁ । ଦୁର୍ଦମନୀୟ ଆଳସ୍ୟରେ ଦେହ ମନ ଅବସନ୍ନ—ଗୋଟିଏ ଅଜ୍ଞାତ ସୁଖ ସ୍ୱପ୍ନରେ ସେ ମସଗୁଲ ।

ହଠାତ୍ ତାଙ୍କର ଭଙ୍ଗ ହେଲା । ଢାଲେ କିଏ ଶୁଣି ପକାଇବ 'ସେଥି ପାଇଁ ସେ ଚୁପ୍ ଚୁପ୍ ପଚାରିଲେ—ଠିକ ଜାଣିଛ, ତମେ ଅନ୍ତଃସତ୍ତ୍ୱା ? କିଛି ଭୁଲ ନାହିଁ ତ ?"

ହଁ, ହଁ, ମୁଁ ଠିକ୍ କହୁଛି । କିଛି ଭୁଲ ନାହିଁ ।

କିନ୍ତୁ···କିନ୍ତୁ···

କଣ କିନ୍ତୁ ? ଏମିତି କାହିଁକି ହଉଚ ? କ'ଣ ହେଉଛି ତମର ?

କିନ୍ତୁ ଶେଷ ତାରିଖ ପୂର୍ବରୁ ସନ୍ତାନ ତ ଆଉ ଭୂମିଷ୍ଠ ହେଉନି । ଯଦି ଆମର ଅଧିକାର ନେଇ କୌଣସି ବାଧା ସୃଷ୍ଟି ହୁଏ ?

ସ୍ୱାମୀଙ୍କ ଆଶଙ୍କାରେ କୋରା ରାଗି ଉଠିଲା । ନା, ନା, କେହି ଆଉ ତାକୁ ଫାଙ୍କି ଦେଇ ପାରିବେନି, ଏତେ କଷ୍ଟ, ଏତେ ସାଧ୍ୟସାଧନା ପରେ ବାଂଛିତ ଧନକୁ କେବେ ହେଲେ ସେ ହାତଛଡ଼ା କରିବନି ।

ଉଠି ପଡ଼ । ବର୍ତ୍ତମାନ ଏଟର୍ଣ୍ଣିଙ୍କ ପାଖକୁ ଯିବା ।

ଆଗେ ଡାକ୍ତର ପାଖକୁ ଯିବା । ତୁମେ ଯେ ସତରେ ଅନ୍ତଃସତ୍ତ୍ୱା ସେ ନେଇ ସ୍ୱୀକୃତି ପତ୍ର ଲେଖାଇ ନବା । କାମ ଦେବ ।

କଣ କୃତକାର୍ଯ୍ୟ ହେଲେ ନା ?

ଡାକ୍ତରଙ୍କ କଥାରେ ଦୁହେଁ ଲଜ୍ଜାରେ ମୁହଁ ତଳକୁ କଲେ । କୋରା କହିଲା, ସେଇଆ ଆମେ ଭାବୁଛୁ ମଁ ସିଏ !

ମୋର ପ୍ରକ୍ରିୟା କେବେ ବ୍ୟର୍ଥ ହେଇନି !

ତାପରେ କୋରାକୁ ପରୀକ୍ଷା କରି ନାଟକୀୟ ଭଙ୍ଗୀରେ ଗଳା ଖୋଲି କହିଲେ, ବାଃ, ବାଃ ବାଜି ମାତ !

ଗୋଟାଏ କାଗଜରେ ଲେଖିଦେଲେ, 'ମୁଁ ପାରୀର ଡାକ୍ତର, ଏତଦ୍ଦ୍ୱାରା ଘୋଷଣା କରୁଅଛି ଯେ ମାଦାମ ଲେଜାକ୍ସ ଓରଫ ଜୋସ୍ କାଶଲ୍ୟାଙ୍କ ଦେହରେ ଗର୍ଭବତୀ ହବାର ସମସ୍ତ ଲକ୍ଷଣ ପ୍ରକାଶ ପାଇଛି ଏବଂ ସେ ତିନି ମାସର ଗର୍ଭବତୀ ବୋଲି ସ୍ୱୀକାର କରୁଛି ।'

ଆପଣଙ୍କ ଖବର କୁହନ୍ତୁ ମଁ ସିଏ ! ଗ୍ଲଡ କେମିତି ଅଛୁ । ଆସିଲେ, ଠିକ୍ ଏ ଦେଖେ । ବୋତାମ ଖୋଲନ୍ତୁ—କେଶ ଥାଉ··· । ନା, ଆଉ କୌଣସି ଭୟ ନାହିଁ । ଭଲ ହେଇଗଲେଣି ।

ଆନନ୍ଦ ବିଭୋର ଦୁହେଁ । ଧୀର ମନ୍ଥର ଗତିରେ ହାତ ଧରା ଧରି ହେଇ ଚାଲିଛନ୍ତି । ଯାଉ ଯାଉ ଲେଜାକ୍ସଙ୍କ ମୁଣ୍ଡରେ ହଠାତ୍ ଗୋଟାଏ କଥା ଉଙ୍କି ମାରିଲା ।

ମୁଁ ଭାବୁଛି ଏହିଷ୍ଟିଙ୍କ ପାଖକୁ ଯିବାବେଳେ ତମ ଅଣ୍ଟା ଗୁଡ଼ପାଖରେ ଗୋଟିଏ ତଉଲିଆ ଗୁଡ଼େଇ ଦେଲେ କେମିତି ହୁଅନ୍ତା ! ତା'ହେଲେ ଖୁବ୍ ସହଜରେ ଦୃଷ୍ଟି ଆକୃଷ୍ଟ ହୁଅନ୍ତା, କାମ ବି ସଫଳ ହୁଅନ୍ତା । ନ ହେଲେ ଏହିଷ୍ଟି ସାହେବ ଭାବି ପାରନ୍ତି—ମିଥ୍ୟାର ଆଶ୍ରୟ ନେଇ ଆଉ କେତେଦିନ ସମୟ ନେବାକୁ ଆମେ ଚେଷ୍ଟା କରୁଛେ ।

ମନ୍ଦ ହୁଅନ୍ତା ନାହିଁ ।

ଘରକୁ ଫେରି ଆସି ପୁଣି ନୂଆ କରେ ପୋଷାକ ପରିଚ୍ଛଦ ହେଇ ଦୁହେଁ ବାହାରି ପଡିଲେ ।

ଏହିଷ୍ଟି ସାହେବ ଦୁହିଙ୍କୁ ଖୁବ୍ ସମ୍ମାନ ସହକାରେ ବସାଇଲେ । ତା ପରେ ଲେଜାକ୍ସଙ୍କ ବକ୍ତବ୍ୟ ଶୁଣୁ ଶୁଣୁ ଡାକ୍ତରର ସ୍ୱୀକୃତି ପତ୍ର ଉପରେ ମଧ୍ୟ ଦୃଷ୍ଟି ଖେଳେଇ ନେଲେ ।

ଏଣେ ସ୍ୱାମୀ—ସ୍ତ୍ରୀ ଦୁହେଁ ଅଧୀର ଆଗ୍ରହରେ ଉତ୍କଣ୍ଠ ହେଇ ବସିଥା'ନ୍ତି ମତାମତ ଜାଣିବା ପାଇଁ ।

ଭଲ କଥା । ସନ୍ତାନ ହେଇଛି କି ହବ—ଏ ନେଇ ଆମର କୌଣସି ଆପତ୍ତି ନାହିଁ । ତେବେ ସନ୍ତାନର ଯେ ସମ୍ଭାବନା ଦେଖା ଦେଇଛି ଏବଂ ତା' ମାତୃଗର୍ଭରେ ପରିପୁଷ୍ଟ ହେଉଛି—ଏଥିରେ ଆଉ ସନ୍ଦେହ ନାହିଁ

ସେ ଯାହା ହେଉ, ଯେ ପର୍ଯ୍ୟନ୍ତ ମଦାମ ପ୍ରସବତୀ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ଆମେ ହୋଟେଲର ଅନ୍ୟ କୌଣସି ବ୍ୟବସ୍ଥା କରୁନୁ।

ଏଟର୍ଣ୍ଣିଙ୍କ ଘରୁ ବାହାରି ଆସିବା ପରେ ପାହାଚ ଉପରେହିଁ ଲେଜାଙ୍କୁ କେ ଗାଢ଼ ଆଲିଙ୍ଗନ କଲେ। ମନରେ ସ୍ଫୂର୍ତ୍ତି ଆଉ ଆନନ୍ଦ ଉପୁଚି ପଡୁଛି। ଖୁସିରେ ମନପ୍ରାଣ ଭରି ଉଠୁଛି ଦୁହିଁଙ୍କ।

ଏଇ ଶୁଭସମ୍ବାଦ ପରେ ପରେ ଶ୍ୱଶୁର, ଜ୍ୱାଇଁ ଆଉ ଝିଅ—ଏମାନଙ୍କ ଭିତରେ ପୁଣି ନୂଆ ହୋଇ ଏକ ମଧୁର ସଂପର୍କ ଗଢ଼ି ଉଠିଲା। ଛିଣ୍ଡି ଯାଇଥିବା ତାରଟି ପୁଣି ଯୋଡ଼ି ହୋଇଗଲା। ରାଗରାଗିଣୀର ସୁସମଞ୍ଜସ ସ୍ୱର ଲହରୀ ପରି ତିନୋଟି ଜୀବନର ଧାରା ଗୋଟିଏ ସ୍ରୋତରେ ସମ୍ମିଳିତ ହୋଇ ଲକ୍ଷ୍ୟ ଉଦ୍ଦେଶ୍ୟରେ ଧାଇଁଛି। ହସ ଗୀତ ଆଉ ମଧୁର ଆଳାପ ଆଲୋଚନାରେ ସେମାନଙ୍କ ଜୀବନ ମଧୁମୟ ହୋଇ ଉଠିଛି।

ଶ୍ୱଶୁର ପୁଣି ପୂର୍ବପରି କୌତୁକପ୍ରିୟ ହୋଇ ଉଠିଛନ୍ତି। ଲୋରା ମଧ୍ୟ ବଦଳି ଯାଇଛି ପୁରାପୁରି। ସ୍ୱାମୀର ସେବାକରିବାରେ କୌଣସି ତ୍ରୁଟି କରୁନି ସେ। ସ୍ୱାମୀର କୌଣସି ଅସୁବିଧା ଯେପରି ନହୁଏ, ସେଥିପାଇଁ ଦିନରାତି ପରିଶ୍ରମ କରୁଛି। ଲେଜାଙ୍କୁ ମଧ୍ୟ ଯେପରି ଗୋଟିଏ ନୂଆ ମଣିଷ—ସବୁବେଳେ ହସ ହସ ମୁହଁ।

ମାଜ ଏବେ ଆଉ ଆଗପରି ଯା' ଆସ କରୁନି। ଭଲ ବି ଲାଗୁନି। ଏମାନଙ୍କ ଭିତରୁ କାହାକୁ ଦେଖିଲେ ସେ ଅସ୍ୱସ୍ତିବୋଧ କରେ। ତାକୁ ଆଦର ଯତ୍ନ କରିବାରେ ଏମାନେ ଅବଶ୍ୟ ତ୍ରୁଟି କରନ୍ତିନି। ହେଲେ ଆଗକାର ସେ ଶ୍ରଦ୍ଧା ଆଉ ନାହିଁ। ସୁଖବେଳେ ମଣିଷ ଆତ୍ମକେନ୍ଦ୍ରିକ ହୋଇ ଉଠେ। ନିଜ କେନ୍ଦ୍ରରେ ଘୂରି ବୁଲିବାରେହିଁ ତାର ଆନନ୍ଦ। କେନ୍ଦ୍ର ବାହାରର ଆଉ କାହାକୁ ଭଲ ଲାଗେନା କି ସହ୍ୟ ମଧ୍ୟ ହୁଏନା।

ମାଜ ଉପରେ କାଶଲ୍ୟାଁ ମନରେ କେମିତି ଗୋଟାଏ ବିଦ୍ୱେଷ ସୃଷ୍ଟି ହୋଇଛି । ଅଥଚ ସେ ନିଜେ କେଇଟି ମାସ ଆଗରୁ କେତେ ଖାତିର କରି ଘରକୁ ଡାକି ଆଣିଥିଲେ, ଏପରିକି ନିଜ ଝିଅ ସହିତ ମଧ୍ୟ ପରିଚୟ କରାଇ ଦେଇଥିଲେ । ଏହା ମଧ୍ୟରେ ସେ ଯେପରି ପିତା ହୋଇଗଲେଣି । ଅସଭ୍ୟ ପରି ତା ପାଖକୁ ଯାଇ କୋରର ଗର୍ଭସଂଗ୍ରହ କଥା ପ୍ରକାଶ କଲେ କାଶଲ୍ୟାଁ ।

ମୋ ଝିଅ ଗର୍ଭବତୀ, ଜାଣିଛ ?

ସତରେ ? ତା'ହେଲେ ତ ଆପଣଙ୍କ ଘରେ ଆନନ୍ଦ ଉତ୍ସବ ଆରମ୍ଭ ହେଇ ଯିବଣି ।

ହଁ, ହବନି !

ଏ ସୁଖବର ଶୁଣି ମାଜ ଠିକଏ ହେଲେ ଯେ ଖୁସି ହେଉନି କାଶଲ୍ୟାଙ୍କ ଶାଣିତ ଦୃଷ୍ଟିରୁ ତା ବାଦ ଗଲନି ।

ଯା'ହେଉ, ପ୍ରତି ରବିବାର ଏଣିକି ମାଜକୁ ନିମନ୍ତ୍ରଣ କରାଯାଏ । ମାଜ ଆସେ, ଖିଆ ପିଆ କରେ । କିନ୍ତୁ ଏପରି ଭାବେ ମିଳି ମିଶି ସନ୍ଧ୍ୟା ଅତିବାହିତ କରିବା ଆସ୍ତେ ଆସ୍ତେ କ୍ଳାନ୍ତିକର ମନେହେଲା । କଳି ତକରାଳ ବା ମନୋମାଳିନ୍ୟ କିଛି ହେଉନି । ତେବେ କ୍ରମଶଃ ଅଶ୍ୱସ୍ତି ବଢ଼ି ବଢ଼ି ଚାଲିଲା ।

କୌଣସି ଏକ ରବିବାର ସନ୍ଧ୍ୟାରେ ଖିଆ ପିଆ ସାରି ମାଜ ସେମାନଙ୍କ ପାଖରୁ ବିଦାୟ ନେଇଯାଉଛି । ସେ ରାସ୍ତାରେ ଗୋଡ଼ ଦେଇଛି କି ନାହିଁ, ଏକାବେଳେ କାଶଲ୍ୟା ଚେୟାରରୁ ଉଠି ପଡ଼ିଲେ । ପାଟି କରି କହିଲେ—ଲୋକଟା ଦିନୁ ଦିନୁ ଅସହ୍ୟ ହେଇ ଉଠିଲାଣି ।

ସତ କଥା, ଏତେଦିନର ପରିଚିତ ସେ, ଅଥଚ ଏ ପର୍ଯ୍ୟନ୍ତ ଆମମାନଙ୍କ ସହିତ ସେ ମିଶି ପାରିଲାନି । ଲେଜାବ୍ କହିଲେ ।

କୋରା କୌଣସି ମତାମତ ଦେଲାନି । ଚୁପ ହେଇ ସେ ବସିଛି । ସେ ଏ ମଣିଷଟି ଆଗରେ ଆଜି କାଲି ମୁହଁ ଉଠେଇ ଭଲ ଭାବେ ଯେପରି କହି ପାରୁନି । ମାଜ ମଧ୍ୟ କୋରା ଆଗରେ କେମିତି ସଙ୍କୁଚିତ ହେଇ ଚଳେ । ଆଗ ପରି ହସି ପାରେନା । ଲଜ୍ଜା ବାଧା ଦିଏ । ଅଳାପ ଜମି ପାରେନା ।

ଆଉ ଘଟେନ ସଂଧ୍ୟା । ଲେଜାକ୍ ଏଇମାତ୍ର ଅଫିସରୁ ଫେରିଛନ୍ତି । କୋରି କୁଆଡ଼ୁ ଆସି ତାଙ୍କୁ ଆଲିଙ୍ଗନ କରି ପିଲା ପରି ଆହ୍ଲାଦରେ ଗଡ଼ି ଗଲା । ତାପରେ ଟେଗ୍ଲା ଝିଅ ପରି ଦାଂଟରିଟି ଭାଷାରେ କହିଲା, ମୁଁ ଗୋଟାଏ ଭୁଲ କରି ପକେଇଛି । କୁହ ମୋ ଉପରେ ରାଗିବନି ତ !

କହୁନ । କଣ କରିଛ ?

ନା, ଆଗେ କୁହ । ରାଗିବନି ତ !

ନା, କୁହନା, ମିଛୁଟାରେ ରାଗିବି କାହିଁକି ?

ଟିକକ ଆଗରୁ ମଁସିଏ ମାଜ ମୋ ସାଙ୍ଗେ ଦେଖା କରିବାକୁ ଆସିଥିଲେ । ତମେ ନଥିଲାବେଳେ ଆମ ଘରକୁ ଆସିବାକୁ ତାଙ୍କୁ ମୁଁ ମନା କରି ଦେଇଛି । ଏ ନେଇ କେତେ ଲୋକ କେତେ ପ୍ରକାର କହି ପାରନ୍ତି—ମୁଁ ଏସବୁ ସହ୍ୟ କରି ପାରିବିନି । ମୋ କଥାରେ ମଁସିଏ ଖୁବ୍ ରାଗିଗଲା ଭଳି ଜଣାଗଲେ ।

ମାଜ କଣ କହିଲେ ?

ସେ ସେମିତି କିଛି କହିଲେନି । ଚୁପ୍‌ଚାପ୍ ରହିଲେ । ମୁଁ ଆଉ କଣ କରନ୍ତି ? ଆସିବାକୁ ମନା କରି ଦେଲି । ତମେମାନେ ତାଙ୍କୁ ଡାକି ଆଣିଥିଲ କିନା, ତମ ବନ୍ଧୁଙ୍କୁ ଯେତେବେଳେ ଏ ଘରେ ପ୍ରବେଶ କରିବାକୁ ମନା କରିଦେଲି, ତୁମେ କାଳେ ରାଗିବ । ସେତିକିବେଳୁ ଡରି ମରୁଛି ମୁଁ ।

ଠିକ କରିଛ ତମେ । ଖୁବ୍ ଭଲ କରିଛ । ଏଥିପାଇଁ ତମକୁ ବରଂ ମୁଁ ଧନ୍ୟବାଦ ଦେଉଛି ।

ମନେରଖ, ଅଫିସରେ ଏପରି ବ୍ୟବହାର କରିବ, ଯେପରି ଏ ଘଟଣାର ବିନ୍ଦୁବିସର୍ଗ ସେ ଜାଣି ପାରିବେନି । ତା'ହେଲେ ସବୁ ଆଡ଼ୁ ରକ୍ଷା ହେବ—ମଁସିଏ ମଧ୍ୟ ଆମ ଘରେ ଆଉ ପାଦ ଦେବେନି ।

ଲେଜାତ୍ ଆଦରରେ ସ୍ତ୍ରୀକୁ ଛାତି ଉପରକୁ ଟାଣି ନେଇ ତାର ମୁହଁ ଆଖିକୁ ଚୁମ୍ବନରେ ଭରି ଦେଲେ ।

ମୋ ଜୀବନରେ ବାସ୍ତବିକ ତୁମେ ଈଶ୍ୱରର ଆଶୀର୍ବାଦ ।

ଜୋଶର ସନ୍ତାନ ଭୂମିଷ୍ଠ ହେବା ଆଗରୁ ଆଉ କୌଣସି ନୂଆ ଘଟଣା ଘଟିନି । ଯା'ହେଉ ସେପ୍ଟେମ୍ବର ମାସର ଶେଷ ଆଡ଼କୁ ଜୋଶର ଝିଅଟିଏ ଜନ୍ମହେଲା । ଆଦରରେ ଝିଅଟିର ନାମ ଦେଲେ ଓଜାଇର୍ । ଜିନହେଁ ଠିକ୍ କରିଛନ୍ତି ଓଜାଇର୍ ଧର୍ମଗ୍ରହଣ ଉତ୍ସବରେ କେଇ ଜଣ ବନ୍ଧୁବାନ୍ଧବ ତଥା ଆତ୍ମୀୟ ସ୍ୱଜନଙ୍କୁ ନିମନ୍ତ୍ରଣ କରି ଖୁଆଇବେ । ସମସ୍ତେ ମିଶି ଟିକେ ଫୂର୍ତ୍ତି କରିବେ । ଏଣେ ଫ୍ଲାଟରେ ସ୍ଥାନାଭାବ । ଶେଷରେ ଠିକ ହେଲା, ଯେଉଁ ନୂଆ ପଲ୍ଲୀଭବନଟି କଣା ହେଉଛି, ସେଇଠାରେ ଆସନ୍ତା ଗ୍ରୀଷ୍ମଦିନେ ଝିଅର ଧର୍ମଗ୍ରହଣ ଉପଲକ୍ଷେ ଉତ୍ସବ ଅନୁଷ୍ଠିତ ହେବ ।

ଶ୍ୟେନ ନଦୀ କୂଳରେ ପାହାଡ଼ ଉପରେ ଗୋଟାଏ ଘର କଣା ହେଲା ।

ଶୀତ ଋତୁରେ ନାନା କଥା ଘଟିଗଲା । ଫସଲ୍ ପାଇବା ସଙ୍ଗେ ସଙ୍ଗେ କାଶଲିଁଆ ଅବସର ନେଲେ ଗୁକାଂରୁ । ସେ ଆଉ ଏବେ ଅଫିସ ଯାଉ ନାହାନ୍ତି । ଘରେ ବସି ବସି ସିଗାରେଟ କେସ୍‌ର ଢାଙ୍କୁଣି ଉପରେ ନାନା ପ୍ରକାର ଖୋଦାଇ କାମ କରି ଅବସର ସମୟ କଟାନ୍ତି । ଏହାଛଡ଼ା ଘଡ଼ି, ଫୁଲଦାନି ଆଦି ଆଉରି କେତେ ପ୍ରକାର ଛୋଟ ଧରଣର ଜିନିଷ ତିଆରି କରନ୍ତି କାଶଲିଁଆ । ନିଜ ତିଆରି ଜିନିଷ ଦେଖି ନିଜେ ଖୁବ୍ ଆନନ୍ଦ ପାଆନ୍ତି ।

ବଡ଼ବାବୁ ଇହଲୀଳା ତ୍ୟାଗ କରିଛନ୍ତି । ଲେଜାବ୍ନ ବର୍ତ୍ତମାନ ତାଙ୍କର ସ୍ଥାନରେ କାମ କରୁଛନ୍ତି । ଅବଶ୍ୟ ଏ ପର୍ଯ୍ୟନ୍ତ ସେ ବଡ଼ବାବୁ ହୋଇ ନାହାନ୍ତି । ମାତ୍ର କେଇଦିନ ତଳେ ତାଙ୍କର ପଦୋନ୍ନତି ହୋଇଛି । ଏତେ ଶୀଘ୍ର ଦୁଇଥର ପଦୋନ୍ନତି ହେବା ସମ୍ଭବ ନୁହେଁ ।

ଟଙ୍କା ହାତ ଫେଠ ହେବା ପରେ ଜୋଶ୍ ଏକବାରେ ବଦଳି ଯାଇଛି । ଆଗ ଅପେକ୍ଷା ଖୁବ୍ ସଫତ ଆଉ ମାର୍ଜିତ ସେ ବର୍ତ୍ତମାନ । ଆର୍ଥିକ ଅବସ୍ଥାର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଜୀବନର ଧାରା ମଧ୍ୟ ବଦଳି ଯାଏ—ଏ କଥା ସେ ଭଲ ଭାବେ ବୁଝି ପାରିଛି ।

ଜାନୁଆରୀ ପହିଲରେ ଜୋଶ୍ ମାଦାମ ତ[illegible]ଶବଫଙ୍କ ପାଖକୁ ଗଲା । ମାଦାମଙ୍କ ମେଦପୂର୍ଣ୍ଣ ଦେହ । ପଇଁତ୍ରିଶ ବର୍ଷ କାଳ ସେ ପାଖରେ

ରହିଛନ୍ତି । ତେବେ ବି ଏ ପର୍ଯ୍ୟନ୍ତ ତାଙ୍କର ଗାର୍ଲ ଫ୍ରେଣ୍ଡ ପାଇନି । ତେଣୁ ବନ୍ଧୁ ସହକାରେ ଝିଅର ଧର୍ମ-ମା ହେବାକୁ ତାଙ୍କୁ ଅନୁରୋଧ କଲି ମୋରା ।

ମାଦାମ ସଙ୍ଗେ ସଙ୍ଗେ ରାଜି ହୋଇଗଲେ ।

ଆଉ କାଗର୍ଲ୍ୟା ଧର୍ମ-ବାପା ହେବା ଠିକ ହେଲା ।

ଜୁନ ମାସର କୌଣସି ଗୋଟିଏ ରବିବାରେ ଉତ୍ସବ ହେବ । ଅଧସ୍ତର ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇଛି । କେବଳ ମାଙ୍କ ଛଡ଼ା । ତାଙ୍କୁ ନିମନ୍ତ୍ରଣ କରିବାକୁ କିମିତି ଭୁଲ ହୋଇ ଯାଇଛି ।

ନ'ଟା ସୁଦ୍ଧା ଲେଜାବ୍ଲ ଗାଡ଼ି ନେଇ ଷ୍ଟେସନରେ ପାରିସ ଟ୍ରେନକୁ ଅପେକ୍ଷା କଲେ । କିଛି ସମୟ ପରେ ଟ୍ରେନର ହୁଇସ୍‌ଲ ଶବ୍ଦ ଶୁଭିଲା । କେଇଟି ମୁହୂର୍ତ୍ତ ମଧ୍ୟରେ ଦେଖୁ ଦେଖୁ ପ୍ଲାଟଫର୍ମ ଲୋକାରଣ୍ୟ ହୋଇଗଲା ।

ମଁସିଏ ଓ ମାଦାମ ଟରଣବଫ୍ ପ୍ରଥମ ଶ୍ରେଣୀ କଂପାର୍ଟମେଣ୍ଟରୁ ଓହ୍ଲାଇଲେ । ମାଦାମ ପିନ୍ଧିଛନ୍ତି ଦାମୀ ଗାଉନ୍ । ପିଲାମାନେ, ବୋଧହୁଏ ଏମାନେ ଦ୍ୱିତୀୟ ଶ୍ରେଣୀ କଂପାର୍ଟମେଣ୍ଟରୁ ବାହାରିଲେ । ସାର୍ଜେଁଙ୍କୁ ନିମନ୍ତ୍ରଣ ହୋଇନି । ଦୈବାତ୍ ସାର୍ଜେଁ ସହିତ ଯେପରି ଦେଖା ହେବ—ସେଇ ବ୍ୟବସ୍ଥା ହେବ । ତାପରେ ବଡ଼ ସାହେବଙ୍କ ଅନୁମତି ନେଇ ତାଙ୍କୁ ନେଇ ଆସିବେ ।

ବଡ଼ ସାହେବଙ୍କୁ ଦେଖି ପାରି ଲେଜାବ୍ଲ ଦଉଡ଼ି ଦଉଡ଼ି ଆସି ନମସ୍କାର ହେଲେ ।

ଆଜି ମୋ ଘରେ ଆପଣଙ୍କ ପାଦଧୂଳି ପଡ଼ିବ—କିପରି ଯେ ଆପଣଙ୍କୁ ଧନ୍ୟବାଦ ଦେବି ବୁଝିପାରୁନି ମୁଁ । ଆସନ୍ତୁ ମାଦାମ, ବାହାରେ ମୋ ଗାଡ଼ି ଅଛି ।

ଲେଜାବ୍ଲ ମଁସିଏ ଓ ମାଦାମ ଟରଣବଫ୍‌ଙ୍କୁ ଗାଡ଼ିରେ ବସେଇ ଦେଇ ସହକର୍ମୀମାନଙ୍କ ପାଖକୁ ଆସି କରମର୍ଦ୍ଦନ କଲେ ।

ତମେମାନେ ଆସିଥିବାରୁ ମୁଁ ଯେ କି ଖୁସି ହୋଇଛି, ତା କଥାରେ କହି ହବନି । ଗାଡ଼ିରେ ତ ଆଉ ସ୍ଥାନ ନାହିଁ । ଛୋଟ ଗାଡ଼ି । କେହି କିଛି ଭାବିଲେ ମୁଁ ନାଚାର । ତମେମାନେ ଚାଲି ଚାଲି ଆସ, ଏ ? ମୁଁ ବଡ଼ ସାହେବଙ୍କୁ ନେଇ ଯାଉଛି । ମୋଟେ ବେଶୀ ଦୂର ନୁହେଁ । ନଦୀ ଧାରେ ଧାରେ ସିଧା

ଗଲେହିଁ ମୋ ଘର ଦୁଆର ମୁହଁରେ ପହଞ୍ଚିଯିବ ତମେମାନେ । ଘର ନଁ
ମନେ ଅଛି ନା ? ଭଲ ଡକାଇବ୍ । ମୋଡ଼ଠାରୁ ଚତୁର୍ଥ ଘରଟା । ଯାଉଛି ।
ସେମାନେ ଗାଡ଼ିରେ ଅପେକ୍ଷା କରିଛନ୍ତି । ତମେମାନେ ଡେରି କରିବନି
ଟିକିଏ ଗୋଡ଼ ଖେଳେଇ ଚାଲିଯାଅ ।

ଗାଡ଼ିରେ ବସି ସଡ଼ ଗଡ଼ ଛୁଡ଼ିଦେଲେ ସେ ।

ଟିକିଏ ପରେ ଉତ୍ସବ ଆରମ୍ଭ ହେଲା । ମଙ୍ଗଳ ଆଲୋକରେ ଉତ୍ସବ ପ୍ରାଙ୍ଗଣ ଆଲୋକିତ । ଉତ୍ସବ ଶେଷରେ ଖାଇବା ପର୍ବ । ସମସ୍ତେ ଆସି ବସିଲେଣି । ଏଇ ଉତ୍ସବ ଉପଲକ୍ଷେ ପ୍ରତ୍ୟେକଙ୍କୁ ଗୋଟାଏଲେଖା ଉପହାର ଦିଆ ହେଲା । ଅତିଥିମାନଙ୍କ ସ୍ତରଅନୁଯାୟୀ ଉପହାରରେ ତାରତମ୍ୟ ଅଛି । ପ୍ରତ୍ୟେକଙ୍କ ତଉଲିଆ ତଳେ ଉପହାର ରଖାଯାଇଛି । ଧର୍ମ ମା'ଙ୍କୁ ଗୋଟାଏ ବ୍ରେସଲେଟ୍ ଦିଆ ହେଲା । ବଡ଼ ସାହେବ ଗୋଟାଏ ଟାଇ-ପିନ୍, କୋସ୍ୟୁଟେସ ଚମଡ଼ା ହାତ ବ୍ୟାଗ; ପିତୋଲେ ଗୋଟାଏ ଦାମୀ ପାଇପ ପାଇଲେ ।

ମୋ ନାତୁଣୀ ଆପଣମାନଙ୍କୁ ଉପହାର ଦେଉଛି—ହସି ହସି କାଗଲ୍ୟା କହିଲେ ।

ଲଜ୍ଜା ଆଉ ଆନନ୍ଦରେ ମାଦାମ ତରଣକଫ୍ ଟୁଗୁଟୁର ଲାଲ ପଡ଼ି ଗଲେଣି । କୌଣସି ମତେ ମେଦବହୁଳ ହାତରେ ବ୍ରେସଲେଟଟି ପିନ୍ଧିଲେ ।

ବଡ଼ ସାହେବ ଘରୁ କଲାରଙ୍ଗର ଟାଇ ପିନ୍ଧି ଆସିଥିଲେ । ତା ସାଙ୍ଗକୁ ଦାମ ଟାଇ-ପିନ୍‌ଟା ମାନିବନି । ଏଣୁ କୋଟ କଲର ଉପରେ ପିନ୍‌ଟାକୁ ମାରିଦେଲେ ।

ଖିଡ଼ିକି ଦେଇ ନଦୀ ଦେଖା ଯାଉଛି । ନଦୀର ସ୍ୱଚ୍ଛ ଜଳଧାରା କଳ କଳ ଶବ୍ଦରେ ବହି ଯାଉଛି । ସୂର୍ଯ୍ୟାଲୋକ ପଡ଼ୁଛି ନଦୀ ଜଳରେ । ଦୂରରୁ ମନେ ହେଉଛି ଯେପରି ନିଆଁର ସ୍ରୋତଟିଏ ଛୁଟି ଚାଲିଛି । ମଁସିଏ ଓ ମାଦାମ ତରଣକଫ୍ ଭୋଜିରେ ଉପସ୍ଥିତ ଅଛନ୍ତି । ଏଣୁ ଖାଇବାବେଳେ କେହି ହାଲୁକା ରସିକତା କରିବାକୁ ସାହସ କରୁ ନାହାନ୍ତି । ସମସ୍ତେ ଗମ୍ଭୀର । କିଛି ସମୟ ପରେ ଏ ମେଘ ଅପସରି ଯିବାରୁ ହସ-ଥଟ୍ଟାର ସୁଅ ଛୁଟିଲା । କାଗଲ୍ୟା ଅଦ୍ଭୁତ ଢଙ୍ଗରେ ରସିକତା ଆରମ୍ଭ କଲେ । ଅନ୍ୟ ସମୟ ହୋଇଥିଲେ ବଡ଼ ସାହେବ ଆଗରେ ଏ ଧରଣର କଥା କହିବାକୁ ସେ ସାହସ କରି ନଥାନ୍ତେ । ହୁଇସ୍କି ବୁଲି ଯାଇଛି— ଏବେ ଆଉ ତାଙ୍କର ଭୟ କଣ !

ଖାଇବା ଶେଷ ହୋଇ ଆସିଲାଣି । ଏତିକିବେଳେ ନର୍ସ [illegible] ନେଇ ପ୍ରବେଶ କଲା । ସମସ୍ତଙ୍କ ଶୁଭାଶୀର୍ବାଦ ଆଉ ସ୍ନେହ ନେଇ ଆରମ୍ଭ ହେବ ତାର ଜୀବନ ଯାତ୍ରା । ତୁଷାରଶୁଭ୍ର ତଉଲିଆ ଦେହରେ ଘୋଡ଼ା ଶୋଇଛି ମିଟି ମିଟି ଚାହିଁଛି । ଦୁଇଟି ନୀଳ ଆଖି । ସ୍ୱପ୍ନ ନାହିଁ, ଭୟ ଚେତନା ନାହିଁ—ସ୍ୱଚ୍ଛ କାଚ ପରି ପ୍ରାଣହୀନ, ନିଷ୍ପ୍ରଭ ଦୃଷ୍ଟି ।

ଶିଶୁଟିକୁ ଦେଖି ପିତୋଲେ ହସି ହସି ବୋୟାସେ କାନରେ ଚୁପ୍ କରି କ'ଣ କହିଲେ । ବୋୟାସେ ହସି ଉଠିଲେ ।

ଖାଇବା ଶେଷ ହେଉ ହେଉ ଦଶଟା ବାଜିଗଲା । ଡାଗଲିଁଆ ପ୍ରସ୍ତାବ କଲେ—ଆଗେ ଆମ ଘର ଦ୍ୱାର ସବୁ ବୁଲି ଦେଖନ୍ତୁ । ତାପରେ ନଦୀକୂଳେ ସଂଧ୍ୟା ପର୍ଯ୍ୟନ୍ତ ବୁଲୁଥିବା ।

ଅତିଥିମାନେ ଦଳ ଦଳ ହୋଇ ଘର, ଛାତ, ବାରଣ୍ଡା—ସବୁ ବୁଲି ଦେଖିଲେ । ଡାଗଲିଁଆ ନିଜେ ଗୃହଅଙ୍ଗ ବୁଲେଇ ଦେଖେଇଲେ । ତାପରେ ଦି' ଦଳରେ ବିଭକ୍ତ ହୋଇ ନଦୀ ଆଡ଼େ ବୁଲି ବାହାରିଲେ ।

ସ୍ତ୍ରୀମାନେ ଥିବାରୁ ଡାଗଲିଁଆ ମଜବା ପାଉ ନାହାନ୍ତି । ହିତଏ କେମିତି ଅଡୁଆ ଅଡୁଆ ଲାଗୁଛି । ପରସ୍ପର ଭିତରେ ମୁହଁ ଖୋଲି କିଛି କହି ପାରୁନାହାନ୍ତି । ପିତେଲେ ଆଉ ବୋୟାସେଙ୍କୁ ନେଇ ବୁଢ଼ା ନଦୀ କୂଳର ଗୋଟିଏ କଫେରେ ପଶିଲେ । ଏଣେ ମାଦାମ ତରଣବର୍ଗ ମାଦାମ ବୋଷ ସେମାନଙ୍କ ସ୍ୱାମୀ ସହ ନଦୀକୂଳକୁ ଚାଲିଗଲେ । ଆଜି ରବିବାର । ଚଷା-ମୂଲିଆ ଶ୍ରେଣୀର ଲୋକ ମଇଳା ଜାମାପଟା ପିନ୍ଧି ଏ ପାଖେ ବୁଲାଚଲା କରୁଛନ୍ତି । ସହରର ମହିଳାମାନେ ସେମାନଙ୍କ ସହିତ ଏକା ସାଙ୍ଗରେ ବୁଲିବେ ବା କିପରି ।

ମହିଳା ଦୁଇଟି ନଦୀ ଧାରେ ଧାରେ ଧୀରେ ଧୀରେ ଆଗଉଥାନ୍ତି । ସ୍ୱାମୀମାନେ ଗାମ୍ଭୀର୍ଯ୍ୟ ସହିତ ଅଫିସ କଥା କୁହାକୁହି ହେଉଥାନ୍ତି ।

ନଦୀରେ ଛୋଟ ଛୋଟ ଡଙ୍ଗା । ତରୁଣ ଦଳଟି ଆହୁଲା ମାରୁଛନ୍ତି । ଖରତେଜରେ ମଧ୍ୟ ସେମାନଙ୍କ ଦେହର ମାଂସପେଶୀର ନର୍ତ୍ତନ ଖୁବ୍ ସୁନ୍ଦର ଦିଶୁଛି । ତରୁଣୀଦଳ ଭିତରୁ କିଏ ଶାଦା, ଆଉ ବା କିଏ ନଳା ଚମଡ଼ା ଆସନ ଉପରେ ଗୋଡ଼ ଲମ୍ବାଇ ବସିଛନ୍ତି । ଖରାର ମିଠା ପରଶରେ ଆଖିପତା

ଶବ୍ଦରେ ଲାଗି ଆସୁଛି ସୁନ୍ଦରୀମାନଙ୍କର । ମୁଣ୍ଡ ଉପରେ ଶ୍ୱେତ ରଙ୍ଗର ଛତା—ସତେ ଯେପରି ଗୋଟିଏ ଭାସମାନ ଫୁଲ ବଗିଚା । ଏ ନୌକାରୁ ସେ ନୌକା ସହିତ କଥାବାର୍ତ୍ତା ଚାଲିଛି । ଚେଁ କାର, ହୋ ହା, ଅଶ୍ଳୀଳ ମନ୍ତବ୍ୟ—ସବୁ ଚାଲିଛି । ଆହୁରି କେତେ ଦୂରରୁ ରବିବାରର ଉତ୍ସବମୁଖର ଜନତାର ଉଲ୍ଲାସ ଧ୍ୱନି ଭାସିଆସୁଛି ।

ଛୋଟ ଛୋଟ ଡଙ୍ଗା ଉପରେ ନଗ୍ନପ୍ରାୟ ସନ୍ତରଣକାରୀ ଦଳ । ପଲକ ମାତ୍ରେ ପାଣି ଭିତରେ ଅଦୃଶ୍ୟ ହୋଇ ଯାଇ ପୁଣି ହଠାତ୍ ହସି ହସି ପାଣି ଭିତରୁ ମୁଣ୍ଡ ଟେକି ପରସ୍ପର ଉପରକୁ ପାଣି ଛାଟି ଆନନ୍ଦରେ କୋଳାହଳ କରୁ କରୁ ପୁଣି ଡଙ୍ଗା ଉପରେ ଉଠି ବସନ୍ତି । ତାପରେ ପୁଣି ନଦୀ ଭିତରକୁ ଲମ୍ଫ ଦିଅନ୍ତି ।

ମଦାମ ତରଣବାକ୍ ଅଭିଭୂତ ହୋଇ ପଡ଼ିଛନ୍ତି । ତରୁଣ ତରୁଣୀ ଆନନ୍ଦୋଜ୍ଜ୍ୱଳ ମୁହଁଗୁଡ଼ିକ ଖୁବ୍ ଭଲ ଲାଗୁଛି ତାଙ୍କୁ ।

ଜୋସ୍ କହିଲା—ପ୍ରତି ରବିବାର ଏଇ ଏକାଇ ଦୃଶ୍ୟ । ଏତେ ଧୁମଧାମ ମତେ ଭଲ ଲାଗେନା । ପଲ୍ଲୀର ଶାନ୍ତ ସ୍ନିଗ୍ଧ ସବୁଜଶ୍ରୀ ଏହା ଫଳରେ କ୍ଷୁଣ୍ଣ ହୁଏ ବୋଲି ମୋର ବିଶ୍ୱାସ ।

ଗୋଟିଏ ନୌକା ଆସ୍ତେ ଆସ୍ତେ କୂଳକୁ ଆସିଲା । ତରୁଣୀ ଦୁଇଟି ଆହୁଲା ଚଳାଉଛନ୍ତି—ତରୁଣ ଦୁଇଟି ଶୋଇଛନ୍ତି । ଏମାନଙ୍କୁ ଦେଖି ନେଇ ଗୋଟିଏ ତରୁଣୀ ପାଟି କଲା—ଓ ଲୋ ଭଦ୍ରଲୋକ ମାଇପେ, ଆମ ପାଖରେ ଗୋଟିଏ ଜୁଆନ ଟୋକା ଅଛି । କଣିକେ ଶସ୍ତାରେ ଦେଇଦେବୁ । ଦେଖିଲ ପସନ୍ଦ ହେଉଛି କି ନାହିଁ ।

ଘୃଣାରେ ମୁହଁ ବୁଲେଇ ନେଲା ଜୋସ୍ । ସଙ୍ଗିନୀଟିର ହାତ ଧରି ଟାଣୁ ଟାଣୁ କହିଲା, ଏଠାରେ ବି ବୁଲିବାର ଉପାୟ ନାହିଁ । ଚାଲନ୍ତୁ ଆଉ କୋଉଠିକି ଯିବା । କି ବେହିଆ ଟୋକୀମ !

ସେମାନେ ଖିଲ ଖିଲ ହୋଇ ହସି ଉଠି ଚାଲିଗଲେ ।

ମଁସିଏ ତରଣବାକ୍ ଆଉ ନେଲି ଜାକ୍ ଏ ପାଖକୁ ଚାଲି ଆସିଲେ । କାଗଲିଁଆ, ପିଟୋଲେ ଆଉ କୋୟୁ ସେ ଡାନହେଁ ମିଶି ସାହେବଙ୍କୁ ପ୍ରାୟ ଝୁଲେଇ ଝୁଲେଇ

ଆଶୁଛନ୍ତି । ନଦୀ କୂଳରେ ଗୋଟିଏ ସ୍ତ୍ରୀ ସହିତ ସେମାନେ କୁଆଡ଼େ ତାକୁ ଦେଖିଲେ । ସାହେବ କିନ୍ତୁ ବାରମ୍ବାର ଅସ୍ୱୀକାର କରୁଛନ୍ତି ସେ କଥା ।

ଏକବାରେ ମିଥ୍ୟା କଥା ସାର ! ସବୁ ଏଇ ବାଗଲ୍ୟାର ଧପ୍‌ପାବାଜି ।

ହସି ହସି ବାଗଲ୍ୟାଙ୍କ ନିଶ୍ୱାସ ପ୍ରଶ୍ୱାସ ବନ୍ଦ ହେବା ଉପକ୍ରମ ।

ପୁଣି ମିଛ କହୁଛ ? ବୁଢ଼ା ହେଇ ଗାଢ଼ିକୁ ବାହାରିଲଣି, ତେବେ ବି ଏ ପ୍ରବୃତ୍ତି—ଛି !

କଣ ଏସବୁ କହୁଛ ?

ନିଜେ ଶୁଣିଛି ଆଜ୍ଞା ! ଟୋକିଟାକୁ ବୁଢ଼ା ଡାକୁଥିଲା ପରି । ଧରା ପଡ଼ିଯିବାରୁ ବର୍ତ୍ତମାନ ଏକବାରେ ସାଧୁ ! ଛି !

ସାହେବଙ୍କ ଅସହାୟ ଅବସ୍ଥା ଦେଖି ମହିଳାମାନେ ମଧ୍ୟ ହସି ଉଠିଲେ ।

ସାର, ଆପଣ ଯଦି ଅନୁମତି ଦେବେ, ତେବେ ଏ ବୁଢ଼ାଟାକୁ ଶାସ୍ତି ସ୍ୱରୂପ ଆମେ ଏଇଠି ବନ୍ଦୀ କରିରଖିବୁ । ଆଉ ଅଜି ସେ ଆମ ସାଙ୍ଗରେ ଖିଆ ପିଆ କରିବ ।

ଏତ ଖୁବ୍ ଭଲ କଥା ।

ସଂଧ୍ୟା ପର୍ଯ୍ୟନ୍ତ ସାହେବଙ୍କୁ ନେଇ କଟିଲା ।

ଜୋସ୍ ଆଉ ମାଦାମ ଡରଶବଙ୍ଗ୍ ଆଗରେ ଥିବା ଗାଡ଼ିବାରେଣ୍ଡାରେ ବସି ସୂର୍ଯ୍ୟାସ୍ତ ଦେଖୁଥାନ୍ତି । ବୃକ୍ଷର ଶୀର୍ଷ ଦେଶରେ ସୂର୍ଯ୍ୟଦେବ ସିନ୍ଦୂର ବୋଳି ଦେଇ ଦୂରରୁ ମଜା ଦେଖୁଛନ୍ତି ।

ଦେଖନ୍ତୁ ମାଦାମ, ମୋର ଧାରଣା ମଁସିଏ ସାହେବ ନିଶ୍ଚୟ କୌଣସି ଦୁଷ୍ଟବଣା ସ୍ତ୍ରୀ କ ବାଧ୍ୟ ହୋଇଥିଲେ । ଅପଣ କଣ ଭାବୁଛନ୍ତି ?

ସେ ସାହେବଙ୍କର ପାରିବାରିକ ଜୀବନର ସବୁ କଥା ଜାଣନ୍ତି । କହିଲେ, ହଁ, ସେ ଏକ କରୁଣ କାହାଣୀ । ଝିଅଟାର ଚାଲି ଚଳନ କିଛି ନଥିଲା । ମଁସିଏ ସାହେବ ଦୟା କରି ତାକୁ ବାହା ହେଇ ଆଶ୍ରୟ ଦେଲେ । ଝିଅଟି ଯେମିତି ବଦମାସ, ସେମିତି ଅକୃତଜ୍ଞ । ଗୋଟିଏ ଖରାପ ଲୋକ ସାଙ୍ଗରେ ଘୂରି ଘୂରି ପ୍ରେମ କରୁଥାଏ । ଶେଷରେ ଦିନେ ତାରି ସାଙ୍ଗରେ କୁଆଡ଼େ ପଳେଇଗଲା । କି ନିଷ୍ଠୁର ପ୍ରକୃତି !

ସାବିତ୍ରୀ ସାହେବଙ୍କ ପାଇଁ ମୋ ମନ ପ୍ରକୃତରେ ଦୁଃଖ ହୁଏ । ଆମ ପଡ଼ାରେ ଗୋଟିଏ ଭଦ୍ରଲୋକ ଅଛନ୍ତି । ତାଙ୍କର ଠିକ ଏଇ ଦଶା । ଭଦ୍ରଲୋକଙ୍କ ସ୍ତ୍ରୀ ଗୋଟିଏ ଶିଲ୍ପୀ କି ଗାୟକ ଠିକ ମନେ ନାହିଁ—ତା ପାଇଁ ପାଗଳ । ଶେଷକୁ ଗୃହତ୍ୟାଗିନୀ ପର୍ଯ୍ୟନ୍ତ ହେଲା । ଭଦ୍ରଘର ସ୍ତ୍ରୀମାନେ କିପରି ଯେ ଏତେ ତଳକୁ ଯାଇ ପାରନ୍ତି ମୁଁ ମୋଟେ ଭାବି ପାରୁନି । ମୋ ମତରେ ଏଇ ସବୁ ସ୍ତ୍ରୀ ଲୋକମାନଙ୍କ ପାଇଁ ଆଇନ କରି କଠୋର ବ୍ୟବସ୍ଥା କରିବା ଉଚିତ । ଏମାନେ ନାରୀତ୍ୱର କଳଙ୍କ, ନାରୀ ନାଁ ପାଇଁ ଅଯୋଗ୍ୟ । ଘରଣୀ ହୋଇ ଯେଉଁମାନେ ଘର ଭାଙ୍ଗନ୍ତି, ସେମାନଙ୍କ ମୁହଁ ଦେଖିବାହିଁ ପାପ ।

ନର୍ସ ଓଜାଇଷିକୁ ବୁଲେଇ ଆଣିବା ଦେଖି ଜାଗଲିଁଆ ଲୁଆଡ଼ୁ ଛୁଟି ଆସି ତାକୁ କୋଳକୁ ନେଇଗଲେ । ସମସ୍ତେ ଆସି ଏକାଠି ହେଲେ । ଜାଗଲିଁଆ ନାତୁଣୀକୁ ମୁଣ୍ଡ ଉପରେ ବସେଇ ନାଚିବାକୁ ଲାଗିଲେ । ଧଳା ପୋଷାକରେ ଓଜାଇଷିଙ୍କୁ ଖୁବ୍ ମାନୁଛି—ଯେପରି ଆକାଶର ପ୍ରକାଣ୍ଡ ରଙ୍ଗୀନ ଫ୍ରେମରେ ଦାମୀ ଛବିଟିଏ ବନ୍ଧା ହୋଇଛି ।

ଶିଶୁ ଅପେକ୍ଷା ଭଲ ଜିନିଷ ସଂସାରରେ ଆଉ କିଛି ନାହିଁ, ନା କଣ କହୁଛ ସାବିତ୍ରୀ ?

ସାବିତ୍ରୀ କିଛି କହିଲେନି । ହୁଏତ କହିବାର କିଛି ନାହିଁ ବା ଏତେ କଥା କହିବାକୁ ଅଛି ଯା’କି ସେ ଚେଷ୍ଟା କଲେ ମଧ୍ୟ ଶେଷ କରି ପାରିବେନି । ଜୀବନରେ ଯିଏ କେବେ ସୁଖ କ’ଣ ଜାଣି ପାରିଲାନି, ଅପରର ସୁଖ ଦେଖି କଣ୍ଠ ତାର ରୁଦ୍ଧ ହୋଇଯିବା ସ୍ୱାଭାବିକ ।

ଏତିକିବେଳେ ପରିଚାରିକା ଆସି ଖବର ଦେଲା—ମା’, ତେଣେ ସମସ୍ତଙ୍କ ପାଇଁ ବଢ଼ା ହେଲାଣି ।

Edited, Published & Printed by Bansidhar Bhuyan for Jana-Sahitya Prakashan at LIPIKA, Cuttack-1

**ଜ୍ଞାନୀନ୍ଦ୍ର ବର୍ମା**

ଛଟୋଟି ହୃଦର କାହାଣୀ ଟ୧୯

ଜୀବନର ଛନ୍ଦ ଟ୧୩

**ବଂଶୀଧର ଭୂୟାଁ**

ଅସତ୍ୟ ସହର (ବଂଧେଇ) ଟ୧୪

ଘାତ ପ୍ରତିଘାତ " ଟ୨।

ପ୍ରେମ ଓ ପ୍ରତିମା " ଟ୨୯

କାଳଫାଶ (ଡିଟେକ୍ଟିଭ୍) ଟ୧।

**ରସାନନ୍ଦ ସାହୁ**

ରାତ୍ରି ଟ୩୩

ଶିଷ୍ୟବୃନ୍ଦୀ ଟ୧୯

ଧାନ୍ଦୀ ଓ ପ୍ରେମିକା ଟ୧୯

ନଷ୍ଟ ନାଟକ ଟ୧୪

**ନରସିଂହ ସାହୁ**

ହେମ ହରଣୀ ଟ୧୯

**ଜଗଦୀଶ ପ୍ରସାଦ ମହାନ୍ତି**

ଇନ୍‌କିଲାବ ଟ୧।

ରୂପାନ୍ତର (ଡିଟେକ୍ଟିଭ) ଟ୧।

**ବିପିନ ବିହାରୀ ମହାନ୍ତି**

ଆଶା ନିରାଶା ଟ୧୯

**ପ୍ରସନ୍ନ କୁମାର ମହାପାତ୍ର**

ନାରୀ ଓ ସୁରୁଚି ଟ୧।

**ନିର୍ମଳପ୍ରଭା ଦେବୀ**

ସେବିକା ଟ୧୯

**ଦାମୋଦର ମିଶ୍ର**

ହେ ଡରବାଣ୍ଡି ଟ୨୩

**ଶରତ ଚାଟର୍ଜି**

ମମତା ଟ୧

ଦେବଦାସ ଟ୧

**ବିଭୂତି ପଟ୍ଟନାୟକ**

ପ୍ରେମ ଓ ପୃଥିବୀ ଟ୧

ପ୍ରଥମ ସକାଳ ଟ୧

**ଯଦୁନାଥ ଦାଶ ମହାପାତ୍ର**

ପ୍ରଳୟ ପୟୋଧି ଜଳେ ଟ୦

ପ୍ରେମର ପ୍ରଥମ ସମ୍ବୋଧନ ଟ୧

ମୃତବନ୍ଧରର ଇତିକଥା ଟ୧

**ରାମ ପ୍ରସାଦ ପୁରୋହିତ**

ଛଦ୍ମମଦନ ଟ୧

**ଅନନ୍ତନାରାୟଣ ପଟ୍ଟନାୟକ**

ଭଙ୍ଗାଗଡ଼ା ଟ୧

ରହସ୍ୟର ଶେଷ (ଶେଖର) ଟ୧

**ଶଶୀଭୂଷଣ ମହାପାତ୍ର**

ଲୁହ ଓ ଲହୁ ଟ୧

ପାହାଡ଼ କନ୍ୟା ଟ୧

ଲୁଲରେଖା (୰ କୃଷ୍ଣକାନ୍ତ) ଟ୧

**ସତ୍ୟାନନ୍ଦ ବେହୁରା**

ସ୍ୱର୍ଣ୍ଣସାରସ ଟ୧।

ଦାବୀ ଓ ଦାନ ଟ୨

**ଅଧ୍ୟାପକ ଦୀନବନ୍ଧୁ ରଥ**

ଗଣ ଦେବତା ଟ୧

**୰ ବଙ୍କିମଚନ୍ଦ୍ର**

କୃଷ୍ଣକାନ୍ତଙ୍କ ଉଇଲ ଟ୨

ଏକ ସେଟ ବହି ନେଲେ ୨୫% କମିଶନ ଦିଆଯାଏ ।

**ଜନ-ସାହିତ୍ୟ ପ୍ରକାଶନ :** ଖୋଲ୍‌ସାହି, କଟକ—୧